


ଆସିବ
ଦବଙ୍ଗ-୪
▶ପୃଷ୍ଠା ୧୨ ଦେଖନ୍ତୁ...



RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-146 ◆SATURDAY ◆22 NOVEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୪୬ ◆ଶନିବାର ◆୨୨ ନଭେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ରେକର୍ଡ ସ୍ତରକୁ ଖସିଲା ଟଙ୍କା ମୂଲ୍ୟ



### ଆମେରିକା ସହ ବାଣିଜ୍ୟ ଆଲୋଚନା ବିଳମ୍ବର ପ୍ରଭାବ

### ୧ ଡଲାର=୮୯.୬୮ ଟଙ୍କା

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଆମେରିକା ସହିତ ବାଣିଜ୍ୟ ଚୁକ୍ତିରେ ବିଳମ୍ବ ଏବଂ ଫେଡେରାଲ୍ ରିଜର୍ଭ ଆଡ୍ରୁ ସୁଧ ହାରରେ କୌଣସି ହ୍ରାସ ସମ୍ଭାବନା ନ ଥିବା ସମ୍ପର୍କିତ ରିପୋର୍ଟ ଆସିବା ପରେ ଭାରତୀୟ ମୁଦ୍ରା 'ଟଙ୍କା' ମୂଲ୍ୟରେ ହ୍ରାସ ଘଟିଛି। ଫଳରେ ଶୁକ୍ରବାର ଟଙ୍କା ରେକର୍ଡ ସର୍ବନିମ୍ନ ୮୯.୬୮ ସ୍ତରକୁ ଖସିଆସିଛି। ଭାରତ ଏବଂ ଆମେରିକା ଏ ପର୍ଯ୍ୟନ୍ତ ଏକ ବାଣିଜ୍ୟ ଚୁକ୍ତିରେ ପହଞ୍ଚି ନାହାଁନ୍ତି। ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରହିଛି। ଆମେରିକା-ଭାରତ ବାଣିଜ୍ୟରେ ବାଧା ଏବଂ ଫେଡେରାଲ୍ ରିଜର୍ଭରୁ ସୁଧ ହାର ହ୍ରାସର ଆଶା ହ୍ରାସ ପାଇବା ଭାରତୀୟ ମୁଦ୍ରାକୁ ପ୍ରଭାବିତ କରୁଛି। ଆମେରିକାରୁ ଆସିଥିବା ଏହି ଆଶ୍ଚର୍ଯ୍ୟ କରିବା ଭଳି ଖବର ଭାରତୀୟ ମୁଦ୍ରାର ଗତିକୁ ବାଧା ଦେଇଛି, ଯାହାର ଫଳସ୍ୱରୂପ ଶୁକ୍ରବାର ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ଏହାର ସର୍ବନିମ୍ନ ସ୍ତରକୁ ଖସିଆସିଛି। ଶେଷ ଥର ପାଇଁ ଟଙ୍କା ୮୯.୩୪ ସ୍ତରରେ କାରବାର କରିଥିଲା। ଅଗଷ୍ଟ ଶେଷ ଭାଗରେ ଭାରତୀୟ ରପ୍ତାନି ଉପରେ ଆମେରିକାର ଶୁଳ୍କ ଲାଗୁ ହେବା ▶ପୃଷ୍ଠା-୭

## ମେକ୍ସିକୋର ଫାତିମା ବ୍ରହ୍ମାଣ୍ଡ ସୁନ୍ଦରୀ




■ ବ୍ୟାଙ୍କକ୍, ୨୧।୧୧ (ଏଜେନ୍ସି): ମେକ୍ସିକୋର ଫାତିମା ବୋଚ୍ ପର୍ଣ୍ଣାଣ୍ଡିଜ୍ ଏଥର ବ୍ରହ୍ମାଣ୍ଡ ସୁନ୍ଦରୀର ଆଖ୍ୟା ହାସଲ କରିଛନ୍ତି। ପ୍ରତିଯୋଗିତାରେ ଥାଇଲାଣ୍ଡର ପ୍ରଭିନାର ସିଂ, ଭେନେଜୁଏଲାର ଷ୍ଟିଫାନି ଆବାସାଲି, ଫିଲିପାଇନ୍ସର ମା ଆହିସ୍ତା ମାନାଲୋ ଓ କୋଟ


### ଟପ୍-୩୦ରେ ଭାରତର ମଣିକା ବିଶ୍ୱକର୍ମା

ଡି ଆଇଭରୀର ଓଲିଭିଆ ୟାସ୍ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ରନର୍ସଅପ ବିବେଚିତ ହୋଇଛନ୍ତି। ପ୍ରତିଯୋଗିତାରେ ବିଜୟୀ ହେବା ପରେ ତାଙ୍କୁ ସବୁଆଡୁ ଅଭିନନ୍ଦନର ସୁଅ ଛୁଟିଛି। ୨୫ ବର୍ଷୀୟ ଫାତିମାଙ୍କୁ ମୂର୍ଖ ବୋଲି କୁହାଯିବା କାରଣରୁ ସେ ଏହି ପ୍ରତିଯୋଗିତା ଛାଡି ଚାଲିଯାଇଥିଲେ। କିନ୍ତୁ ପରେ ଏଥିପାଇଁ ଆୟୋଜକ କ୍ଷମା ମାଗିବା ପରେ ପୁଣିଥରେ ସେ ▶ପୃଷ୍ଠା-୭

## ଏୟାର ଶୋ'ରେ ତେଜସ୍ ଧ୍ୱଂସ

■ ଦୁବାଇ, ୨୧।୧୧ (ଏଜେନ୍ସି): ଦୁବାଇ ଏୟାର ଶୋ'ରେ ଭାରତୀୟ ବାୟୁସେନାର ତେଜସ୍ ଫାଇଟର୍ ଜେଟ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଶୁକ୍ରବାର ଭାରତୀୟ ସମୟ ଅପରାହ୍ଣ ୩.୪୦ରେ ଅଲ୍ ମକ୍ତୁମ୍ ଏୟାରପୋର୍ଟରେ ଚାଲିଥିବା ଏୟାର ଶୋ'ରେ ଡେମୋ ଫ୍ଲାଇଟ୍ ବେଳେ ଏକ ଫାଇଟର୍ ଜେଟ୍ ଖସିପଡ଼ିବା ଫଳରେ

### ପାଇଲଟ୍ ମୃତ




ପାଇଲଟଙ୍କ ମୃତ୍ୟୁ ହୋଇଥିବା ଭାରତୀୟ ବାୟୁସେନା ପକ୍ଷରୁ କୁହାଯାଇଛି। ଫାଇଟର୍ ବିମାନଟି ଖସିପଡିବା ପରେ ସେଥିରେ ନିଆଁ ଲାଗିଯାଇଥିଲା। ଦୁର୍ଘଟଣାର ଯାଞ୍ଚ ପାଇଁ କୋର୍ଟ ଅଫ୍ ଇନ୍‌କ୍ୱାରୀ ବସାଯାଇଛି। ପ୍ରାଥମିକ ଅନୁସନ୍ଧାନ ପରେ କୁହାଯାଇଛି ଯେ ପାଇଲଟ୍ ନେଗେଟିଭ୍ ଜି- ଫୋର୍ସ ଟର୍ଣ୍ଣରୁ ରିକଭର କରି ନ ପାରି ବିମାନ ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ବିମାନ ସିଧା ତଳକୁ ଖସିଥିଲା ଓ ସେଥିରେ ▶ପୃଷ୍ଠା-୭

### ରାଜ୍ୟ କ୍ୟାବିନେଟ୍‌ରେ ୯ ବିଭାଗର ୧୨ ପ୍ରସ୍ତାବକୁ ମୋହର

# ଇ-ଲଟେରୀରେ ଲଘୁ ଖଣିଜ ଲିଜ୍

■ ଭୁବନେଶ୍ୱର, ୨୧।୧୧ (ସମିସ): ଏଣିକି ରାଜ୍ୟରେ ଲଘୁ ଖଣିଜ ସମ୍ପଦର ଆବଣ୍ଟନ ପାଇଁ ନିଲାମ ବ୍ୟବସ୍ଥା ପରିବର୍ତ୍ତେ ପ୍ରଚଳନ ହେବ ଇ-ଲଟେରୀ। ବାଲି ଘାଟ, ପଥର ଖଣି, ମୋରମ ଖଣି ଆଦିକୁ ଇ-ଲଟେରୀ ମାଧ୍ୟମରେ ଆବଣ୍ଟନ ହେବ। ଶୁକ୍ରବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ଏ ସଂକ୍ରାନ୍ତ ପ୍ରସ୍ତାବରେ ବାଜିଛି ମୋହର। ଏହା ସହିତ ୟୁନିଫର୍ମ ସେବା କର୍ମଚାରୀ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଚୟନ ଆୟୋଗ ଗଠନ ସହ କ୍ୟାବିନେଟ ବୈଠକରେ ୯ ଟି ବିଭାଗର ୧୨ଟି ପ୍ରସ୍ତାବକୁ ଅନୁମୋଦନ ମିଳିଛି।

ସୂଚନା ଅନୁସାରେ ରାଜ୍ୟରେ ଓଡ଼ିଶା ଲଘୁ ଖଣିଜ ରିହାତି ନିୟମ ୨୦୧୬ ରେ ସଂଶୋଧନ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ସଂଶୋଧନ ଦ୍ୱାରା ରାଜ୍ୟରେ ଲଘୁ ଖଣିଜ ଅନ୍ତର୍ଭୁକ୍ତ ବାଲି, ପଥର ଖଣି ଆଦି ପାଇଁ



**କ୍ୟାବିନେଟ ନିଷ୍ପତ୍ତି**

### ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩, ସର୍ବାଧିକ ୫ ଲିଜ୍

### ବଢ଼ିଲା ଅନୁସୂଚୀତ ଜାତି ଓ ଜନଜାତି ଶିକ୍ଷାର୍ଥୀଙ୍କ ବୃତ୍ତି

ନିଲାମୀ ପ୍ରକ୍ରିୟା ବନ୍ଦ କରାଯାଇ ଲଟେରୀ ବ୍ୟବସ୍ଥା ଆରମ୍ଭ ହେବ। ନିଲାମ ଯୋଗୁଁ ବହୁତ ଅଧିକ ଦାମ୍‌ରେ ବାଲିଘାଟ ସହ ଅନ୍ୟ ଖଣିଗୁଡ଼ିକ ନିଆଯାଉଛି। ଏହାଦ୍ୱାରା ବଜାରରେ ଏହାର ଦର ଅଧିକ ରହୁଛି। ତେଣୁ ସରକାର ନୂଆ ନୀତି ଆଣିବା ସହ ଲଟେରୀ ଜରିଆରେ ଫ୍ଲୋର୍ ପ୍ରାଇସ୍ ବଦଳରେ ଏକ ଅତିରିକ୍ତ ଚାର୍ଜ ନିର୍ଦ୍ଧାରଣ କରାଯିବ। ଲିଜଧାରୀ ମାନେ ବାଲି, ପଥର, ମୋରମ ଆଦିକୁ କେଉଁ ଦରରେ ବିକ୍ରି କରିବେ ତାହା ମଧ୍ୟ ସରକାର ନିର୍ଦ୍ଧାରଣ ▶ପୃଷ୍ଠା-୭

### ବର୍ଦ୍ଦିଧାରୀଙ୍କ ନିଯୁକ୍ତି ପାଇଁ 'ଓୟୁଏସ୍ଏସ୍‌ସି'

■ ଭୁବନେଶ୍ୱର, ୨୧।୧୧ (ସମିସ): ରାଜ୍ୟରେ ସମସ୍ତ ପ୍ରକାର ବର୍ଦ୍ଦିଧାରୀଙ୍କୁ ନିଯୁକ୍ତି ପାଇଁ ଏକ ସ୍ୱତନ୍ତ୍ର ଆୟୋଗ 'ଓଡ଼ିଶା ୟୁନିଫର୍ମ ସର୍ଭିସେସ୍ ଷ୍ଟାଫ୍ ସିଲେକ୍ସନ୍ କମିସନ୍ (ଓୟୁଏସ୍ଏସ୍‌ସି)' ଗଠନ ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ଅନୁମୋଦନ କରିଛି। ଗୃହ ବିଭାଗ ସମେତ ଅବକାରୀ ବିଭାଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ବାଣିଜ୍ୟ ଓ ପରିବହନ ବିଭାଗ ଅଧୀନରେ ପୁଲିସ ଏବଂ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପ୍ରକ୍ରିୟା ପରିଚାଳନା କରିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଅଧୀନରେ ଏହି ଆୟୋଗ କାର୍ଯ୍ୟ କରିବ। ଏହାସହ ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସ୍ଏସ୍‌ସି) ନିୟମାବଳୀ-୨୦୨୫ ପ୍ରଣୟନ କରିବାକୁ ଶୁକ୍ରବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ମଞ୍ଜୁରୀ ଦିଆଯାଇଛି। ଏହି ଆୟୋଗରେ ଜଣେ ଅଧ୍ୟକ୍ଷଙ୍କ ▶ପୃଷ୍ଠା-୭

**ସ୍ୱତନ୍ତ୍ର ଆୟୋଗରେ ରହିବେ ଜଣେ ଅଧ୍ୟକ୍ଷ, ୨ ସଦସ୍ୟ**

## ଆଜି ସୃଷ୍ଟି ହେବ ଲଘୁଚାପ

### ଶକ୍ତିଶାଳୀ ବାତ୍ୟା ପାଇଁ ପାଗ ଅନୁକୂଳ

■ ଭୁବନେଶ୍ୱର, ୨୧।୧୧ (ସମିସ): ମାଲେସିଆ ନିକଟବର୍ତ୍ତୀ ମଲ୍ଲାକାରେ ସମୁଦ୍ରପତ୍ତନ ଠାରୁ ୫.୮ କି.ମି ବିସ୍ତୀର୍ଣ୍ଣ ଅଞ୍ଚଳରେ ପରିବ୍ୟାପ୍ତ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଆସନ୍ତାକାଲି (ଶନିବାର) ଦକ୍ଷିଣ ଆଣ୍ଡାମାନ ସାଗରରେ ଏକ ଲଘୁଚାପ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଣ୍ଟାରେ ଏହା ଘନୀଭୂତ ହୋଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଅଗ୍ରସର ହୋଇ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି।


ଅନ୍ୟପକ୍ଷରେ ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ମଲ୍ଲାକା ଷ୍ଟ୍ରିଟ୍‌ରେ ଏକ ଦୁର୍ବଳ ଲଘୁଚାପ ସୃଷ୍ଟି ହୋଇ ସାରିଛି। ଶନିବାର ସକାଳ ସୁଦ୍ଧା ଏହା ସୁଦୃଢ଼ ଲଘୁଚାପରେ ପରିଣତ ହେବ। ୨୬ ତାରିଖ ବେଳକୁ ଏହା ବାତ୍ୟାର ରୂପ ନେଇପାରେ। ଏହା ଶୀଘ୍ର ଘନୀଭୂତ ହୋଇ ଉତ୍ତର ବା ଉତ୍ତର-ଉତ୍ତର ପଶ୍ଚିମ ଦିଗରେ ଗତ କରିବ। ୨୮ରେ ଏହା ଅଧିକ ଶକ୍ତିଶାଳୀ ହୋଇ ଏକ ଭୀଷଣ ବାତ୍ୟାରେ ରୂପ ନେବ ଓ ୨୯ କିମ୍ବା ୩୦ ଏବା ଅତି ଭୀଷଣ ବାତ୍ୟାରେ ପରିଣତ ହେବା ନେଇ ମଧ୍ୟ କିଛି ମଡେଲ୍ ଆକଳନ କରୁଛନ୍ତି। ଅତି ଭୀଷଣ ବାତ୍ୟାରେ ପରିଣତ ହେବା ପରେ ଏହା ଦକ୍ଷିଣ-ପଶ୍ଚିମ ଓ ପଶ୍ଚିମ-କେନ୍ଦ୍ରୀୟ ସଂଲଗ୍ନ ବଙ୍ଗୋପସାଗରକୁ ମୁହାଁଇବ। ବାତ୍ୟା ଅଧିକ ଘନୀଭୂତ ହେବାର ଯଥେଷ୍ଟ ଆଶଙ୍କା ରହିଛି। ଏହାର କାରଣ ଦର୍ଶାଇ ପ୍ରଫେସର ପଶୁପାଳକ କହିଛନ୍ତି ଯେ ଏହା ଆର୍ଦ୍ର, ଉପ-ଉଷ୍ମ ମଣ୍ଡଳରେ ଅବସ୍ଥିତ ହେବା ସହ ଶୁଷ୍କ ବାୟୁର ମଧ୍ୟ ▶ପୃଷ୍ଠା-୭



**ଓଡ଼ିଶା-ଆନ୍ଧ୍ର ଉପରେ ଅଧିକ ପ୍ରଭାବ ଆଶଙ୍କା**

**ଓଡ଼ିଶାରେ ସ୍ଥଳଭାଗ ଛୁଇଁବା ନେଇ ସମ୍ଭାବନା**

## ଏନ୍‌ଡିଏର ବିହାର ବିଜୟ ବିଦ୍ଧାଣି ଧର୍ମେନ୍ଦ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା



■ ଭୁବନେଶ୍ୱର, ୨୧।୧୧ (ସମିସ): ବିହାର ବିଧାନସଭା ନିର୍ବାଚନରେ ଏନ୍‌ଡିଏର ଐତିହାସିକ ବିଜୟର ଅନ୍ୟତମ ନେପଥ୍ୟ ନାୟକ ତଥା ଦଳୀୟ ନିର୍ବାଚନ ପ୍ରଭାରୀ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଭୁବନେଶ୍ୱରରେ ଦିଆଯାଇଛି ଉଚ୍ଛ୍ୱସିତ ସମ୍ବର୍ଦ୍ଧନା। ଶୁକ୍ରବାର ଶ୍ରୀ ପ୍ରଧାନ ଓଡ଼ିଶା ଗସ୍ତରେ ଆସିବା ଅବସରରେ ବିମାନବନ୍ଦରରେ ହଜାର ହଜାର କର୍ମୀ, କର୍ମକର୍ତ୍ତା ଓ ସମର୍ଥକ ତାଙ୍କୁ ସ୍ୱାଗତ କରିଛନ୍ତି। ଅନ୍ୟପକ୍ଷରେ ଏହି ସମ୍ବର୍ଦ୍ଧନା ପାଇଁ ଶ୍ରୀ ପ୍ରଧାନ ଦଳୀୟ ନେତା, କର୍ମୀ, ସମର୍ଥକଙ୍କୁ ଗାମୁଛା ହଲାଇ କୃତଜ୍ଞତା ଜଣାଇଛନ୍ତି।

ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି ଯେ ଏନଡିଏ ମେଣ୍ଟର ଅଭୁତପୂର୍ବ ବିଜୟ ପାଇଁ ବିହାରବାସୀଙ୍କୁ ଧନ୍ୟବାଦ। ବିହାରବାସୀ ଦେଶକୁ ବିଭାଜନ କରିବା ନିମନ୍ତେ କଂଗ୍ରେସର ନକରାତ୍ମକ ରାଜନୀତିକୁ୍ୟ ପ୍ରତ୍ୟାଖ୍ୟାନ କରିଛନ୍ତି। ଅନ୍ୟପକ୍ଷରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି, ବିଜେପି ରାଷ୍ଟ୍ରୀୟ ସଭାପତି ଜେ.ପି ନଡ୍ଡାଙ୍କ ସାଂଗଠନିକ ଦକ୍ଷତା, ବିହାରର ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱ ପାଇଁ ଜନସାଧାରଣ ତାଙ୍କୁ ପୁଣି ଥରେ ଆଶୀର୍ବାଦ କରିଛନ୍ତି। ବିହାରରେ ପୁଣି ଥରେ ସେବା ନିମନ୍ତେ ଏନଡ଼ିଏ ସୁଯୋଗ ଦେଇ ବିହାରବାସୀ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱକୁ ବଡ଼ ସ୍ୱୀକୃତି ଦେଇଛନ୍ତି। ଅନ୍ୟପକ୍ଷରେ ନୂଆପଡ଼ା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ବିଜୟ ନିମନ୍ତେ ଶ୍ରୀ ପ୍ରଧାନ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହାପରେ ଶ୍ରୀ ପ୍ରଧାନ ବିମାନବନ୍ଦରରୁ ସିଧା ପୁରୀ ଯାଇ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କୁ ଦର୍ଶନ ସହ ଆଶୀର୍ବାଦ ନେଇଛନ୍ତି।

**କଂଗ୍ରେସର ବିଭାଜନ ରାଜନୀତିକୁ ଲୋକେ ପ୍ରତ୍ୟାଖ୍ୟାନ କରିଛନ୍ତି: ଧର୍ମେନ୍ଦ୍ର**

**ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଲେ**

### କାଳ ହେଲା ମିଛିମିଛିକା ଭାତ-ତରକାରୀ ଖେଳ

## ଲୁଣ ଭାବି ଥିମେଟ୍ ଖାଇଦେଲେ ୩ ଶିଶୁ

■ ନୀଳଗିରି, ୨୧।୧୧ (ସମିସ): ଲୁଣ ଭାବି ଥିମେଟ୍ ଖାଇଦେଲେ ୩ ଶିଶୁ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ୍ ମହିଷାପଟ୍ଟା ପଞ୍ଚାୟତ ଶାଳବଣି ଗ୍ରାମରେ ଆଜି ଏହି ଅଘଟଣ ଘଟିଛି। ସେମାନେ ହେଲେ, ଗ୍ରାମର ବାବୁଲା ସିଂଙ୍କ ପୁଅ ଯୁବରାଜ ସିଂ(୮), ଅକ୍ଷୟ ସିଂଙ୍କ ଝିଅ ଇନ୍ଦୁରେଖା ସିଂ(୫) ଓ ରମେଶ ସିଂଙ୍କ ପୁଅ ଘନଶ୍ୟାମ ସିଂ(୪)। ଗୁରୁତର ଅବସ୍ଥାରେ ସେମାନଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟ ଓ ପରେ ରେମୁଣା ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଥିଲା। କିନ୍ତୁ ସେଠାରେ ଯୁବରାଜର ଅବସ୍ଥା ସଂକଟାପନ୍ନ ହେବାରୁ ତାକୁ କଟକକୁ ସ୍ଥାନାନ୍ତର କରାଯାଇଛି। ସେହିପରି ଘନଶ୍ୟାମକୁ ଆଇସିୟୁରେ ରଖାଯାଇଛି। ▶ପୃଷ୍ଠା-୭

**ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଭର୍ତ୍ତି**

**ଜଣକୁ କଟକ ସ୍ଥାନାନ୍ତର**

### ୨୯ ପୁରୁଣା ଆଇନ ଶେଷ; ଲାଗୁ ହେଲା ନୂଆ ଶ୍ରମ କୋଡ୍

## ଶ୍ରମିକଙ୍କୁ ମିଳିବ ନିଶ୍ଚିତ ସାମାଜିକ ସୁରକ୍ଷା

■ ନୂଆଦିଲ୍ଲୀ ୨୧।୧୧ (ଏଜେନ୍ସି): ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମେ ଦେଶରେ ଆଜି ବହୁ ପ୍ରତୀକ୍ଷିତ ଶ୍ରମ କୋଡ୍ ଲାଗୁ ହୋଇଛି। ସମସ୍ତ କ୍ଷେତ୍ରରେ ଶ୍ରମିକ କଲ୍ୟାଣ ବ୍ୟବସ୍ଥାକୁ ମଜଭୁତ କରିବା ଲାଗି ୪ ନୂଆ ଶ୍ରମ ସଂହିତା – ମଜୁରି ସଂହିତା ୨୦୧୯, ଶିଳ୍ପ ସଂହିତା ୨୦୨୦, ସାମାଜିକ ସୁରକ୍ଷା ସଂହିତା ୨୦୨୦ ଏବଂ ବୃତ୍ତିଗତ ନିରାପତ୍ତା, ସ୍ୱାସ୍ଥ୍ୟ ଏବଂ କାର୍ଯ୍ୟ ପରିସ୍ଥିତି ସଂହିତା ୨୦୨୦କୁ ଶୁକ୍ରବାର କାର୍ଯ୍ୟକାରୀ କରାଯାଇଛି। ଏହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଚଳିତ ୨୯ଟି ଶ୍ରମ ଆଇନର ଅନ୍ତ ଘଟିଛି। ନୂଆ ଶ୍ରମ କୋଡ୍ ଲାଗୁ ହେବା ପରେ ଦେଶରେ ଶ୍ରମିକମାନଙ୍କୁ ସୁନିଶ୍ଚିତ ନିଯୁକ୍ତିପତ୍ର, ଠିକ୍ ସମୟରେ ବେତନ, ସର୍ବନିମ୍ନ ବେତନ ଓ ସାମାଜିକ ସୁରକ୍ଷା ଆଦି କ୍ଷେତ୍ରରେ ଗ୍ୟାରେଣ୍ଟି ମିଳିବା ଆଶା କରାଯାଉଛି। ଏଥିଯୋଗୁଁ ଦେଶର ପ୍ରାୟ ୪୦ କୋଟି ଶ୍ରମିକ ଲାଭବାନ ହେବେ। ନୂଆ ଶ୍ରମ କୋଡ୍ ସରକାର ଅନେକ ଗୁରୁତ୍ୱପୂର୍ଣ୍ଣ ସଂଶୋଧନ କରିଛନ୍ତି, ଯେଉଁଥିରେ ଗିଗ୍ ଓ ପ୍ଲାଟଫର୍ମ ୱାର୍କର, ମହିଳା କର୍ମଚାରୀ ଓ ଏମ୍ଏସ୍ଏମ୍‌ଇ ସେକ୍ଟରରେ କାମ କରୁଥିବା ଶ୍ରମିକଙ୍କୁ ଲାଭ ମିଳିବ। ନୂଆ ଶ୍ରମ ସଂହିତା କାର୍ଯ୍ୟକାରୀ ହେବା ପରେ ନିଯୁକ୍ତି କ୍ଷେତ୍ରରେ ସମସ୍ତ କର୍ମଚାରୀଙ୍କୁ ସୁନିଶ୍ଚିତ ନିଯୁକ୍ତିପତ୍ର ପ୍ରଦାନ, ଲିଖିତ ପ୍ରମାଣପତ୍ରରେ ସ୍ୱଚ୍ଛତା, ଚାକିରି ସୁରକ୍ଷା ଏବଂ ସ୍ଥାୟୀ ନିଯୁକ୍ତିକୁ ସୁନିଶ୍ଚିତ କରାଯିବ। ସମସ୍ତ ଶ୍ରମିକଙ୍କୁ ପିଏଫ୍, ଇଏସଆଇସି, ବୀମା ଏବଂ ଅନ୍ୟାନ୍ୟ ସାମାଜିକ ସୁରକ୍ଷା ସୁବିଧା ମିଳିବ। ଏଥିସହ ସମସ୍ତ ଶ୍ରମିକଙ୍କୁ ସର୍ବନିମ୍ନ ମଜୁରି ଓ ସମୟାନୁଯାୟୀ ▶ପୃଷ୍ଠା-୭

**ଲାଭବାନ ହେବେ ୪୦ କୋଟି ଶ୍ରମିକ**

## ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର

■ ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଦିଲ୍ଲୀ-ଏନ୍‌ସିଆରରେ ଲଗାତର ଭାବେ ପ୍ରଦୂଷଣ ବଢ଼ିବାରେ ଲାଗିଛି। ଗୁରୁବାର ଦିଲ୍ଲୀର ଏୟାର କ୍ୱାଲିଟି ଇଣ୍ଡେକ୍ସ (ଏକ୍ୟୁଆଇ) ୫୦୬ ଥିଲା ଓ ଏହା ନିହାତି ବିପଜ୍ଜନକ ବିବେଚିତ ହୋଇଛି। ଦିଲ୍ଲୀ ଏବେ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହରର ଭାବେ ଅଲୋଡ଼ା ନାମ ହାସଲ କରିଛି। ବିଶ୍ୱବ୍ୟାପୀ ବାୟୁ ପ୍ରଦୂଷଣ ମାପୁଥିବା ଅନ୍ତର୍ଜାତୀୟ ସଂସ୍ଥା 'ଆଇକ୍ୟୁଏୟାର'ର ଲାଇଭ ମାନ୍ୟତାରେ ଦିଲ୍ଲୀ ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ଭାବେ ପରିଗଣିତ ହେଉଛି। ବାୟୁରେ ବର୍ଦ୍ଧିତ ପ୍ରଦୂଷଣକୁ ଦୃଷ୍ଟିରେ ରଖି ଦିଲ୍ଲୀ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛନ୍ତି। ନଭେମ୍ବରରେ ଓ ଡିସେମ୍ବରରେ ସବୁ ସ୍କୁଲ୍‌ରେ ସ୍ପୋର୍ଟ୍ସ ଇଭେଣ୍ଟକୁ ବନ୍ଦ କରିଦିଆଯାଇଛି। ପ୍ରଦୂଷଣ କାରଣରୁ ଦିଲ୍ଲୀରେ ସବୁ ପ୍ରକାର କ୍ରୀଡ଼ା ଇଭେଣ୍ଟକୁ ସ୍ଥଗିତ ରଖିବାକୁ କମିଶନ ଫର ଏୟାର କ୍ୱାଲିଟି ମ୍ୟାନେଜମେଣ୍ଟ (ସିଏକ୍ୟୁଏମ୍) ନିର୍ଦ୍ଦେଶ ଦେଇଛି। ଦିଲ୍ଲୀର ପ୍ରଦୂଷିତ ବାୟୁ ଏବେ ପିଲାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସଙ୍କଟ ସୃଷ୍ଟି କରିଛି ବୋଲି କମିଶନ କହିଛି। ପୂର୍ବରୁ ଅକ୍ଟୋବର ୧୮ରେ ଦିଲ୍ଲୀ- ଏନ୍‌ସିଆରରେ ପ୍ରଦୂଷଣ ପାଇଁ ଦିଲ୍ଲୀରେ କ୍ରୀଡ଼ା ସମ୍ପର୍କିତ ସବୁ ପ୍ରକାର ପ୍ରତିଯୋଗିତାକୁ ବନ୍ଦ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ସେପଟେ ସାରା ଦେଶରେ ପ୍ରବଳ ଥଣ୍ଡା ଜାରି ରହିଛି। ଶୀତର ପ୍ରକୋପ ବୃଦ୍ଧି ପାଇଥିବାରୁ ଦିଲ୍ଲୀର ପ୍ରଦୂଷଣ ଆହୁରି ଖରାପ ହୋଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଭୋପାଳ, ଇନ୍ଦୋର ସମେତ ମଧ୍ୟପ୍ରଦେଶର ୧୨ଟି ସହରରେ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିବାର ରେକର୍ଡ କରାଯାଇଛି। ରାଜଗଡ଼ରେ ତାପମାତ୍ରା ୭.୫ ଡିଗ୍ରୀ ଥିଲା। ଜବଲପୁରରେ ଘନ କୁହୁଡି ଛାଇ ରହିଥିଲା। ଉତ୍ତରାଖଣ୍ଡର ବଦ୍ରିନାଥରେ ତାପମାତ୍ରା ମାଇନସ ୬ ଡିଗ୍ରୀ ତଳକୁ ଖସିଛି। ଅଗାମୀ କିଛି ଦିନ ପାଗ ଏହି ଭଳି ରହିବ ବୋଲି ପାଣିପାଗ କାର୍ଯ୍ୟାଳୟ ତରଫରୁ କୁହାଯାଇଛି।



**ଏକ୍ୟୁଆଇ ୫୦୬ରେ ପହଞ୍ଚିଲା**

**ସ୍କୁଲ୍‌ରେ କ୍ରୀଡ଼ା ଇଭେଣ୍ଟ ଉପରେ ରୋକ**

# ମୁଁ ବୌଦ୍ଧ, କିନ୍ତୁ ଧର୍ମନିରପେକ୍ଷ: ସିଜେଆଇ ଗଭାଇ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତର ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇଙ୍କୁ ଗୁରୁବାର ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସେ ୨୩ ତାରିଖରେ ଅବସର ଗ୍ରହଣ କରୁଛନ୍ତି। କିନ୍ତୁ ଆଜି ସୁପ୍ରିମକୋର୍ଟରେ ତାଙ୍କର ଶେଷ କାର୍ଯ୍ୟ ଦିବସ ଥିଲା। ମାତ୍ର କେଇ ମାସର କାର୍ଯ୍ୟକାଳରେ ସେ ଅନେକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏହା ମଧ୍ୟରେ ବୁଲଡୋଜର କାର୍ଯ୍ୟାନୁଷ୍ଠାନରେ କଟକଣା ପ୍ରମୁଖ ସାମିଲ ରହିଛି। ଆଡଭୋକେଟ୍ସ ଅନ୍ ରେକର୍ଡ ଆସୋସିଏସନ (ଏସସିଏଇଆରଏ) ପକ୍ଷରୁ ଆୟୋଜିତ ବିଦାୟକାଳୀନ ସମ୍ବର୍ଦ୍ଧନାରେ ସିଜେଆଇ କହିଛନ୍ତି ଯେ ମୁଁ ବୌଦ୍ଧ ଧର୍ମକୁ ମାନୁଛି। କିନ୍ତୁ ପ୍ରକୃତରେ ମୁଁ ଧର୍ମନିରପେକ୍ଷ ବ୍ୟକ୍ତି। ହିନ୍ଦୁ, ଶିଖ୍, ଇସ୍‌ଲାମ ସମେତ ସବୁ ଧର୍ମରେ ମୋର ବିଶ୍ୱାସ ରହିଛି। ଏହି ଧର୍ମନିରପେକ୍ଷତା ବିଷୟରେ ମୁଁ ବାପାଙ୍କଠାରୁ ଶିକ୍ଷା କରିଥିଲି। ମୋ ବାପା ସମ୍ପୂର୍ଣ୍ଣ ଭାବେ ଧର୍ମନିରପେକ୍ଷ ଥିଲେ। ସେ ଡ. ବାବା ସାହେବ ଆମ୍ବେଦକରଙ୍କ ଅନୁଗାମୀ ଥିଲେ। ମୁଁ ଛୋଟ ଥିବା ସମୟରେ ବାପାଙ୍କ ସହ ପ୍ରସିଦ୍ଧ ଦରଘା ଏବଂ ଗୁରୁଦ୍ୱାର ଯାଉଥିଲି। ଏଭଳି ଭାବେ ସବୁ ଧର୍ମକୁ ସମ୍ମାନ କରୁଥିବା ପରିବେଶରେ ମୁଁ ବଡ଼ ହୋଇଥିଲି। ପ୍ରାୟ ୨୦ ବର୍ଷ ବିଚାରପତି ରହିବା ପରେ ଆଜି ଯାହା କିଛି ବି ଅଛି, ସବୁ ନ୍ୟାୟପାଳିକା ପାଇଁ ସମ୍ଭବ ହୋଇପାରିଛି। ଏଥିପାଇଁ ଦେଶର ନ୍ୟାୟପାଳିକା ପ୍ରତି ସିଜେଆଇ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ ଯେ ୨୪ ତାରିଖରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଶର ୫୩ତମ ସିଜେଆଇ ଭାବେ ଶପଥ ଗ୍ରହଣ କରିବେ। ସେ ୧୪ ମାସ ପାଇଁ ଏହି ପଦରେ ରହିବେ। ୨୦୨୭ ଫେବୃଆରୀ ୯ରେ ଅବସର ଗ୍ରହଣ କରିବେ।

# ପାଣିପାଗର ଚରମ ସ୍ଥିତି; ୯ ମାସରେ ଗଲାଣି ୪୦୬୪ ଜୀବନ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ଭାରତରେ ପାଣିପାଗ ଜନିତ ଚରମ ସ୍ଥିତି ଦିନକୁ ଦିନ ଉତ୍କଟ ହେବାରେ ଲାଗିଛି। ଏଥିଯୋଗୁଁ ପ୍ରାକୃତିକ ବିପର୍ଯ୍ୟୟ ବଢ଼ିବାରେ ଲାଗିଛି। ଚଳିତ ବର୍ଷ ପ୍ରଥମ ୯ ମାସରେ ଏହା ୪୦୬୪ ଜୀବନ ନେଲାଣି। ଗତ ୪ ବର୍ଷରେ ଏଭଳି ମୃତ୍ୟୁ ୪୮ ପ୍ରତିଶତ ବୃଦ୍ଧି ପାଇଛି। ଦିଲ୍ଲୀର ଥିଙ୍କଟାଙ୍କ ସଂସ୍ଥା 'ସେଣ୍ଟର ଫର ସାଇନ୍ସ ଆଣ୍ଡ ଇନ୍‌ଭାରମେଣ୍ଟ (ସିଏସଇ)' ଏବଂ 'ଡାଉନ ଟୁ ଆର୍ଥ' ରିପୋର୍ଟରେ ଏହି ସୂଚନା ଦିଆଯାଇଛି। ରିପୋର୍ଟ ଅନୁଯାୟୀ, ଏହି ଅବଧିରେ ମଧ୍ୟପ୍ରଦେଶରେ ସର୍ବାଧିକ ଲୋକଙ୍କ ଜୀବନ ଯାଇଛି। ମହାରାଷ୍ଟ୍ରରେ ସର୍ବାଧିକ ୮.୪ ନିୟୁତ ହେକ୍ଟରର ଫସଲ କ୍ଷତିଗ୍ରସ୍ତ ହୋଇଛି। ଗ୍ରୀଷ୍ମ ପ୍ରବାହ, ଶୀତ, ବଜ୍ରପାତ, ଝଡ଼, ପ୍ରବଳ ବର୍ଷା, ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୯.୪୭ ନିୟୁତ ଫସଲ ନଷ୍ଟ ହୋଇଛି। ଗତ ଚାରି ବର୍ଷରେ ଏହା ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ଗତ ବର୍ଷ ପାଣିପାଗ ଜନିତ ଚରମ ସ୍ଥିତିରେ ୩,୨୩୮ ଜଣ ପ୍ରାଣ ହରାଇଥିବାବେଳେ ୩.୨ ନିୟୁତ ହେକ୍ଟରରେ ଫସଲ ନଷ୍ଟ ହୋଇଥିଲା। ୯୯ ପ୍ରତିଶତ ଦିନରେ କୌଣସି ନା କୌଣସି ପାଣିପାଗ ଜନିତ ଚରମ ସ୍ଥିତି ସୃଷ୍ଟି ହେଉଥିବାବେଳେ ଏପରି ଧନଜୀବନ ହାନି ଘଟୁଛି। ୨୦୨୨ ପରଠାରୁ ୧୮ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରେ ଏଭଳି ଦିନ ସଂଖ୍ୟା ବଢ଼ିବାରେ ଲାଗିଛି।

## ବିହାରରେ ୨ ଲକ୍ଷ ପୋଷ୍ଟାଲ ବାଲଟ୍‌ରୁ ୨୪ ହଜାର ନାକଚ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ବିହାର ନିର୍ବାଚନକୁ ନେଇ ନିର୍ବାଚନ କମିଶନ ଏକ ନୂଆ ତଥ୍ୟ ପ୍ରଦାନ କରିଛନ୍ତି। ୨ ଲକ୍ଷ ପୋଷ୍ଟାଲ ବାଲଟରୁ ପାଖାପାଖି ୨୪, ୦୦୦ ଭୋଟ ନାକଚ ହୋଇଯାଇଛି। ନିର୍ବାଚନରେ ମୋଟ୍ ୫.୦୨ କୋଟି ମତଦାନ ହୋଇଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ସାମିଲ ଥିଲା। ୪.୯୩ କୋଟି ଭୋଟ୍ ବୈଧ ଥିବାବେଳେ ୯.୩୪ ଲକ୍ଷ ଭୋଟ୍ ନାକଚ୍ ହୋଇଛି। ୨.୦୧ ଲକ୍ଷ ପୋଷ୍ଟାଲ ଭୋଟ୍‌ରୁ ୨୩, ୯୮୧ ଭୋଟ ନାକଚ ହୋଇଛି ବୋଲି କୁହାଯାଇଛି। ସେହିପରି 'ନନ୍ ଅଫ୍ ଦି ଏବଭ' ଅର୍ଥାତ ନୋଟା ଭୋଟ ସଂଖ୍ୟା ୯.୧୦ ଲକ୍ଷ ଥିଲା। ଏଥିରେ ଇଭିଏମ୍ ଓ ପୋଷ୍ଟାଲ ବାଲଟ ଭୋଟ୍ ସାମିଲ ଥିଲା। ନୋଟାର ଭୋଟ ପ୍ରତିଶତ ୧.୮୧ ରହିଛି। ଉଲ୍ଲେଖଥାଉ କି, ୮୫ ବର୍ଷରୁ ଊର୍ଦ୍ଧ୍ୱ ବୟସର ବରିଷ୍ଠ ନାଗରିକ, ଭିନ୍ନକ୍ଷମ ଓ ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି କାର୍ଯ୍ୟ କରୁଥିବା ବ୍ୟକ୍ତି ପୋଷ୍ଟାଲ ବାଲଟରେ ମତଦାନ କରିଥାନ୍ତି।

**କର୍ଣ୍ଣାଟକ କଂଗ୍ରେସ କଳିକୁ ନେଇ ଡିକେଙ୍କ ଟିପ୍ପଣୀ**

## ସବୁ ୧୪୦ ବିଧାୟକ ମୋର

ବେଙ୍ଗାଲୁରୁ, ୨୧।୧୧ (ଏଜେନ୍ସି): କର୍ଣ୍ଣାଟକ କଂଗ୍ରେସରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ କଳି ଜୋର୍ ଧରିଛି। ଉପ-ମୁଖ୍ୟମନ୍ତ୍ରୀ ଡିକେ ଶିବକୁମାରଙ୍କ ସମର୍ଥକ ବୋଲାଉଥିବା କିଛି ବିଧାୟକ କଂଗ୍ରେସ ହାଇକମାଣ୍ଡଙ୍କୁ ଭେଟିବା ପାଇଁ ଦିଲ୍ଲୀରେ ପହଞ୍ଚିବା ପରେ ଏହି ଚର୍ଚ୍ଚା ଜୋର୍ ଧରିଥିଲା। କିଛି ଦିନ ତଳେ ଶିବକୁମାର ମଧ୍ୟ କଂଗ୍ରେସ ଅଧ୍ୟକ୍ଷ ପଦ ଛାଡ଼ିବାକୁ ମନ୍ତବ୍ୟ ଦେଇ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଖୋରାକ ଯୋଗାଇ ଥିଲେ। ପ୍ରଥମ ଥର ଡିକେ ଏହା ଉପରେ ଟିପ୍ପଣୀ ଦେଇଛନ୍ତି। ରାଜ୍ୟର ସବୁ ୧୪୦ ବିଧାୟକ ମୋର ବୋଲି କହିଛନ୍ତି। ଏପରି ଟିପ୍ପଣୀ ଦେଇ ସେ ବଡ଼ ସଙ୍କେତ ଦେଉଥିବା କୁହାଯାଉଛି। ଏହା ମାଧ୍ୟମରେ ସେ କଂଗ୍ରେସ ନେତୃତ୍ୱ ଏବଂ ମୁଖ୍ୟମନ୍ତ୍ରୀ ସିଦ୍ଧରମେୟାଙ୍କ ଉପରେ ଚାପ ପକାଇବାକୁ ପ୍ରୟାସ କରୁଥିବା ଚର୍ଚ୍ଚା ହେଉଛି। ତେବେ ମୁଖ୍ୟମନ୍ତ୍ରୀ ବଦଳିବା ଚର୍ଚ୍ଚାକୁ ଡିକେ ଗୁଜବ କହି ଖଣ୍ଡନ କରି ଦେଇଛନ୍ତି। ଶିବକୁମାର କହିଛନ୍ତି ଯେ ଗୋଷ୍ଠୀ କନ୍ଦଳ ମୋ ରକ୍ତରେ ନାହିଁ। ମୁଖ୍ୟମନ୍ତ୍ରୀ ସିଦ୍ଧରମେୟା ତାଙ୍କ କାର୍ଯ୍ୟକାଳ ଶେଷ କରିବେ। ଏଥିପାଇଁ ତାଙ୍କୁ ଶୁଭେଚ୍ଛା। ମୁଖ୍ୟମନ୍ତ୍ରୀ ନିଜ କ୍ୟାବିନଟ ଅଦଳବଦଳ କରିବାକୁ ଚାହୁଁଛନ୍ତି। ସେଥିପାଇଁ ବିଧାୟକମାନେ ନିଜ ପାଇଁ ଲବି କରିବାକୁ ହାଇକମାଣ୍ଡଙ୍କୁ ଭେଟିବାକୁ ଯାଇଛନ୍ତି। ରାଜ୍ୟର ସବୁ ବିଧାୟକ ମୋର। ଆମେ ହାଇକମାଣ୍ଡଙ୍କ ନିର୍ଦ୍ଦେଶ ପାଳନ କରୁଛୁ ବୋଲି ବାରମ୍ବାର ମୁଖ୍ୟମନ୍ତ୍ରୀ ଏବଂ ମୁଁ କହିସାରିଛି। ଅନ୍ୟପଟେ ସିଦ୍ଧରମେୟା ମଧ୍ୟ ମୁଖ୍ୟମନ୍ତ୍ରୀ ପଦରେ ରହିବେ ବୋଲି କହିଛନ୍ତି। ତାଙ୍କ ଅନୁଯାୟୀ, ସେ ଆସନ୍ତା ବର୍ଷ ବଜେଟ ଉପସ୍ଥାପନ କରିବାକୁ ଯାଉଛନ୍ତି। ଅଢ଼େଇ ବର୍ଷ ପରେ କ୍ୟାବିନେଟ ଅଦଳବଦଳ ହେବ ବୋଲି କୁହାଯାଇଥିଲା।

## କାରଖାନାରେ ବିସ୍ଫୋରଣ; ୧୫ ମୃତ

ଇସ୍‌ଲାମାବାଦ୍, ୨୧।୧୧(ଏଜେନ୍ସି): ପାକିସ୍ତାନର ଫୈସଲାବାଦ୍ ନିକଟରେ ଥିବା ଏକ କାରଖାନାରେ ଶୁକ୍ରବାର ସକାଳେ ଗ୍ୟାସ୍ ଲିକ୍ ହେବା କାରଣରୁ ବଡ଼ ବିସ୍ଫୋରଣ ହୋଇଛି। ଏଥିରେ ୧୫ ଜଣ ମୃତ୍ୟୁବରଣ କରିଥିବା ବେଳେ ବହୁ ଲୋକ ଆହତ ହୋଇଛନ୍ତି। ପ୍ରଥମେ ବଏଲର ଫାଟିଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ଏହି କାରଖାନାରେ ବଏଲର ନ ଥିଲା ବୋଲି ପରେ ଜଣାପଡ଼ିଥିଲା। ଗ୍ୟାସ୍ ଲିକ୍ ହେବା କାରଣରୁ ନିଆଁ ଲାଗିଥିଲା ଓ ନିକଟରେ ଥିବା ୟୁନିଟଗୁଡ଼ିକରେ ବିସ୍ଫୋରଣ ହୋଇଥିଲା। ଘଟଣାର ଯାଞ୍ଚ ପାଇଁ ପଞ୍ଜାବ ସରକାର ଏକ ୫ ସଦସ୍ୟ ବିଶିଷ୍ଟ କମିଟ୍ ଗଠନ କରିଛନ୍ତି। ନ୍ୟାସନାଲ ଟ୍ରେଡ ୟୁନିଅନ ଫେଡେରେସନ ମୃତକଙ୍କୁ ୩୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ଦେବ ବୋଲି ଘୋଷଣା କରିଛି। ଏଥିସହ ଆହତଙ୍କୁ ମାଗଣା ଚିକିତ୍ସା ଉପଲବ୍ଧ କରାଇବାକୁ ଫେଡେରେସନ ଦାବି କରିଛି।

**ବଦଳିଲା ବିହାରର କ୍ଷମତା କେନ୍ଦ୍ର**

# ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହହୀନ'

- ■ ସମ୍ରାଟ ଚୌଧୁରୀଙ୍କୁ ଗୃହ ଦାୟିତ୍ୱ
- ■ ଜେଡିୟୁ ପାଖରେ ଅର୍ଥ ବିଭାଗ
- ■ ଶ୍ରେୟସୀ ସିଂହ ହେଲେ କ୍ରୀଡ଼ା ମନ୍ତ୍ରୀ



ପାଟନା, ୨୧।୧୧ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନରେ ବୃହତ ବିଜୟ ପରେ ଏନ୍‌ଡିଏ ସରକାର ଗଠନ କରିଛି। ୧୦ମ ଥର ପାଇଁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ଦିନକ ପରେ ନୀତୀଶ କୁମାର ନିଜ ମନ୍ତ୍ରିମଣ୍ଡଳରେ ବଡ଼ ପରିବର୍ତ୍ତନ କରିଛନ୍ତି। ଗତ ୨୦ ବର୍ଷ ପରେ ପ୍ରଥମ ଥର ପାଇଁ କ୍ଷମତା କେନ୍ଦ୍ର ବଦଳି ଯାଇଛି। ମୁଖ୍ୟମନ୍ତ୍ରୀ ନୀତୀଶ 'ଗୃହ ହୀନ' ହୋଇଯାଇଛନ୍ତି। ତାଙ୍କ ହାତରୁ ଗୃହ ବିଭାଗ ଛଡ଼ାଇ ନିଆଯାଇଛି। ନୀତୀଶ କ୍ଷମତାରେ ଥିବା ପରଠାରୁ ଗତ ୨୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ ଏପରି ହୋଇଛି। ଗୃହ ବିଭାଗ ଜେଡିୟୁ ପରିବର୍ତ୍ତେ ବିଜେପି ପାଖକୁ ଚାଲି ଯାଇଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କୁ ଗୃହ ବିଭାଗ ଦାୟିତ୍ୱ ଦିଆଯାଇଛି। ଏହି ପରିବର୍ତ୍ତନକୁ ନୀତୀଶଙ୍କ ସବୁଠାରୁ ବଡ଼ ରାଜନୈତିକ ଦୁର୍ବଳତା ଏବଂ ମେଣ୍ଟରେ ବିଜେପିର ଶକ୍ତି ବୃଦ୍ଧିକୁ ସୂଚାଉଛି।

ଏଥର ନୀତୀଶ କେବଳ ମୁଖା ହୋଇ ରହିବେ। କାରଣ କ୍ଷମତାର ପ୍ରକୃତ ଚାବି ବିଜେପି ହାତକୁ ପଳାଇଛି। ପୁଲିସ ବଳରେ 'ସୁଶାସନ ବାବୁ' ବୋଲାଉଥିବା ନୀତୀଶ ଏବେ ନିଜ ଉପାଧି ହରାଇ ଦେଇଛନ୍ତି। ସେ ପୁଲିସ ବାହିନୀର ସହାୟତାରେ ଅପରାଧିଙ୍କ ଉପରେ ଲଗାମ ଲଗାଇବା ପାଇଁ ପ୍ରସିଦ୍ଧି ଅର୍ଜନ କରିଥିଲେ। ଯାହା ପାଖରେ ଗୃହ ବିଭାଗ ଥାଏ, ସେ ହିଁ ପ୍ରକୃତ ଶାସନ ଚଲାଇ ଥାଏ ବୋଲି ବିହାରରେ କୁହାଯାଇଥାଏ। ଏବେ କ୍ଷମତା ୧ ଅଣେ ମାର୍ଗ ପରିବର୍ତ୍ତେ, ୫ ଦେଶରତ୍ନ ମାର୍ଗକୁ ଚାଲି ଯାଇଛି। ଏବେ ସମ୍ରାଟ ଚୌଧୁରୀ ଅପରାଧୀଙ୍କ ବିରୋଧରେ ସବୁ ନିଷ୍ପତ୍ତି ନେବେ। ତାଙ୍କ ପାଖରେ ଅପରାଧ ନିୟନ୍ତ୍ରଣ, ମାଫିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ, ଦଙ୍ଗା ନିୟନ୍ତ୍ରଣ, ପୁଲିସ ବ୍ୟବସ୍ଥା, ଗୁଇନ୍ଦା ରିପୋର୍ଟ ଉପରେ ପଦକ୍ଷେପ ନେବାର ଦାୟିତ୍ୱ ରହିବ।

ନିର୍ବାଚନରେ ଏନ୍‌ଡିଏ ଜିତିବା ପରଠାରୁ ବିଜେପି ଏବଂ ଜେଡିୟୁ ମଧ୍ୟରେ ବିଭାଗକୁ ନେଇ ଟଣାଓଟରା ଲାଗି ରହିଥିଲା। ନିର୍ବାଚନ ପୂର୍ବରୁ ବିରୋଧୀ ମେଣ୍ଟ ଇଣ୍ଡିଆରେ ଯେପରି ଆସନ ବଣ୍ଟନକୁ ନେଇ ଟଣାଓଟରା ଲାଗିଥିଲା, ସେପରି ସ୍ଥିତି ଏନ୍‌ଡିଏରେ ବିଭାଗ ବଣ୍ଟନକୁ ନେଇ ସୃଷ୍ଟି ହୋଇଥିଲା। ବିଜେପି ନିଜ ପାଖରେ ଗୃହ ବିଭାଗ, ବିଧାନସଭା ବାଚସ୍ପତି ପଦ, ଅର୍ଥ ବିଭାଗ ଆଦି ରଖିବାକୁ ଚାହୁଁଥିଲା। କିନ୍ତୁ ନୀତୀଶଙ୍କ ଦଳ ଏଥିପାଇଁ ରାଜି ହୋଇ ନ ଥିଲା। ରାଜ୍ୟରେ ଏହି ଭାଗବଣ୍ଟା ନ ଛିଡ଼ିବାରୁ ଦିଲ୍ଲୀ ପର୍ଯ୍ୟନ୍ତ କଥା ଯାଇଥିଲା। ଏପରିକି ଶପଥ ଗ୍ରହଣ ପୂର୍ବ ଦିନ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପାଟନାରେ ପହଞ୍ଚିବା ପରେ ଏହି ପ୍ରସଙ୍ଗ ଆଲୋଚନା ହୋଇଥିଲା। ନୀତୀଶ ଗୃହ ବିଭାଗ ଛାଡ଼ିବାକୁ ରାଜି ନ ଥିବାରୁ ତାଙ୍କୁ ସମସ୍ତେ ବୁଝାଇବାକୁ ଲାଗି ଥିଲେ। ଆଜି ସକାଳୁ ମଧ୍ୟ ଏହାକୁ ନେଇ ଛକାପଞ୍ଝା ଲାଗି ରହିଥିଲା। ଦିନ ଯାକ ଏନ୍‌ଡିଏ ନେତାଙ୍କ ମଧ୍ୟରେ ମାନସମନ୍ଥନ ଚାଲିଥିଲା। ସକାଳେ ବିଜେପିର ମନ୍ତ୍ରୀ ତାଲିକା ନେଇ ସମ୍ରାଟ ଚୌଧୁରୀ ମୁଖ୍ୟମନ୍ତ୍ରୀଙ୍କ ବାସଭବନରେ ପହଞ୍ଚି ଥିଲେ। ଉଭୟ ନେତା ଏଠାରେ ପ୍ରାୟ ୫୦ ମିନିଟ ପର୍ଯ୍ୟନ୍ତ ଆଲୋଚନା କରିଥିଲେ। ଏଠାରେ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନୀତୀଶଙ୍କୁ ଦେଇ ଆସିଥିଲେ। ଏହା ପରେ ଜେଡିୟୁ ପକ୍ଷରୁ କେଉଁ ମନ୍ତ୍ରୀଙ୍କୁ କେଉଁ ବିଭାଗ ଦିଆଯିବ ତାହାକୁ ନେଇ ବଡ଼ ନେତାଙ୍କ ସହ ମୁଖ୍ୟମନ୍ତ୍ରୀ ବୈଠକ କରିଥିଲେ। ବିଜେପି ମାଗିଥିବା ବିଭାଗକୁ ନେଇ ସେ ଦେଢ଼ ଘଣ୍ଟା ପର୍ଯ୍ୟନ୍ତ ଚର୍ଚ୍ଚା କରିଥିଲେ। ଏହି ବୈଠକରେ ଲଲନ ସିଂହ, ସଞ୍ଜୟ ଝା ଏବଂ ବିଜୟ କୁମାର ଚୌଧୁରୀ ସାମିଲ ଥିଲେ। ସନ୍ଧ୍ୟା ପ୍ରାୟ ୫ଟାରେ ନୀତୀଶ ଏବଂ ସମ୍ରାଟ ମନ୍ତ୍ରୀଙ୍କ ତାଲିକା ନେଇ ରାଜଭବନରେ ପହଞ୍ଚି ଥିଲେ। ୫ଟା ୧୫ରେ ଏହି ମନ୍ତ୍ରୀଙ୍କ ତାଲିକା ଜାରି କରାଯାଇଥିଲା।

ଏହା ଅନୁଯାୟୀ ଅର୍ଥ ବିଭାଗ ଜେଡିୟୁକୁ ଦିଆଯାଇଛି। ବିଜେନ୍ଦ୍ର ଯାଦବ ଶକ୍ତି ସହ ଅର୍ଥ ବିଭାଗ ଦାୟିତ୍ୱ ବୁଝିବେ। ଏହା ସହିତ ମଙ୍ଗଳ ପାଣ୍ଡେ ପୁଣିଥରେ ସ୍ୱାସ୍ଥ୍ୟମନ୍ତ୍ରୀ ହୋଇଛନ୍ତି। ପ୍ରଥମ ଥର ପାଇଁ ମନ୍ତ୍ରୀ ହୋଇଥିବା ଜାତୀୟ ଦଳର ସୁଟର ଶ୍ରେୟସୀ ସିଂହଙ୍କୁ ଖେଳ ବିଭାଗ ଦିଆଯାଇଛି। ହାମର ରାଷ୍ଟ୍ରୀୟ ଅଧ୍ୟକ୍ଷ ସନ୍ତୋଷ ସୁମନଙ୍କ ବିଭାଗ ମଧ୍ୟ ବଦଳି ନାହିଁ। ତାଙ୍କ ପାଖରେ ଜଳ ସମ୍ବଳ ବିଭାଗ ରହିଛି। ସେହିପରି ଉପ-ମୁଖ୍ୟମନ୍ତ୍ରୀ ବିଜୟ କୁମାର ସିଂହାଙ୍କ ପାଖରେ ରାଜସ୍ୱ ବିଭାଗ ସହିତ ଖଣି, ରାମକୃପାଳ ଯାଦବଙ୍କୁ କୃଷିମନ୍ତ୍ରୀ କରାଯାଇଛି।

**ସୁପ୍ରିମକୋର୍ଟରେ ଏସ୍‌ଆଇଆର୍ ଉପରେ ଶୁଣାଣି**

## ନିର୍ବାଚନ କମିଶନଙ୍କୁ ମାଗିଲେ ଜବାବ



ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ସ୍ୱତନ୍ତ୍ର ଭୋଟର ତାଲିକା ଯାଞ୍ଚ ତଥା ଏସଆଇଆର ବିରୋଧରେ କେରଳ ସରକାରଙ୍କ ପକ୍ଷରୁ ଆଗତ ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଶୁକ୍ରବାର ନିର୍ବାଚନ କମିଶନ (ଇସି)ଙ୍କୁ ଜବାବ ମାଗିଛନ୍ତି। ୨୬ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବ। ଏଥିରେ କେରଳରେ ଏସ୍‌ଆଇଆର ପାଇଁ ଇସି ନେଇଥିବା ନିଷ୍ପତ୍ତିକୁ ବିରୋଧ କରାଯାଇଛି। କେରଳରେ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ପୌର ନିର୍ବାଚନ ହେବ। ୨୦୨୬ ମେ'ରେ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ତେଣୁ ଏସ୍‌ଆଇଆରକୁ ସ୍ଥଗିତ ରଖିବାକୁ ସରକାର ଦାବି କରିଥିଲେ। କୁହାଯାଇଥିଲା ଯେ କର୍ମଚାରୀ ଅଭାବରୁ ଏସ୍‌ଆଇଆର କରାଇବାରେ ସମସ୍ୟା ହେଉଛି। ସାମ୍ବିଧାନିକ ନିର୍ବାଚନ ଚାଲିଥିବାବେଳେ ଅଯଥାରେ ତରବରିଆ ଭାବେ ଏସ୍‌ଆଇଆର କରିବା ମତାଧିକାରର ଗଣତାନ୍ତ୍ରିକ ଅଧିକାର ବିରୋଧୀ। କେରଳ ବ୍ୟତୀତ ତାମିଲନାଡୁ ଏବଂ ପଶ୍ଚିମବଙ୍ଗ ସରକାର ମଧ୍ୟ ଏସଆଇଆର ବିରୋଧରେ ଆବେଦନ ଦାଏର କରିଥିଲେ। 'ଇଣ୍ଡିଆନ ମୁସଲିମ ୟୁନିଅନ ଲିଗ' ମଧ୍ୟ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛି। ଏ ପର୍ଯ୍ୟନ୍ତ ଏସଆଇଆର ବିରୋଧରେ ୧୦ ଆବେଦନ ଦାଏର ହେଲାଣି।

**କଶ୍ମୀର ହସ୍ପିଟାଲ ପାଲଟିଥାନ୍ତା ଅସ୍ତ୍ରଶସ୍ତ୍ର କେନ୍ଦ୍ର**

## ହମାସ୍ ଭଳି ଆକ୍ରମଣ ପାଇଁ ଷଡ଼ଯନ୍ତ୍ର କରୁଥିଲା ଜୈସ



■ ଅଟାକଳରେ ତିଆରି ହେଉଥିଲା ବୋମା

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି):ଦିଲ୍ଲୀ ବିସ୍ଫୋରଣକୁ ନେଇ ସୁରକ୍ଷା ଏଜେନ୍ସି ଗୁଡ଼ିକ ବଡ଼ ସୂଚନା ଦେଇଛନ୍ତି। ଆତଙ୍କବାଦୀ ସଂଗଠନ ଜୈସ-ଇ-ମହମ୍ମଦର ଶାଖା ଭାରତରେ ହମାସ ଭଳି ଆକ୍ରମଣ କରିବାକୁ ଷଡ଼ଯନ୍ତ୍ର କରୁଥିଲା ବୋଲି କୁହାଯାଇଛି। ସୁରକ୍ଷା ଏଜେନ୍ସି ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଜୈସର ମଡ୍ୟୁଲୋ କଶ୍ମୀରର ଡାକ୍ତରଖାନାଗୁଡ଼ିକୁ ଅସ୍ତ୍ରଶସ୍ତ୍ର ଠିକଣା କରିବାକୁ ପ୍ରୟାସ କରୁଥିଲା। ଏହା ପାଲେଷ୍ଟାଇନ ଆତଙ୍କବାଦୀ ସଂଗଠନ ହମାସ ରଣନୀତି ସହ ମେଳ ଖାଉଛି। ହମାସ ଜନବହୁଳ ଅଞ୍ଚଳ, ହସ୍ପିଟାଲ ଆଦିରେ ନିଜ ଅସ୍ତ୍ରଶସ୍ତ୍ର ରଖିଥାଏ। ଜୈସର ଏହି ନେଟୱର୍କକୁ ଭାଙ୍ଗିବା ପାଇଁ ଶୁକ୍ରବାର ଗାନ୍ଦରବଲ ଏବଂ କୁପୱାଡା ଜିଲ୍ଲାରେ ଥିବା ସରକାରୀ ଡାକ୍ତରଖାନାର ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ ଲକରର୍ସର ଯାଞ୍ଚ କରାଯାଇଥିଲା। ଏହି ଅଭିଯାନ ବୁଧବାରଠାରୁ ଆରମ୍ଭ ହୋଇଛି। ଏବେ କେଉଁ ହସ୍ପିଟାଲକୁ ଅସ୍ତ୍ରଶସ୍ତ୍ର ଠିକଣା ବନାଇବାକୁ ପ୍ରୟାସ ହେଉଛି ଏବଂ ଯୋଗାଣ ଶୃଙ୍ଖଳ କେଉଁ ପର୍ଯ୍ୟନ୍ତ ବ୍ୟାପିଛି ତାହା ଜାଣିବାକୁ ପ୍ରୟାସ କରାଯାଉଛି। ଅନ୍ୟପକ୍ଷରେ ପାକିସ୍ତାନର ଜୈସ ହ୍ୟାଣ୍ଡଲର ହଞ୍ଜୁଲା ଦିଲ୍ଲୀ ବିସ୍ଫୋରଣ ଅଭିଯୁକ୍ତ ଡ. ମୁଜାମିଲ ସକିଲ ଗନିକୁ ବୋମା ବନାଇବାର ୪୦ ଭିଡିଓ ପଠାଇ ଥିବା ଜଣାପଡ଼ିଛି। ସୋପିଆନର ମୌଲବୀ ଇର୍ଫାନ ଅହମ୍ମଦ ଉଭୟଙ୍କୁ ସାକ୍ଷାତ କରାଇ ଥିଲା। ଏହା ପରେ 'ହ୍ୱାଇଟ କଲାର ଟେରର ମଡ୍ୟୁଲ' ଗଠନ କରାଯାଇଥିଲା। ସେହିପରି ଆତଙ୍କବାଦୀଙ୍କ କେନ୍ଦ୍ର ପାଲଟିଥିବା ଅଲ-ଫଲାହ ୟୁନିଭର୍ସିଟି ନିକଟସ୍ଥ ଧୌଜ ଗାଁର ଏକ ଅଟା କଳକୁ ବୋମା ପ୍ରସ୍ତୁତ ପାଇଁ ବ୍ୟବହାର କରୁଥିଲେ। ଏଠାକାର ଏକ ଟ୍ୟାକ୍ସି ଡ୍ରାଇଭରର ଘରୁ ଅଟା କଳ ଏବଂ କିଛି ଇଲେକ୍‌ଟ୍ରୋନିକ ଜବତ କରାଯାଇଛି। ଏହି ଅଟାକଳରେ ଡ. ମୁଜାମିଲ ୟୁରିଆ ପେଡାଇ ମେସିନରେ ରିଫାଇନ କରୁଥିଲା। ଏହା ପରେ ରାସାୟନିକ ମିଶାଇ ବିସ୍ଫୋରକ ପ୍ରସ୍ତୁତ କରାଯାଉଥିଲା।

## ବାଂଲାଦେଶରେ ଭୂକମ୍ପ; ୬ ମୃତ

ଢାକା, ୨୧।୧୧(ଏଜେନ୍ସି): ବାଂଲାଦେଶରେ ଶୁକ୍ରବାର ସକାଳେ ଭାରତୀୟ ସମୟ ଅନୁସାରେ ପ୍ରାୟ ୧୦.୦୮ ମିନିଟ୍‌ରେ ୫.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୬ ଜଣ ଲୋକ ମୃତ୍ୟୁବରଣ କରିଥିବା ବେଳେ ୨୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ନରସିଙ୍ଗଡ଼ିର ମାଧବଡ଼ିରେ ଭୂକମ୍ପର କେନ୍ଦ୍ର ଥିଲା। ଏହା ରାଜଧାନୀ ଢାକାଠାରୁ ୨୫ କିମି ଦୂରରେ ଅବସ୍ଥିତ। ଭୂକମ୍ପର ଝଟ୍‌କା ଏତେ ଶକ୍ତିଶାଳୀ ଥିଲେ ଯେ ୧୦ ମହଲା କୋଠା ମଧ୍ୟ ନଇଁ ପଡ଼ିଥିଲା। ଭୂକମ୍ପ ପାଇଁ ମୀରପୁରରେ ଚାଲିଥିବା ବାଂଲାଦେଶ- ଭ୍ରମଣକାରୀ ଆୟର୍ଲାଣ୍ଡ ମ୍ୟାଚ୍‌କୁ କିଛି ସମୟ ସ୍ଥଗିତ ରଖାଯାଇଥିଲା। କୋଲକାତା ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। କୋଲକାତାରେ ଶୁକ୍ରବାର ୧୦.୧୦ରେ ୨୦ ସେକେଣ୍ଡ ପର୍ଯ୍ୟନ୍ତ ଭୂକମ୍ପର ଝଟ୍‌କା ଅନୁଭୂତ ହୋଇଥିଲା। ରିଚର ସ୍କେଲରେ ଏହାର ତୀବ୍ରତା ୫.୨ ଥିଲା। କୁଚବେହାର, ଦକ୍ଷିଣ ଦିନାଜପୁର, ମଲଦା ଓ ନଦିଆର ଏକାଧିକ ଅଞ୍ଚଳରେ ଭୂକମ୍ପ ଅନୁଭୂତ ହୋଇଥିଲା। ଗାଜିପୁରର ଶ୍ରୀପୁରରେ ଭୂକମ୍ପ ଅବସରରେ ଏକ ଅଘଟଣ ଘଟିଥିଲା। ଏକ ବହୁତଳ ବିଶିଷ୍ଟ କୋଠାରୁ ବାହାରିବା ସମୟରେ ଠେଲାପେଲା ଓ ଦଳଚକଟା ଭଳି ସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ୧୫୦ ଶ୍ରମିକ ଆହତ ହୋଇଥିଲେ।

## ଦିଲ୍ଲୀ ଦଙ୍ଗାରେ ହୋଇଥିଲା ଟେରର୍ ଫଣ୍ଡିଂ

ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ୨୦୨୦ରେ ଅଚାନକ ଦିଲ୍ଲୀ ଦଙ୍ଗା ଆରମ୍ଭ ହୋଇ ନଥିଲା ବୋଲି ଦିଲ୍ଲୀ ପୁଲିସ ଶୁକ୍ରବାର ସୁପ୍ରିମକୋର୍ଟରେ କହିଛି। ପୂର୍ବରୁ ହିଁ ଯୋଜନାବଦ୍ଧ ଭାବେ ଦଙ୍ଗା ସୃଷ୍ଟି କରାଯାଇଥିଲା। ଏଥିପାଇଁ ଟେରର ଫଣ୍ଡିଂ ହୋଇଥିଲା। ପ୍ରଦର୍ଶନରେ ଜାଣିଶୁଣି ହିଂସା ସୃଷ୍ଟି କରାଯାଇଥିଲା ବୋଲି ଅତିରିକ୍ତ ସଲିସିଟର ଜେନେରାଲ (ଏଏସ୍‌ଜି) ଏସ୍‌ବି ରାଜୁ ସୁପ୍ରିମକୋର୍ଟରେ କହିଥିଲେ। ଏଏସ୍‌ଜି ରାଜୁଙ୍କ କହିବା ଅନୁଯାୟୀ ତାହିର ହୁସେନ, ଶିଫା-ଉର-ରହମାନ, ମିରନ ହାଇଦର, ଇଶରତ ଜାହାଁ ଓ ଖାଲିଦ ସୈଫି ଦଙ୍ଗା ପାଇଁ ବିପୁଳ ପାଣ୍ଠି ଯୋଗାଡ କରିଥିଲେ। ଦଙ୍ଗାପୂର୍ବରୁ ଏକାଧିକ ବୈଠକ ବସିଥିଲା। ଏଥିରେ ହିଂସା ବୃଦ୍ଧି, ଚକା ଜାମ୍ ଓ ଅତ୍ୟାବଶ୍ୟକୀୟ ସୁବିଧା ସୁଯୋଗକୁ ରୋକିବା ପାଇଁ ଯୋଜନା କରାଯାଇଥିଲା। ବୈଠକରେ ଉତ୍ତରପୂର୍ବ ରାଜ୍ୟକୁ ଭାରତଠାରୁ ଅଲଗା କରିବାକୁ ଷଡ଼ଯନ୍ତ୍ର କରାଯାଇଥିଲା। ଜଷ୍ଟିସ ଅରବିନ୍ଦ କୁମାର, ଜଷ୍ଟିସ୍ ଏନ୍‌ବି ଅଞ୍ଜାରିଆଙ୍କ ଖଣ୍ଡପୀଠରେ ଏହି ଶୁଣାଣି ହୋଇଥିଲା।

## ୟୁକ୍ରେନ ଯୁଦ୍ଧ ରୋକିବାକୁ ଟ୍ରମ୍ପଙ୍କ ୨୮ ସୂତ୍ରୀ ପ୍ରସ୍ତାବ

କିଭ୍/ମସ୍କୋ, ୨୧।୧୧(ଏଜେନ୍ସି): ରୁଷ- ୟୁକ୍ରେନ ଯୁଦ୍ଧ ରୋକିବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ୨୮ ସୂତ୍ରୀ ଶାନ୍ତି ପ୍ରସ୍ତାବ ଦେଇଛନ୍ତି। ଆମେରିକୀୟ ସେନା ସଚିବ ଡାନ ଡ୍ରିସ୍କଲଙ୍କ ୟୁକ୍ରେନ ଗସ୍ତ ଅବସରରେ ଏହି ପ୍ରସ୍ତାବ ସାମ୍ନାକୁ ଆସିଛି। ଗଣମାଧ୍ୟମଗୁଡ଼ିକର ରିପୋର୍ଟ ଅନୁସାରେ, ଏହି ପ୍ରସ୍ତାବରେ ୟୁକ୍ରେନକୁ ସୁରକ୍ଷା ଗ୍ୟାରେଣ୍ଟି ଦିଆଯାଇଛି। ତେବେ ଏଥିପାଇଁ ୟୁକ୍ରେନକୁ ନିଜର କିଛି ଅଞ୍ଚଳ ଛାଡିବାକୁ ହେବ। କେବଳ ସେତିକି ନୁହଁ ୟୁକ୍ରେନକୁ ସୈନ୍ୟ ସଂଖ୍ୟା ମଧ୍ୟ କମ୍ କରିବା ସହିତ ନାଟୋ ୟୁକ୍ରେନକୁ ସୈନ୍ୟ ପଠାଇବାକୁ ବନ୍ଦ କରିବା ନେଇ ଦାବି ହୋଇଛି। ତେବେ ଆମେରିକା ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ କୌଣସି ଘୋଷଣା କରିନାହିଁ। ଏହି ଯୋଜନା ଲିକ୍ ହୋଇଯାଇଛି। ସେହିପରି ରୁଷିଆ ରାଷ୍ଟ୍ରପତି ମଧ୍ୟ ଏହି ପ୍ରସ୍ତାବ ନେଇ କିଛି ଜାଣି ନ ଥିବା କହିଛନ୍ତି। କିନ୍ତୁ ଜେଲେଁସ୍କି ଏହି ପ୍ରସ୍ତାବ ନେଇ ପ୍ରାରମ୍ଭିକ ସମ୍ମତି ଜଣାଇଛନ୍ତି ବୋଲି କୁହାଯାଇଛି।

## ମାଫିଆଙ୍କ ଠିକଣାରୁ ୧୦ କୋଟି ଜବତ

ନୂଆଦିଲ୍ଲୀ, ୨୧।୧୧ (ଏଜେନ୍ସି): ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ପଶ୍ଚିମବଙ୍ଗ ଏବଂ ଝାଡ଼ଖଣ୍ଡ ସ୍ଥିତ କୋଇଲା ମାଫିଆଙ୍କ ୪୨ଟି ଠିକଣାରେ ଚଢ଼ଉ କରିଛି। ଏଥିରୁ ୧୦ କୋଟି ଟଙ୍କାର ସୁନା ଏବଂ କ୍ୟାସ୍ ଜବତ କରାଯାଇଛି। ୧୨୦ ଜମି କାଗଜପତ୍ର ମଧ୍ୟ ମିଳିଛି। ଏବେ ଚଢ଼ଉ ଜାରି ରହିଥିବାରୁ ଜବତ ପରିମାଣ ବଢ଼ିବ ବୋଲି କୁହାଯାଉଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଇଡିର ରାଞ୍ଚି ଅଫିସ ପକ୍ଷରୁ ଝାଡ଼ଖଣ୍ଡର ୧୮ ଏବଂ ପଶ୍ଚିମବଙ୍ଗର ୨୪ ସ୍ଥାନରେ ଚଢ଼ଉ କରାଯାଇଥିଲା। କୋଇଲା ଚୋରି ଏବଂ ଚାଲାଣ ଅଭିଯୋଗ ଲାଗିଥିବା ଅନିଲ ଗୋୟଲ, ସଞ୍ଜୟ ଉଦ୍ୟୋଗ, ଏଲ ବି ସିଂହ, ଅମର ମଣ୍ଡଳ, ନରେନ୍ଦ୍ର ଖାରକେ, ଯୁଧିଷ୍ଠିର ଘୋଷ, କୃଷ୍ଣ ମୁରାରୀ କାୟଲଙ୍କ ଠିକଣାରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା। ଶହେରୁ ଅଧିକ ଅଧିକାରୀଙ୍କ ଟିମ ସକାଳ ୬ଟାରୁ ତଲାସୀ ଆରମ୍ଭ କରିଥିଲା। ବେଆଇନ ଟଙ୍କା କାରବାର ଏବଂ କୋଇଲ ଠୁଳ କରାଯାଇଥିବା ଠିକଣାର ମଧ୍ୟ ତଲାସୀ ନିଆଯାଇଥିଲା। ରାତି ସୁଦ୍ଧା ପଶ୍ଚିମବଙ୍ଗରୁ ୮ କୋଟି ଟଙ୍କାର ସୁନା ଓ ନଗଦ ଟଙ୍କା ଏବଂ ଝାଡ଼ଖଣ୍ଡରୁ ୨.୨ କୋଟି ଟଙ୍କା ଓ ୧୨୦ ଜମି କାଗଜପତ୍ର ଜବତ କରାଯାଇଛି।

# ୧୫୦ ଗ୍ରାମ୍‌ର ଛଞ୍ଚାଣ; ଭାରତରୁ କେନିଆ ଅବିରାମ ଉଡ଼ାଣ

**୬ ଦିନରେ ଅତିକ୍ରମ କଲା ୬ ହଜାର କିମି**



ନୂଆଦିଲ୍ଲୀ, ୨୧।୧୧(ଏଜେନ୍ସି): ଏକ ପକ୍ଷୀର କେତେ ବାଟ ଉଡ଼ିପାରେ? ୧୦୦, ୫୦୦ କିମ୍ବା ୧୦୦୦ କିମି। କିନ୍ତୁ ଏକ ବାଜ ବା ଛଞ୍ଚାଣ ପକ୍ଷୀ ନିଜର ଉଡିବାର ଶୈଳୀ ଓ ସାମର୍ଥ୍ୟ ନେଇ ସମସ୍ତଙ୍କୁ ଚକିତ କରିଛି। ୧୫୦ ଗ୍ରାମ ଓଜନର ଏକ ଛଞ୍ଚାଣ ୬, ୦୦୦ କିମିରୁ ଅଧିକ ଦୂର ଅତିକ୍ରମ କରିଛି। ବିଶ୍ୱାସ ନ ହେଲେ ବି ଏହା ସତ। ଏହା ପୁଣି ବିନା କୌଣସି ସ୍ଥାନରେ ନ ରହି। ଉତ୍ତରପୂର୍ବର ରାଜ୍ୟ ମଣିପୁରର ଏକ ଜଙ୍ଗଲରୁ ଏହି ଛଞ୍ଚାଣ ଉଡିବା ପରେ ଗୋଟିଏ ସପ୍ତାହରୁ କମ୍ ସମୟ ମଧ୍ୟରେ ପୂର୍ବ ଆଫ୍ରିକୀୟ ଦେଶ କେନିଆରେ ପହଞ୍ଚିବାରେ ସମର୍ଥ ହୋଇଛି। ଛଞ୍ଚାଣର ଏହି ଉଡାଣରେ ବୈଜ୍ଞାନିକମାନେ ମଧ୍ୟ ଚକିତ ହୋଇଛନ୍ତି। ଏହି ପକ୍ଷୀ ସହିତ ଅନ୍ୟ ଦୁଇଟି ଛଞ୍ଚାଣ ମଧ୍ୟ ଉଡିଥିଲେ। କିନ୍ତୁ ଏମାନେ ୫୬୦୦ ଓ ୫୧୦୦ କିମି ଉଡିବାରେ ସମର୍ଥ ହୋଇଥିଲେ। ଏହି ୩ଟି ପକ୍ଷୀ ଅମୁର ଫାଲ୍‌କନ ପ୍ରଜାତିର। ଏମାନଙ୍କର ଆକାର ସବୁଠାରୁ ଛୋଟ ହୋଇଥାଏ। ସାଟ୍‌ଲାଇଟ୍ ଟ୍ୟାଗ ଦ୍ୱାରା ଏହି ୩ ପକ୍ଷୀଙ୍କ ଉଡାଣର ନୀରିକ୍ଷଣ କରାଯାଇଥିଲା। ଏହି ୩ଟି ପକ୍ଷୀର ନାମ ହେଲା ଆପାପାଙ୍ଗ, ଅଲାଙ୍ଗ ଓ ଆହୁ। ଆପାପାଙ୍ଗ ସବୁଠୁ ଆଗରେ ଥିଲା ଓ ସେ ୬ ଦିନ ଓ ୮ ଘଣ୍ଟାରେ ୬୧୦୦ କିମି ଉଡିଥିଲା। ଆପାପାଙ୍ଗ ଉପରେ କମଳା ରଙ୍ଗ ଲଗା ଯାଇଥିଲା। ଭାରତର ଉତ୍ତରପୂର୍ବରୁ ଉଡିବା ଆରମ୍ଭ କରି ଏହି ପକ୍ଷୀ ଭାରତୀୟ ଉପ ମହାଦ୍ୱୀପ, ଆରବ ସାଗର, ଆଫ୍ରିକାର ଘନ ଜଙ୍ଗଲ ଉପର ଦେଇ କେନିଆରେ ପହଞ୍ଚିଥିଲା।

ସେହିପରି ଏହି ୩ଟି ପକ୍ଷୀ ମଧ୍ୟରୁ ସବୁଠାରୁ ଛୋଟ ତଥା କମ ବୟସ୍କ ଅଲାଙ୍ଗ ଉପରେ ହଳଦିଆ ରଙ୍ଗ ଲଗାଯାଇଥିଲା। ସେ ୬ ଦିନ ୧୪ ଘଣ୍ଟାରେ ୫୬୦୦ କିମି ଉଡିଥିଲା। ଅବଶ୍ୟ ସେ ତେଲଙ୍ଗାନା ଓ ମହାରାଷ୍ଟ୍ରରେ କିଛି ସମୟ ରହିଥିଲା। ସେହିପରି ଆହୁ ଉପରେ ଲାଲ ରଙ୍ଗ ମରାଯାଇଥିଲା। ସେ ସାମାନ୍ୟ ଉତ୍ତର ଆଡକୁ ଗତିକରି ପଶ୍ଚିମ ବାଂଲାଦେଶରେ ଟିକେ ବିଶ୍ରାମ ନେବା ପରେ ୫ ଦିନ ୧୪ ଘଣ୍ଟାରେ ୫୧୦୦ କିମି ଯାତ୍ରା କରି ସୋମାଲିଆର ଉତ୍ତରାଞ୍ଚଳରେ ଥିବା ନିଜ ଠିକଣାରେ ପହଞ୍ଚିଥିଲା। ସେ ନିଜ ବାକି ଦୁଇଟି ସାଥିଙ୍କ ନିକଟକୁ ଯିବା ପାଇଁ କେନିଆ ପହଞ୍ଚିପାରେ।

## ଦେଢ଼ମାସ ପରେ ଆଖି ଖୋଲିଲେ ଅଭିଜିତ୍ ମଜୁମ୍‌ଦାର

ଭୁବନେଶ୍ୱର,୨୧।୧୧(ସମିସ): ସାମାଜିକ ଗଣମାଧ୍ୟମରେ ଅଭିଜିତ ମଜୁମଦାରଙ୍କ ସ୍ୱାସ୍ଥ୍ୟବସ୍ଥା ନେଇ ଗୁଜବ ଆରମ୍ଭ ହୋଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିଛି। ଦୀର୍ଘ ଦେଢ଼ମାସ ପରେ ସେ ଆଖି ଖୋଲିଛନ୍ତି। ଡାକ୍ତରଙ୍କ କଥାକୁ ବୁଝି ସେ ପ୍ରତିକ୍ରିୟା ପ୍ରକାଶ କରୁଥିବା ଜଣାପଡ଼ିଛି। ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥା ସୁଧୁରୁଥିବା ଡାକ୍ତର କହିବା ପରେ ତାଙ୍କ



ପତ୍ନୀ ଆଜି ଅତ୍ୟନ୍ତ ଭାବବିହ୍ୱଳ ହୋଇ କାନ୍ଦି ପକାଇଥିଲେ। ଗୋଟେପଟେ ଜଣେ ଆଗଧାଡ଼ିର ସ୍ୱନାମଧନ୍ୟ କଣ୍ଠଶିଳ୍ପୀଙ୍କୁ ହରାଇ ସାରା ଓଡ଼ିଶାବାସୀ ଦୁଃଖ ପ୍ରକାଶ କରୁଥିବା ବେଳେ ଅଭିଜିତଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ଘଟିବା ଖବର ସଂଗୀତ ପ୍ରେମୀଙ୍କ ପାଇଁ ଆଶ୍ୱସ୍ତି ଆଣି ଦେଇଛି। ଯଥାଶିଘ୍ର ଅଭିଜିତ୍ ଭଲ ହୋଇଯାଆନ୍ତୁ ବୋଲି ପ୍ରଶଂସକମାନେ ପ୍ରାର୍ଥନା କରିଛନ୍ତି। ଗତ ୧୦ ତାରିଖରେ ତାଙ୍କୁ ଭେଣ୍ଟିଲେଟରରୁ ବାହାର କରାଯାଇ ମେଡିସିନ ୱାର୍ଡକୁ ସ୍ଥାନାନ୍ତର କରାଯାଇଥିବା ବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଥିଲା। ହେଲେ ଆଜି ସେ ଆଖି ଖୋଲିଥିବା ଏମ୍‌ସ୍ ପକ୍ଷରୁ ସୂଚନା ଦିଆଯାଇଛି।

ଅଭିଜିତ୍ ଗଣେଶ ପୂଜା ଦିନ ହଠାତ୍ ଅସୁସ୍ଥ ହୋଇ ପଡ଼ିବାରୁ ତାଙ୍କୁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ମାତ୍ର ସ୍ୱାସ୍ଥ୍ୟରେ ଉନ୍ନତି ନ ହେବାରୁ ତାଙ୍କୁ ସେପ୍ଟେମ୍ବର ୪ତାରିଖରେ ଭେଣ୍ଟିଲେଟର ସପୋର୍ଟ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ପ୍ରଥମେ ଟ୍ରମାକେୟାରରେ ରଖାଯାଇ ଚିକିତ୍ସା ଆରମ୍ଭ ହୋଇଥିଲା। ପରେ ତାଙ୍କୁ କ୍ରିଟିକାଲ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ତାଙ୍କ ବ୍ରେନ୍‌ରେ ସୋଡିୟମ୍ କମୁଥିବା ବେଳେ ନିଶ୍ୱାସ ନେବାରେ ସମସ୍ୟା ହେଉଥିବା ଡାକ୍ତର ସୂଚନା ଦେଇଥିଲେ।

# ରାଜ୍ୟ କଂଗ୍ରେସରେ 'ବିଭୀଷଣ' ବିଭାଜନ

ଭୁବନେଶ୍ୱର/ କଟକ,୨୧।୧୧(ସମିସ): ନୂଆପଡ଼ା ଉପନିର୍ବାଚନ ପରାଜୟ ପରେ ପିସିସି ସଭାପତି ଭକ୍ତଙ୍କ ବିଭୀଷଣ ଉପାଖ୍ୟାନ ଏବେ କଂଗ୍ରେସରେ ନିଆଁ ଲଗାଇଛି। ପରାଜୟ ପାଇଁ ପିସିସି ସଭାପତି ନିଜ ଦଳରେ ଥିବା "ବିଭୀଷଣଙ୍କୁ' ଦାୟୀ କରିବା ଓ କାର୍ଯ୍ୟାନୁଷ୍ଠାନ ଧମକ କିଛିଦିନ ହେଲା ନରମିଥିବା କଂଗ୍ରେସର ଆଭ୍ୟନ୍ତରୀଣ କନ୍ଦଳ ଏବେ ତୀବ୍ର ହେବାରେ ଲାଗିଛି।

**ଯଦି ବିଭୀଷଣ ଅଛନ୍ତି, ତେବେ ଦଳରେ ରାବଣ କିଏ: ନିରଞ୍ଜନ**

**ଦଳର ରାଜ୍ୟ ସଭାପତି ତାଙ୍କ ହୃଦୟର କଥାକୁ କହିଛନ୍ତି: ସୁରେଶ**

**ସଭାପତିଙ୍କ ଅଧ୍ୟକ୍ଷତାରେ ବୈଠକରେ ଆଲୋଚନା : ଜୟଦେବ**




ଖୋଦ୍ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ନୂଆପଡ଼ାରେ ଦଳୀୟ ପ୍ରାର୍ଥୀଙ୍କ ପରାଜୟ କେବଳ କଂଗ୍ରେସର ସାଧାରଣ କ୍ଷତି ନୁହେଁ, ବରଂ ଏହା ଦଳର ସମ୍ମାନ ଉପରେ ଗଭୀର ଆଞ୍ଚ ଅଣିଥିବା ରାଜ୍ୟ କଂଗ୍ରେସ ନେତାମାନେ ଦାବି କରୁଛନ୍ତି। ପୂର୍ବ ନିର୍ବାଚନରେ ସ୍ୱାଧୀନ ପ୍ରାର୍ଥୀ ଭାବରେ ମାତ୍ର ୧୧ ହଜାର ଭୋଟ୍ ବ୍ୟବଧାନରେ ପରାଜିତ ହୋଇଥିବା ଘାସିରାମ ମାଝୀଙ୍କୁ ପ୍ରାର୍ଥୀ କଲେ ତାଙ୍କର ଭୋଟ ବ୍ୟାଙ୍କ ବଳରେ ସହଜରେ ବିଜୟ ମିଳିବ ବୋଲି ରାଜ୍ୟ କଂଗ୍ରେସ ନେତୃତ୍ୱ ଆଶା ବାନ୍ଧିଥିଲେ। ମାତ୍ର ପିସିସି ମୁଖିଆଙ୍କ ନେତୃତ୍ୱରେ ନିର୍ବାଚନ ଲଢ଼ିବା ସତ୍ତ୍ୱେ ଶ୍ରୀ ମାଝୀ ଏଥର ରେକର୍ଡ ସଂଖ୍ୟକ ୮୩ ହଜାର ଭୋଟ୍ ବ୍ୟବଧାନରେ କଂଗ୍ରେସ ପରାଜିତ ହେଲା।

ପରାଜୟର ଅନ୍ୟ ଏକ ମୁଖ୍ୟ କାରଣ ଭାବରେ କଂଗ୍ରେସ ଦଳର ଏକ ବିବାଦୀୟ ନିର୍ଦ୍ଦେଶନାମାକୁ ଦାୟୀ କରାଯାଉଛି। ଏହି ନିର୍ଦ୍ଦେଶନାମାରେ କୁହାଯାଇଥିଲା ଯେ ଯେଉଁ ଉପକୂଳବର୍ତ୍ତୀ କଂଗ୍ରେସ ନେତାମାନେ ପ୍ରଚାରରେ ଯିବେ, ସେମାନେ ପ୍ରଥମେ ଶୃଙ୍ଖଳା କମିଟିର ଅଧ୍ୟକ୍ଷଙ୍କଠାରୁ ଅନୁମତି ନେଇ ପ୍ରଚାର ମଇଦାନକୁ ଓହ୍ଲାଇବେ। ଦଳ ଭିତରେ ଏଭଳି କୌଣସି ନିୟମର ନଜିର ପୂର୍ବରୁ ନ ଥିବା ବେଳେ, ଏହାଦ୍ୱାରା ପରୋକ୍ଷରେ ଟାଣୁଆ ନେତାମାନଙ୍କୁ ହେୟଜ୍ଞାନ କରାଗଲା ବୋଲି ଅଭିଯୋଗ ହୋଇଛି। ବିଧାୟକ ତାରାପ୍ରସାଦ ବାହିନୀପତି, ବିଧାୟକ ରମେଶ ଜେନା, ବିଧାୟକ ସୋଫିଆ ଫିର୍ଦ୍ଦୋଶଙ୍କ ଭଳି ଟାଣୁଆ ତଥା ପ୍ରଭାବଶାଳୀ ନେତାମାନଙ୍କୁ ଏହି ଉପନିର୍ବାଚନରେ ଉପେକ୍ଷା କରାଯିବା ଦଳୀୟ ମହଲରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି।

ପରାଜୟ ପରେ ଭକ୍ତ ଦାସଙ୍କର ଟୀପ୍ପଣୀକୁ ଦଳର ନେତାମାନେ ଗ୍ରହଣ କରିପାରୁ ନାହାନ୍ତି। ଏପରିକି କିଛି ନେତା ଏଥିପାଇଁ ଦାସଙ୍କ ବିରୋଧରେ ହାଇକମାଣ୍ଡଙ୍କ ନିକଟରେ ଅଭିଯୋଗ କରବାକୁ ସଜବାଜ ହେଉଥିବା ଜଣାପଡ଼ିଛି।

ପିସିସି ସଭାପତି ଭକ୍ତଙ୍କ 'ବିଭୀଷଣ'କୁ ମୁକାବିଲା ପାଇଁ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ 'ରାବଣ' ପ୍ରସଙ୍ଗର ଅବତାରଣା କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସରେ ଯଦି ବିଭୀଷଣ ଅଛନ୍ତି, ତାହାଲେ ରାବଣ କିଏ? ବିଭୀଷଣ ଯଦି ଚିହ୍ନଟ ହେବେ ତେବେ ରାବଣ କିଏ ତାହା ବି ଚିହ୍ନଟ କରାଯାଉ। ଘର ଠିକ୍ ନଥାଇ ବାହାର ଲୋକଙ୍କୁ ଦାୟୀ କରିବା ଠିକ୍ ନୁହେଁ। ଆମର ନେତାଙ୍କ କଣ ଭୁଲ ଅଛି ତାହା ଆଗେ ଜାଣିବା କଥା। କଂଗ୍ରେସ ଏକ ଧର୍ମ ନିରପେକ୍ଷ ଦଳ। ପିସିସି ସଭାପତି ପରିଶ୍ରମ କଲେ, ଆମେ ମଧ୍ୟ ଗଲୁ। ହେଲେ କଂଗ୍ରେସ ପରାଜୟ ହେଲା କାହିଁକି ତାହାର ସମୀକ୍ଷା ହେବା ଆବଶ୍ୟକ। କିପରି କଂଗ୍ରେସ ସଙ୍ଗଠନ ମଜବୁତ୍ ହେବ ତାହା ଉପରେ ବିଚାର ହେବା କଥା ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେହିପରି ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାୟ କହିଛନ୍ତି ଯେ ପିସିସି ସଭାପତି ତାଙ୍କ ହୃଦୟର କଥା କହିଛନ୍ତି। ମୋକିମ ଜଣେ ଭଲ ସଂଗଠକ ଓ ଆମ ଦଳର ଖୁଣ୍ଟ। ତେଣୁ ଖୁବ୍ ଶୀଘ୍ର ଏ ସମ୍ପର୍କରେ ଆଲୋଚନା କରାଯାଇ ସବୁ ସମାଧାନ କରାଯିବ ବୋଲି ସେ କହିଛନ୍ତି।

ଅନ୍ୟପକ୍ଷରେ କଂଗ୍ରେସ ନେତା ମୋକିମ୍‌ଙ୍କ ସପକ୍ଷରେ ବାହାରିଛନ୍ତି ଦଳର ବରିଷ୍ଠ ନେତା ଜୟଦେବ ଜେନା। ସେ କହିଛନ୍ତି ଯେ ମହମ୍ମଦ ମୋକିମ ଭାଇଚାରର ବିଶ୍ୱାସ କରି ରାଜନୀତି କରୁଛନ୍ତି। ସାରା ରାଜ୍ୟରେ ସେ ଆଦରର ପାତ୍ର। କଂଗ୍ରେସ ସରକାରରେ ନଥିଲା ବେଳେ ସେ ନିର୍ବାଚିତ ହୋଇଥିଲେ, ତାଙ୍କ ଝିଅ ଗତ ନିର୍ବାଚନରେ ଜିତିଛନ୍ତି। ସେ ଭାଇଚାରା ସହରର ପ୍ରତିନିଧି ଓ କଂଗ୍ରେସକୁ ଏକଜୁଟ କରିବା ଓ ଆଗକୁ ନେବା ପାଇଁ ଚେଷ୍ଟା କରନ୍ତି। ୨୩ ତାରିଖ ଦିନ ପିସିସି ସଭାପତିଙ୍କ ଅଧ୍ୟକ୍ଷତାରେ କଂଗ୍ରେସ ନୂଆପଡ଼ା ଫଳାଫଳ ସମୀକ୍ଷା କରିବ। ପଅପରାହ୍ନରେ କଂଗ୍ରେସ ପ୍ରଭାରୀ ମଧ୍ୟ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିବେ ବୋଲି ସେ କହିଛନ୍ତି।

**'ଶୂନ ମୃତାହତ ପକ୍ଷ'ରେ ଅମାନିଆଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ**

# ୪ ଦିନରେ ୨ କୋଟିର ଇ-ଚାଲାଣ

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟରେ ସଡ଼କ ଦୁର୍ଘଟଣା ଜନିତ ମୃତ୍ୟୁ ହ୍ରାସ ଲକ୍ଷ୍ୟରେ ଜାରି ରହିଥିବା "ଶୂନ ମୃତାହତ ପକ୍ଷ'ରେ ଅମାନିଆ ଚାଳକଙ୍କ ଉପରେ କଡ଼ା ଜରିମାନା କରାଯାଉଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କରୁଥିବା ବେପରୁଆ ଗାଡ଼ି ଚାଳକଙ୍କୁ ନିୟନ୍ତ୍ରଣ କରିବାକୁ ରାଜ୍ୟବ୍ୟାପୀ ଧରପଗଡ଼ ଜୋରଦାର ହୋଇଥିବା ବେଳେ ଏହି ୪ ଦିନ ମଧ୍ୟରେ ୨ କୋଟିରୁ ଅଧିକ ଟଙ୍କାର ଇ-ଚାଲାଣ ଜାରି କରାଯାଇଛି। ନଭେମ୍ବର ୧୬ରୁ ଆରମ୍ଭ ହୋଇଥିବା ଏହି ପକ୍ଷରେ ପ୍ରଥମ ଚାରି ଦିନରେ ଏହି ଅର୍ଥରାଶି ଜରିମାନା କରାଯାଇଥିବା ବେଳେ ମୋଟ୍ ୧୨,୧୫୫ ଇ-ଚାଲାଣ ଜାରି ହୋଇଥିବା ପରିବହନ ବିଭାଗ ପକ୍ଷରୁ କୁହାଯାଇଛି।

ସଡ଼କ ବ୍ୟବହାରକାରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଉଭୟ ପରିବହନ ବିଭାଗ ଓ ପୁଲିସ ପ୍ରଶାସନ ଦ୍ୱାରା ଧରପଗଡ଼କୁ କଡ଼ାକଡ଼ି କରାଯାଇଛି। ଦ୍ରୁତଗତି ଯୋଗୁଁ ଦୁର୍ଘଟଣା ଅଧିକ ଘଟୁଥିବାରୁ ଏହା ଉପରେ ବିଶେଷ ନଜର ରଖାଯାଇଛି। କେବଳ ପରିବହନ ବିଭାଗ ଦ୍ୱାରା ଦ୍ରୁତଗତି ବିରୋଧରେ ଶୂନ ମୃତାହତ ପକ୍ଷର ପ୍ରଥମ ଚାରି ଦିନରେ ୩,୮୫୮ ଇ-ଚାଲାଣ ଜାରି କରାଯାଇଥିବା ବେଳେ ବିନା ହେଲମେଟ୍‌ରେ ଦୁଇଚକିଆରେ ଯାଉଥିବାରୁ ୩୨୧୩ ଇ-ଚାଲାଣ ଜାରି କରାଯାଇଛି। ବିନା ସିଟବେଲ୍ଟରେ ୨୯୨୧, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ ବ୍ୟବହାରରେ ୪୯୮, ନିଶା ସେବନ କରି ଗାଡ଼ି ଚଲାଉଥିବା ଯୋଗୁଁ ୧୩୫, ଦୁଇ ଚକିଆରେ ଦୁଇରୁ ଅଧିକ ଯାଉଥିବାରୁ ୬୨୮, ବିପରୀତ ଦିଗରେ ଗାଡ଼ି ଚଲାଉଥିବାରୁ ୨୩୬, ବେଆଇନ ପାର୍କିଂ ଯୋଗୁଁ ୬୬୬ ଚାଲାଣ ଜାରି କରାଯାଇଛି।



**ମହଙ୍ଗା ପଡୁଛି ଦ୍ରୁତଗତି, ବିନା ହେଲମେଟ୍, ବିନା ସିଟ୍‌ବେଲ୍ଟ**

**ସୁନ୍ଦରଗଡ଼ ଆର୍‌ଟିଓ ଅଧୀନରେ ସବୁଠୁ ଅଧିକ ୧୧୮୦ ଚାଲାଣ**

ଏହି ସମୟ ମଧ୍ୟରେ ସୁନ୍ଦରଗଡ଼ ଆରଟିଓ ଅଧୀନରେ ସବୁଠୁ ଅଧିକ ଅର୍ଥାତ ମୋଟ୍ ୧୧୮୦ ଚାଲାଣ ଜାରି ହୋଇଥିବା ବେଳେ ଭୁବନେଶ୍ୱର-୧ ଅଧୀନରେ ୮୪୦, କଟକ ଆରଟିଓରେ ୭୯୧, ତାଳଚେର ଆରଟିଓରେ ୭୪୧, ଭଦ୍ରକ ୭୧୯, ଜଗତସିଂହପୁର ୬୩୨, ରାୟଗଡ଼ାରେ ୫୫୫, ଅନୁଗୁଳରେ ୫୨୦, କଳାହାଣ୍ଡିରେ ୪୬୨, ଯାଜପୁର ୩୯୭, ଗଂଜାମ ୩୩୯ ଓ ବଡ଼ବିଲ ଏଆରଟିଓ ଅଧୀନରେ ୨୭୫ ଚାଲାଣ ଜାରି ହୋଇଛି।

# ନିଯୁକ୍ତି ଆଶାୟୀଙ୍କୁ ମାନସିକ ଓ ଆର୍ଥିକ ନିର୍ଯାତନା

**୫ ଗୁଣା ଅଧିକ ଆବେଦନ ସତ୍ତ୍ୱେ ହୋଲାନି ପ୍ରିଲିମିନାରୀ ପରୀକ୍ଷା**

**ହାଇକୋର୍ଟରେ ଏଲ୍‌ଟିଆର୍ ହିନ୍ଦୀ, ସଂସ୍କୃତ ଓ ପିଇଟି ଶିକ୍ଷକ ମାମଲା**

ଭୁବନେଶ୍ୱର,୨୧।୧୧ (ସମିସ): ଲିଭ୍ ଟ୍ରେନିଂ ଟିଚର୍ (ଏଲ୍‌ଟିଆର୍) ନିଯୁକ୍ତିରେ ବ୍ୟାପକ ଅସଙ୍ଗତି ନେଇ ଅଡୁଆରେ ପଡ଼ିଛି ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି)। ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିବା ସତ୍ତ୍ୱେ ହିନ୍ଦୀ, ସଂସ୍କୃତ ଓ ପିଇଟି ପଦ ପାଇଁ ପ୍ରିଲିମିନାରୀ ପରୀକ୍ଷା ନକରିବା ନିଯୁକ୍ତି ଆଶାୟୀଙ୍କ ପାଇଁ ଘାତକ ହୋଇଛି। ପୂର୍ବରୁ ହିନ୍ଦୀ ପରୀକ୍ଷା ରଦ୍ଦ ହୋଇ ସାରିଛି। ସଂସ୍କୃତ ଓ ହିନ୍ଦୀ ଶିକ୍ଷକ ପଦରେ ନିଯୁକ୍ତି ପାଇଁ ହାଇକୋର୍ଟରେ ମାମଲା ପହଞ୍ଚିଛି। ସରକାରଙ୍କ ତ୍ରୁଟିପୂର୍ଣ୍ଣ ପରୀକ୍ଷା ପରିଚାଳନା ବ୍ୟବସ୍ଥା ପାଇଁ ରାଜ୍ୟର ଲକ୍ଷ ଲକ୍ଷ ମେଧାବୀ ଛାତ୍ରଛାତ୍ରୀ ମାନସିକ ନିର୍ଯାତନା ପାଉଥିବା ଅଭିଯୋଗ ହୋଇଛି।

ଏଲ୍‌ଟିଆର୍ ଶିକ୍ଷକ ନିଯୁକ୍ତି ପାଇଁ ପ୍ରକାଶିତ ବିଜ୍ଞପ୍ତିରେ ସ୍ପଷ୍ଟ ଭାବେ ଉଲ୍ଲେଖ ଥିଲା ଯେ ମୋଟ୍ ପଦର ପାଞ୍ଚଗୁଣାରୁ ଅଧିକ ପ୍ରାର୍ଥୀ ଆବେଦନ କଲେ ପ୍ରିଲିମିନାରୀ ପରୀକ୍ଷା ପରେ ମୁଖ୍ୟ ପରୀକ୍ଷା ହେବ। ଅନ୍ୟଥା ସିଧାସଳଖ ମୁଖ୍ୟ ପରୀକ୍ଷା ଅନୁଷ୍ଠିତ ହେବ। ହେଲେ ହିନ୍ଦି ଶିକ୍ଷକ ପାଇଁ ମୋଟ୍ ୫ ଗୁଣାରୁ ଅଧିକ ପିଲା ଆବେଦନ କରିଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା କରାଯାଇ ନ ଥିବାରୁ ହାଇକୋର୍ଟରେ ମାମଲା ହେବା ପରେ କୋର୍ଟ ପରୀକ୍ଷାକୁ ରଦ୍ଦ କରିବା ସହ ପୁନଃ ପରୀକ୍ଷା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହାପରେ ଓଏସ୍‌ଏସ୍‌ସି ପକ୍ଷରୁ ପୁଣିଥରେ ପ୍ରିଲିମିନାରୀ ପରୀକ୍ଷା ସରିଥିବାବେଳଏ କିଛି ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ଡବଲ୍ ବେଞ୍ଚକୁ ଯାଇଛନ୍ତି। ଫଳରେ ହିନ୍ଦି ଶିକ୍ଷକ ନିଯୁକ୍ତିର ଭାଗ୍ୟ ଅନ୍ଧକାର ମଧ୍ୟରେ ରହିଛି। ସେହିପରି ସଂସ୍କୃତ ଶିକ୍ଷକ ନିଯୁକ୍ତି ପାଇଁ ସାର୍ଟିଫିକେଟ୍ ଯାଞ୍ଚ ସରିଥିଲେ ମଧ୍ୟ ଚୂଡ଼ାନ୍ତ ତାଲିକା ପ୍ରକାଶ କରାଯାଇ ନାହିଁ। କାରଣ ଏହି ପଦ ପାଇଁ ମଧ୍ୟ ୫ଗୁଣାରୁ ଅଧିକ ଆବେଦନ ହୋଇଥିବାବେଳେ ପ୍ରିଲିମିନାରୀ ପରୀକ୍ଷା ହୋଇ ନଥିବାରୁ ହାଇକୋର୍ଟରେ ମାମଲା ହୋଇଛି।

ଅନୁରୂପ ଭାବେ ପିଇଟି ଶିକ୍ଷକ ପଦ ପାଇଁ ପାଞ୍ଚ ଗୁଣାରୁ ଅଧିକ ଆବେଦନକାରୀ ଥିଲେ ମଧ୍ୟ ପ୍ରିଲିମିନାରୀ ପରୀକ୍ଷା ନ କରି ମୁଖ୍ୟ ପରୀକ୍ଷା ମାଧ୍ୟମରେ ନିଯୁକ୍ତି ପ୍ରକ୍ରିୟା ଚୂଡ଼ାନ୍ତ ପ୍ରକ୍ରିୟାରେ ପହଞ୍ଚିଛି। ଏହାକୁ ବିରୋଧ କରି ମାମଲା ହେବା ପରେ ଓଏସ୍‌ଏସ୍‌ସି ଉଚ୍ଚ ନ୍ୟାୟଳୟରେ ଅଜବ ଯୁକ୍ତି ରଖିଛି। ଅନୁସୂଚିତ ଜାତି, ଜନଜାତି ଓ ସାଧାରଣ ବର୍ଗ ପ୍ରାର୍ଥୀଙ୍କ ପାଇଁ ଉର୍ଦ୍ଧିଷ୍ଟ ପଦ ସଂଖ୍ୟାଠାରୁ ପାଞ୍ଚଗୁଣାରୁ କମ୍ ପରୀକ୍ଷାର୍ଥୀ ଆବେଦନ କରିଥିବା ଦର୍ଶାଇବା ସହ କେବଳ ଏସ୍‌ଇବିସି ପିଲା ୫ ଗୁଣାରୁ ଅଧିକ ଆବେଦନ କରିଥିବାରୁ ସେମାନେ କାହିଁକି ସେମାନେ ପ୍ରିଲିମିନାରୀ ପରୀକ୍ଷା କରିବେ ବୋଲି କୋର୍ଟଙ୍କୁ ଜଣାଇଛନ୍ତି। ନିଜେ ନିୟମ କରିବା ପରେ ମଧ୍ୟ ଯଦି ପରୀକ୍ଷା କରିବାକୁ ଓଏସ୍‌ଏସ୍‌ସି ଅସମର୍ଥ ହେଉଛି ତାହେଲେ ଏହି ଆୟୋଗକୁ ଭାଙ୍ଗିଦିଆଯାଉ ବୋଲି ଷ୍ଟୁଡେଣ୍ଟ ଏଗେନଷ୍ଟ କରପସନ୍‌ର ଆବାହକ ବିଭୂତି ଭୂଷଣ ମହାପାତ୍ର ଦାବି କରିଛନ୍ତି। ପରୀକ୍ଷା ଦେଇ ମେଧା ତାଲିକାରେ ସ୍ଥାନ ପାଇଥିବା ଦଳେ ଆଶାୟୀ ରାସ୍ତାରେ ନ୍ୟାୟ ମାଗୁଥିବାବେଳେ ସରକାରୀ ନୀତିର ପ୍ରତାରଣାର ଶିକାର ହୋଇଥିବା ଦଳେ ଆଶାୟୀ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହେଉଛନ୍ତି। ଫଳରେ ଦୀର୍ଘ ୮ ମାସ ହେଲା ସରକାରଙ୍କ ତ୍ରୁଟି ପାଇଁ ପରୀକ୍ଷାର୍ଥୀମାନେ ମାନସିକ ନିର୍ଯାତନା ସହୁଛନ୍ତି ଏବଂ ଆର୍ଥିକ ବୋଝ ମଧ୍ୟ ଉଠାଉଛନ୍ତି।

**ସୋର ପୌରପାଳିକାରେ ଅଚଳାବସ୍ଥା**

## ୬ ପାରିଷଦଙ୍କ ସଭ୍ୟ ପଦ ରଦ୍ଦ

ସୋର, ୨୧।୧୧(ସମିସ): ବିଜେପିରୁ ଇସ୍ତଫା ନଦେଇ ବିଜେଡିରେ ଯୋଗ ଦେଇଥିବାରୁ ରାଜ୍ୟ ନିର୍ବାଚନ କମିସନର୍ ସୋର ପୌରପାଳିକାର ୬ ପାରିଷଦଙ୍କ ସଭ୍ୟପଦ ରଦ୍ଦ କରିଛନ୍ତି। ସେମାନେ ହେଲେ, ରଞ୍ଜନ ଦାସ, ସସ୍ମିତା ଦାସ, ପବିତ୍ର ସେଠୀ, ତନୟରାଣୀ ମହାପାତ୍ର, ଉର୍ମିଳା ରାଉତ ଓ ରୀନାରାଣୀ ସେଠୀ।

ଗତ ୨୦୨୪ ସାଧାରଣ ନିର୍ବାଚନ ବେଳେ ଏହି ୬ ପାରିଷଦ ବିଜେପି ଛାଡ଼ି ବିଜେଡିରେ ମିଶିବା ସହ ବିଜେଡି ବିଧାୟକ ପ୍ରାର୍ଥୀଙ୍କୁ ସମର୍ଥନ କରିଥିଲେ। ଏ ସଂପର୍କରେ ବିଜେପି ନେତା ନଳିନୀକାନ୍ତ ମହାପାତ୍ର ଗତ ୨୦୨୪ ଜୁନ୍ ୩ରେ ନିର୍ବାଚନ କମିଶନଙ୍କୁ ଅଭିଯୋଗ କରିଥିଲେ। ୧୭ ମାସ ପରେ ଆଜି ରାଜ୍ୟ ନିର୍ବାଚନ କମିଶନ ସମସ୍ତ ୬ ପାରିଷଦଙ୍କ ସଭ୍ୟ ପଦକୁ ରଦ୍ଦ କରିଛନ୍ତି।

ଉଲ୍ଲେଖଯୋଗ୍ୟ, ସୋର ପୌରପାଳିକାରେ ୧୯ଟି ୱାର୍ଡ ରହିଥିବା ବେଳେ ଗତ ୨୦୨୨ ମସିହାରେ ଅନୁଷ୍ଠିତ ନିର୍ବାଚନରେ ବିଜେପିରୁ ୧୨ଜଣ କାଉନସିଲର୍ ନିର୍ବାଚିତ ହୋଇଥିଲା ବେଳେ ବିଜେଡିରୁ ୪ଜଣ, କଂଗ୍ରେସରୁ ୩ଜଣ କାଉନସିଲର୍ ନିର୍ବାଚିତ ହୋଇଥିଲେ।

## ଫୁଲ ତୋଳିବା ବେଳେ ବିଦ୍ୟୁତ୍ ଆଘାତ; ଯୁବକ ମୃତ

ନୀଳଗିରି, ୨୧।୧୧(ସମିସ): ଫୁଲଚୋରି ରୋକିବାକୁ ବିଦ୍ୟୁତ୍ ବାଡ଼ ଜଣେ ଯୁବକଙ୍କ ଜୀବନ ନେଇଛି। ଶୁକ୍ରବାର ସକାଳେ ନୀଳଗିରି ସହରରେ ଏପରି ଏକ ଦୁଃଖଦ ଘଟଣା ଘଟିଛି। ମୃତକ ହେଲେ, ନୀଳଗିରି ଏନ୍‌ଏସିର ସାନଅଡା ଗ୍ରାମର ସ୍ୱର୍ଗତ ପୁରୁଷୋତ୍ତମ ଦାସଙ୍କ ପୁଅ ତାପସ ଦାସ(୩୫)। ତାପସ ଆଜି ସକାଳେ ଗ୍ରାମର ଦିଲ୍ଲୀପ କୁମାର ରାଉତଙ୍କ ବାଡ଼ିକୁ ଫୁଲ ତୋଳିବାକୁ ଯାଇଥିଲେ। ମାତ୍ର ଫୁଲଗଛ ଚାରିପାଖେ ବିଦ୍ୟୁତ୍ ତାର ସଂଯୋଗ ହୋଇଥିବା ତାପସ ଜାଣି ପାରିନଥିଲେ। ଫୁଲ ତୋଳିବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ସେ ପ୍ରାଣ ହରାଇଥିଲେ। ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶବକୁ ବ୍ୟବଚ୍ଛେଦ ପାଇଁ ନୀଳଗିରି ମେଡ଼ିକାଲକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛନ୍ତି। ଅପରପକ୍ଷେ, ତାପସଙ୍କ ମା' ସନ୍ଧ୍ୟା ଦାସ ଏନେଇ ନୀଳଗିରି ଥାନାରେ ଅଭିଯୋଗ କରିଛନ୍ତି। ନୀଳଗିରି ବିଦ୍ୟୁତ୍ ବିଭାଗ ଘଟଣାସ୍ଥଳରେ ତଦନ୍ତ କରିଛି।

## ଜାଳିଦେଲେ ଘର; ଥାନାରେ ବିପନ୍ନ

ଭଦ୍ରକ, ୨୧।୧୦ (ସମିସ): ଭଦ୍ରକ ଜିଲ୍ଲା ତିହିଡ଼ି ଥାନା ଅନ୍ତର୍ଗତ ଫତେପୁର ପଞ୍ଚାୟତ ଅଧୀନ ବିଭୂତିପୁର ଗ୍ରାମରେ ଜଣେ ଯୁବକ ସେହି ଗ୍ରାମର ୨ ପରିବାରର ୩ ବଖରା ଗୃହକୁ ପେଟ୍ରୋଲ ପକାଇ ଜାଳି ଦେଇଥିବା ନେଇ ଶୁକ୍ରବାର ଥାନାରେ ଅଭିଯୋଗ ହୋଇଛି। ପୂର୍ବ ଶତ୍ରୁତାରୁ ଯୁବକଜଣକ ଗୁରୁବାର ରାତିରେ ଏହି କାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଛି। ତେବେ ୨ ବିପନ୍ନ ପରିବାର ଥାନାରେ ଆଶ୍ରୟ ନେବା ସହ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଛନ୍ତି। ବିଭୂତିପୁର ଗ୍ରାମର ରଞ୍ଜନ ରାଉତ ଓ ତାଙ୍କ ଭାଇ ଗୌରାଙ୍ଗ ରାଉତଙ୍କ ପରିବାର ସହ ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଜମିଜମାକୁ ନେଇ ଶତ୍ରୁତା ଥିଲା। ଗୁରୁବାର ସରପଞ୍ଚ ଓ ଗ୍ରାମବାସୀଙ୍କ ମାଧ୍ୟମରେ ଏହାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ଅପରପକ୍ଷ ଏହାକୁ ନ ମାନି ବିଭିନ୍ନ ପ୍ରକାର ଧମକ ଦେଇଥିଲେ। ଗୁରୁବାର ରାତି ୧୨ଟା ସମୟରେ ରଞ୍ଜନଙ୍କ ଚାଳ ଛପର ଉପରେ ଚଢ଼ି ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଥିଲେ। ଘରେ ଶୋଇଥିବା ରଞ୍ଜନ ଓ ତାଙ୍କ ଭାଇ ଘର ବାହାରକୁ ଆସି ଘଟଣା ସମ୍ପର୍କରେ ଜାଣିବା ସହ ନିଆଁ ଲଗାଇଥିବା ଯୁବକଙ୍କୁ କାବୁ କରିଥିଲେ। ତେବେ ଯୁବକଜଣକ ରଞ୍ଜନଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଥିଲା। ଅଗ୍ନିକାଣ୍ଡରେ ରଞ୍ଜନ ଓ ତାଙ୍କ ଭାଇଙ୍କର ୩ ବଖରା ଘର ସମ୍ପୂର୍ଣ୍ଣ ଭସ୍ମୀଭୂତ ହୋଇଯାଇଛି।

## ଛୁରି ଭୁସି ବୃଦ୍ଧାଙ୍କୁ ହତ୍ୟା

**ଜମିବାଡ଼ି ବିବାଦ**

ନନ୍ଦପୁର, ୨୧।୧୧ (ସମିସ): ଜମିବାଡ଼ି ବିବାଦରୁ ବୃଦ୍ଧାଙ୍କୁ ହତ୍ୟା। କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ୍ ଅନ୍ତର୍ଗତ ଥିବା ପଞ୍ଚାୟତର ପରଟା ଗ୍ରାମରେ ଏହି ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଝୀମୁ ପ୍ରଧାନୀ। ପୁଲିସ ତାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏନେଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ୬ଜଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସୂଚନାନୁଯାୟୀ, ଜମିବାଡ଼ିକୁ ନେଇ ଗାଁର ଗୋଲରି ଓ ପ୍ରଧାନୀ ପରିବାର ମଧ୍ୟରେ ଗତ ୪୦ ବର୍ଷ ଧରି ବିବାଦ ଜାରି ରହିଛି। ଆଜି ଝୀମୁ ନିଜର ତିନି ପୁଅଙ୍କ ସହ ବିଲକୁ ଧାନ କାଟିବାକୁ ଯାଇଥିବା ବେଳେ ଅପରପକ୍ଷ ସହ ସେମାନଙ୍କ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଅପରଗୋଷ୍ଠୀ ଝୀମୁ ଓ ତାଙ୍କ ୩ ପୁଅଙ୍କୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଥିଲେ। ଏଥିରେ ବୃଦ୍ଧାଙ୍କ ତିନି ପୁଅ ଆଦୁ, ବଳଭଦ୍ର, ଜୟାରମ ଆହତ ହୋଇଥିଲେ। ଦୁର୍ବୃତ୍ତମାନେ ଝୀମୁଙ୍କ ପେଟରେ ଛୁରି ଭୁସିଦେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।

# ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନ ଅଳଙ୍କାର ଗଣତିମଣତି

ପୁରୀ, ୨୧।୧୧ (ସମିସ): ଆସନ୍ତା ଅକ୍ଷୟ ତୃତୀୟା ପୂର୍ବରୁ ରତ୍ନଭଣ୍ଡାର ଅଳଙ୍କାର ଗଣତିମଣତି ସରିବ। ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକା ଅନୁସାରେ ଏହି କାର୍ଯ୍ୟ ସଂପନ୍ନ ହେବ। ରତ୍ନ ଅଳଙ୍କାରଗୁଡ଼ିକର ଡିଜିଟାଇଜେସନ୍ କରାଯିବ। ଆଗକୁ ମହାପ୍ରଭୁଙ୍କ ପହିଲି ଭୋଗ ନୀତି ସହିତ ଇଂରାଜୀ ନୂଆବର୍ଷ ଆସୁଛି, ପୁଣି ମକର ସଂକ୍ରାନ୍ତି ରହିଛି। ତେଣୁ ନୀତିକାନ୍ତିବହୁଳ ସମୟରେ ଗଣତିମଣତି କରାଯିବ ନାହିଁ। ଭକ୍ତଙ୍କ ଦର୍ଶନରେ ଯେପରି ଅସୁବିଧା ନ ହୁଏ, ସେଥିପ୍ରତି ବି ଧ୍ୟାନ ଦିଆଯିବ। ପୂର୍ବରୁ ଗଣତି ମଣତି ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଏସ୍‌ଓପି ପ୍ରସ୍ତୁତ କରାଯିଇଥିବା ବେଳେ ଏବେ ଆଉ ଏକ ଅତିରିକ୍ତ ଏସ୍‌ଓପି ପ୍ରସ୍ତୁତ କରାଯିବ। ମୁଖ୍ୟ ପ୍ରଶାସକ ଏବଂ ନୀତି ସବ୍-କମିଟି ସଦସ୍ୟଙ୍କୁ ନେଇ ଏହା ପ୍ରସ୍ତୁତ ହେବ। ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଶୁକ୍ରବାର ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି।

**ଏଣିକି ଏଟିଏମ୍‌ରେ ବି ଅର୍ପଣ କରିପାରିବେ ଭକ୍ତ**

**ଗଢ଼ାହେବ ମହାପ୍ରଭୁଙ୍କ ସୁନାବେଶର ଆଉ ଏକ ସେଟ୍**

**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର୍ ମଠ ରୁପା ଇଟା**

**ସେବାୟତଙ୍କ କନ୍ୟା ବିବାହ ରାଶି ୧ ଲକ୍ଷ ଟଙ୍କାକୁ ବୃଦ୍ଧି**

**ଖୁବ୍‌ଶୀଘ୍ର ଭକ୍ତଙ୍କ ପାଇଁ ଖୋଲିବ ଗୁଣ୍ଡିଚା ମନ୍ଦିର**



ପ୍ରାୟ ୪ଘଣ୍ଟା ଧରି ବସିଥିବା ଏହି ବୈଠକରେ ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଆଲୋଚନା ହୋଇଥିଲା। ଏ ବାବଦରେ ଗଣମାଧ୍ୟମରେ ପ୍ରତିକ୍ରିୟା ରଖି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍ତି, ନାଟ ମଣ୍ଡପରେ ଶୃଙ୍ଖଳିତ ଧାଡ଼ି ଦର୍ଶନ ନେଇ ଆଲୋଚନା ହୋଇଛି। ସେବାୟତମାନେ କାଠ ରାମ୍ପ ଦେଖିଛନ୍ତି। ତେବେ ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଆଯିବନାହିଁ। ତ୍ରୁଟିଶୂନ୍ୟ ଦର୍ଶନ ବ୍ୟବସ୍ଥା ହେବ। ଏମାର ମଠରୁ ଉଦ୍ଧାର ରୁପାଇଟା ମାମଲା ହାଇକୋର୍ଟରେ ବିଚାରାଧୀନ ରହିଛି। ରୁପାଇଟା କିଭଳି ମହାପ୍ରଭୁଙ୍କ ଅଧୀନକୁ ଆସିବ, ସେନେଇ ସରକାରୀସ୍ତରରେ ମଧ୍ୟ ଆଲୋଚନା ହୋଇଛି। ସେହିପରି, ଶ୍ରୀଜିଉମାନଙ୍କର ଆଉ ଏକ ସୁନା ଅଳଙ୍କାର ସେଟ୍ କରାଯିବ। ସ୍ୱର୍ଣ୍ଣ ଅଳଙ୍କାର ଦାନ ଯୋଜନା ମାଧ୍ୟମରେ ଭକ୍ତ କିମ୍ବା ଆଗ୍ରହୀ ଦାତାଙ୍କୁ ଏଥିପାଇଁ ଆହ୍ୱାନ କରାଯିବ। ପ୍ରୋଟୋକଲ ଦର୍ଶନ ପାଇଁ ଏକ ଏସ୍‌ଓପି କରାଯିବ। ବୈଠକରେ ଶ୍ରୀମନ୍ଦିର ବଜେଟକୁ ଅନୁମୋଦନ କରାଯାଇଛି। ୧୦୪ କୋଟିର ବଳକା ବଜେଟ୍ ଉପସ୍ଥାପନା କରାଯାଇଥିଲା। ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିବା ଭକ୍ତ ପୁରୀର କୌଣସି ଏଟିଏମ୍‌ରୁ ଟଙ୍କା କାଢ଼ିବା ବେଳେ ଗୋଟିଏ ଅପସନ୍ ଦିଆଯିବ। ଆପଣ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କୁ କିଛି ଦାନ ସ୍ୱଇଚ୍ଛାରେ ଦେବାକୁ ଚାହୁଁଛନ୍ତି କି? ଯଦି ହଁ ତେବେ ସେମାନେ ତାଙ୍କ କାର୍ଡ ମାଧ୍ୟମରେ ଦେଇପାରିବେ। ପୁନଶ୍ଚ ଖୁବ୍‌ଶୀଘ୍ର ଗୁଣ୍ଡିଚା ମନ୍ଦିର ଭକ୍ତଙ୍କ ପାଇଁ ଖୋଲାଯିବ। ମାହାଲ ଦିଆ ନଯାଇ ଶ୍ରୀମନ୍ଦିର ପ୍ରଶାସନ ଏହାର ପରିଚାଳନା ଦାୟିତ୍ୱ ନେବ। ସେବକ କଲ୍ୟାଣ ଉପରେ ବିସ୍ତୃତ ଭାବେ ବୈଠକରେ ଆଲୋଚନା କରାଯାଇ ପେନ୍‌ସନ ରାଶି ବୃଦ୍ଧି କରାଯାଇଛି। ବରିଷ୍ଠ ସେବକ ମାସିକ ଭତ୍ତା ୪ ହଜାରରୁ ୫ ହଜାର କରାଯାଇଛି। ଏହା ୨୦୨୬ ଜାନୁୟାରୀରୁ ଲାଗୁ ହେବ। ସେବକ ପରିବାର କନ୍ୟାମାନଙ୍କ ବିବାହ ପାଇଁ ଦିଆଯାଉଥିବା ରାଶି ୫୦ହଜାରରୁ ଏବେ ୧ ଲକ୍ଷ, ପୁତ୍ର ସନ୍ତାନଙ୍କ ବ୍ରତ ରାଶି ୩୦ହଜାରରୁ ୫୦ ହଜାର କରାଯାଇଛି ବୋଲି ମୁଖ୍ୟ ପ୍ରଶାସକ ସୂଚନା ଦେଇଛନ୍ତି। ପୁରୀବାସୀଙ୍କ ସ୍ୱତନ୍ତ୍ର ଦର୍ଶନ ପାଇଁ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ସବ୍ କମିଟି ବିଭିନ୍ନ ଦିଗକୁ ନେଇ ଅନୁଧ୍ୟାନ କରିବା ପରେ ଏସ୍‌ଓପି ପ୍ରସ୍ତୁତ କରାଯାଇ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଇଛି।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପରିଚାଳନା କମିଟି ସଦସ୍ୟ ଡ. ଗିରୀଶ ଚନ୍ଦ୍ର ମୁର୍ମୁ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂଙ୍କ ସମେତ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ।

## ମିଛ ଧରାପଡ଼ିଯିବା ଭୟରେ ସରକାର ଗଣତିମଣତିକୁ ଟାଳୁଛନ୍ତି: ବିଜେଡି

ଭୁବନେଶ୍ୱର,୨୧।୧୧(ସମିସ): ପର୍ଯ୍ୟାୟକ୍ରମେ ଶ୍ରୀମନ୍ଦିର ରତ୍ନ ଭଣ୍ଡାରର ଗଣତି ମଣତି ହେବ ବୋଲି ଶୁକ୍ରବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟକୁ ସମାଲୋଚନା କରିଛି ବିଜେଡି। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି କହିଛନ୍ତି, ନିର୍ବାଚନ ସମୟରେ ବିଜେପି ତରଫରୁ ରତ୍ନ ଭଣ୍ଡାରକୁ ନେଇ ଅନେକ ମିଥ୍ୟା ପ୍ରଚାର କରି ଏହାର ଗଣତି ମଣତି ପାଇଁ ସ୍ୱର ଉଠାଇଥିଲା। ବିଜେପି ତାର ସଙ୍କଳ୍ପ ପତ୍ରରେ କ୍ଷମତାକୁ ଆସିଲେ ଗଣତି ମଣତିର ପ୍ରତିଶ୍ରୁତି ଦେଇଥିଲେ। କିନ୍ତୁ, କ୍ଷମତାକୁ ଆସିବା ପରେ ଗଣତି ମଣତିକୁ ଉପରେ ବିଜେପି ସରକାର ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ଗଣତି ମଣତି ଉପରେ, ଆଜି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଦେଇଥିବା ମନ୍ତବ୍ୟରୁ କେବେ ଏହା କରାଯିବ, ସେନେଇ କୌଣସି ସ୍ପଷ୍ଟତା ନାହି। ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ବାରମ୍ବାର ତାରିଖ ଘୁଞ୍ଚାଇ ଚାଲିଛନ୍ତି। ଆଇନମନ୍ତ୍ରୀ ଓ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ମନ୍ତବ୍ୟ ଭିତରେ କୌଣସି ତାଳମେଳ ନାହିଁ। ମିଛ ପ୍ରଚାର ସବୁ ଧରାପଡିଯିବା ଭୟରେ ବିଜେପି ସରକାର ଗଣତି ମଣତିକୁ ଜାଣି ଶୁଣି ଘୁଞ୍ଚାଉଛନ୍ତି ବୋଲି ଡଃ ମହାନ୍ତି ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି, ଶ୍ରୀମନ୍ଦିରରେ ବ୍ୟବସ୍ଥିତ ଦର୍ଶନ ଓ ପରିକ୍ରମା ପ୍ରକଳ୍ପକୁ ନେଇ ନିର୍ବାଚନ ବେଳେ ବିଜେପି ଅନେକ ପ୍ରଶ୍ନ ଉଠାଇଥିଲା ବେଳେ ଏବେ ଶ୍ରୀମନ୍ଦିରର ଦର୍ଶନ ବ୍ୟବସ୍ଥା ସମ୍ପୂର୍ଣ୍ଣ ରୂପେ ଅବ୍ୟବସ୍ଥିତ ହୋଇଛି। ଭକ୍ତ ମାନଙ୍କ ପାଇଁ ପୂର୍ବରୁ କରାଯାଇଥିବା ଏସି ଟନେଲଟିକୁ ଉଠାଇ ଦିଆଯାଇଛି, ଯେଉଁଥି ପାଇଁ ଦର୍ଶନାର୍ଥୀ ମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ମନ୍ଦିର ଭିତରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହେଉଛି। ଧାଡ଼ି ଦର୍ଶନ ପାଇଁ ଆଇନ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ଫମ୍ପା ଘୋଷଣା ପରିଣତ ହୋଇଛି। ଶ୍ରୀଜଗନ୍ନାଥ ମନ୍ଦିର ଆକ୍ଟ ୧୯୫୫ର ସେକ୍ସନ ୬ ଅନୁଯାୟୀ ମନ୍ଦିର ପରିଚାଳନା କମିଟିରେ ୧୮ ଜଣ ସଦସ୍ୟ ରହିବା କଥା। କିନ୍ତୁ, ସରକାର କେବଳ ଦଶ ଜଣଙ୍କୁ କମିଟିକୁ ମନୋନୀତ କରିଛନ୍ତି। ତେଣୁ ଫୁଲା ଫାଙ୍କିଆ ଢଙ୍ଗରେ ଶ୍ରୀମନ୍ଦିର ପରିଚାଳନା କାର୍ଯ୍ୟ ଚାଲିଛି ବୋଲି ସେ କହିଛନ୍ତି।

ସକାଳ THE SAKALA
ଆମ ଜିଲ୍ଲା
www.sakalaepaper.com


# ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି



**ସାକ୍ଷୀଗୋପାଳ,୨୧।୧୧(ସମିସ):** ସାକ୍ଷୀଗୋପାଳ ମନ୍ଦିରରେ ଦେବ ଦୀପାବଳି ଉପଲକ୍ଷେ ଦୀପଦାନ କରାଯାଇଛି। ସନ୍ଧ୍ୟା ଆରତି ପରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିଥିଲା। ସେହିପରି ଗର୍ଭଗୃହ, ମହାଲକ୍ଷ୍ମୀଙ୍କ ମନ୍ଦିର, ଗରୁଡ଼ ସ୍ତମ୍ଭ, ଅରୁଣ ସ୍ତମ୍ଭ, ମଦନ ମୋହନ ମନ୍ଦିର, ବରାହ ମନ୍ଦିର, ନୃସିଂହ ମନ୍ଦିର, ବାମନ ମନ୍ଦିର, ଅଁଳା ବୃକ୍ଷ, ତମାଳ ବୃକ୍ଷ, ଗୋପେଶ୍ୱର ମହାଦେବ ମନ୍ଦିର, ପାଦପଦ୍ମ ପୀଠ, ତୁଳସୀ ଚଉରା, ସ୍ନାନବେଦୀ, ଜଗମୋହନ, ଗଣେଶ ମନ୍ଦିର, ନବଗ୍ରହ ମନ୍ଦିର, ଗୁମୁଟ ଗଣେଶ, ମହାବୀର, ବୃନ୍ଦାବତୀ ମନ୍ଦିର, ସୂର୍ଯ୍ୟ ନାରାୟଣ ମନ୍ଦିର, ସିଂହଦ୍ୱାର, ଶ୍ରୀରାମ ମନ୍ଦିର, ମସାଣିଆ ମହାବୀର ମନ୍ଦିର, ତ୍ରିନାଥ ମଣ୍ଡପ, ସେବାୟତ ସଂଘ କାର୍ଯ୍ୟାଳୟ, ମହାବୀର ଜାଗା, ମାଳେଶ୍ୱରୀ ଠାକୁରାଣୀ ମନ୍ଦିର, ଘୁମେଇ ଠାକୁରାଣୀ, ହରଚଣ୍ଡୀ ଠାକୁରାଣୀ, ଜାଗେଶ୍ୱରୀ ଠାକୁରାଣୀ, ଶ୍ରୀଶ୍ରୀ ଅନନ୍ତେଶ୍ୱର ଦେବ, ଶ୍ରୀଶ୍ରୀ ରତ୍ନେଶ୍ୱର ଦେବ, ମା ମଉଁନେଇ ଠାକୁରାଣୀ, ଶ୍ରୀ ଶ୍ରୀ ସିଦ୍ଧ ମହାବୀର ମନ୍ଦିର, ଶ୍ରୀଶ୍ରୀ ସିଦ୍ଧ ବଳରାମ ଦେବ ପ୍ରମୁଖ ଦେବଦେବୀଙ୍କ ନିକଟରେ ଦୀପଦାନ କରାଯାଇଥିଲା। ସାକ୍ଷୀଗୋପାଳ ମନ୍ଦିର ମାଳି ସେବାୟତ ମନ୍ଦିର ପରିସରରେ ଦୀପ ପ୍ରସ୍ତୁତ କରି ପ୍ରଜ୍ୱଳନ କରିଥିଲେ।

# ଯୁବ ରେଡ୍‌କ୍ରସ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



**ନିମାପଡ଼ା,୨୧।୧୧(ସମିସ):** ଭାରତୀୟ ରେଡକ୍ରସ୍ ସୋସାଇଟି ରାଜ୍ୟ ଶାଖା ପକ୍ଷରୁ ଏକ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ନିମାପଡ଼ା ବ୍ଲକ୍ କଅଁରପୁରସ୍ଥିତ ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ବାଣିଶ୍ରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଡଃ. ଜ୍ୟୋତ୍ସ୍ନାରାଣୀ ବସ୍ତିଆଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ନିମାପଡ଼ା ତହସିଲଦାର ଡଃ ମନୋଜ ପ୍ରଧାନ, ରେଡକ୍ରସ୍ ସୋସାଇଟି ରାଜ୍ୟ ସଂଯୋଜକ ଡ. ଗୋପାଳ ଚନ୍ଦ୍ର ମିଶ୍ର, ଜିଲ୍ଲା ସଂଯୋଜକ ରବିନାରାୟଣ ସାହୁ, ଜିଲ୍ଲା କନ୍‌ଭେନର୍ ଡ. ଶୋଭନା ମିଶ୍ର, ରେଡକ୍ରସ୍ ଅଧିକାରୀ ଡ. ରମେଶ ଚନ୍ଦ୍ର ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ଏକ ସାମୁହିକ ଶପଥ ପାଠ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସମାରୋହରେ ଅନୁଷ୍ଠାନ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟରେ ଅନୁଷ୍ଠିତ ହେଉଥିବା ୪୨ଟି କ୍ୟାମ୍ପରେ ୫ ହଜାରରୁ ଊର୍ଦ୍ଧ୍ୱ ଅଗ୍ରଣୀ ସ୍ୱେଚ୍ଛାସେବୀଙ୍କୁ ରେଡକ୍ରସ୍ ପକ୍ଷରୁ ତିନିଦିନିଆ ଶିକ୍ଷା ଓ ପ୍ରଶିକ୍ଷଣ ଦିଆଯାଇଥିବା ଜଣାପଡ଼ିଛି। ପୁରୀ ଜିଲ୍ଲାର ପ୍ରଥମ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ନିମାପଡ଼ାରେ ଆରମ୍ଭ ହୋଇଛି। ସଡ଼କ ସୁରକ୍ଷା, ବିପର୍ଯ୍ୟୟ ପରିଚାଳନା, ଏଚ୍‌ଆଇଭି, ସାଇବର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ, ପ୍ରାକୃତିକ ଚିକିତ୍ସା ଆଦି ୧୦ଟି ବିଷୟ ଉପରେ ଆଲୋଚନା କରାଯାଉଛି। ପାଠ ସହିତ ସ୍ୱେଚ୍ଛାସେବୀ ଉପରେ ପିଲାମାନେ କିଭଳି ସମୟ ବାହାର କରି ଉପଯୋଗ କରିବେ ସେ ସମ୍ପର୍କରେ ଉପସ୍ଥିତ ଅତିଥି ଓ ରେଡକ୍ରସ୍‌ର କର୍ମକର୍ତ୍ତାମାନେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ୩ଦିନ ବ୍ୟାପି ଆୟୋଜିତ ଶିବିରରେ ପୁରୀ ଜିଲ୍ଲାର ୩୨ଟି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧୫୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

# ଜାହାନିଆ ସମୁଦ୍ରକୂଳରେ କୁମ୍ଭୀର!

**ଅସ୍ତରଙ୍ଗ,୨୧।୧୧(ସମିସ):** ପୁରୀ ଜିଲ୍ଲା ଅସ୍ତରଙ୍ଗର ପର୍ଯ୍ୟଟନସ୍ଥଳ ପୀର ଜାହାନିଆ ସମୁଦ୍ର କୂଳରେ ଏକ କୁମ୍ଭୀର ଶୁକ୍ରବାର ମାଧ୍ୟାହ୍ନରେ ଦେଖିବାକୁ ମିଳିଛି। ବେଳାଭୂମି ବୁଲିବାକୁ ଆସିଥିବା କିଛି ପର୍ଯ୍ୟଟକ କୁମ୍ଭୀର ଦେଖି ମୋବାଇଲରେ ଫଟୋ ଉଠାଇଛନ୍ତି। ଯାହାକି ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଛି। ଏହାକୁ ନେଇ ଏହି ସମୁଦ୍ର ବେଳାଭୂମିକୁ ବୁଲିବାକୁ ଯାଉଥିବା ପର୍ଯ୍ୟଟକ ଭୟଭୀତ ହୋଇଛନ୍ତି। ଏଥିସହ ଜାହାନିଆ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ ସତର୍କ ହେବାକୁ ସ୍ଥାନୀୟ ଲୋକେ କହିଛନ୍ତି।

## ସୂର୍ଯ୍ୟମନ୍ଦିର ପରିସରରେ 'ଲାଇଟ୍ ଆଣ୍ଡ ସାଉଣ୍ଡ ଶୋ'

# 'କୋଣାର୍କ ଆମ ଅନୁପମ ସଂସ୍କୃତିର ନିର୍ବାଚିତ ପ୍ରତୀକ'

**କୋଣାର୍କ,୨୧।୧୧(ସମିସ)**



ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପ୍ରାଙ୍ଗଣରେ ଲାଇଟ୍ ଓ ସାଉଣ୍ଡ ଶୋ' ଅପ୍‌ଗ୍ରେଡେସନ୍ ପ୍ରକଳ୍ପକୁ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ସେ କହିଥିଲେ ଯେ କୋଣାର୍କ ସୂର୍ଯ୍ୟମନ୍ଦିର ଆମ ଅନୁପମ ସଂସ୍କୃତିର ଏକ ନିର୍ବାଚିତ ପ୍ରତୀକ। ଶିଳା ଉପରେ ଖୋଦିତ ସୂର୍ଯ୍ୟରଥ, ସୂକ୍ଷ୍ମ ନୃତ୍ୟରତା ମୂର୍ତ୍ତି, ସାହିତ୍ୟ, କବିତା ଓ ସ୍ଥାପତ୍ୟର ଗୁହ୍ୟ ମାଧୁରୀ ସମ୍ପନ୍ନ ଏହି ଐତିହ୍ୟସ୍ଥଳୀକୁ ମାନବ ସୃଜନଶୀଳତାର ଅପରିମିତ କୃତି ଭାବେ ବିଶ୍ୱ ମାନ୍ୟତା ମିଳିଛି। ଏହି ପ୍ରକଳ୍ପ ପାଇଁ ୬ କୋଟି ୨୦ ଲକ୍ଷ ୬ ହଜାର ଟଙ୍କା ମଞ୍ଜୁର କରାଯାଇଛି ବୋଲି କହିଥିଲେ। ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗକରି ଉକ୍ତ ଗୌରବମୟ ଐତିହ୍ୟଟିକୁ ବିଶ୍ୱ ସମ୍ମୁଖରେ ଆହୁରି ଭଲ ଭାବରେ ପରିଚିତ କରିବା ଉଦ୍ଦେଶ୍ୟରେ ଆଜି ଏହି "ଲାଇଟ୍ ଏବଂ ସାଉଣ୍ଡ ଶୋ'ର ସମ୍ପୂର୍ଣ୍ଣ ଆଧୁନିକୀକରଣର ଉଦ୍‌ଘାଟନ କରାଯାଇଛି ବୋଲି ଶ୍ରୀମତୀ ପରିଡ଼ା କହିଥିଲେ। ପୂର୍ବରୁ ୨୦୦ ଜଣଙ୍କ ସାମର୍ଥ୍ୟ ଥିବା ବସିବା ବ୍ୟବସ୍ଥାକୁ ବିସ୍ତାରିତ କରି ୩୦୦ ଜଣ ପରିଦର୍ଶକଙ୍କ ପାଇଁ ବ୍ୟବସ୍ଥା ହୋଇଛି। ଏଥିରେ ଯୋଡ଼ି ହୋଇଛି ହାଇ-ଏଣ୍ଡ ୩ଡି ପ୍ରୋଜେକ୍ସନ୍ ମ୍ୟାପିଂ, ଉନ୍ନତ ଲେଜର ଏବଂ ଏଲଇଡି ଆଲୋକ ବ୍ୟବସ୍ଥା, ଡଲ୍‌ବି ଲେବଲ୍ ସାଉଣ୍ଡ ସିଷ୍ଟମ୍, ନୂତନ କଳାତ୍ମକ ବ୍ୟାଖ୍ୟା, ବହୁଭାଷାର ସୁବିଧା, ସୁରକ୍ଷିତ ଓ ଜଳବାୟୁ-ଅନୁକୂଳ ଉପକରଣ। ଏହା ଉଦ୍‌ଘାଟିତ ହେବାଦ୍ୱାରା ପର୍ଯ୍ୟଟକମାନେ କୋଣାର୍କର ରଥକୁ, ତାହାର ଗୌରବ, ଇତିହାସ, ପରମ୍ପରାକୁ କେବଳ ଦୃଶ୍ୟ ଭାବରେ ନୁହେଁ ଅଭୂତପୂର୍ବ ଅନୁଭୂତି ଭାବରେ ଅନୁଭବ କରିପାରିବେ।

## କୋଣାର୍କ ଉତ୍ସବ ପ୍ରସ୍ତୁତି ବୈଠକ

# ପ୍ରତ୍ୟହ ସନ୍ଧ୍ୟାରେ ଆକର୍ଷଣ ପାଲଟିବ ଓଡ଼ିଶୀ ନୃତ୍ୟ

**କୋଣାର୍କ,୨୧।୧୧(ସମିସ):** ଚଳିତ ବର୍ଷର କୋଣାର୍କ ଉତ୍ସବ ପାଇଁ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସେହିପରି ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ନିମନ୍ତେ ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ଯାତ୍ରୀନିବାସ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନ ବିଭିନ୍ନ ସାମାଜିକ ଗଣମାଧ୍ୟମରେ ଉତ୍ସବର ବ୍ୟାପକ ପ୍ରଚାର ପ୍ରସାର କରାଯିବ। ପ୍ରତି ଜିଲ୍ଲାର ସଂସ୍କୃତି ବିଭାଗ ପକ୍ଷରୁ ନିଜ ଖର୍ଚ୍ଚରେ କୋଣାର୍କ ଉତ୍ସବର ସିଧା ପ୍ରସାରଣ କରିବେ। ଚନ୍ଦ୍ରଭାଗା ବେଳାଭୂମିରେ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ ଓ ସୁଭଦ୍ରା ଶକ୍ତି ମେଳା ଆୟୋଜିତ ହେବ। ବାଲୁକା କଳା ଉତ୍ସବରେ ୩୫ଟି ଷ୍ଟଲରେ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ କୋଣାର୍କ ଡାକ୍ତରଖାନାରେ ୩ଟି ଆମ୍ବୁଲାନ୍ସ ମହଜୁଦ୍ ରଖିବାକୁ ଉପମୁଖ୍ୟମନ୍ତ୍ରୀ ପୁରୀ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଓଟିଡିସି ପକ୍ଷରୁ ମୁକ୍ତାକାଶ ରଙ୍ଗମଞ୍ଚର ମରାମତି, ସାଜସଜ୍ଜା ଓ କଳାକାରମାନଙ୍କ ରହିବା ବ୍ୟବସ୍ଥା କରାଯାଉଛି। କୋଣାର୍କ ଏନ୍‌ଏସି କର୍ତ୍ତୃପକ୍ଷ ସ୍ୱଚ୍ଛତା ଓ ବୁଲାଗୋରୁ




ସଚିବ ବଲୱନ୍ତ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଜ୍ୟ ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ବିଭିନ୍ନ ବିଭାଗ ଦ୍ୱାରା ପରିଚାଳିତ ପ୍ରସ୍ତୁତି ବ୍ୟବସ୍ଥାର ସମୀକ୍ଷା କରିବା ସହିତ ଆବଶ୍ୟକୀୟ ପରାମର୍ଶ ଦେଇଥିଲେ। ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଲେ ଯେ, ଚଳିତବର୍ଷ କୋଣାର୍କ ଉତ୍ସବର ପ୍ରତି ସନ୍ଧ୍ୟାରେ ମୁକ୍ତାକାଶ ରଙ୍ଗମଞ୍ଚରେ ଗୋଟିଏ ପର୍ଯ୍ୟାୟ ଓଡ଼ିଶୀ ନୃତ୍ୟ ଏବଂ ଅନ୍ୟ ଗୋଟିଏ ଶାସ୍ତ୍ରୀୟ ନୃତ୍ୟ ପରିବେଷଣ କରାଯିବ। ଏହାଦ୍ୱାରା ଓଡ଼ିଆ ଅସ୍ମିତା ସଶକ୍ତ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ। ଦୂରଦର୍ଶନ, ବିଦ୍ୟୁତ ଓ ଛାପା ଗଣମାଧ୍ୟମ ସମେତ ଦେଶବିଦେଶର ୧୩୨ଜଣ ବାଲୁକାଶିଳ୍ପୀ ନିଜର କଳାକୃତି ପ୍ରଦର୍ଶନ କରିବେ। ସୁଭଦ୍ରା ଶକ୍ତି ମେଳା ନିମନ୍ତେ ବେଳାଭୂମିରେ ୧୫୦ଟି ଷ୍ଟଲ୍ ନିର୍ମାଣ କରାଯିବ। ଏଥିରେ ପ୍ରାୟ ୨୫୦ ମହିଳା ଗୋଷ୍ଠୀ ନିଜ ନିଜର ସାମଗ୍ରୀ ପ୍ରଦର୍ଶନ କରିବେ। ହେଲିପ୍ୟାଡ୍‌ରେ ମୀନା ବଜାର ଓ ଯାତ୍ରାପାର୍ଟି ପଡ଼ିବ। କୋଣାର୍କରୁ ଚନ୍ଦ୍ରଭାଗା ରାସ୍ତାରେ ପ୍ରତ୍ୟହ ଲକ୍ଷାଧିକ ଯାତ୍ରୀଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଗାଡ଼ି ପାର୍କିଂ, ପାନୀୟ ଜଳ, ସ୍ୱାସ୍ଥ୍ୟ, ଟ୍ରାଫିକ ନିୟନ୍ତ୍ରଣ, ସ୍ୱଚ୍ଛତା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଉପମୁଖ୍ୟମନ୍ତ୍ରୀ ପୁରୀ ଜିଲ୍ଲାପାଳ ଓ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆପାତକାଳୀନ ନିୟନ୍ତ୍ରଣ ବ୍ୟବସ୍ଥା କରିବେ। କୋଣାର୍କ ଓ ଚନ୍ଦ୍ରଭାଗାର ପ୍ରମୁଖ ସ୍ଥାନରେ ସିସିଟିଭି କ୍ୟାମେରା ଲଗାଯାଇଥିବା ଏନ୍‌ଏସି ନିର୍ବାହୀ ଅଧିକାରୀ ସୂଚନା ଦେଇଛନ୍ତି। ପ୍ରସ୍ତୁତି ବୈଠକରେ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ, ପୁରୀ ଜିଲ୍ଲାପାଳ, ପର୍ଯ୍ୟଟନ ବିଭାଗ ସଚିବ, ନିର୍ଦ୍ଦେଶକ, ପୁରୀ ଆରକ୍ଷୀ ଅଧୀକ୍ଷକ, ସିଡିଏମଓ, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ, ଓଟିଡିସି, ଜନସ୍ୱାସ୍ଥ୍ୟ, ଏଏସ୍‌ଆଇ, ଏନ୍‌ଏସି କର୍ତ୍ତୃପକ୍ଷଙ୍କ ସମେତ ଉତ୍ସବ ସହିତ ଜଡ଼ିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ପ୍ରସ୍ତୁତି କାର୍ଯ୍ୟର ବିବରଣୀ ପ୍ରଦାନ କରିଥିଲେ।

# ଖବର ପ୍ରସାରଣ ପରେ ବରଗଛ କାଟିଲା ବିଦ୍ୟୁତ୍ ବିଭାଗ



**ଅସ୍ତରଙ୍ଗ,୨୧।୧୧(ସମିସ):** ଦୀର୍ଘ ଦିନ ହେଲା ଅସ୍ତରଙ୍ଗ ବିଦ୍ୟୁତ୍ ବିଭାଗ ଦ୍ୱାରା ଅସ୍ତରଙ୍ଗ-କାକଟପୁର ମୁଖ୍ୟ ରାସ୍ତାର କୁହୁଡ଼ି ଛକରେ ଏକ ବରଗଛ ଡାଳରେ ଇନ୍‌ସୁଲେଟର ବନ୍ଧା ଯାଇ ୧୧କେଭି ବିଦ୍ୟୁତ ତାର ଟଣା ଯାଇଥିଲା। ଫଳରେ ସାମାନ୍ୟ ବର୍ଷା ପବନ ହେଲେ ସେଠାରେ ସ୍ପାର୍କିଙ୍ଗ ହୋଇ ନିଆଁ ଝୁଲ ଖସୁଥିଲା। ଯାହାକୁ ନେଇ ଅଞ୍ଚଳବାସୀ ଭୟଭୀତ ହେବା ସହ ବିପଦ ସୃଷ୍ଟି କରୁଥିଲା। ଏଭଳି ବିପଦପୂର୍ଣ୍ଣ ଭାବେ ବିଦ୍ୟୁତ୍ ଯୋଗାଣ ହେଉଥିବା ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗ ନିକଟରେ ଅଭିଯୋଗ କରିବା ସହ ବିଭିନ୍ନ ଗଣମାଧ୍ୟମରେ ଏ ନେଇ ଖବର ପ୍ରସାରଣ ହୋଇଥିଲା। 'ବିଦ୍ୟୁତ୍ ବିଭାଗର ମୃତ୍ୟୁ ଯନ୍ତା' ଶୀର୍ଷକ ଖବର ପ୍ରସାରଣ ପରେ ଏବେ ବିଭାଗର ଚେତା ପଶିଛି। ଫଳରେ ବିଭାଗ ତତ୍ପରତା ଦେଖାଇବା ସହ ଶୁକ୍ରବାର ଅଗ୍ନିଶମ ବାହିନୀ ସହାୟତାରେ ଗଛ କାଟି ସୁରକ୍ଷିତ ବିଦ୍ୟୁତ୍ ଯୋଗାଣ ପାଇଁ ବ୍ୟବସ୍ଥା କରିଛି। ଫଳରେ ଅଞ୍ଚଳବାସୀ ଆଶ୍ୱସ୍ତ ହୋଇଛନ୍ତି।

# ଦୋକାନ କର୍ମଚାରୀଙ୍କୁ ଧକ୍କା ଦେଇ ମୋବିଲ୍ ନେଇଗଲେ

**କାକଟପୁର,୨୧।୧୧(ସମିସ):** ଚନ୍ଦନ ବଜାରରେ ଥିବା ମା' ମଙ୍ଗଳା ଏକ ମୋଟର ପାର୍ଟ୍ସ ଦୋକାନର କର୍ମଚାରୀଙ୍କୁ ଧକ୍କା ଦେଇ ଜଣେ ବ୍ୟକ୍ତି ପେଟି ଭର୍ତ୍ତି ମୋବିଲ୍ ନେଇଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୋବିଲ୍ ନେଇଥିବା ବ୍ୟକ୍ତି ଜଣଙ୍କ ହେଲେ ଶେଖ୍ ୱାସିମ୍। ସୂଚନା ଅନୁଯାୟୀ ଶେଖ ୱାସିମ ଏହି ଦୋକାନରେ ଏକ ବ୍ୟାଟେରୀର ୱାରିଣ୍ଟି ସମସ୍ୟା ସମାଧାନ ପାଇଁ ଦେଇଥିଲେ। ମାତ୍ର ସମସ୍ୟା ସମାଧାନ ହେବା ବିଳମ୍ବ ହେବାରୁ ୱାସିମ ଉତ୍ତ୍ୟକ୍ତ ହୋଇ ଦୋକାନରେ ଥିବା କର୍ମଚାରୀ ମଣ୍ଟୁଙ୍କୁ ଗାଳିଗୁଲଜ କରିବା ସହିତ ଧକ୍କା ଦେଇ ଦୋକାନ ଭିତରକୁ ପଶି ଏକ ମୋବିଲ ପେଟି ନେଇଯାଇଥିଲେ। ଏ ସଂକ୍ରାନ୍ତରେ ଦୋକାନର କର୍ମଚାରୀ ଥାନାରେ ଲିଖିତ ଅଭିଯୋଗ କରିଥିବା ଜଣାପଡ଼ିଛି।



# ନୟାହାଟ କଲେଜ୍‌ରୁ ଛାତ୍ରୀ ନିଖୋଜ

**ନୟାହାଟ,୨୧।୧୧(ସମିସ):** ନୟାହାଟ କଲେଜକୁ ନିୟମିତ ଆସୁଥିବା ଜଣେ ନାବାଳିକା ନିଖୋଜ ହେବା ନେଇ ଗୋପ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ, ନୟାହାଟ କଲେଜ କ୍ୟାମ୍ପସରେ ସାଇକଲ ଥିବାବେଳେ ଝିଅ ଘରକୁ ନ ଫେରିବାରୁ ଝିଅର ବିଧବା ମା' ଖୋଜା ଖୋଜି କରି ନ ପାଇବାରୁ ପରେ ଶେଷରେ ଗୋପ ପୁଲିସର ଦ୍ୱାରସ୍ଥ ହୋଇଥିଲେ। ଗୋପ ଥାନା କେଶ୍ ନମ୍ବର ୩୮୯/୨୫ରେ ଏକ ମାମଲା ରୁଜୁ କରି ନୟାହାଟ କଲେଜକୁ ଆସି ତଦନ୍ତ ଆରମ୍ଭ ଚଳାଇଛନ୍ତି।

# ବ୍ଲକ୍‌ସ୍ତରୀୟ ଯୁବ ଉତ୍ସବ ଉଦ୍‌ଘାଟିତ

**କୃଷ୍ଣପ୍ରସାଦ,୨୧।୧୧(ସମିସ):** ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ନୂଆପଡ଼ାସ୍ଥିତ ରୁକ୍ମଣୀ ଦେବୀ ଚିଲିକା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ବିକଶିତ ଭାରତ ଯୁବ ଉତ୍ସବ -୨୦୨୫ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଧର୍ମାନନ୍ଦ ପଲେଇ ଉଦ୍‌ଘାଟନ କରିଥିବାବେଳେ ମୁଖ୍ୟ ଅତିଥି ଭାବେ କୃଷ୍ଣପ୍ରସାଦ ବିଡିଓ ଅମିୟ କୁମାର ପଣ୍ଡା ଛାତ୍ରଛାତ୍ରୀଙ୍କ ଲୁକ୍କାୟିତ ପ୍ରତିଭା ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାକ୍ତନ ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା, ବରିଷ୍ଠ ଅଧ୍ୟାପକ ପ୍ରଦୀପ୍ତ କୁମାର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ତୀର୍ଥ ତଥାଗତ ଆଇଚ, ସହକାରୀ ଯନ୍ତ୍ରୀ ବିଜୟାନନ୍ଦ ଗୋଚ୍ଛାୟତ, ସିପି ପ୍ରଭାତ କୁମାର ଜେନା, କନିଷ୍ଠ ଯନ୍ତ୍ରୀ ଜିତେନ୍ଦ୍ର ଦାସ, ଅମିୟ କୁମାର ପଣ୍ଡା, ବେଗା ହାଁସଦା, ଯୋଗାଣ ଅଧିକାରୀ ସଞ୍ଜ ଦର୍ଶନ ଦାସ, ଏସିପି ସୌଭାଗ୍ୟ କୁମାର ବଳିୟାରସିଂହ, ରାଜସ୍ୱ ସହାୟକ କାଶୀମ ମହମ୍ମଦ, ସମାଜ ମଙ୍ଗଳ ଅଧିକାରିଣୀ ଶୁଭଲକ୍ଷ୍ମୀ ପାତ୍ର, ଆଲୋକ କୁମାର ଖୁଣ୍ଟିଆ, ଅଧ୍ୟାପକ ପ୍ରସନ୍ନ କୁମାର ସାହୁ, ଅଧ୍ୟାପକ ଦିଲ୍ଲୀପ କୁମାର ଜେନା, ଅଧ୍ୟାପିକା ବାସନ୍ତୀ ସେଠୀ, ଅଧ୍ୟାପକ ଯୁବରାଜ ଖୁଣ୍ଟିଆ, ମହାବିଦ୍ୟାଳୟର ମୁଖ୍ୟ କିରାଣୀ ଲକ୍ଷ୍ମୀଧର ପ୍ରଧାନ, ଗ୍ରନ୍ଥାଗାରିକ ଦୁଷ୍ମନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ଗୋପାଳ କୃଷ୍ଣ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ପଞ୍ଚାୟତ କଲେଜ ସାତପଡ଼ା, ହରିଶ୍ୱର ଦେବ ଧନ୍ଦା ମୂଳକ ମହାବିଦ୍ୟାଳୟ ପଣସପଦା, ରାମଚଣ୍ଡୀ ଚିଲିକା ମହିଳା ମହାବିଦ୍ୟାଳୟ ତିତିପ, କନ୍ଧାଖାଇ ମହାବିଦ୍ୟାଳୟ, ଆଇଟିଆଇ କଲେଜ, ରୁକ୍ମଣୀ ଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଡିଗ୍ରୀ କଲେଜର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପାରମ୍ପରିକ ଲୋକନୃତ୍ୟ, ଲୋକଗୀତ, ବକ୍ତୃତା, ଚିତ୍ରାଙ୍କନ, କବିତା ଲିଖନ ଓ ଗଳ୍ପ ଲିଖନ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଚାରକ ଭାବେ ବ୍ଲକ କଳା ସାହିତ୍ୟ ସଂସ୍କୃତି ସଂଘର ଉପ ସଭାପତି ବିଜୟ କୁମାର ପଣ୍ଡା, ରୁକ୍ମଣୀ ଦେବୀ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ମିଶ୍ର, ବରିଷ୍ଠ କଳାକାର ମୋହନ ଜେନା ପ୍ରମୁଖ ଯୋଗଦେଇଥିଲେ। ୨୧ ଜଣଙ୍କୁ ଜିଲ୍ଲାସ୍ତରୀୟ ଯୁବ ମହୋତ୍ସବରେ ଭାଗ ନେବା ପାଇଁ ମନୋନୀତ କରାଯାଇଥିଲା। କୃତୀ ପ୍ରତିଯୋଗୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରାଯାଇଥିଲା।



# ଯୁବକଙ୍କ ଦରପୋଡ଼ା ଶବ ଜବତ କଲା ପୁଲିସ

**କୋଣାର୍କ, ୨୧।୧୧(ସମିସ):** କୋଣାର୍କ ପୁଲିସ ଜଣେ ଅଜଣା ଯୁବକଙ୍କ ଦରପୋଡ଼ା ଶବକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇଛି। ଗୁରୁବାର ରାତିରେ ଦୁର୍ବୃତ୍ତମାନେ ଯୁବକଙ୍କୁ ହତ୍ୟା କରି ନିଆଁ ଲଗାଇଦେଇଥିଲେ। କୋଣାର୍କ-କାକଟପୁର ରାସ୍ତାର ରଇତି ସାହିଠାରେ ଏକ ବିଲରେ ଅର୍ଦ୍ଧଦଗ୍ଧ ମୃତ ଶରୀର ପଡ଼ିଥିବା ସ୍ଥାନୀୟ ଲୋକେ ଦେଖି ପୁଲିସକୁ ସୂଚନା ଦେଇଥିଲେ। ଯୁବକଙ୍କ ଆନୁମାନିକ ବୟସ ୩୦ବର୍ଷ ହେବ। ଯୁବକଙ୍କ ମୁଣ୍ଡରେ ଶକ୍ତ ଆଘାତଜନିତ ଗଭୀର କ୍ଷତ ଥିବା ଦେଖିବାକୁ ମିଳିଛି। ହତ୍ୟା ପରେ ପେଟ୍ରୋଲ ଢାଳି ଶରୀରକୁ ପୋଡ଼ି ଦିଆଯାଇଥିବା ପୁଲିସ ସନ୍ଦେହ କରୁଛି। ଯୁବକଙ୍କ ମୁହଁ ସମ୍ପୂର୍ଣ୍ଣ ପୋଡ଼ି ଯାଇଥିବାରୁ ଚିହ୍ନିବା କଷ୍ଟସାଧ ହୋଇଛି। ବୁଧବାର କୋଣାର୍କ ଉତ୍ସବରେ ସୁରକ୍ଷା ବ୍ୟବସ୍ଥା କଡାକଡି ନିମନ୍ତେ ସ୍ଥାନୀୟ ଯାତ୍ରୀନିବାସରେ ପୁରୀ ଏସ୍‌ପିଙ୍କ ପ୍ରସ୍ତୁତି ବୈଠକ ଏବଂ ଗୁରୁବାର ସଂଧ୍ୟାରେ କୋଣାର୍କ ବଜାରରେ ଏସପି ପ୍ରତୀକ ସିଂଙ୍କ ଉପସ୍ଥିତିରେ ପୁଲିସର ଫ୍ଲାଗ ମାର୍ଚ୍ଚ ପରେ ପରେ ଏପରି ଅଭାବନୀୟ ଘଟଣା ପୁଲିସକୁ ଖୋଲା ଚାଲେଞ୍ଜ ବୋଲି ଚର୍ଚ୍ଚା ହେଉଛି।


BEST OFFER
SALE
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar.
Contact Gadhwal Group.
9437015112


# ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣିସମ୍ପଦ ମେଳା

**କଣାସ,୨୧।୧୧(ସମିସ)**



କଣାସ ବ୍ଲକ୍‌ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆଜି ଗଡ଼ସାହି ପଞ୍ଚାୟତର ଜଙ୍କିଆ ମେଳଣ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ମେଳାରେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଏହି ମେଳାରେ ଜିଲ୍ଲାପରିଷଦ ସଭ୍ୟା ଲତାମଣି ଜଗଦ୍ଦେବ, ଆତ୍ମା ଅଧ୍ୟକ୍ଷ ବିଶ୍ୱଭୂଷଣ ମଙ୍ଗରାଜ, କଣାସ ମଣ୍ଡଳ ଉନ୍ନୟନ ଅଧିକାରୀ ସୌମ୍ୟରଞ୍ଜନ ସ୍ୱାଇଁ, ପୁରୀ ଜିଲ୍ଲା ମତ୍ସ୍ୟ ଓ ପ୍ରାଣୀ ସମ୍ପଦର ସହ ଅଧିକାରିଣୀ ସୋନାଲି ପଣ୍ଡା, ପୁରୀ ଜିଲ୍ଲା ପଶୁ ଚିକିତ୍ସା ବିଭାଗ ଅତିରିକ୍ତ ଚିକିତ୍ସା ଅଧିକାରୀ ଡାକ୍ତର ସତ୍ୟବ୍ରତ ଦାସ, ଡାକ୍ତର ରାଜେଶ ପାଣିଗ୍ରାହୀ, ଡାକ୍ତର ବନଜାକାନ୍ତ ଦାସ, କଣାସ ବ୍ଲକ୍ ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଡାକ୍ତର ଅନୁଗତ ଜେନା ଏବଂ ଡାକ୍ତର ସୌମ୍ୟ ଶାଶ୍ୱତି ଦାସ, କଣାସ ବ୍ଲକ୍ ଶିଶୁ ବିକାଶ ଅଧିକାରିଣୀ ସ୍ମିତା ମହାନ୍ତି ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। କେନ୍ଦ୍ର ଓ ରାଜ୍ୟ ସରକାର ଗ୍ରାମାଞ୍ଚଳର କୃଷକ ଓ ମହିଳାମାନଙ୍କର ଆର୍ଥିକ ମାନଦଣ୍ଡରେ ବୃଦ୍ଧି ପାଇଁ ମାଛ ଚାଷ, ଗାଈ, ମେଣ୍ଢା, ଛେଳି, ବତକ, କୁକୁଡ଼ା ପାଳନ ପାଇଁ ଅଧିକ ଗୁରୁତ୍ୱ ଦେଉଥିବାବେଳେ ଚାଷୀ ଓ ମହିଳାମାନେ କେନ୍ଦ୍ର ଓ ରାଜ୍ୟ ସରକାର ଯୋଗାଉଥିବା ଅର୍ଥକୁ ସଠିକ ଭାବେ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। କେତେକ ଚାଷୀ ଗୋପାଳନ, କୁକୁଡ଼ା ପାଳନ, ବତକ ପାଳନ, ମାଛ ଚାଷରେ ଉଲ୍ଲେଖନୀୟ ଅଗ୍ରଗତି କରିଥିବାରୁ ବିଧାୟକ ସମ୍ବର୍ଦ୍ଧିତ କରିଥିଲେ। ଯେଉଁ ଚାଷୀମାନେ ଆଗାମୀ ଦିନରେ ମାଛ ଚାଷ, ଗାଈ, ଛେଳି, ମେଣ୍ଢା, ବତକ, କୁକୁଡ଼ା ପାଳନ କରିବା ପାଇଁ ଆବେଦନ କରିଥିଲେ ସେମାନଙ୍କୁ ଆଜି ବିଧାୟକ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ମେଳାରେ ୧୫ରୁ ଊର୍ଦ୍ଧ୍ୱ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପ୍ରସ୍ତୁତ କରୁଥିବା ସାମଗ୍ରୀର ଷ୍ଟଲ ଖୋଲିଥିଲା।

# ଆଜବେଷ୍ଟସ୍ ଭାଙ୍ଗି ଦୋକାନରୁ ଚୋରି

**ନୟାହାଟ,୨୧।୧୧(ସମିସ):** ନୟାହାଟ ଅଞ୍ଚଳରେ ଥିବା ଏକ ଜନସେବା କେନ୍ଦ୍ରର ଆଜବେଷ୍ଟସ୍ ଭାଙ୍ଗି ପ୍ରାୟ ଦେଢ଼ ଲକ୍ଷ ଟଙ୍କାର ସାମଗ୍ରୀ ଚୋରି କରି ନେଇଛନ୍ତି ଦୁର୍ବୃତ୍ତ। ଏ ସମ୍ପର୍କରେ ନୟାହାଟ ଫାଣ୍ଡିରେ ଅଭିଯୋଗ ହୋଇଛି। ନୟାହାଟ କଲେଜ ଛକ ନିକଟରେ ସ୍ନୋପ୍ଲାଲିସ୍ମା ମହାନ୍ତିଙ୍କ ଏକ ଜନସେବା କେନ୍ଦ୍ର ଦୋକାନ ରହିଛି। ଗୁରୁବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଦୋକାନ ଘରର ଆଜବେଷ୍ଟ କାଟି କମ୍ପ୍ୟୁଟର, ଲ୍ୟାପଟପ୍, ଦୁଇଟି ପ୍ରିଣ୍ଟର, ଫିଙ୍ଗର ପ୍ରିଣ୍ଟ ମେସିନ୍ ଦୁଇଟି, ସିପିମ୍ ଦୁଇଟା, ସିପିୟୁ ଆଦି ୧ଚୋରି ହେବା ଘଟଣାର ପୁଲିସ କୁକୁର ସାହାଯ୍ୟରେ ତଦନ୍ତ ଆରମ୍ଭ କରାଯାଇଛି। ଗୋପ ଥାନା କେଶ୍ ନମ୍ବର ୩୯୭/୨୫ରେ ଏକ ମାମଲା ରୁଜୁ କରାଯାଇଥିଲାବେଳେ ନୟାହାଟ ଫାଣ୍ଡି ଅଧିକାରୀ ଶ୍ରୀଧର ମଲ୍ଲିକ ଉକ୍ତ ଘଟଣାର ତଦନ୍ତ କରୁଛନ୍ତି।

# ଶ୍ରୀକ୍ଷେତ୍ର ସିଟି

୨୧/୧୧/୨୦୨୫ (ଶୁକ୍ରବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ

ଟ. ୪,୫୪,୭୮୭/- | ସୁନା: ୦୦.୦୭୦ ଗ୍ରାମ୍ | ରୁପା: ୩୧.୦୦୦ ଗ୍ରାମ୍



## ସିଂହଦ୍ୱାରରେ ଚମତ୍କାରିତା, ଦିବ୍ୟାଙ୍ଗ ଭକ୍ତଙ୍କୁ ସାହା ମହାପ୍ରଭୁ

ପୁରୀ,୨୧।୧୧(ସମିସ): ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ଦେଖିବାକୁ ମିଳିଛି ଚମତ୍କାରିତା। ଜଣେ ଦିବ୍ୟାଙ୍ଗ ମହିଳା ଭକ୍ତଙ୍କୁ ସାହା ହୋଇଛନ୍ତି ମହାପ୍ରଭୁ। ଶୁକ୍ରବାର ପୂର୍ବାହ୍ନରେ ଜଣେ ଦିବ୍ୟାଙ୍ଗ ମହିଳା ମହାପ୍ରଭୁଙ୍କ ଦର୍ଶନ ପାଇଁ ଆସିଥିଲେ। ସେ ଗୁରୁଣ୍ଡି ଗୁରୁଣ୍ଡି ମନ୍ଦିରକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ତାଙ୍କ ମନରେ ଦୃଢ ବିଶ୍ୱାସ ରହିଥିଲା ଯେ ମୁଁ ଯେମିତି ହେଲେ ମହାପ୍ରଭୁଙ୍କ ଦର୍ଶନ କରିବି। କିନ୍ତୁ ସିଂହଦ୍ୱାର ଗୁମୁଟ, ବାଇଶିପାହାଚ ଏବଂ ସାତପାହଚ ଦେଇ କିଭଳି ଜଣେ ଦିବ୍ୟାଙ୍ଗ ମହିଳା ମହାପ୍ରଭୁଙ୍କ ଦର୍ଶନ କରିବେ ତାହା ନିଶ୍ଚିତ କାଠିକାର ପାଠ। ଏମିତି ବି ମନ୍ଦିରରେ ଏବେ ପ୍ରବଳ ଭିଡ଼ ହେଉଛି। କିନ୍ତୁ ଯାହାର ମନ ଯେଡେ ତା'ର ପ୍ରଭୁ ସେଡେ। ଭକ୍ତ ଭଗବାନଙ୍କ ମଧ୍ୟରେ କେବଳ ଭକ୍ତିଭାବ ହିଁ ମିଳନର ମାଧ୍ୟମ ପାଲଟିଥାଏ। ହଠାତ୍ ସିଂହଦ୍ୱାର ଗୁମୁଟରେ ଦେଖିବାକୁ ମିଳିଥିଲା ନିଆରା ଦୃଶ୍ୟ। ମହିଳା ଜଣଙ୍କ ଗୁମୁଟକୁ ଗୁରୁଣ୍ଡି ଗୁରୁଣ୍ଡି ପ୍ରବେଶ କରୁଥିବା ବେଳେ ହଠାତ୍ ଜଣେ ଯୁବକ ପହଞ୍ଚି ତାଙ୍କୁ ଟେକି ଟେକି ଶ୍ରୀମନ୍ଦିର ଭିତରକୁ ନେଇଥିଲେ। ସତେ ଯେମିତି ମହାପ୍ରଭୁ କାହାକୁ ପଠେଇଲେ ତାଙ୍କୁ ଦର୍ଶନ କରାଇଦେବାକୁ। ଯୁବକ ଜଣଙ୍କ ତାଙ୍କୁ ବାଇଶିପାହଚ ଦେଇ ଦର୍ଶନ ଲାଗି ମନ୍ଦିର ଭିତରକୁ ଟେକି ଟେକି ନେଇଥିଲେ। ଏହି ଦୃଶ୍ୟକୁ ଦେଖି ସମସ୍ତେ ମହାପ୍ରଭୁଙ୍କର ଏହା ଚମତ୍କାରିତା ନୁହେଁ ତ ଆଉ କ'ଣ ବୋଲି ପରସ୍ପର କଥା ହେଉଥିଲେ।



### ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି

# ସଂଶୋଧନ ହେବ ଶ୍ରୀମନ୍ଦିର ଆଇନ

ପୁରୀ, ୨୧।୧୧ (ସମିସ): ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏକାଧିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ବୈଠକ ଶେଷରେ ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ବିସ୍ତୃତ ଭାବେ ସୂଚନା ପ୍ରଦାନ କରିଥିଲେ। ଡ. ପାଢୀ କହିଥିଲେ, ପରିଚାଳନା କମିଟି ବୈଠକ ପୂର୍ବରୁ ୧୪ଟି ସବ୍ କମିଟି ବୈଠକ ଶେଷ ହୋଇଥିଲା। ତେଣୁ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବାହାର ରତ୍ନଭଣ୍ଡାର ଦ୍ୱାର ରୁପା ଛାଉଣୀ ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ସେହିପରି ଶ୍ରୀମନ୍ଦିର ଆଇନକୁ ସଂଶୋଧନ କରାଯିବ। ଏ ନେଇ ରାଜ୍ୟ ସରକାରଙ୍କ ଅନୁମୋଦନକୁ ଅପେକ୍ଷା କରାଯାଇଛି। ଶ୍ରୀମନ୍ଦିର ଭିତରକୁ ଗୁପ୍ତ କ୍ୟାମେରା, ମୋବାଇଲ ଫୋନ୍, ମନ୍ଦିର ଉପରେ ଡ୍ରୋନ ଉଡାଣ ସହ ଫଟୋ ଏବଂ ଭିଡ଼ିଓ ଉତ୍ତୋଳନ କରାଯାଉଛି। ଶ୍ରୀମନ୍ଦିର ଆଇନରେ ଏଥିପାଇଁ କଠୋର ଦଣ୍ଡବିଧାନ ନ ଥିବାରୁ ଏହାକୁ ଗୁରୁତର ସହ ଗ୍ରହଣ କରାଯାଇଛି। ଶ୍ରୀମନ୍ଦିର ଆଇନରେ ସଂଶୋଧନ ପାଇଁ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ରାଜ୍ୟ ସରକାର ଏହାକୁ ଅନୁମୋଦନ କରିବା ପରେ ଏଥିପାଇଁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଛି।

ସେହିପରି ଦିବ୍ୟାଙ୍ଗମାନେ ଯେପରି ସୁବିଧାରେ ଦର୍ଶନ ପାଇପାରିବେ ତା' ଉପରେ ଆଲୋଚନା କରାଯାଇଥିଲା। ବିଭିନ୍ନ ସମୟରେ ଇସ୍କନ ଅଦିନିଆ ରଥଯାତ୍ରା କରୁଥିବାରୁ ଏହାକୁ ନେଇ ଭକ୍ତ, ସେବାୟତଙ୍କ ଭିତରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଉଛି। ପରିଚାଳନା କମିଟି ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ଇସ୍କନ ଭାରତ ଏବଂ ଭାରତ ବାହାରେ ତିଥିରେ ସ୍ନାନଯାତ୍ରା କରିବାକୁ ସହମତି ପ୍ରକାଶ କରି ଲିଖିତ ଭାବେ ଜଣାଇଛି। କିନ୍ତୁ ଭାରତ ବାହାରେ ବିଭିନ୍ନ ସମୟରେ ରଥଯାତ୍ରା କରୁଛି, ଯାହା କଦାପି ଗ୍ରହଣୀୟ ନୁହେଁ। ଏହା ଶ୍ରୀମନ୍ଦିର ପରମ୍ପରା ବିରୋଧୀ ଏବଂ ଶାସ୍ତ୍ର ସମ୍ମତ ନୁହେଁ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି।

ସେହିପରି ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ଜଗନ୍ନାଥ ବଲ୍ଲଭର ସୁପରିଚାଳନା ଏବଂ ଆୟ ବୃଦ୍ଧି ପାଇଁ ଯୋଜନା କରାଯାଉଛି। ଓବିସିସି କାମ ସାରି ହସ୍ତାନ୍ତର କଲେ ମନ୍ଦିର ପ୍ରଶାସନ ନିଜେ ଏହାର ପରିଚାଳନା କରିବ। ଏଠାରେ ଯେ କୌଣସି କାର୍ଯ୍ୟ ପାଇଁ ହାତଲେଖା ରସିଦ୍ ଦିଆଯାଉଛି। ଏହା ବଦଳରେ ତାହାକୁ କମ୍ପ୍ୟୁଟରୀକରଣ କରାଯିବ। ଶ୍ରୀମନ୍ଦିର ଆଦର୍ଶ ଗୁରୁକୂଳ ପ୍ରତିଷ୍ଠା ଏବଂ ବିଭିନ୍ନ ପ୍ରକଳ୍ପ ଯେପରି କି ଗୁଣ୍ଡିଚା ମନ୍ଦିର, ରଘୁନନ୍ଦନ ଲାଇବ୍ରେରୀ ସଂକ୍ରାନ୍ତରେ ମଧ୍ୟ ଆଲୋଚନା କରାଯାଇଛି। ଡିଜିଟାଲ ହୁଣ୍ଡି ମାଧ୍ୟମରେ ଦାନ ସଂଗ୍ରହ ନେଇ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ପୁରୀବାସୀ ଯେପରି ସହଜରେ ଶ୍ରୀମନ୍ଦିରକୁ ପ୍ରବେଶ କରି ମହାପ୍ରଭୁଙ୍କ ଦର୍ଶନ କରିବେ ସେ ନେଇ ଏବେ ସହରବାସୀ ଏକାଠି ହୋଇଛନ୍ତି। ଏହି ପ୍ରସଙ୍ଗ ପରିଚାଳନା କମିଟି ବୈଠକରେ ଉଠିଥିଲା। ଏହା ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ଏଥିପାଇଁ ସ୍ୱତନ୍ତ୍ର ଗାଇଡ଼ ଲାଇନ ପ୍ରସ୍ତୁତ କରାଯିବ। ପୁରୀ ସହରବାସୀ ଯେପରି ଶୃଙ୍ଖଳିତ ଦର୍ଶନ କରିପାରିବେ ସେ ନେଇ ଜିଲ୍ଲାପାଳ, ଏସ୍‌ପି ବିଭିନ୍ନ ନିଯୋଗ ସହ ଆଲୋଚନା କରି ନିଷ୍ପତ୍ତି ନେବେ ବୋଲି ମୁଖ୍ୟ ପ୍ରଶାସକ ଡ. ପାଢୀ କହିଛନ୍ତି।

- ଇସ୍କନ ସ୍ନାନଯାତ୍ରା ପାଇଁ ରାଜି, ଭାରତ ବାହାରେ ରଥଯାତ୍ରା ନେଇ ଅରାଜି
- ମହାପ୍ରଭୁଙ୍କ ପ୍ରମୋଦ ଉଦ୍ୟାନର ପରିଚାଳନା କରିବ ଶ୍ରୀମନ୍ଦିର ପ୍ରଶାସନ
- ପୁରୀବାସୀଙ୍କ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ନେଇ ଜିଲ୍ଲାପାଳ, ଏସ୍‌ପିଙ୍କୁ ଦାୟିତ୍ୱ

## ଜାତୀୟ ଅଡିଟ୍ ସପ୍ତାହ ପାଳିତ
## ଅନିୟମିତତାରୁ ନିବୃତ୍ତ ନ ରହିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ପୁରୀ,୨୧।୧୧(ସମିସ): ଜାତୀୟ ଅଡିଟ ସପ୍ତାହ ପାଳନ ଅବସରରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଓଡ଼ିଶା ପ୍ରଧାନ ମହାଲେଖାକାର କାର୍ଯ୍ୟାଳୟ ସହଯୋଗରେ ସରକାରୀ ପାଣ୍ଠିରେ ଆର୍ଥିକ ଅନିୟମିତତା ଓ ତାହାର ନିରାକରଣ ଉପରେ ଏକ ଆଲୋଚନାଚକ୍ର ସ୍ଥାନୀୟ ସଦ୍‌ଭାବନା ଗୃହଠାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ମହାଲେଖାକାର ଡି. ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ସମ୍ମାନିତ ଅତିଥି ଭାବେ ବରିଷ୍ଠ ଉପ ମହାଲେଖାକାର ମନୋଜ ଏକ୍କା, ନିର୍ଦ୍ଦେଶକ ବିଭ୍ରାଂଶୁ ଶେଖର ନାୟକ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଡେପୁଟି କଲେକ୍ଟର ଆଦ୍ୟାଶା ରଥ ଯୋଗଦେଇଥିଲେ। ବରିଷ୍ଠ ଲେଖାଧିକାରୀ ପ୍ରବୀର କୁମାର ସାମଲ, ବରିଷ୍ଠ ଲେଖା ପରୀକ୍ଷକ ରାଜ କିଶୋର ମହାପାତ୍ର ସରକାରୀ ପାଣ୍ଠିର ଆର୍ଥିକ, ଅନିୟମିତତା ଓ ଏହାର ନିରାକାରଣ ଉପରେ ଆଲୋକପାତ କରିଥିଲେ। ପ୍ରଧାନ ମହାଲେଖାକାର ଶ୍ରୀ ସାହୁ ତାଙ୍କ ବକ୍ତବ୍ୟରେ ସରକାରୀ ପାଣ୍ଠି ଦାୟିତ୍ୱରେ ଥିବା କିଛି ଅଧିକାରୀ ନିକଟରେ କୋଟି କୋଟି ଟଙ୍କାର ଅନିୟମିତତା କରିଥିବା ଏଜିଙ୍କ ଦୃଷ୍ଟିକୁ ଆସିଛି। ଏପରି କି ଅନୁଗୋଳ ଜିଲ୍ଲାର ଜଣେ କର୍ମଚାରୀ ମାସକୁ ୧୪ ଲକ୍ଷ ଟଙ୍କା ଡିଏ ବାବଦରେ ସରକାରୀ ଅର୍ଥ ଆତ୍ମସାତ୍ କରୁଥିଲେ, ଯାହାକି ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଦରମାଠାରୁ ମଧ୍ୟ ଅଧିକ। ଏହିଭଳି ବହୁ କେସ୍ ଏଜିଙ୍କ ସ୍କାନରରେ ଧରାପଡିଛି। ଅନ୍‌ଲାଇନ ଯୁଗରେ ଏଭଳି ଅର୍ଥ ଆତ୍ମସାତକୁ ନୂତନ ଭାବେ କାର୍ଯ୍ୟକାରୀ କୃତିମ ବୁଦ୍ଧିମତା ବଳରେ ଧରାଯିବ, ଯେଉଁମାନେ ଏହିଭଳି ଅନିୟମିତତା କାର୍ଯ୍ୟରୁ ନିବୃତ ନ ହେଲେ ତାଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ରାଜ୍ୟ ସରକାରଙ୍କୁ ଲେଖାଯିବ। ଅନ୍ୟମାନଙ୍କ ମଧ୍ୟରେ ଉପ ମହାଲେଖାକାର ସଞ୍ଜୟ କୁମାର, ବିକାଶ କୁମାର ଓ ଭୀମଲେଶ କୁମାର ଯୋଗ ଦେଇଥିଲେ। ବରିଷ୍ଠ ଲେଖାଧିକାରୀ ଭି. ଆନନ୍ଦ ଭଟ୍ଟ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅପରାହ୍ନରେ ପୁରୀ ସମୁଦ୍ର କୂଳରେ ବାଲୁକା ଶିଳ୍ପୀ ସନ୍ତୋଷ କୁମାର ନାୟକଙ୍କ ଦ୍ୱାରା ବାଲୁକା କଳାକୁ ପ୍ରଧାନ ମହାଲେଖାକାର ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହକାରୀ ଆୟୁକ୍ତ ପୁରୁଷୋତ୍ତମ ବଳ, ଦୁର୍ଗାଶଙ୍କର ପରିଡା, ରାଜେଶ ସିଂହ ଓ ଦୀପ୍ତି ରଞ୍ଜନ ରାଏ ପରିଚାଳନା କରିଥିଲେ। ପୁରୀ ଅଫିସ କାର୍ଯ୍ୟାଳୟରେ ଅନୁଷ୍ଠିତ ରଙ୍ଗୋଲି ପ୍ରତିଯୋଗିତା କାର୍ଯ୍ୟକ୍ରମକୁ ଅଡିଟ୍ ମହାଲେଖାକାର ପ୍ରତ୍ୟକ୍ଷ କରିବା ସହ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା କଳା କାରୁକାର୍ଯ୍ୟକୁ ପ୍ରଶଂସା କରିଥିଲେ।

## ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ

ପୁରୀ,୨୧।୧୧(ସମିସ): ବିଶ୍ୱ ମତ୍ସ୍ୟ ଦିବସ ଅବସରରେ ଶୁକ୍ରବାର ବହୁ ପ୍ରତିକ୍ଷୀତ ପୁରୀ ଜିଲ୍ଲା ସ୍ୱଚ୍ଛ ମାଛ ବଜାର ଉଦ୍‌ଘାଟିତ ହୋଇଛି। ତାଳବଣିଆସ୍ଥିତ ଏହି ସ୍ୱଚ୍ଛ ମାଛ ବଜାରକୁ ଭର୍ଚୁଆଲ ମାଧ୍ୟମରେ ମତ୍ସ୍ୟ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳା ନନ୍ଦ ମଲ୍ଲିକ ଉଦ୍‌ଘାଟନ କରିଛନ୍ତି। ପୁରୀ ସହରବାସୀ ତଥା ପୁରୀ ଆସୁଥିବା ପର୍ଯ୍ୟଟକଙ୍କୁ ଏକ ସୁନ୍ଦର ସ୍ୱଚ୍ଛ ପରିବେଶ ଭିତରେ ମଧୁର ମାଛ, ଲୁଣି ମାଛ ସହିତ ଚିଲିକା ମାଛ ଏଠାରୁ ପାଇପାରିବେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅନ୍ୟତମ ଅତିଥି ଭାବେ ପୁରୀ ପୌରସଂସ୍ଥା ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ସାମୁଦ୍ରିକ ମତ୍ସ୍ୟ ଗବେଷଣା କେନ୍ଦ୍ର ପୁରୀର ବରିଷ୍ଠ ବୈଜ୍ଞାନିକ ଜ୍ଞାନରଞ୍ଜନ ଦାସ, ଅତିରିକ୍ତ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ରମେଶ ଚନ୍ଦ୍ର ରାଉଳ, ଜିଲ୍ଲା ମତ୍ସ୍ୟ ଅଧିକାରୀ ଅଜୟ କୁମାର ବସ୍ତିଆ, ପୁରୀ ଜିଲ୍ଲା ମତ୍ସ୍ୟଜୀବୀ ୟୁନିୟନ ସଭାପତି ବାବୁଲା ପ୍ରସାଦ, ଜିଲ୍ଲା ଡିପିଏମ୍ ପରାମର୍ଶଦାତା ସିଦ୍ଧାର୍ଥ ରାୟ ଯୋଗଦେଇ ଉପସ୍ଥିତ ମତ୍ସ୍ୟଜୀବୀମାନଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେବା ସହିତ କିଭଳି ଭାବେ ଏହି ସ୍ୱଚ୍ଛ ମାଛ ବଜାର ସୁନ୍ଦର ଭାବେ ପରିଚାଳିତ ହେବ ସେଥିପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏହି ଅବସରରେ ଜିଲ୍ଲାର ବିଭିନ୍ନ ମତ୍ସ୍ୟ ସମବାୟ ୟୁନିୟନ୍ କର୍ମକର୍ତ୍ତାମାନଙ୍କୁ ଜିଲ୍ଲା ମତ୍ସ୍ୟ ବିଭାଗ ତରଫରୁ ସମ୍ବର୍ଦ୍ଧିତ କରାଯାଇ ଥିଲା। କାର୍ଯ୍ୟକ୍ରମକୁ ଜିଲ୍ଲା ସହକାରୀ ମତ୍ସ୍ୟଜୀବୀ ଅଧିକାରୀ ସଂଘମିତ୍ରା ପାଣି ପରିଚାଳନା କରିଥିଲେ।



## ୪୩ ଗ୍ରାମ୍ ବ୍ରାଉନସୁଗର ଜବତ, ୪ କୋର୍ଟଚାଲାଣ

ପୁରୀ,୨୧।୧୧(ସମିସ): ପୁରୀ ଜିଲ୍ଲାରେ ବେଆଇନ ନିଶା କାରବାର ଉପରେ ରୋକ୍ ଲଗାଇବା ପାଇଁ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ 'ଅପରେଶନ ଚକ୍ର' ଜାରି ରହିଛି। ବିଶେଷକରି ବ୍ରାଉନସୁଗର, ଗଞ୍ଜେଇ କାରବାର କରୁଥିବା ଅଭିଯୁକ୍ତଙ୍କ ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖିଛି ପୁଲିସ। ଯେଉଁମାନେ ଏହି କାରବାରରେ ସମ୍ପୃକ୍ତ ସେମାନଙ୍କ ପୁରୁଣା ତଥ୍ୟକୁ ଖୋଜି ଧରପଗଡ଼କୁ ଜୋର୍‌ଦାର କରାଯାଉଛି। ପୁରୀ ସହର ସମେତ ଜିଲ୍ଲାର ବିଭିନ୍ନ ସ୍ଥାନରେ ବ୍ଲକିଂ, ଚେକିଂ ଚାଲିଛି। ଏହି କ୍ରମରେ ପୁରୀ ସଦର ଥାନା ପୁଲିସକୁ ମିଳିଛି ବିଶେଷ ସଫଳତା। ୪୩ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୪ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ସମୁଦ୍ରକୂଳ ଥାନା ଧୋବାସାହି ଷ୍ଟେସନ ରୋଡର ଟୁଟୁନା ବେହେରା, ସମଙ୍ଗରା ନୂଆସାହିର ଧୀରଜ ସ୍ୱାଇଁ ଓ ଅଜୟ ଦାସ, ପୁରୀ ସଦର ଥାନା ପିଳିପିଳା ଗ୍ରାମର ବିଜୟ କୁମାର ରାଉତ। ଏଥିରେ ଆଉ ୨ ଜଣ ନାବାଳକ ମଧ୍ୟ ଧରାପଡିଛନ୍ତି। ଏ ନେଇ ପୁଲିସ ଏକ ମାମଲା (ନଂ.୭୧୦/୨୫) ରୁଜୁ କରି ୪ ଅଭିଯୁକ୍ତଙ୍କୁ ଶୁକ୍ରବାର କୋର୍ଟଚାଲାଣ କରିଛି।

ଗୁରୁବାର ଅପରାହ୍ନ ସାଢେ ୩ଟା ସମୟରେ ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୁଲିସ ମାଳତୀପାଟପୁର ଓଭରବ୍ରିଜ୍ ନିକଟରୁ ଅଭିଯୁକ୍ତମାନଙ୍କୁ କାବୁ କରିଥିଲା। ସେମାନଙ୍କଠାରୁ ପଲିଥିନ ଜରିରେ ଥିବା ବ୍ରାଉନସୁଗର ଜବତ କରିଥିଲା। ଏଥିରେ ବ୍ରାଉନସୁଗର ୪୩ ଗ୍ରାମ୍ ରହିଥିବା ବେଳେ ଜରି ଓଜନ ୧.୨୭ ଗ୍ରାମ୍‌କୁ ମିଶାଇ ମୋଟ ୪୪.୨୭ ଗ୍ରାମ୍ ଜବତ କରିଥିଲା ପୁଲିସ। ଏଥିସହ ଦୁଇଟି ବାଇକ୍, ୭ଟି ମୋବାଇଲ ଫୋନ ଏବଂ ପ୍ୟାକ୍ ଥିବା ୩ଟି ଏୟାରଟେଲ ୫ଜି ସିମ୍ ମଧ୍ୟ ସେମାନଙ୍କଠାରୁ ଜବତ ହୋଇଥିଲା।

## ୨୩ରେ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ଖେଳାଳି ଚୟନ

ପୁରୀ,୨୧।୧୧(ସମିସ): ପୁରୀ ଜିଲ୍ଲା ସଫ୍ଟବଲ ଆସୋସିଏଶନ ଆନୁକୂଲ୍ୟରେ ୨୪ ତମ ସିନିୟର ଷ୍ଟେଟ୍ ସଫ୍ଟବଲ ଚାମ୍ପିୟନଶିପ୍ ପାଇଁ ଆସନ୍ତା ୨୩ ତାରିଖରେ ତାଳବଣିଆ ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ସକାଳ ୯ଟାରେ ଚୟ ଶିବିର ଅନୁଷ୍ଠିତ ହେବ। ଏଥିରେ ପୁରୀ ଜିଲ୍ଲା, ପୁରୀ ସଦର ଓ ବିଭିନ୍ନ କ୍ଲବରେ ସଫ୍ଟବଲ ଖେଳୁଥିବା ପୁରୁଷ ଓ ମହିଳାମାନେ ଅଂଶଗ୍ରହଣ କରିପାରିବେ। ଚୟନକର୍ତ୍ତାଙ୍କ ଦ୍ୱାରା ୧୨ଜଣ ପୁରୁଷ ଓ ୧୨ଜଣ ମହିଳାଙ୍କୁ ମନୋନୀତ କରାଯିବ, ଯେଉଁମାନେ ଆସନ୍ତା ୨୪ତମ ସିନିୟର ଷ୍ଟେଟ ସଫ୍ଟବଲ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିବେ। ଏହି ଚୟନ ପ୍ରକ୍ରିୟାରେ ଭାଗ ନେବା ପାଇଁ ସମସ୍ତ ଖେଳାଳି ନିଜର ଆଧାରକାର୍ଡ ସହିତ ୨ଟି ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଉପସ୍ଥିତ ହେବେ। ସକାଳ ୯ଟାରୁ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ଡକ୍ୟୁମେଣ୍ଟ ଭେରିଫିକେସନ୍ ଓ ଏହାପରେ ଚୟନ ପ୍ରକ୍ରିୟା କରାଯିବ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ସଫ୍ଟବଲ ସମ୍ପାଦକ ରଞ୍ଜନ କୁମାର ରଥ (୭୦୦୮୪୭୭୧୦୦)ଙ୍କୁ ଯୋଗାଯୋଗ କରିବା ପାଇଁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ମହାପ୍ରଭୁଙ୍କୁ ଦର୍ଶନ କଲେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

ପୁରୀ,୨୧।୧୧(ସମିସ): ମହାପ୍ରଭୁଙ୍କୁ ଦର୍ଶନ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶୁକ୍ରବାର କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କୁ ଅଠରନଳାଠାରୁ ଶୋଭାଯାତ୍ରାରେ ଶ୍ରୀମନ୍ଦିର ନିକଟକୁ ଅଣାଯାଇଥିଲା। ଦଳୀୟ ନେତାଙ୍କ ସହିତ ସେବାୟତ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଶ୍ରୀମନ୍ଦିରକୁ ପାଛୋଟି ନେଇଥିଲେ। ସେ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବା ସହ ବିହାର ନିର୍ବାଚନ ସଫଳତା ନେଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ଏଥିସହ ସେ ଓଡ଼ିଶାର ବିକାଶ ପାଇଁ ମଧ୍ୟ ପ୍ରାର୍ଥନା କରିଥିଲେ। ବେଢା ପରିକ୍ରମା କରି ମା ବିମଳା, ମା' ମହାଲକ୍ଷ୍ମୀଙ୍କ ସହ ଅନ୍ୟ ପାର୍ଶ୍ୱ ଦେବଦେବୀଙ୍କୁ ଦର୍ଶନ କରିଥିଲେ। ପରେ ଦକ୍ଷିଣ ଦ୍ୱାରସ୍ଥିତ ଏଏସ୍ଆଇ କାର୍ଯ୍ୟାଳୟକୁ ଯାଇ ଶ୍ରୀମନ୍ଦିର ମରାମତି ସଂକ୍ରାନ୍ତରେ ଅନୁଧ୍ୟାନ କରିଥିଲେ। ଅରୁଣ ସ୍ତମ୍ଭ ନିକଟରେ ସାଷ୍ଟାଙ୍ଗ ପ୍ରଣିପାତ କରିଥିଲେ କେନ୍ଦ୍ରମନ୍ତ୍ରୀ। ଦର୍ଶନ ପରେ ସେ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ବିହାରବାସୀ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଅତୁଟ ବିଶ୍ୱାସ, ଭରସା, କେନ୍ଦ୍ର ସରକାରଙ୍କ ଲୋକପ୍ରିୟ ଯୋଜନା ଓ ନୀତିଶ କୁମାରଙ୍କ ବଳିଷ୍ଠ ନେତୃତ୍ୱ ଯୋଗୁ ଆଶୀର୍ବାଦ କରିଛନ୍ତି। ୨୦ ବର୍ଷ ଧରି ବିହାରର ଯୁବକ, ଛାତ୍ର, ମହିଳା ସବୁ ବର୍ଗର ଲୋକେ ଆଶୀର୍ବାଦ କରିଛନ୍ତି। ରାହୁଲ ଗାନ୍ଧୀଙ୍କ ମତିଭ୍ରମ ହୋଇଛି। ସେ ଦେଶରେ ବୈଦେଶିକ ଷଡଯନ୍ତ୍ର କରିଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତାଙ୍କୁ ସଦ୍‌ବୁଦ୍ଧି ପ୍ରଦାନ କରନ୍ତୁ। କଂଗ୍ରେସ ଦେଶରେ ବିଭାଜନ ରାଜନୀତି କରୁଛି। ମହାପ୍ରଭୁଙ୍କ କୋହିନୂର୍ ହୀରା ଫେରି ଆସିବା ପାଇଁ ଉଦ୍ୟମ ହେବା ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଛନ୍ତି ଧର୍ମେନ୍ଦ୍ର।



## କୁମାର ଉତ୍ସବ ସମିତି ପକ୍ଷରୁ ଦେବ ଦୀପାବଳି

ପୁରୀ,୨୧।୧୧(ସମିସ): କୁମାର ଉତ୍ସବ ସମିତି ପକ୍ଷରୁ ସିଂହଦ୍ୱାର ନିକଟରେ ଦେବ ଦୀପାବଳି ଅବସରରେ ସମୂହ ପ୍ରଦୀପ ପ୍ରଜ୍ୱଳନ କରାଯାଇଛି। ସମିତିର ସମ୍ପାଦକ ସ୍ୱାଧୀନ କୁମାର ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଇଂ. ରାଜେଶ ମିଶ୍ର, ଅମରେନ୍ଦ୍ର ପାଇକରାୟ, ଶ୍ରୀକାନ୍ତ ମହାନ୍ତି, ସୁକାନ୍ତ ପଣ୍ଡା, ନୃତ୍ୟ ଗୁରୁ ରାଜେଶ କୁମାର ସାହୁ ଓ ମୀରା ଦାସ, ଗୌରୀଶଙ୍କର ସାମନ୍ତରାୟ, ମଳୟ ଗଜେନ୍ଦ୍ର, ପ୍ରମୋଦ ପଟ୍ଟନାୟକ, ନିଗମ ପାତ୍ର, ଶୁଭେନ୍ଦୁ ମହାପାତ୍ର, ଚନ୍ଦନ ସାହୁ, ଜ୍ୟୋତିର୍ମୟୀ ପଣ୍ଡା, ପପି ସାହୁ, ନିରୋଜ ମହାନ୍ତି, ଦେବରାଜ ଦାସ, ମାନସ ପଟ୍ଟନାୟକ, କ୍ଷୀରୋଦ ଦାଶ, ଦେବୀପ୍ରସାଦ ମିଶ୍ର, ସୌମ୍ୟରଞ୍ଜନ ନାୟକ, ରାକେଶ ସାହୁ, ଅମିତ ସାମନ୍ତରାୟ, ସନ୍ତୋଷ ବେହେରା ପ୍ରମୁଖ ସଦସ୍ୟା ସଦସ୍ୟ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ କରାଇ ସମଗ୍ର ପରିସରକୁ ଦେବଲୋକର ମହିମାରେ ଆଲୋକିତ କରିଥିଲେ। ସମିତି ସଦସ୍ୟ ଚନ୍ଦନ କୁମାର ସାହୁଙ୍କ ଦ୍ୱାରା ଦେବ ଦୀପାବଳି ଅବସରରେ ମୁରୁଜରେ ଏକ ଭବ୍ୟ ରଙ୍ଗୋଲି ପ୍ରସ୍ତୁତ କରାଯାଇଥିଲା।






SBI

ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ**

ନିମ୍ନଲିଖିତ ପୋଷ୍ଟଗୁଡିକ ପାଇଁ ନିୟମିତ/ଚୁକ୍ତିଭିତ୍ତିକ ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/16 (ନିୟମିତ ପଦବୀ)**

| ପୋଷ୍ଟର ନାମ | ଗ୍ରେଡ୍ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|---|
| | | | ସର୍ବନିମ୍ନ | ସର୍ବାଧିକ |
| ପରିଚାଳକ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-III | 5 | 28 | 40 |
| ଉପପ୍ରାଧ୍ୟକ୍ଷ (ରିସ୍କ ବିଶେଷଜ୍ଞ - ମଡେଲ ରିସ୍କ ପରିଚାଳନା) | ଏମ୍‌ଏମ୍‌ଜିଏସ୍-II | 5 | 25 | 35 |

**ବିଜ୍ଞାପନ ସଂ. CRPD/SCO/2025-26/13 (ଚୁକ୍ତିଭିତ୍ତିକ ପଦବୀ)**

| ପୋଷ୍ଟର ନାମ | ଖାଲି ପଦବୀ | 01.11.2025 ରେ ବୟସ (ବର୍ଷ) | |
|---|---|---|---|
| | | ସର୍ବନିମ୍ନ | ସର୍ବାଧିକ |
| ସମ୍ପର୍କ ପରିଚାଳକ (ମ୍ୟୁଚୁଆଲ୍ ଫଣ୍ଡ) | 1 | 35 | 45 |
| ସମ୍ପର୍କ ପରିଚାଳକ (ବୀମା କ୍ଷେତ୍ର) | 1 | 35 | 45 |
| ସମ୍ପର୍କ ପରିଚାଳକ (ଷ୍ଟକ୍ ବ୍ରୋକରିଂ ଏବଂ ଏଫଆଇଆଇ/ଏଫପିଆଇ) | 3 | 35 | 45 |

ଯୋଗ୍ୟତା ମାନଦଣ୍ଡ (ବୟସ, ଯୋଗ୍ୟତା, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ **https://sbi.bank.in/web/careers/current-openings** ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ । ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ । ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: **"CONTACT US" —> "Post Your Query"** ଯାହା ବ୍ୟାଙ୍କର ୱେବସାଇଟ **(https://bank.sbi/web/careers/post-your-query)** ରେ ଉପଲବ୍ଧ ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 11.11.2025 ରୁ 01.12.2025 ପର୍ଯ୍ୟନ୍ତ ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 11.11.2025

ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)


# ସରିଲା ଦେବ ଦୀପାବଳି ଉତ୍ସବ

ପୁରୀ,୨୧।୧୧(ସମିସ): ଶ୍ରୀମନ୍ଦିରରେ ଶେଷ ହୋଇଛି ଦେବ ଦୀପାବଳି ଉତ୍ସବ। ଶୁକ୍ରବାର ମାର୍ଗଶୀର ଶୁକ୍ଳ ପ୍ରତିପଦା ତିଥିରେ ବସୁଦେବ ଓ ଦେବକୀ, ନନ୍ଦ ଓ ଯଶୋଦା, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଦୀପଦାନ କରିଛନ୍ତି ମହାପ୍ରଭୁ। ସନ୍ଧ୍ୟାଧୂପ ପରେ ଦେବ ଦୀପାବଳି ନୀତି ଆରମ୍ଭ ହୋଇଥିଲା। ସିଂହାସନ ତଳେ ପାଣି ପଡିବା ପରେ ଚାଉଳରେ ଗଛ ତିଆରି କରାଯାଇଥିଲା। ଏହାପରେ ଦକ୍ଷିଣୀଘରୁ ମଦନମୋହନ ଭିତର ସିଂହାସନକୁ ବିଜେ କରିଥିଲେ। ପ୍ରସାଦ ଲାଗି ପରେ ତିନିଜଣ ପୂଜାପଣ୍ଡା ଚାଉଳ ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଆଜ୍ଞାମାଳ ପାଇ ଜୟ ବିଜୟ ଦ୍ୱାର ଭିତର ପାଖେ ଠିଆ ହୋଇଥିଲେ। ପାଳିଆ ପଡିଆରୀ ଜୟ ବିଜୟ ଦ୍ୱାର ଫିଟାଇଥିଲେ। ମହାଜନ ସେବକ ଠାକୁରଙ୍କୁ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରାଇଥିଲେ। ବିମାନବଡୁ ସେବକମାନେ ବିମାନକୁ ଜଗନ୍ନାଥ ବଲ୍ଲଭ ମଠକୁ ବିଜେ କରାଇଥିଲେ। ସେଠାରେ କାଠ ଭଦ୍ରାସନ ଉପରେ ଠାକୁର ବସିବା ପରେ ଚାଉଳରେ ଗୋଟିଏ ଗଛ ନିର୍ମାଣ କରାଯାଇ ଦୀପ ବସାଯାଇଥିଲା। ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଗଛକୁ ସଂସ୍କାର କରି ପାଣି ଛଡାଇଥିଲେ। ବନ୍ଦାପନା ସରିବା ପରେ ଠାକୁର ବଡ଼ଦେଉଳକୁ ବିଜେ କରିଥିଲେ। ଏହି ଅବସରରେ ଠାକୁରଙ୍କ ଶ୍ରାଦ୍ଧ ବେଶ ଅନୁଷ୍ଠିତ ହୋଇଥିଲା।

ସୂଚନାଯୋଗ୍ୟ, ଶ୍ରୀମନ୍ଦିରରେ ଦେବ ଦୀପାବଳି ନୀତି ମାର୍ଗଶୀର କୃଷ୍ଣପକ୍ଷ ଚତୁର୍ଦ୍ଦଶୀ, ଅମାବାସ୍ୟା ଓ ଶୁକ୍ଳ ପ୍ରତିପଦା ତିନିଦିନ ଧରି ପାଳିତ ହୋଇଥାଏ। ଚତୁର୍ଦ୍ଦଶୀରେ ସତ୍ୟଯୁଗୀୟ ମାତାପିତା ଅଦିତି ଓ କଶ୍ୟପଙ୍କୁ, ଅମାବାସ୍ୟାରେ କୌଶଲ୍ୟା ଓ ଦଶରଥଙ୍କୁ ଶ୍ରାଦ୍ଧ ଦେଇଥିବା ବେଳେ ମାର୍ଗଶୀର ଶୁକ୍ଳ ପ୍ରତିପଦା ଅର୍ଥାତ୍ ଶୁକ୍ରବାର ନନ୍ଦ ଓ ଯଶୋଦା, ବସୁଦେବ ଓ ଦେବକୀ, ଇନ୍ଦ୍ରଦ୍ୟୁମ୍ନ ଓ ଗୁଣ୍ଡିଚାଙ୍କୁ ଶ୍ରାଦ୍ଧ ଦେଇଛନ୍ତି।



## ଉତ୍ସବ ଦେଖିଲେ ବିଦେଶୀ ନାଗରିକ

ଶ୍ରୀମନ୍ଦିରରେ ଦେବ ଦୀପାବଳି ଉତ୍ସବ ତିନିଦିନ ଧରି ପାଳିତ ହୋଇଛି। ଏହି ଅବସରରେ ଶ୍ରୀମନ୍ଦିରକୁ ଦୀପମାଳାରେ ସୁସଜ୍ଜିତ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମଧ୍ୟ ଦେବ ଦୀପାବଳି ଉତ୍ସବ ପାଳନ କରାଯାଇଥିବା ବେଳେ ସିଂହଦ୍ୱାରଠାରୁ ଶ୍ରୀଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ବଡ଼ଦାଣ୍ଡ ଦୀପ ଆଲୋକରେ ଝଲସି ଉଠିଥିଲା। ଇଣ୍ଡିଆ ଜାପାନ ଫ୍ରେଣ୍ଡଶିପ ସେଣ୍ଟର ପକ୍ଷରୁ ବିଦେଶୀ ପର୍ଯ୍ୟଟକମାନଙ୍କୁ ନେଇ ଏହି ଉତ୍ସବରେ ସାମିଲ କରାଯାଇଥିଲା। ସେମାନେ ସିଂହଦ୍ୱାର ସମ୍ମୁଖ ଓ ବଡ଼ଦାଣ୍ଡରେ ସୁସଜ୍ଜିତ ଦୀପ ଆଲୋକମାଳାକୁ ବୁଲି ଦେଖିଥିଲେ। ଦେବ ଦୀପାବଳି ଉତ୍ସବ ସମ୍ପର୍କରେ ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ ଜାପାନ ଭାଷାରେ ବିସ୍ତୃତ ଭାବେ ଅବଗତ କରିଥିଲେ। ସେମାନେ ଏକ ସମୟରେ ଲକ୍ଷେ ଦୀପ ଜଳୁଥିବା ଦେଖି ଅତ୍ୟନ୍ତ ଖୁସି ପ୍ରକଟ କରିଥିଲେ। ଅନ୍ୟପକ୍ଷରେ ବିଦେଶୀ ପର୍ଯ୍ୟଟକମାନଙ୍କୁ ଶ୍ରୀମନ୍ଦିର ପ୍ରବେଶ ବାରଣ ରହିଥିବାରୁ ପୂର୍ବରୁ ସିଂହଦ୍ୱାର ସମ୍ମୁଖରେ ଥିବା ରଘୁନନ୍ଦନ ଲାଇବ୍ରେରୀ କୋଠା ଉପରେ ଚଢି ଶ୍ରୀମନ୍ଦିର ଦୃଶ୍ୟକୁ ଉପଭୋଗ କରୁଥିଲେ। କିନ୍ତୁ ବର୍ତ୍ତମାନ ସେ ସୁଯୋଗ ନାହିଁ। ଯଦି ବିଦେଶୀ ନାଗରିକଙ୍କ ଲାଗି ଶ୍ରୀମନ୍ଦିର ନିକଟରେ ଏକ ୱାଚ୍ ଟାୱାରର ବ୍ୟବସ୍ଥା ହୋଇପାରିଲେ ସେମାନେ ଖୁସି ହୁଅନ୍ତେ ବୋଲି ଶ୍ରୀ ଦାଶ ମତବ୍ୟକ୍ତ କରିଛନ୍ତି।

# ସମ୍ପାଦକୀୟ



ତୁମେ ପ୍ରଥମେ ତୁମ ନିଜକୁ ସମ୍ମାନ ଦିଅ, ତା' ପରେ ଅନ୍ୟମାନେ ତୁମକୁ ସମ୍ମାନ ଦେବାକୁ ବାଧ ହେବେ।
- ଅବଦୁଲରଜାକ୍ ଗୁର୍ନା

ସକାଳ THE SAKALA

## ବିହାରରେ ନୂଆ ପ୍ରୟୋଗ

ବହୁଦଳୀୟ ବା ମେଣ୍ଟ ସରକାରରେ ନେତୃତ୍ୱ ନେଇ ମତଭେଦ ବା ବିବାଦ ନୂଆକଥା ନୁହେଁ। ତେବେ ବୃହତ୍ତମ ଜାତୀୟଦଳ ରାଜନୈତିକ ଆବଶ୍ୟକତା ପାଇଁ ଆଞ୍ଚଳିକ ଦଳର ନେତୃତ୍ୱକୁ ସ୍ୱୀକୃତି ପ୍ରଦାନ କରିବା ବିହାର ନିର୍ବାଚନ ପ୍ରେକ୍ଷାପଟରେ ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ଗୁରୁବାର ଗାନ୍ଧୀ ମଇଦାନରେ ଆୟୋଜିତ ଭବ୍ୟ ସମାରୋହରେ ନୀତୀଶ କୁମାର ଦଶମ ଥର ପାଇଁ ମୁଖ୍ୟମନ୍ତ୍ରୀ ରୂପେ ଶପଥ ଗ୍ରହଣ କରିଛନ୍ତି। ଏହା ଆମ ଦେଶରେ ସର୍ବକାଳୀନ ରେକର୍ଡ। ତାଙ୍କ ସହ ଦୁଇଜଣ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୨୬ ଜଣ ମନ୍ତ୍ରୀ ମଧ୍ୟ ଶପଥ ନେଇଛନ୍ତି। ନିର୍ବାଚନରେ ଏତେ ବିପୁଳ ବିଜୟ ସତ୍ତ୍ୱେ ଏନଡିଏ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରାଇବାରୁ କେନ୍ଦ୍ର ଓ ରାଜ୍ୟରେ ଗଠିତ ବହୁଦଳୀୟ ସରକାରଙ୍କ ବାଧ୍ୟବାଧକତା କେତେ ତାହା ସ୍ପଷ୍ଟ। ବିଧାନସଭାକୁ ମାତ୍ର ୪ ଜଣ ସଦସ୍ୟ ପଠାଇଥିବା ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ନେତା ଉପେନ୍ଦ୍ର ଖୁସୱାହାଙ୍କ ପୁତ୍ରକୁ ବିଧାନ ପରିଷଦ ଆସନର ସ୍ୱୀକୃତି ଦେଇ କ୍ୟାବିନେଟରେ ଗ୍ରହଣ କରାଯାଇଛି। ନୀତୀଶ କୁମାର ୨୦୦୪ ରୁ ବିଧାନସଭା ନିର୍ବାଚନ ଲଢ଼ି ନାହାନ୍ତି। ସେ ବିଧାନ ପରିଷଦ ସଦସ୍ୟ ଭାବେ କ୍ରମାଗତ ୨୦ ବର୍ଷ ଧରି ରାଜ୍ୟର ମୁଖ୍ୟମନ୍ତ୍ରୀ ଅଛନ୍ତି।

ଏନଡିଏ ନିର୍ବାଚନ ରଣାଙ୍ଗନରେ ବିଜେପି ପ୍ରଭାବ ଓ ପରିଆରା ଦୃଷ୍ଟିରୁ ସବୁଠାରୁ ଶକ୍ତିଶାଳୀ ଦଳ ହୋଇଥିଲେ ମଧ୍ୟ ନୀତୀଶଙ୍କ ସମର୍ଥନ ବିନା ବିହାରରେ ଦଳ କ୍ଷମତା ଦଖଲ କରିବା ସମ୍ଭବ ନୁହେଁ। ମେଣ୍ଟର ଦୁଇ ପ୍ରମୁଖ ଅଂଶୀଦାର ପରସ୍ପରର ଦୁର୍ବଳତା ଜାଣିଥିଲେ ସତ, କିନ୍ତୁ ବିଜେପି ସରକାର ଗଠନ ସକାଶେ ସୁଚିନ୍ତିତ ରଣକୌଶଳ ନିର୍ଦ୍ଧାରଣ କରିଥିଲା। ଏପରିକି ନିର୍ବାଚନ ପ୍ରଚାରରେ ରାଜ୍ୟ ନେତୃତ୍ୱରୁ ନୀତୀଶଙ୍କୁ ହଟାଇବା ପ୍ରୟାସ ଏକ ପ୍ରସଙ୍ଗ ହୋଇଗଲା। ତାଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ିବ ଅଥଚ ସେ ମୁଖ୍ୟମନ୍ତ୍ରୀ ହେବେ ନାହିଁ। ଯେମିତି ମହାରାଷ୍ଟ୍ରରେ ଶିବସେନା ନେତା ଏକନାଥ ସିନ୍ଦେଙ୍କ ନେତୃତ୍ୱରେ ମେଣ୍ଟ ନିର୍ବାଚନ ଲଢ଼ି ଜିତିଥିଲେ ମଧ୍ୟ ସିନ୍ଦେଙ୍କ ବଦଳରେ ଦେବେନ୍ଦ୍ର ଫଡନବିସ୍ ହେଲେ ମୁଖ୍ୟମନ୍ତ୍ରୀ। ବିହାରରେ ସେହି ସୂତ୍ର ପ୍ରୟୋଗ ଉଦ୍ୟମକୁ କିନ୍ତୁ ନୀତୀଶ ପ୍ରତିହତ କରିଛନ୍ତି। ୮୯ ଆସନ ପାଇ ବିଜେପି ବୃହତ୍ତମ ଦଳର ମର୍ଯ୍ୟାଦା ହାସଲ କରିଛି ସତ, କିନ୍ତୁ ଜେଡିୟୁ ସେଭଳି ପଛରେ ପଡ଼ିଯାଇନାହିଁ। ଦୁଇଦଳ ମଧ୍ୟରେ ମାତ୍ର ୪ଟି ଆସନର ବ୍ୟବଧାନ। ନୀତୀଶ ରାଜନୀତିରେ ସବୁ ଅଙ୍କ କଷି ସାରିଛନ୍ତି। ତେଣୁ ବିଜେପିର ପରବର୍ତ୍ତୀ ପଦକ୍ଷେପ ପୂର୍ବରୁ ସେ ମୁକାବିଲା ସକାଶେ ଆଗୁଆ ଖସଡ଼ା ପ୍ରସ୍ତୁତ କରିଥା'ନ୍ତି।

ବିଜେପି ବୃହତ୍ତମ ଦଳ ହୋଇଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ପଦ ବାଡ଼ିରୁ କାହିଁକି ଓହରିଲା ଭଳି ପ୍ରଶ୍ନ ବିଭିନ୍ନ ମହଲକୁ ବିବ୍ରତ କରିଛି। ଏଠାରେ ଏତିକି କୁହାଯାଇ ପାରେ କି କେନ୍ଦ୍ରରେ କ୍ଷମତାସୀନ ବହୁଦଳୀୟ ସରକାରରେ ଜେଡିୟୁ ଅନ୍ୟତମ ଅଂଶୀଦାର। ଦଳର ୧୨ ସାଂସଦଙ୍କ ସମର୍ଥନ ପ୍ରତ୍ୟାହାର କରିନେଲେ ଯେ ସରକାର ସଂଖ୍ୟାଗରିଷ୍ଠତା ହରାଇବ ଏକଥା ନୁହେଁ। କିନ୍ତୁ କେନ୍ଦ୍ର ସରକାର ହଠାତ୍ କୌଣସି ରାଜନୈତିକ ଅସ୍ଥିରତା ସୃଷ୍ଟି ହେବା ଚାହାନ୍ତି ନାହିଁ। ଏସବୁ ସତ୍ତ୍ୱେ ନୀତୀଶ ଯେ ପୂର୍ଣ୍ଣ ୫ ବର୍ଷ ମୁଖ୍ୟମନ୍ତ୍ରୀ ପଦରେ ତିଷ୍ଠି ରହିବେ ସେ ନେଇ ଏବେ ମଧ୍ୟ ସନ୍ଦେହ ରହିଛି। ଦାଓ ପେଞ୍ଚ ରାଜନୀତିର ଚକ କେତେବେଳେ କେଉଁ ଦିଗକୁ ଗଡ଼ିବ ତାହା କହିହେବ ନାହିଁ। ●

## ପାକିସ୍ତାନରେ ବିଳୟର ଆରମ୍ଭ

ପାକିସ୍ତାନର ୨୭ ତମ ସମ୍ବିଧାନ ସଂଶୋଧନ ମାଧ୍ୟମରେ ୨୪୩ ଧାରାରେ ହୋଇଥିବା କ୍ଷମତା ଆବଣ୍ଟନକୁ ଓଲଟପାଲଟ କରିଦିଆଯାଇଛି। ଯାହା ଫଳରେ ଫିଲ୍ଡମାର୍ଶାଲ ଅସିମ ମୁନୀରଙ୍କୁ ଅଘୋଷିତ ଶାସନ ମୁଖ୍ୟ ଭାବେ ସ୍ୱୀକୃତି ପ୍ରଦାନ କରାଯାଇଛି। ସେ କେବଳ ନ୍ୟାୟପାଳିକାର ନାଲି ଆଖିରୁ ବର୍ତ୍ତିଯିବେ ନାହିଁ, କ୍ଷମତାରୁ ଯିବା ପରେ ଆଇନଗତ ସୁରକ୍ଷା ପାଇବାକୁ ହକଦାର ହେବେ। ଏହାକୁ ଆମେ ବିନା ରକ୍ତପାତରେ ସାମରିକ ବାହିନୀକୁ କ୍ଷମତା ହସ୍ତାନ୍ତର ବୋଲି କହିପାରିବା। ଦକ୍ଷିଣ-ପୂର୍ବ ଏସିଆରେ ଗଣତାନ୍ତ୍ରିକ ପରିସରରେ ଏକଛତ୍ରବାଦକୁ ପ୍ରୋତ୍ସାହିତ କରୁଥିବା ନେତୃତ୍ୱ ପାଇଁ ଏହା ଏକ ଗ୍ରହଣୀୟ ଆଦର୍ଶ ରୂପେ ଆଗାମୀ ଦିନରେ ଉଦାହରଣ ସୃଷ୍ଟି କରିବ।

ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ମଧ୍ୟରେ ବହୁମତ ପାଇ ସରକାର ଗଢ଼ିଥିବା ଇମ୍ରାନ୍ ଖାଁଙ୍କୁ କ୍ଷମତାଚ୍ୟୁତ କରିବା ଏବଂ ତାଙ୍କୁ ଗିରଫ କରି ଜେଲରେ ରଖିବା ପଛରେ ପାକ୍ ସେନାବାହିନୀର ଭୂମିକା ଥିଲା ଗୁରୁତ୍ୱପୂର୍ଣ୍ଣ। ପ୍ରବଳ ବିରୋଧ ଓ ଜନଆନ୍ଦୋଳନକୁ କଠୋର ହସ୍ତରେ ଦମନ କରି ସେନାବାହିନୀ ସାଧାରଣରେ ପ୍ରଭାବ ଓ ପରିଆରା ହରାଇଥିଲା। ଏମିତିରେ ଆଭ୍ୟନ୍ତରୀଣ ବିଶୃଙ୍ଖଳାକୁ ନିୟନ୍ତ୍ରଣ କରିବାରେ ଅସାମର୍ଥ୍ୟ ଏଥିସହ ଯୋଡ଼ି ହୋଇଯାଇଥିଲା। ଏସବୁ ସତ୍ତ୍ୱେ ଦେଶରେ ସାହବାଜ ଶରିଫଙ୍କ ବହୁଦଳୀୟ ସରକାର ଗଠନ ପଛରେ ମୁନୀରଙ୍କ ସହଯୋଗ ଓ ସମର୍ଥନ ରହିଛି। ଶାସନ କ୍ଷମତା ସହ ସେନାବାହିନୀର ସମ୍ପର୍କ ପୁଣି ନିବିଡ଼ ହୋଇଛି। ପାକିସ୍ତାନ ବିରୋଧରେ ଭାରତର 'ଅପରେସନ ସିନ୍ଦୂର'ର ଉଦ୍ଦଣ୍ଡ ସ୍ଥିତିକୁ ଦେଖିକୁ ସୁରକ୍ଷା ଦେବାରେ ମୁନୀରଙ୍କ ସମର୍ଥ ନେତୃତ୍ୱ ସାଧାରଣରେ କେବଳ ପ୍ରଶଂସିତ ହୋଇ ନାହିଁ ଶାସନର ସବୁସ୍ତରରେ ତାଙ୍କର ପ୍ରାଧାନ୍ୟ ବୃଦ୍ଧି କରିଛି। ଏହା କ୍ରମେ ଶରିଫ ସରକାରଙ୍କୁ ୨୭ ତମ ସମ୍ବିଧାନ ସଂଶୋଧନ ପାଇଁ ଅନୁପ୍ରାଣିତ କରିଛି। ଏହାଫଳରେ ସୁପ୍ରିମକୋର୍ଟର କ୍ଷମତା ଓ ସ୍ୱାଧୀନତା ହନନ ହୋଇଛି। ଏଣିକି ଏହି ସର୍ବୋଚ୍ଚ ଅଦାଲତ କେବଳ ଫୌଜଦାରୀ ଓ ଦେୱାନୀ ମାମଲାର ରିଟ ପିଟିସନ ଶୁଣାଣି କରିବେ। ସାମ୍ବିଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଭଳି ଗୁରୁତ୍ୱପୂର୍ଣ୍ଣ ମାମଲା ବିଚାର ପାଇଁ ଫେଡେରାଲ କନ୍‌ଷ୍ଟିଚ୍ୟୁସନାଲ୍ କୋର୍ଟ ପ୍ରତିଷ୍ଠା କରାଯିବ। ପ୍ରତିବାଦରେ ଦେଶରେ ଲୋକପ୍ରିୟ ପ୍ରମୁଖ ବିଚାରପତି ଇସ୍ତଫା ଦେଇଥିଲେ ମଧ୍ୟ ତାହାର କୌଣସି ପ୍ରଭାବ ଅନୁଭୂତ ହୋଇନାହିଁ।

କ୍ଷମତା ଅତିକ୍ରମଣ ପ୍ରବୃତ୍ତି ବ୍ୟବସ୍ଥାର ସବୁସ୍ତରରେ ଅନୁଭୂତ ହୋଇଆସିଛି। ସାମ୍ବିଧାନିକ କଟକଣା ଓ ବ୍ୟବସ୍ଥିତ ନିୟମର କଠୋର ଶୃଙ୍ଖଳ ଏହାକୁ ରୋକିପାରିନି। କ୍ଷମତାର ଅଳିନ୍ଦକୁ ଆହ୍ୱାନ ଦେବାକୁ ହେଲେ ନ୍ୟାୟପାଳିକାର ଆଶ୍ରୟ ନେବାକୁ ହେବ। କିନ୍ତୁ ଯେତେବେଳେ ନ୍ୟାୟପାଳିକାର କ୍ଷମତା ଓ ସ୍ୱାଧୀନତା ସଂକୁଚିତ ହୋଇଯିବ, ବ୍ୟବସ୍ଥା ସୁଧୁରିବା ପରିବର୍ତ୍ତେ ବିଗିଡ଼ିବା ଆରମ୍ଭ କରିବ। ଏକଥା ସତ ଯେ ପାକିସ୍ତାନ ଇତିହାସରେ ନିର୍ବାଚିତ ସରକାରଙ୍କୁ ୫ ବର୍ଷର ମିଆଦ ପୂରଣ କରିବାକୁ ଦିଆଯାଇନାହିଁ। ସେନାବାହିନୀର ପ୍ରଭାବ ଓ ପ୍ରାଧାନ୍ୟରେ ଆବଶ୍ୟକ ସ୍ଥଳେ ନେତୃତ୍ୱ ପରିବର୍ତ୍ତନ କିମ୍ବା ନିଜେ ସେନାନାୟକ ଏକ ବିଦ୍ରୋହ ମାଧ୍ୟମରେ କ୍ଷମତା ହାତକୁ ନେଇଛନ୍ତି। ତେବେ ଏହି ଘଟଣା ପ୍ରବାହ ମଧ୍ୟରେ ନ୍ୟାୟପାଳିକାର ଭୂମିକାକୁ ଏପର୍ଯ୍ୟନ୍ତ ଅକ୍ଷୁର୍ଣ୍ଣ ରଖାଯାଇଥିଲା। ବର୍ତ୍ତମାନ ସମ୍ବିଧାନ ସଂଶୋଧନ ମାଧ୍ୟମରେ ଯେଉଁ ନୂଆ ଅଧ୍ୟାୟ ଯୋଡ଼ାଯାଇଛି ତାହା ପାକିସ୍ତାନର ଗଣତାନ୍ତ୍ରିକ ବ୍ୟବସ୍ଥା ବିଳୟର ଅୟମାରମ୍ଭ କୁହାଯାଇପାରେ। ●

# ଏଆଇ ଶିଳ୍ପର ଆର୍ଥିକ ସ୍ଥିତି

**ସନ୍ତୋଷ କୁମାର ମିଶ୍ର**

ଚଳିତ ଶତାବ୍ଦୀର ତୃତୀୟ ଦଶନ୍ଧି ପ୍ରାରମ୍ଭରୁ ଆରମ୍ଭ ହୋଇଛି ପଞ୍ଚମ ଶିଳ୍ପ ବିପ୍ଳବ। ସାଧାରଣ ଭାବରେ ଏହି ନୂତନ ଶିଳ୍ପ ଯୁଗକୁ 'କୃତ୍ରିମ ବୁଦ୍ଧିମତ୍ତା' ବା 'ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ)'ର ଯୁଗ କୁହାଯାଉଛି। ମାନବ ସଭ୍ୟତା ଉପରେ ଏହାର ସକାରାତ୍ମକ ପ୍ରଭାବ ଦୃଷ୍ଟିଗୋଚର ହେବା ପୂର୍ବରୁ ଏଥିରୁ ଉତ୍ପନ୍ନ ସମସ୍ୟା ବିରୋଧରେ ସମଗ୍ର ବିଶ୍ୱରେ ଜନଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି। ଏଆଇର ବ୍ୟାପକ ବ୍ୟବହାର ଫଳରେ ଉଭୟ ବୌଦ୍ଧିକ କର୍ମଜୀବୀ(ୱାଇଟ କଲାର ୱାକର୍ସ) ଓ ଶାରୀରିକ ଶ୍ରମଜୀବୀ(ବ୍ଲୁ କଲାର ୱାକର୍ସ) ଜୀବିକା ହରାଇବାରେ ଲାଗିଛନ୍ତି। ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଚିନ୍ତନ ଶକ୍ତି ହ୍ରାସ ପାଉଥିବା ଅଭିଯୋଗ ହେଉଛି। ଏଆଇ ପାଇଁ ବଡ଼ ବଡ଼ ଡାଟା ସେଣ୍ଟରର ସ୍ଥାପନ ହେତୁ ବିଜୁଳି ଖର୍ଚ୍ଚ ବୃଦ୍ଧି ସହିତ ଶୀତଳୀକରଣ ପାଇଁ ଜଳ ଅପଚୟ ଓ ପ୍ରଦୂଷଣ ମଧ୍ୟ ବୃଦ୍ଧି ପାଇଛି।

ବର୍ତ୍ତମାନ ଏଆଇ ବିଶ୍ୱ ଅର୍ଥନୀତିକୁ ବିଯୁକ୍ତାତ୍ମକ ଭାବରେ ପ୍ରଭାବିତ କରୁଛି। ଗତ ୪ ତାରିଖରେ ବିଶ୍ୱର ସର୍ବବୃହତ ଆମେରିକୀୟ ପ୍ରତିଭୂତି ବଜାର 'ନାସଡାକ୍'ରେ ବୃହତ୍ ସୂଚନା ପ୍ରଯୁକ୍ତି ବିଜ୍ଞାନ ସଂସ୍ଥା ବା କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହଠାତ୍ ହ୍ରାସ ପାଇବାରୁ ଗୋଟିଏ ଦିନରେ ନିବେଶକମାନେ ୭୩୦ ବିଲିୟନ୍ ଡଲାର କ୍ଷତି ସହିଛନ୍ତି। ଏହିସବୁ କମ୍ପାନୀଗୁଡ଼ିକ ଏଆଇ ଶିଳ୍ପର ମେରୁଦଣ୍ଡ। ଏମାନେ ଏଆଇ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶ କରୁଛନ୍ତି। ତେଣୁ ଗତ କିଛିମାସ ଧରି ଏଆଇ ଶିଳ୍ପର ଆର୍ଥିକ ଦିଗ ବିଷୟରେ ଗବେଷଣା ଓ ଆଲୋଚନା ଆରମ୍ଭ ହୋଇଛି।

ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଏଆଇର ଏକ ସ୍ୱତନ୍ତ୍ର ଓ ପ୍ରମୁଖ ସ୍ଥାନ ରହିଛି। କିନ୍ତୁ ଏଆଇ ଶିଳ୍ପର ପ୍ରକୃତ ଆର୍ଥିକ ସ୍ଥିତି ବା ଏହାର ଆକାର କେତେ ସେ ବିଷୟରେ କିଛି ନିର୍ଦ୍ଦିଷ୍ଟ ତଥ୍ୟ ସାର୍ବଜନୀନ ହୋଇ ନାହିଁ। ବର୍ତ୍ତମାନ ଯେଉଁ ଚାରି/ପାଞ୍ଚୋଟି ବୃହତ୍ ଏଆଇ କମ୍ପାନୀ ନିଜର ଏଆଇ ଟୁଲ୍ ମାଧ୍ୟମରେ ସେବା ଯୋଗାଇ ଦେଇ ଆସୁଛନ୍ତି, ସେମାନେ କେତେ ଅର୍ଥ ବିନିଯୋଗ କରିଛନ୍ତି ତାହାର ଔପଚାରିକ ତଥ୍ୟ ପ୍ରଦାନ କରି ନାହାନ୍ତି। ସେମାନଙ୍କୁ ସାହାଯ୍ୟ କରୁଥିବା ହାର୍ଡୱେର କମ୍ପାନୀଗୁଡ଼ିକର ପ୍ରତିଭୂତି ବଜାରରେ ଅଂଶଧନର ସ୍ଥିର ମୂଲ୍ୟ ନାହିଁ। ଏଆଇ ଶିଳ୍ପର ବ୍ୟାପକ ଅଭିବୃଦ୍ଧି ସତ୍ତ୍ୱେ ଚିପ୍ କମ୍ପାନୀଗୁଡ଼ିକର ଅଂଶଧନ ଅବମୂଲ୍ୟାୟନ ହେଉଛି କାହିଁକି ତାହା ସ୍ପଷ୍ଟ ହୋଇ ନାହିଁ।

ଏଆଇ ଚିପ୍ ପ୍ରସ୍ତୁତ କରୁଥିବା ଗୋଟିଏ କମ୍ପାନୀର ଆକାର ଭାରତ ଓ ଜାପାନର ମୋଟ ଘରୋଇ ଉତ୍ପାଦଠାରୁ ମଧ୍ୟ ଅଧିକ। କିନ୍ତୁ ପ୍ରତିଭୂତି ବଜାରରେ ତାହାର ଅଂଶଧନ ହାରାହାରି ଦଶଶତାଂଶ ହ୍ରାସ ପାଇଛି। ଗତ ଜାନୁୟାରୀ ମାସରେ ଯେତେବେଳେ ଏକ ଚାଇନିଜ୍ କମ୍ପାନୀ ନିଜର ଏଆଇ ଟୁଲ୍‌ର ସେବା ପ୍ରଦାନ ଆରମ୍ଭ କରିଥିଲା ସେତେବେଳେ ଏହି କମ୍ପାନୀ ସେୟାର ବଜାରରେ ଧରାଶାୟୀ ହୋଇଗଲା। କିନ୍ତୁ ମାତ୍ର କିଛି ମାସ ମଧ୍ୟରେ ପୁନର୍ବାର ଏହି କମ୍ପାନୀର ମୋଟ ଆକାର ତିନି ଟ୍ରିଲିୟନ ଡଲାରକୁ ସ୍ପର୍ଶ କଲା। ଗତ ଅଢ଼େଇ ମାସ ମଧ୍ୟରେ ଏହି କମ୍ପାନୀର ଆକାର ଦୁଇ ଟ୍ରିଲିୟନ୍ ଡଲାର ବୃଦ୍ଧି ପାଇଛି। ଏଆଇ ଶିଳ୍ପ ପରି ଏକ ଉଦୀୟମାନ କ୍ଷେତ୍ରରେ ଏହା କିପରି ସମ୍ଭବ ହେଲା ତାହା ଅର୍ଥଶାସ୍ତ୍ରୀମାନଙ୍କ ପାଇଁ ଅବୋଧ ରହିଛି। ଏଆଇ ଶିଳ୍ପର ଆରମ୍ଭ ସମୟରୁ ବିଭିନ୍ନ ପ୍ରକାରର ଏଆଇ ଟୁଲକୁ ବଜାର ପ୍ରବେଶ କରାଇବା ସମୟରେ କମ୍ପାନୀମାନେ ଏହାକୁ ଏକ ଯୁଗାନ୍ତକାରୀ ଉଦ୍ଭାବନ ରୂପେ ଅଭିହିତ କରିଥିଲେ ଏବଂ ଏହାର ସାହାଯ୍ୟ ନେଇ ନିଜର ଦକ୍ଷତାକୁ ବୃଦ୍ଧି କରିପାରିବେ ବୋଲି ପ୍ରଚାର କରିଥିଲେ। କିନ୍ତୁ କମ୍ପାନୀମାନେ ଏଥିରୁ କିପରି ଲାଭବାନ ହେବେ ତାହା ଜାଣିବା ସମ୍ଭବ ହୋଇ ପାରି ନ ଥିଲା। ଅର୍ଥାତ ଏଆଇ ଶିଳ୍ପର ନିର୍ଦ୍ଦିଷ୍ଟ ବ୍ୟବସାୟ ପ୍ରଣାଳୀ ବା ବିଜିନେସ୍ ମଡେଲ ନାହିଁ। ଏଆଇ ଟୁଲ୍‌କୁ ବିକଶିତ କରିବା ଏବଂ ସେଥିରେ ସମୟୋପଯୋଗୀ ପରିବର୍ତ୍ତନ ଆଣି ତାହାକୁ ଅଧିକ ଦକ୍ଷ କରିବା ସହିତ ଏହାଉପରେ ନିୟମିତ ଗବେଷଣା କରିବା, ଡାଟା ସେଣ୍ଟର ସ୍ଥାପନ ଓ ରକ୍ଷଣାବେକ୍ଷଣ, କର୍ମଚାରୀମାନଙ୍କ ବେତନ, ବିଜ୍ଞାପନ ଇତ୍ୟାଦି ପାଇଁ କମ୍ପାନୀମାନେ କିପରି ଅର୍ଥ ଉପାର୍ଜନ କରିବେ ବା କରୁଛନ୍ତି ତାହା ଏବେ ମଧ୍ୟ ରହସ୍ୟମୟ।

ମାସାଚୁସେଟ୍ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲୋଜି ବିଶ୍ୱବିଦ୍ୟାଳୟ ୧୫୦ଟି ଏଆଇ ଶିଳ୍ପ ସହିତ ସମ୍ପୃକ୍ତ କମ୍ପାନୀମାନଙ୍କ ଉପରେ ଏକ ସର୍ବେକ୍ଷଣ କରିଥିଲେ। ସର୍ବେକ୍ଷଣରୁ ଜଣାପଡ଼ିଥିଲା ଯେ ପ୍ରାୟ ୯୫ ଶତାଂଶ କମ୍ପାନୀ ଏଆଇ ଶିଳ୍ପରେ ବ୍ୟାପକ ପୁଞ୍ଜି ବିନିଯୋଗ କରିବା ପରେ କୌଣସି ଉପାୟରେ ଆର୍ଥିକ ଲାଭ ପ୍ରାପ୍ତ କରିବା ପାଇଁ ସକ୍ଷମ ହୋଇପାରୁ ନାହାନ୍ତି। ଅନ୍ୟପକ୍ଷରେ ସମଗ୍ର ବିଶ୍ୱରେ ବଡ଼ ବଡ଼ ଏଆଇ କମ୍ପାନୀମାନଙ୍କ ପୁଞ୍ଜି ବିନିଯୋଗ ୨୦୨୫ ମଧ୍ୟ ଭାଗ ବେଳକୁ ୩୦୦ ବିଲିୟନ୍ ଡଲାରରୁ ଅଧିକ ରହିଛି। ଛୋଟ ଛୋଟ କମ୍ପାନୀମାନଙ୍କରେ ମଧ୍ୟ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ବିଶ୍ୱରେ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ଯେତେ ବିନିଯୋଗ ହୁଏ, ତାହାର ପ୍ରାୟ ୭୧ ଶତାଂଶ କେବଳ ଏଆଇ ଶିଳ୍ପରେ ସମ୍ପୃକ୍ତ ଷ୍ଟାର୍ଟଅପ୍ କମ୍ପାନୀମାନଙ୍କରେ ହୋଇଛି। ତେଣୁ ଏଥିରୁ ସ୍ପଷ୍ଟ ହୋଇଛି ଯେ ନିବେଶକ ଏଆଇ ଶିଳ୍ପରେ ପ୍ରଚୁର ପୁଞ୍ଜି ବିନିଯୋଗ କରୁଛନ୍ତି।

ଆର୍ଥିକ ପରାମର୍ଶଦାତା ମେକେଞ୍ଜିର ଏକ ଆକଳନ ଅନୁସାରେ ବିଶ୍ୱର ପ୍ରମୁଖ ପାଞ୍ଚୋଟି ଆଇଟି କମ୍ପାନୀ ଏଆଇ କ୍ଷେତ୍ରରେ ମିଳିତ ଭାବରେ ବିଗତ ଦୁଇବର୍ଷ ମଧ୍ୟରେ ପ୍ରାୟ ୫୬୦ ବିଲିୟନ ଡଲାର ବିନିଯୋଗ କରିଥିଲେ। କିନ୍ତୁ ମାତ୍ର ୩୫ ବିଲିୟନ୍ ଡଲାର ଆୟ କରିବା ପାଇଁ ସକ୍ଷମ ହୋଇଥିଲେ। ଆର୍ଥିକ ଉପଦେଷ୍ଟା ବ୍ରେନ୍ ଆଣ୍ଡ କମ୍ପାନୀର ଏକ ଆକଳନ ଅନୁସାରେ ୨୦୩୦ ବେଳକୁ ବିଶ୍ୱର ଏଆଇ ଚାହିଦାକୁ ପୂରଣ କରିବା ପାଇଁ ପ୍ରମୁଖ ଆଇଟି କମ୍ପାନୀମାନଙ୍କ ବାର୍ଷିକ ଆୟ ପ୍ରାୟ ୨ ଟ୍ରିଲିୟନ ଡଲାରରୁ ଅଧିକ ରହିବା ଆବଶ୍ୟକ। କିନ୍ତୁ ୨୦୩୦ ବେଳକୁ କମ୍ପାନୀମାନେ ମାତ୍ର ୨୦୦ ବିଲିୟନ ଡଲାର ଆୟ କରିବା ପାଇଁ ସମର୍ଥ ହେବେ। ପ୍ରାୟ ୮୦୦ ବିଲିୟନ ଡଲାରରୁ ଅଧିକ କ୍ଷତି ମଧ୍ୟରେ କମ୍ପାନୀମାନେ ତିଷ୍ଠି ରହିବା ପାଇଁ କେତେଦୂର ସକ୍ଷମ ହେବେ ତାହା ଏକ ବଡ଼ ଜଟିଳ ପ୍ରଶ୍ନ। ଏହାସତ୍ତ୍ୱେ ଗୋଟିଏ ପ୍ରମୁଖ ଏଆଇ କମ୍ପାନୀ କହିଛି ଯେ ଗୋଟିଏ ସାଧାରଣ ପ୍ରଶ୍ନର ଉତ୍ତର ଦେବା ବେଳେ କମ୍ପାନୀର ଦଶ ଡଲାରର ଖର୍ଚ୍ଚ ହୁଏ; କିନ୍ତୁ ଭାରତ ପରି ବିଶାଳ ବଜାରରେ ସମସ୍ତ ପ୍ରମୁଖ ଏଆଇ କମ୍ପାନୀମାନେ ସେବାକୁ ସମ୍ପୂର୍ଣ୍ଣ ଭାବରେ ନିଃଶୁଳ୍କ କରିଛନ୍ତି।

ଏପରି ପରିସ୍ଥିତିରେ ପ୍ରତିଭୂତି ବଜାରରେ ଏଆଇ ଶିଳ୍ପ କମ୍ପାନୀମାନଙ୍କ ଅଂଶଧନକୁ ସଠିକ୍ ଭାବରେ ଚିନ୍ତା କରି କ୍ରୟ କରିବା ପାଇଁ ମୋର୍ଗନ୍ ଷ୍ଟାନଲି ଓ ଗୋଲ୍ଡମ୍ୟାନ ସ୍ୟାକ୍ସ ନିବେଶକମାନଙ୍କୁ ପରାମର୍ଶ ଦେଇଛନ୍ତି। ସେମାନଙ୍କ ତର୍କ ରହିଛି ଯେ ଏଆଇ ଶିଳ୍ପରେ ସଂପୃକ୍ତ କମ୍ପାନୀମାନଙ୍କ ଅଂଶଧନକୁ ମାତ୍ରାଧିକ ମୂଲ୍ୟାୟନ କରାଯାଇଛି। ବଜାରରେ ଏଆଇ ବିଷୟରେ ଅମୂଳକ ଓ ଅଯଥା ପରିକଳ୍ପିତ ଧାରଣା ସେମାନଙ୍କୁ ସାହାଯ୍ୟ କରୁଛି। ସେଥିପାଇଁ ପ୍ରତିଭୂତି ବଜାରରେ ଯେପରି ବଡ଼ ଧରଣର ସ୍ଖଳନ ନ ଆସେ ଏବଂ ନିବେଶକଙ୍କ ବଡ଼ ଧରଣର କ୍ଷତି ନ ହୁଏ ସେଥିପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି। ଏଆଇ ଶିଳ୍ପ ପାଇଁ ଚିପ୍ ପ୍ରସ୍ତୁତ କରୁଥିବା ଆମେରିକୀୟ କମ୍ପାନୀମାନଙ୍କ ଅଂଶଧନରେ ଅବମୂଲ୍ୟାୟନ ପଛରେ ଭୂ-ରାଜନୈତିକ ଅସ୍ଥିରତାକୁ ମଧ୍ୟ ଦାୟୀ କରାଯାଉଛି। ଆମେରିକାର ଉଚ୍ଚ ବାଣିଜ୍ୟ ଶୁଳ୍କ ନୀତି ଫଳରେ ଚୀନ ଚିପ୍ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକ ହେଉଥିବା ଦୁର୍ଲଭ ଖଣିଜ ପଦାର୍ଥର ରପ୍ତାନି ଉପରେ କଟକଣା ଲାଗୁ କରିଥିବାରୁ ଚିପ୍ କମ୍ପାନୀମାନଙ୍କ ଅଂଶଧନ ମୂଲ୍ୟ ହ୍ରାସ ପାଉଛି ବୋଲି ଅନୁମାନ କରାଯାଉଛି।

ଏଆଇ ପରି ମାତ୍ର ତିନିବର୍ଷର ଶିଶୁ ଶିଳ୍ପରୁ ଭବିଷ୍ୟତରେ ପ୍ରଚୁର ଲାଭର ଆଶା ରଖି ଏଥିରେ ପର୍ଯ୍ୟାପ୍ତ ପୁଞ୍ଜି ବିନିଯୋଗ କରିବା ଅର୍ଥନୀତି ପ୍ରତି ବିପଦ ସୃଷ୍ଟି କରିଛି। କାରଣ ସୂଚନା ପ୍ରଯୁକ୍ତି ବିଜ୍ଞାନ ଶିଳ୍ପ ପ୍ରାୟ ଦୁଇ ଦଶନ୍ଧି ପୂର୍ବେ ଏକ ବଡ଼ ଧରଣର ଆର୍ଥିକ ସ୍ଖଳନ ଦେଖିଛି। ୨୦୦୦ ମସିହାର ଡଟ୍ କମ୍ ବବଲ୍‌ର ଭୟ ଏଆଇ ଶିଳ୍ପ ମଧ୍ୟରେ ଦେଖା ଦେଇଛି। ୧୯୯୦ ମସିହାରେ ଇଣ୍ଟରନେଟ୍ ଯୁଗ ଆରମ୍ଭ ହେବା ବେଳେ ବହୁତ କମ ସମୟ ମଧ୍ୟରେ ଏଥିରୁ ପ୍ରଚୁର ଆଶା ରଖି ବିପୁଳ ପୁଞ୍ଜି ବିନିଯୋଗ ସହ ଶହ ଶହ ଷ୍ଟାର୍ଟଅପ୍ କମ୍ପାନୀ ସେବା ଆରମ୍ଭ କଲେ। କିନ୍ତୁ ଇଣ୍ଟରନେଟ୍ ଶିଳ୍ପରୁ ସେପରି ଲାଭ ନ ମିଳିବାରୁ କମ୍ପାନୀମାନେ ଦେବାଳିଆ ହେବାକୁ ଲାଗିଲେ ଏବଂ ପୁଞ୍ଜି ପ୍ରତ୍ୟାହାର ଆରମ୍ଭ ହେଲା। ଏହାର ଏକମାତ୍ର କାରଣ ଥିଲା ଇଣ୍ଟରନେଟ୍ ଶିଳ୍ପରେ ବ୍ୟବସାୟ କିପରି ଚାଲିବ ସେ ବିଷୟରେ ନିବେଶକମାନେ ସମ୍ପୂର୍ଣ୍ଣ ଭାବରେ ଅଜ୍ଞ ଥିଲେ। ସେତେବେଳେ 'ନାସଡାକ୍'ରେ ପ୍ରାୟ ୫ ଟ୍ରିଲିୟନ ଡଲାର ରାତାରାତି ଉଭାନ ହୋଇଯାଇଥିଲା।

ଭାରତରେ ମଧ୍ୟ ଏଆଇ ଶିଳ୍ପରେ ପୁଞ୍ଜି ବିନିଯୋଗ ବୃଦ୍ଧି ପାଇବାରେ ଲାଗିଛି। ଚଳିତ ଆର୍ଥିକ ବର୍ଷରେ ଏଆଇ ଶିଳ୍ପରେ ପ୍ରାୟ ୫୨୪ ନିଯୁତ ଡଲାର ନିବେଶ ହୋଇଛି। ବିନା କୌଣସି ତଥ୍ୟ ଆଧାରରେ ଦୂର ଭବିଷ୍ୟତକୁ ଆକଳନ କରି ପ୍ରଚୁର ପୁଞ୍ଜି ବିନିଯୋଗ କରିବା ବିପଦପୂର୍ଣ୍ଣ ହୋଇପାରେ। ●

ବେଲେଶ୍ୱର(କଟକ),
ମୋ: ୯୪୩୭୧୨୮୪୬୪

# ଆଧୁନିକ ପୁଞ୍ଜିବାଦର ଉଦୀୟମାନ ମାନବୀୟ ପ୍ରକୃତି

**ମାନସ କୁମାର କର**

ଭାରତୀୟ ସଂସ୍କୃତିରେ ଦାନ ପରମ୍ପରାର ବିଶେଷ ଗୁରୁତ୍ୱ ରହିଛି। ଏହାକୁ ଧର୍ମ ଓ ସାମାଜିକ ଦାୟିତ୍ୱ ସହିତ ଜଡ଼ିତ କରାଯାଇଛି। ହୁଏତ ଏହି କାରଣରୁ ଭାରତରେ ଧାର୍ମିକ ସମାରୋହରେ ଦାନ ଦେବାର ପରମ୍ପରାକୁ ଅଧିକ ଗୁରୁତ୍ୱ ଦିଆଯାଏ। ଏହି ପରମ୍ପରାର ଉଦ୍ଦେଶ୍ୟ କେବଳ ଅଭାବୀମାନଙ୍କୁ ସାହାଯ୍ୟ କରିବା ନୁହେଁ, ବରଂ ସମାଜରେ ସନ୍ତୁଳନ ଓ ମାନବିକତା ବଜାୟ ରଖିବା। ଦେଶରେ ଅସମାନତା ଓ ଦାରିଦ୍ର୍ୟର ପରିସ୍ଥିତି ଦେଖିବା ପରେ ସମ୍ଭବତଃ ମହାତ୍ମା ଗାନ୍ଧୀ 'ଟ୍ରଷ୍ଟିସିପ୍' ଉପରେ ଗୁରୁତ୍ୱାରୋପ କରିଥିଲେ, ଯାହା ଅନୁସାରେ ଧନୀ ଲୋକମାନେ ସେମାନଙ୍କ ସମ୍ପତ୍ତିର ମାଲିକ ନୁହନ୍ତି, କେବଳ ଟ୍ରଷ୍ଟି କିମ୍ବା ରକ୍ଷକ ଅଟନ୍ତି ଏବଂ ସେମାନେ ସେମାନଙ୍କର ସମ୍ପତ୍ତିକୁ କେବଳ ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ବ୍ୟବହାର କରିବା ସହିତ ଅବଶିଷ୍ଟ ସମ୍ପତ୍ତିକୁ ସମାଜର କଲ୍ୟାଣ ପାଇଁ ଉତ୍ସର୍ଗ କରିବା ଉଚିତ। ଏହି ନୀତି ହୃଦୟ ପରିବର୍ତ୍ତନ ଓ ସ୍ୱେଚ୍ଛାକୃତ ତ୍ୟାଗ ଉପରେ ଆଧାରିତ।

ଆମେରିକୀୟ ଶିଳ୍ପପତି ୱାରେନ ବଫେଟ୍ ତାଙ୍କ ମୃତ୍ୟୁ ପରେ ତାଙ୍କ ପିଲାମାନଙ୍କ ଦ୍ୱାରା ପରିଚାଳିତ ଏକ ଦାନଯୋଗ୍ୟ ଟ୍ରଷ୍ଟକୁ ୧୫୦ ବିଲିୟନ ଡଲାର ସମ୍ପତ୍ତି ଦାନ କରିବାକୁ ଘୋଷଣା କରିଥିଲେ। ଏହି ଟ୍ରଷ୍ଟ ମାଧ୍ୟମରେ ତାଙ୍କ ପିଲାମାନେ ଏହି ସମ୍ପତ୍ତିକୁ ଦାତବ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବେ ଏବଂ ସେମାନଙ୍କ ପିଲାମାନେ ନିଜସ୍ୱ ବୁଝାମଣା ଓ ସହମତି ଆଧାରରେ ନିଷ୍ପତ୍ତି ନେବେ। ଏହା ନିଃସନ୍ଦେହରେ ଏକ ଭଲ ପରମ୍ପରା। କିନ୍ତୁ ଏହାକୁ ଗାନ୍ଧୀଙ୍କ 'ଟ୍ରଷ୍ଟିସିପ୍' ନୀତିର ଆଧାର ଭାବରେ ଦେଖାଯାଇପାରିବ କି? ନା ଏହାକୁ ପୁଞ୍ଜିବାଦର ଏକ ମାନବିକ ଚେହେରା ଭାବରେ ଦେଖାଯିବା ଉଚିତ?

ପ୍ରଶ୍ନ ହେଉଛି: କ'ଣ କଲ୍ୟାଣକାରୀ ପୁଞ୍ଜିବାଦ ସମ୍ଭବ? ନା ଜୀବନବ୍ୟାପୀ ଶୋଷଣ ଓ ଅତ୍ୟାଚାର ପରେ ପୁଞ୍ଜିବାଦୀମାନେ ସେମାନଙ୍କର ମାନସିକତାରେ ପରିବର୍ତ୍ତନ ଆଣିବା ସ୍ୱାଭାବିକ? ସମାଜଶାସ୍ତ୍ରୀୟ ଦୃଷ୍ଟିକୋଣରୁ ବର୍ତ୍ତମାନର ଯୁଗ ହେଉଛି ଟେକ୍ନୋ-ପୁଞ୍ଜିବାଦର, ଯେଉଁଠାରେ ଟେକ୍ନୋଲୋଜି ନବସୃଜନ ଏବଂ ପୁଞ୍ଜି ହେଉଛି ଧନ, ଅଭିବୃଦ୍ଧି ଓ ଶକ୍ତିର ପ୍ରାଥମିକ ଚାଳକ। ଏହା ଧନୀ ଓ ଗରିବଙ୍କ ମଧ୍ୟରେ ବଢ଼ୁଥିବା ପାର୍ଥକ୍ୟକୁ ସୂଚାଉଛି, ଯାହାଫଳରେ ଧନୀମାନେ ଅଧିକ ଧନୀ ହେଉଛନ୍ତି। ନବ-ପୁଞ୍ଜିବାଦର ଏହି ଯୁଗରେ ଶୋଷଣ ଓ ଅତ୍ୟାଚାର ବଦଳରେ ପୁଞ୍ଜିବାଦର ଏକ କଲ୍ୟାଣକାରୀ ରୂପ ଉଭା ହେଉଛି, ଯାହା ଦୁଇଟି ଉପାୟରେ କାମ କରେ। ପ୍ରଥମତଃ, କର୍ପୋରେଟ୍ ସାମାଜିକ ଦାୟିତ୍ୱ (ସିଏସଆର) ରୂପରେ ଏବଂ ଦ୍ୱିତୀୟତଃ, ଦାନ ରୂପରେ। ପୁଞ୍ଜିବାଦ ଭିତରେ ଥିବା ସଙ୍କଟ କ'ଣ ଏହି ଲୋକମାନଙ୍କୁ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ କରିବାକୁ ବାଧ କରୁଛି? ନା ବଜାର ଏବେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ରାଷ୍ଟ୍ରକୁ ସ୍ଥାନ ଦେଉଛି?

ପୁଣି ପ୍ରଶ୍ନ ଉଠେ, କେବଳ ୯୦ ବର୍ଷ କିମ୍ବା ତା'ଠାରୁ ଅଧିକ ବର୍ଷ ବୟସରେ କଲ୍ୟାଣମୂଳକ କାର୍ଯ୍ୟକଳାପରେ ନିୟୋଜିତ ହେବାର ଚିନ୍ତାଧାରା କାହିଁକି ମନକୁ ଆସେ? ଭାରତରେ ରତନ ଟାଟା ଓ ଅଜିମ ପ୍ରେମଜୀଙ୍କ ପରି କେତେକ ବଦାନ୍ୟ ଉଦାହରଣୀୟ ଓ ଅନୁକରଣୀୟ ବ୍ୟକ୍ତିତ୍ୱ ପୁଞ୍ଜିବାଦର କୁତ୍ସିତ ଚେହେରାକୁ କଲ୍ୟାଣକାରୀ ଓ ମାନବିକ ଚେହେରାରେ ବଦଳାଇ ଦେଇଛନ୍ତି, ଯେଉଁମାନେ ଶିକ୍ଷା, ସ୍ୱାସ୍ଥ୍ୟ, ଗ୍ରାମୀଣ ବିକାଶ ଓ ପରିବେଶ ସୁରକ୍ଷା ଭଳି କ୍ଷେତ୍ରରେ ସମାଜରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି। ଅନ୍ୟପକ୍ଷରେ, ପୁଞ୍ଜିବାଦର ଏକ ଅମାନବୀୟ ଓ ଶୋଷଣକାରୀ ଦିଗ ମଧ୍ୟ ଅଛି, ଯାହାର ବୈଶିଷ୍ଟ୍ୟ ହେଉଛି ୯୦ ଘଣ୍ଟାର କାର୍ଯ୍ୟ ଅଥବା ଦୀର୍ଘ କାର୍ଯ୍ୟସମୟ, ଅସୁରକ୍ଷିତ କର୍ମକ୍ଷେତ୍ର ପରିବେଶ, ଚାକିରି ଅସୁରକ୍ଷିତତା, ଛଟେଇର ଭୟ ଓ କମ ମଜୁରୀ।

ପ୍ରୋଟେଷ୍ଟାଣ୍ଟ ନୀତିଶାସ୍ତ୍ର ଓ ପୁଞ୍ଜିବାଦର ଢାଞ୍ଚାରେ ସମାଜବିଜ୍ଞାନୀ ମ୍ୟାକ୍ସ ୱେବର 'ପ୍ରୋଟେଷ୍ଟାଣ୍ଟ ଏଥିକ୍ସ ଆଣ୍ଡ ଦି ସ୍ପିରିଟ୍ ଅଫ୍ କ୍ୟାପିଟାଲିଜିମ୍' ଏବଂ କାର୍ଲ ମାର୍କ୍ସ 'ଦାସ କାପିଟାଲ୍' ରେ ସମାନ ଆଲୋଚନା କରିଥିଲେ, ଯେଉଁଠାରେ ୱେବର ପୁଞ୍ଜିବାଦର କଲ୍ୟାଣକାରୀ ଦିଗକୁ ଉପସ୍ଥାପନ କରିଥିଲେ ଏବଂ ମାର୍କ୍ସ ଶୋଷଣମୂଳକ ଦିଗକୁ ଦେଖାଇଥିଲେ। ଏହା ମଧ୍ୟ ସତ୍ୟ ଯେ ସେହି ସମୟରେ ପ୍ରଯୁକ୍ତିବିଦ୍ୟା ଆଜି ପରି ପ୍ରଭାବଶାଳୀ ନଥିଲା ଏବଂ ଯେତେବେଳେ ପୁଞ୍ଜିବାଦୀମାନେ ଏହି ପ୍ରଯୁକ୍ତିବିଦ୍ୟା-ପୁଞ୍ଜିବାଦରୁ ଯଥେଷ୍ଟ ଲାଭ ଅମଳ କରୁଛନ୍ତି, ସେମାନେ ଭୟ କରୁଛନ୍ତି ଯେ ଜନସଂଖ୍ୟାର ଏକ ଅଂଶ ସେମାନଙ୍କ ବିରୁଦ୍ଧରେ ପ୍ରତିବାଦର ଆଶଙ୍କାକୁ ବୃଦ୍ଧି କରିପାରେ। ତେଣୁ ସେମାନେ କଲ୍ୟାଣକାରୀ କାର୍ଯ୍ୟକ୍ରମ ହାତକୁ ନେଉଛନ୍ତି।

ପ୍ରକୃତରେ, ବଜାରର କେବଳ ଗୋଟିଏ ନିୟମ ଅଛି - 'ଏହାର କୌଣସି ନିୟମ ନାହିଁ; ଏହାର ଏକମାତ୍ର ଉଦ୍ଦେଶ୍ୟ ହେଉଛି ଲାଭ କରିବା।' ହୁଏତ ଏହି କାରଣରୁ ଆଜି ଆମ ସମାଜ ଏତେ ବିପଦ ଓ ଆହ୍ୱାନରେ ଘେରି ରହିଛି। ପୁଞ୍ଜିବାଦୀ ଅର୍ଥନୀତିର ଭବିଷ୍ୟତର ଏହି ଆହ୍ୱାନଗୁଡ଼ିକୁ ପୂର୍ବାନୁମାନ କରି ଗାନ୍ଧିଜୀ 'ଟ୍ରଷ୍ଟିସିପ୍' ନୀତିର ଅବତାରଣା କରିଥିଲେ, ଯାହା ଆଜିର ଦିନରେ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ସେ ବିଶ୍ୱାସ କରୁଥିଲେ ଯେ ଯଦି ଧନୀ ବ୍ୟକ୍ତିମାନେ ସେମାନଙ୍କର ଅତିରିକ୍ତ ସମ୍ପତ୍ତିକୁ ସମାଜର ହିତ ପାଇଁ ଦାନ ଅବା ବ୍ୟବହାର କରନ୍ତି, ତେବେ ଏହା ସମାଜରେ ସମାନତା ଆଣିପାରିବ ଏବଂ ଧନୀ-ଗରିବଙ୍କ ମଧ୍ୟରେ ସମନ୍ୱୟ ସ୍ଥାପନ ହୋଇପାରିବ, ଯାହା ଏକ ନ୍ୟାୟପୂର୍ଣ୍ଣ ସମାଜ ପ୍ରତିଷ୍ଠାର ସ୍ୱପ୍ନକୁ ବାସ୍ତବତାରେ ପରିଣତ କରିପାରିବ। ●

କୋଟାଙ୍ଗ(କୋଣାର୍କ), ମୋ: ୭୩୮୧୩୮୨୨୧୦

# ପଦ୍ମସମ୍ଭବଙ୍କ ମହାପରିନିର୍ବାଣ ସ୍ଥଳ

**ପ୍ରବୀର କୁମାର ପଟ୍ଟନାୟକ**

ତିବ୍ଦତରେ ତୀର୍ଥଯାତ୍ରା ଅତ୍ୟନ୍ତ ଲୋକପ୍ରିୟ ପ୍ରଥା। ସେଠାରେ ଅସଂଖ୍ୟ ପୁଣ୍ୟପୀଠ ବା ତୀର୍ଥସ୍ଥଳ ରହିଛି। ଏସବୁ ସ୍ଥଳ ସେମାନଙ୍କର ଧର୍ମ ସମ୍ବନ୍ଧିତ ଏବଂ ତାହା ହେଉଛି ଖ୍ୟାତନାମା ଓ ଅଲୌକିକ ଶକ୍ତିସଂପନ୍ନ ଲାମାମାନଙ୍କ ସ୍ଥଳ, ବୁଦ୍ଧ ତଥା ଅନ୍ୟ ବିଶିଷ୍ଟ ବୌଦ୍ଧାଚାର୍ଯ୍ୟମାନଙ୍କର ଦେହାବଶେଷ ଅଥବା ସ୍ମୃତିସ୍ଥଳ, ପବିତ୍ର ପଦଚିହ୍ନ ସ୍ଥଳ, ପବିତ୍ର ବୃକ୍ଷ ସ୍ଥଳ ଇତ୍ୟାଦି। ଏସବୁ ସ୍ଥଳକୁ ତୀର୍ଥଯାତ୍ରୀମାନେ ବିଭିନ୍ନ ଅର୍ପଣ-ବସ୍ତୁ ସହ ଯାତ୍ରା କରିଥା'ନ୍ତି ଏବଂ ସେହି ବସ୍ତୁଗୁଡ଼ିକୁ ସେଠାରେ ଅର୍ପଣ କରିଥା'ନ୍ତି। ଏହି ବସ୍ତୁ ମଧ୍ୟରେ ସ୍ୱର୍ଣ୍ଣ ଓ ଅନ୍ୟ ମୂଲ୍ୟବାନ ବସ୍ତୁ ମଧ୍ୟ ରହିଥାଏ। ଅନେକ ଯାତ୍ରୀ ଦେଶ ବାହାରର ତୀର୍ଥସ୍ଥାନକୁ ମଧ୍ୟ ଯାତ୍ରା କରିଥା'ନ୍ତି। ଯଥା ଚୀନ, ଭୁଟ୍ଟାନ, ସିକ୍କିମ, ନେପାଳ, କାଶ୍ମୀର-ଗାନ୍ଧାର, ତୁର୍କୀସ୍ତାନ ଓ ଭାରତ ଭଳି ଦେଶକୁ, ଯେଉଁ ସ୍ଥାନସବୁ ମୁଖ୍ୟତଃ ଗୁରୁ ପଦ୍ମସମ୍ଭବ ଓ ଭଗବାନ ବୁଦ୍ଧଙ୍କ ସଂପର୍କିତ ପବିତ୍ର ସ୍ଥାନ।

ମୁସଲମାନମାନଙ୍କର ଯେପରି ମକ୍କା ଓ ମଦିନା, ସେହିଭଳି ତିବ୍ଦତୀୟ ଲାମାମାନଙ୍କ ମତରେ ସମସ୍ତ ବୌଦ୍ଧ ଧର୍ମ ଅନୁଗାମୀଙ୍କ ଭଳି ତିବ୍ଦତୀୟମାନଙ୍କର ଅତ୍ୟନ୍ତ ପବିତ୍ର ତୀର୍ଥସ୍ଥଳ ହେଲା ବୁଦ୍ଧଗୟାଠାରେ ଥିବା ପବିତ୍ର ବୋଧିବୃକ୍ଷ, ଯେଉଁଠାରେ ଶାକ୍ୟମୁନି ବୁଦ୍ଧତ୍ୱ ଲାଭ କରିଥିଲେ ଏବଂ ସେଠାକାର ମନ୍ଦିର, ଯାହାକୁ ତିବ୍ଦତୀୟମାନେ ଗନ୍ଧୋଲା କହିଥା'ନ୍ତି। ଏହାପରେ ଅନ୍ୟ ମୁଖ୍ୟ ପବିତ୍ର ସ୍ଥଳ ହେଲା ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳ କୁଶୀନଗର ଏବଂ ଅନ୍ୟ ପବିତ୍ର ସ୍ଥଳଗୁଡ଼ିକ ହେଲା ବୁଦ୍ଧଙ୍କ ଦେହବଶେଷ ରହିଥିବା ଆଠଗୋଟିଯାକ ମହାଚୈତ୍ୟ।




ଭାରତରେ ଥିବା ତୀର୍ଥ ସ୍ଥାନସବୁକୁ ତିବ୍ଦତୀୟମାନେ ନିୟମିତ ଭାବେ କିମ୍ବା ବେଶୀ ସଂଖ୍ୟାରେ ଆସନ୍ତି ନାହିଁ। ମୁଖ୍ୟ କାରଣ ହେଉଛି ଏସବୁ ବହୁଦୂରରେ ଅବସ୍ଥିତ ଏବଂ ଖର୍ଚ୍ଚବହୁଳ ଯାତ୍ରା। ଆସାମରେ ତିବ୍ଦତୀୟମାନଙ୍କର ସାମ୍-ଚୋ-ଡୁନ ନାମକ ଏକ ପବିତ୍ର ବୌଦ୍ଧ ତୀର୍ଥକ୍ଷେତ୍ର ରହିଛି। ଏହା ହେଉଛି ବୁଦ୍ଧଗୟା (ବୋଧଗୟା) ପରେ ଅତ୍ୟନ୍ତ ପବିତ୍ର ପୁଣ୍ୟକ୍ଷେତ୍ର। ସାଧାରଣତଃ ଆସାମରେ କୌଣସି ପ୍ରମୁଖ ବୌଦ୍ଧ ସ୍ଥଳ ନାହିଁ। ପଞ୍ଚମ ଓ ସପ୍ତମ ଶତାବ୍ଦୀରେ ଭାରତ ଭ୍ରମଣ କରିଥିବା ଚୀନ ତୀର୍ଥଯାତ୍ରୀ ଉଭୟ ଫାହିଆନ୍ ଓ ହୁଏନସାଂ ମଧ୍ୟ ଆସାମର କୌଣସି ବୌଦ୍ଧ ସ୍ଥଳ ବିଷୟରେ ଦର୍ଶାଇ ନାହାନ୍ତି। କିନ୍ତୁ ବୁଦ୍ଧଙ୍କ ମହାପରିନିର୍ବାଣ ସ୍ଥଳକୁ ଲାମାମାନେ ଆସାମ ବୋଲି ବିଶ୍ୱାସ କରିଥା'ନ୍ତି।

ଯାଶ୍କେଙ୍କର ତିବ୍ଦତୀୟ ଅଭିଧାନରେ 'ସା-ମଚୋଗ୍-ଗ୍ରୋନ୍' ନାମକ ଏକ ସ୍ଥାନର ନାମ ରହିଛି, ଯାହା ପଶ୍ଚିମ ଆସାମରେ ଅବସ୍ଥିତ। ଏଠାରେ ବୁଦ୍ଧ ପ୍ରାଣତ୍ୟାଗ କରିଥିବା ବିଷୟ ଦର୍ଶାଯାଇଛି। ଏ ବିଷୟଟି 'ଗ୍ୟାଲରାବ୍ସ' ନାମକ ତିବ୍ଦତୀୟ ଭାଷାରେ ଲିଖିତ ତିବ୍ଦତର ଇତିହାସ ଗ୍ରନ୍ଥରେ ଦର୍ଶାଯାଇଥିବା ଆଧାରରେ ଅଭିଧାନଟିରେ ସୂଚିତ ହୋଇଛି। ସେହିଭଳି ବିଶିଷ୍ଟ ଗବେଷକ କସ୍‌ମୋଡି କୋରୋସ୍ ମଧ୍ୟ ଏକ ପ୍ରାମାଣିକ ଗ୍ରନ୍ଥରେ ଶାକ୍ୟ ମୁନିଙ୍କ ମହାପ୍ରୟାଣ ଆସାମର କୁଶନଗର ଅଥବା କାମରୂପରେ ଘଟିଥିବା ବିଷୟ ତିବ୍ଦତୀୟ ଗ୍ରନ୍ଥମାନଙ୍କରେ ଉଲ୍ଲେଖ ରହିଥିବା କଥା ଦର୍ଶାଇଛନ୍ତି। ଏହିଠାରେ ହିଁ ରହିଛି ରହସ୍ୟ ନିର୍ଣ୍ଣୟର ସୂତ୍ର।

ବୁଦ୍ଧଙ୍କ ମହାପରିନିର୍ବାଣ କୁଶୀନଗରଠାରେ ଦୁଇଟି ଶାଳ ବୃକ୍ଷ ମଧ୍ୟରେ ହୋଇଥିବା ସମସ୍ତେ ଜାଣନ୍ତି। ଏହି ସ୍ଥାନଟି ଗୋରଖପୁରଠାରୁ ପୂର୍ବକୁ ପଞ୍ଚତିରିଶ ମାଇଲ ତଥା ବନାରସଠାରୁ ଉତ୍ତର-ପୂର୍ବକୁ ଏକଶହ କୋଡ଼ିଏ ମାଇଲ ଦୂରରେ ଅବସ୍ଥିତ। କୁଶୀନଗର ଯେ ଭଗବାନ ବୁଦ୍ଧଙ୍କର ମହାପରିନିର୍ବାଣ ସ୍ଥଳ ଏହା ବିଶିଷ୍ଟ ଗବେଷକ କନିଙ୍ଗହାମ ଚିହ୍ନଟ କରିସାରିଛନ୍ତି ଏବଂ ଆନ୍ତର୍ଜାତିକ ସ୍ତରରେ ମଧ୍ୟ ସ୍ୱୀକୃତ ସ୍ଥଳ ଭାବେ ସୁପରିଚିତି ଲାଭ କରିସାରିଛି। ଉଭୟ ପ୍ରାଚୀନ ଚୀନ ପରିବ୍ରାଜକ ଫାହିଆନ୍ ଓ ହୁଏନସାଂ ମଧ୍ୟ ପୂର୍ଣ୍ଣ ବିବରଣୀ ସହ ଏହି ସ୍ଥଳ ବିଷୟ ଦର୍ଶାଇଛନ୍ତି। ଏ ସମ୍ପର୍କରେ କୌଣସି ଠାରେ କୌଣସି ପ୍ରକାର ଦ୍ୱନ୍ଦ୍ୱ ମଧ୍ୟ ନାହିଁ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

**ଅବକାରୀ ପୁଲିସର ଖାମଖିଆଲି !**

## ରାଇରଙ୍ଗପୁର ଜେଲ୍‌ରେ ବାଳ ଅପରାଧୀ

ରାଇରଙ୍ଗପୁର, ୨୧।୧୧(ସମିସ): ଅବକାରୀ ପୁଲିସର ଭୁଲ୍ ପାଇଁ ଜଣେ ବାଳ ଅପରାଧୀ ସୁଧାର ଗୃହ ପରିବର୍ତ୍ତେ ଜେଲ୍‌ରେ କଏଦୀ ଜୀବନ ବିତାଉଛନ୍ତି। ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ଏପରି ଏକ ଘଟଣା ଏବେ ସାମ୍ନାକୁ ଆସିଛି। ନକଲି ମଦ କାରବାର ଅଭିଯୋଗରେ ଧରାପଡ଼ିଥିବା ଝାଡ଼ଖଣ୍ଡର ଜଣେ ବାଳ ଅପରାଧୀ ରାଇରଙ୍ଗପୁର ଜେଲ୍‌ରେ ବନ୍ଦୀ ଜୀବନ ବିତାଉଛନ୍ତି।

ସୂଚନାନୁଯାୟୀ, ମାସେ ତଳେ ଅବକାରୀ ବିଭାଗ ତିରିଂ ଥାନା ଅଞ୍ଚଳରୁ ଏକ ନକଲି ମଦ କାରଖାନା ଠାବ କରିଥିଲା। ପଣ୍ଡୁପାଣି ପଞ୍ଚାୟତର ଜଟା ଗ୍ରାମରେ ଦୀର୍ଘଦିନ ହେଲା ଏହି ନକଲି କାରଖାନା ଚାଲୁଥିଲା। ଏହି ଘଟଣାରେ ସେତେବେଳେ ପୁଲିସ ୩ ନାବାଳକଙ୍କ ସମେତ




ମୋଟ ୬ ଜଣଙ୍କୁ ଧରିଥିଲା। କିନ୍ତୁ, ସେମାନଙ୍କ ମଧ୍ୟରୁ ଝାଡ଼ଖଣ୍ଡ ଅଞ୍ଚଳର ଜଣେ ନାବାଳକକୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡ ପରିବର୍ତ୍ତେ ରାଇରଙ୍ଗପୁର କୋର୍ଟରେ ହାଜର କରିଥିଲା ଅବକାରୀ ବିଭାଗ। ସେଠାରେ ଜାମିନ୍ ନାମଞ୍ଜୁର ହେବାରୁ ତାକୁ ଜେଲ୍‌କୁ ପଠାଇ ଦିଆଯାଇଛି। ଗତ ଅକ୍ଟୋବର ୧୦ରୁ ସେ ରାଇରଙ୍ଗପୁର ଉପଖଣ୍ଡ କାରାଗାରରେ ରହିଛି। ବାଳ ଅପରାଧୀଙ୍କୁ ଜୁଭେନାଇଲ ଜଷ୍ଟିସ୍ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇବାର ନିୟମ ରହିଛି। କିନ୍ତୁ ଉକ୍ତ ନାବାଳକଙ୍କ ବୟସ ଯାଞ୍ଚ କରାନଯାଇ ତାକୁ ଜେଲ୍ ହାଜତକୁ କିପରି ପଠାଇ ଦିଆଗଲା, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏନେଇ ରାଇରଙ୍ଗପୁର ଉପଖଣ୍ଡ କାରାଗାର ଜେଲର୍ ଅଞ୍ଜନ କୁମାର ପଣ୍ଡା କହିଛନ୍ତି, ସେ ଜେଲକୁ ଆସିବା ପରେ ତା'ର ବୟାନ ସହ ଆଧାରକାର୍ଡ ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ ପରେ ସେ ନାବାଳକ ବୋଲି ଜଣାପଡ଼ିଛି। ନାବାଳକଙ୍କ ପିତାଙ୍କ ସହ ଯୋଗାଯୋଗ କରି ରାଇରଙ୍ଗପୁର କୋର୍ଟଙ୍କୁ ତ୍ରୁଟି ବାବଦରେ ସୂଚନା ଦିଆଯାଇଥିଲା। ତେବେ କୋର୍ଟ ଏହାର ବିଚାର କରି ତୁରନ୍ତ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରି ସୁଧାର ଗୃହକୁ ପଠାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।

## ଭିଜିଲାନ୍ସ ଜାଲରେ ପାକ୍ସ ସମ୍ପାଦକ

ଦେବଗଡ଼, ୨୧।୧୧(ସମିସ): ୪୦ ଲକ୍ଷ ୭୧ ହଜାର ଟଙ୍କା ଆତ୍ମସାତ କରିବା ଅଭିଯୋଗରେ ବାରକୋଟ ବ୍ଲକ୍ କାଦୋପଡାସ୍ଥିତ ପ୍ରାଥମିକ କୃଷି ସମବାୟ



ସମିତି (ପାକ୍ସ) ସମ୍ପାଦକ ସୁରେଶ ଚନ୍ଦ୍ର ସାହୁଙ୍କୁ ଭିଜିଲାନ୍ସ ଗିରଫ କରିଛି। ସୂଚନାନୁଯାୟୀ, ଶ୍ରୀ ସାହୁ ଋଣ ନେଇଥିବା ଚାଷୀମାନଙ୍କଠାରୁ କିସ୍ତି ଟଙ୍କା ନଗଦ ଆକାରରେ ଆଦାୟ କରୁଥିଲେ। ମାତ୍ର ଚାଷୀମାନେ ବିଭିନ୍ନ ସମୟରେ ପରିଶୋଧ କରିଥିବା ନଗଦ ୪୦ ଲକ୍ଷ ୭୧ ହଜାର ଟଙ୍କା ବାବଦରେ ବିଭାଗୀୟ ରେଜିଷ୍ଟର୍ (ଡେ'ବୁକ) ରେ ଉଲ୍ଲେଖ ନକରି ଏହାକୁ ଆତ୍ମସାତ କରିଥିଲେ। ଫଳରେ ଅନୁଷ୍ଠାନର ଆର୍ଥିକ କ୍ଷତି ଘଟିବା ସହ ଗରିବ ଚାଷୀମାନଙ୍କ ଉପରେ ମଧ୍ୟ ଏହାର କୁ-ପ୍ରଭାବ ପଡ଼ିଥିଲା। ଏନେଇ ଭିଜିଲାନ୍ସରେ ଅଭିଯୋଗ ହେବା ପରେ ବିଭାଗ ପକ୍ଷରୁ ରେଡର୍କ ପତ୍ର ଯାଞ୍ଚ ସହ ଏହାର ତଦନ୍ତ କରାଯାଇଥିଲା।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIIBBS 2025039, ତା.08.09.2025 ରିଖ ର

**ଶୁଦ୍ଧିପତ୍ର ସଂ.06**

ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତି ସନ୍ଦର୍ଭରେ ନିମ୍ନଲିଖିତ ରୂପାନ୍ତରର କରାଯାଇଛି, ଯାହା ପ୍ରତି ଦୟାକରି ଧ୍ୟାନ ଦିଅନ୍ତୁ।

କ୍ରମ ସଂ.1 : ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.21.11.2025ରିଖ 1200 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.**28.11.2025** ରିଖ **1200** ଘଟିକା।

କ୍ରମ ସଂ.2 : RFP ନଥିପତ୍ରର ଧାରା ସଂ.2.11.2ରେ ସୂଚିଭୁକ୍ତ ସମସ୍ତ ନଥିପତ୍ରଗୁଡ଼ିକର ଭୌତିକ ଦାଖଲ : ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ-ତା.28.11.2025ରିଖ 1800 ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.**05.12.2025**ରିଖ **1800** ଘଟିକା।

କ୍ରମ ସଂ.3 : RFP ନଥିପତ୍ରର ଧାରା ସଂ.2.11.4(I) ରେ ଉଲ୍ଲେଖିତ ସ୍ଥାନ ଅନୁଯାୟୀ ବୈଷୟିକ ବିଡ୍ ଖୋଲାଯିବ: ଶୁଦ୍ଧିପତ୍ର ସଂ.5ରେ ପ୍ରକାଶିତ ଅନୁଯାୟୀ: ତା.02.12.2025ରିଖ 1200ଘଟିକା, ବର୍ତ୍ତମାନ ପଢ଼ାଯିବା ଆବଶ୍ୟକ : ତା.**09.12.2025**ରିଖ **1200** ଘଟିକା।

ସମ୍ପୂର୍ଣ୍ଣ ବିବରଣୀ ନିମନ୍ତେ ୱେବ୍‌ସାଇଟ୍ **www.ireps.gov.in** ପରିଦର୍ଶନ କରିବାକୁ ଇଚ୍ଛୁକ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଛି।

ମୁଖ୍ୟ ପ୍ରଶାସନିକ ଅଧିକାରୀ(ନିର୍ମାଣ)/ ଭୁବନେଶ୍ୱର

PR-161/CI/25-26


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ରେକର୍ଡ ସ୍ତରକୁ...

ପରଠାରୁ ଟଙ୍କା ଚାପରେ ରହିଛି। ଚଳିତବର୍ଷ ଟଙ୍କା ଏସିଆ ମହାଦେଶର ସବୁଠାରୁ ଦୁର୍ବଳ ମୁଦ୍ରା ମଧ୍ୟରୁ ଅନ୍ୟତମ। ବିଦେଶୀ ନିବେଶକମାନେ ଏ ପର୍ଯ୍ୟନ୍ତ ଭାରତୀୟ ଇକ୍ୱିଟିରୁ ୧୬.୫ ବିଲିୟନ ଡଲାରର ପାଣ୍ଠି ପ୍ରତ୍ୟାହାର କରିନେଇଛନ୍ତି। ଆମେରିକୀୟ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟରେ ହ୍ରାସ ଯୋଗୁ ଭାରତୀୟ ଷ୍ଟକ ବଜାର ମଧ୍ୟ ମନ୍ଥର ରହିଛି। ଟଙ୍କାର ଦୁର୍ବଳତା ମଧ୍ୟ ବଜାରରେ ଏହି ହ୍ରାସ ଆଣିଛି। ସପ୍ତାହର ଶେଷ କାରବାର ଦିବସ ଶୁକ୍ରବାର ସେନସେକ୍ସ ଏବଂ ନିଫ୍ଟି ସୂଚକାଙ୍କ ଉଭୟ ହ୍ରାସ ପାଇଛି।

### ମେକ୍ସିକୋର ଫାତିମା...

ଏହି ପ୍ରତିଯୋଗିତାରେ ସାମିଲ ହୋଇ ବିଜୟୀ ହୋଇଛନ୍ତି। ଫଳରେ ତାଙ୍କ ପାଇଁ ଏହି ବ୍ରହ୍ମାଣ୍ଡ ସୁନ୍ଦରୀ ମୁକୁଟ ବେଶ୍ ଗୁରୁତ୍ୱ ବହନ କରୁଛି। ଭାରତର ମଣିକା ବିଶ୍ୱଶର୍ମା ଏହି ୭୪ତମ ବ୍ରହ୍ମାଣ୍ଡ ସୁନ୍ଦରୀ ପ୍ରତିଯୋଗିତାରେ ଶ୍ରେଷ୍ଠ-୩୦ରେ ସ୍ଥାନ ହାସଲ କରିବାକୁ ସକ୍ଷମ ହୋଇଛନ୍ତି। କିନ୍ତୁ ସେ ଶ୍ରେଷ୍ଠ-୧୨ରେ ପହଞ୍ଚିବାରେ ସକ୍ଷମ ହୋଇ ନଥିଲେ। ପୂର୍ବରୁ ସେ ଅଗଷ୍ଟ ୧୮ ରେ ୨୦୨୫ ମିସ ୟୁନିଭର୍ସ ଇଣ୍ଡିଆ ଟାଇଟଲ ହାସଲ କରିଥିଲେ। ସେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ବିବିଏ କରୁଛନ୍ତି। ବ୍ରହ୍ମାଣ୍ଡ ସୁନ୍ଦରୀ ଆଖ୍ୟା ଅର୍ଜନ କରିବା ସହ ସେ ୨୫୦,୦୦୦ ଡଲାର ଅର୍ଥାତ ଭାରତୀୟ ମୁଦ୍ରାରେ ୨ କୋଟି ୨୦ ଲକ୍ଷ ଟଙ୍କା ଆର୍ଥିକ ପୁରସ୍କାର ହାସଲ କରିଛନ୍ତି। କେବଳ ସେତିକି ନୁହେଁ; ସେ ମାସକୁ ୫୦ ହଜାର ଡଲାର ବା ୪୪ ଲକ୍ଷ ଟଙ୍କା ପାଉଣା ମଧ୍ୟ ପାଇବେ। ଏହି ଅର୍ଥ ସେ ଭ୍ରମଣ ଅନ୍ୟାନ ଖର୍ଚ୍ଚ ବହନ କରିବେ। ତାଙ୍କୁ ଆମେରିକା ନ୍ୟୁୟର୍କ ସିଟିରେ ଏକ ଘର ମଧ୍ୟ ମିଳିବ। ଏହି ମୁକୁଟର ମୂଲ୍ୟ ୫ ମିଲିଅନ ଡଲାର ବା ୪୪ କୋଟି ଟଙ୍କା। ମେକ୍ସିକୋର ଚତୁର୍ଥ ମହିଳା ଭାବେ ସେ ଏହି ଟାଇଟଲ ହାସଲ କରିଛନ୍ତି। ତାଙ୍କ ପୂର୍ବରୁ ଲୁପିତା ଜୋନ୍ସ (୧୯୯୧), ଜିମେନା ନାଭାରେଟ୍ (୨୦୧୦) ଓ ଆଣ୍ଡ୍ରିଆ ମେଜା (୨୦୨୦) ଏହି ସଫଳତା ପାଇଥିଲେ।

### ଏୟାର ଶୋ'ରେ...

କୌଣସି ଗ୍ଲାଇଡିଂ ଦେଖିବାକୁ ମିଳି ନ ଥିଲା। ଅର୍ଥାତ ରିକଭରୀ ଫେଲ୍ ମାରିଥିଲା ଓ ବିମାନର ଫ୍ରି- ଫଲ ହୋଇଥିଲା ବୋଲି ବିଶେଷଜ୍ଞମାନେ କହିଛନ୍ତି। ଦ୍ୱିତୀୟଥର ପାଇଁ ବାୟୁସେନାର ଏହି ତେଜସ୍ ବିମାନ ଦୁର୍ଘଟଣାର ସମ୍ମୁଖୀନ ହୋଇଛି। ଏହାପୂର୍ବରୁ ୨୦୨୪ରେ ରାଜସ୍ଥାନର ପୋଖରାନରେ ସମରାଭ୍ୟାସ ବେଳେ ଇଞ୍ଜିନ୍ ଫେଲ୍ ହେବା କାରଣରୁ ତେଜସ୍ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା। ଉଲ୍ଲେଖଥାଉ କି, ଦୁବାଇ ଏୟାର ଶୋ'ରେ ବିଶ୍ୱର ବିଭିନ୍ନ ଦେଶର ବିମାନର ଉଡ଼ାଣ ପ୍ରଦର୍ଶନ କରାଯାଇଥାଏ। ଏଥିରେ ବିଶ୍ୱର ସର୍ବବୃହତ ଏରୋସ୍ପେସ୍ କମ୍ପାନୀ, ଏୟାର ଲାଇନ୍ସ, ଏୟାରଫୋର୍ସ ଓ ଟେକ୍ନୋଲୋଜି କମ୍ପାନୀ ନିଜର ନୂଆ ବିମାନ, ହେଲିକପ୍ଟର, ଅସ୍ତ୍ରଶସ୍ତ୍ର ପ୍ରଣାଳୀ ପ୍ରଦର୍ଶନ କରିଥାନ୍ତି। ୧୯୮୯ ମସିହାରୁ ଏହି ଶୋ' ହୋଇ ଆସୁଛି। ଶୁକ୍ରବାର ଚଳିତବର୍ଷ ଏୟାର ଶୋ'ର ୫ମ ତଥା ଅନ୍ତିମ ଦିବସ ଥିଲା।

### ଇ-ଲଟେରୀରେ...

କରିବେ। ଏହା ବ୍ୟତୀତ ଲିଜଧାରୀମାନେ ବର୍ଷା ଦିନ ପୂର୍ବରୁ ଅଧିକ ଉତ୍ପାଦନ କରି ତାହାକୁ ଗଚ୍ଛିତ ରଖିପାରିବେ। ତେବେ ଜଣେ ବ୍ୟକ୍ତିଙ୍କୁ ଗୋଟିଏ ଜିଲ୍ଲାରେ ୩ଟି ଓ ସାର ରାଜ୍ୟରେ ସର୍ବାଧିକ ୫ଟି ଲଘୁ ଖଣିଜ ଖଣି ମିଳିପାରିବ। ଅନ୍ୟପକ୍ଷରେ ଖଣିଜ ପଦାର୍ଥର ବେଆଇନ ଖନନ ଓ ଚୋରା ଚାଲାଣ ରୋକିବା ପାଇଁ "ଓଡ଼ିଶା ଖଣିଜ ପଦାର୍ଥ (ବେଆଇନ ଖଣି ଖନନ ନିବାରଣ ଏବଂ ବାଣିଜ୍ୟ, ପରିବହନ ଓ ସଂରକ୍ଷଣ ନିୟନ୍ତ୍ରଣ) ନିୟମାବଳୀ, ୨୦୨୫' ଉପରେ ମୋହର ମାରିଛି କ୍ୟାବିନେଟ୍। ଏହାଦ୍ୱାରା ୨୦୦୭ ନିୟମାବଳୀ ଉଚ୍ଛେଦ ହୋଇଛି। ପୁନଶ୍ଚ ପୁଲିସ ଓ ଅନ୍ୟାନ୍ୟ ୟୁନିଫର୍ମ ସେବା ପାଇଁ ନିଯୁକ୍ତି ପରୀକ୍ଷାକୁ ସ୍ୱଚ୍ଛ ରଖିବା ପାଇଁ "ଓଡ଼ିଶା ୟୁନିଫର୍ମଡ୍ ସର୍ଭିସ ଷ୍ଟାଫ ସିଲେକ୍ସନ କମିଶନ' ବା ଓଡ଼ିଶା ୟୁନିଫର୍ମ ସେବା କର୍ମଚାରୀ ଚୟନ ଆୟୋଗ (ଓୟୁଏସଏସସି) ଗଠନ ନିଷ୍ପତ୍ତି ହୋଇଛି। ଏସସିଏସଟି ପିଲାମାନଙ୍କ ଛାତ୍ରବୃତ୍ତି ବୃଦ୍ଧି ସଂକ୍ରାନ୍ତ ଏକ ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ଦେଇଛି। ମୁଖ୍ୟମନ୍ତ୍ରୀ ମେଧାବୀ ଛାତ୍ର ପ୍ରୋତ୍ସାହନ ଯୋଜନା ଅଧୀନରେ ଏସଟି ଓ ଏସସି ବର୍ଗର ଛାତ୍ରଛାତ୍ରୀମାନଙ୍କ ପାଇଁ ପ୍ରାକ୍-ମାଟ୍ରିକ ଏବଂ ମାଟ୍ରିକ ପରବର୍ତ୍ତୀ ଛାତ୍ରବୃତ୍ତି ବାର୍ଷିକ ୧୦,୫୦୦ ଟଙ୍କାରୁ ୧୬ହଜାର ଟଙ୍କାକୁ ଏବଂ ଛାତ୍ରୀମାନଙ୍କ ପାଇଁ ୧୧ହଜାରରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି "ଅନ୍ୱେଷା' ଛାତ୍ରାବାସରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟ ଏହି ବୃତ୍ତି ବାର୍ଷିକ ୧୧ହଜାର ଟଙ୍କାରୁ ୧୭ହଜାର ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି ନୂଆ ବର୍ଦ୍ଧିତ ବୃତ୍ତି ୨୦୨୫ ଡିସେମ୍ବର ପହିଲାରୁ ଲାଗୁ କରିବାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ରାଜ୍ୟ କ୍ୟାବିନେଟ୍ "ଓଡ଼ିଶା ଗ୍ଲୋବାଲ କ୍ୟାପାବିଲିଟି ସେଣ୍ଟର (ଜିସିସି) ନୀତି ୨୦୨୫' କୁ ଅନୁମୋଦନ କରିଛନ୍ତି। ବଡ଼ ବଡ଼ ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କୁ ଓଡ଼ିଶାରେ ସେମାନଙ୍କର କାର୍ଯ୍ୟାଳୟ ଖୋଲିବାକୁ ଆକୃଷ୍ଟ କରିବା ଏହି ନୀତିର ମୁଖ୍ୟ ଲକ୍ଷ୍ୟ ବୋଲି ସରକାର କହିଛନ୍ତି। ଏହି ନୀତି ଜରିଆରେ କମ୍ପାନୀମାନଙ୍କୁ ବିଭିନ୍ନ ପ୍ରକାର ଆର୍ଥିକ ପ୍ରୋତ୍ସାହନ ଯଥା ଜମି, ବିଦ୍ୟୁତ ଶୁଳ୍କ ରିହାତି ଏବଂ ନିଯୁକ୍ତି ସହାୟତା ଯୋଗାଇ ଦେବା ବ୍ୟବସ୍ଥା ରହିଛି।

ଅନ୍ୟପକ୍ଷରେ ଜଳ (ପ୍ରଦୂଷଣ ନିବାରଣ ଏବଂ ନିୟନ୍ତ୍ରଣ) ସଂଶୋଧନ ଆଇନ ସଂକ୍ରାନ୍ତ ଏକ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହାଦ୍ୱାରା ଶିଳ୍ପଗୁଡ଼ିକ ଉପରେ ନିୟାମକ ବୋଝ ହ୍ରାସ କରାଯାଇପାରିବ। ସେହିପରି ଯୋଜନା ଓ ସଂଯୋଜନ ବିଭାଗ ଅଧୀନରେ ଥିବା ଓଡ଼ିଶା ଅଧସ୍ତନ ପରିସଂଖ୍ୟାନ ସର୍ଭେୟର କ୍ୟାଡରର ପୁନର୍ଗଠନ କରାଯାଇଛି। ଏହାଦ୍ୱାରା କର୍ମଚାରୀମାନଙ୍କ ଦରମା ବୃଦ୍ଧି ହେବା ସହ ପଦୋନ୍ନତି ସୁଯୋଗ ସୃଷ୍ଟି ହୋଇଛି। ସେହିପରି ୧୯୯୩ ରୁ ୧୯୯୬ ମଧ୍ୟରେ ପୁଲିସ କର୍ମଚାରୀଙ୍କୁ ଦିଆଯାଇଥିବା ଅଗ୍ରହଣୀୟ ସ୍ୱତନ୍ତ୍ର ଡାଏଟ୍ ଭତ୍ତା ବାବଦକୁ ହୋଇଥିବା କ୍ଷତିକୁ ହିସାବରୁ ବାଦ ଦେବାକୁ ସରକାର ନିଷ୍ପତ୍ତି ନେଇଛନ୍ତି। ପୁନଶ୍ଚ ଓଡ଼ିଶା ଅର୍ଥ ସେବା ନିୟମାବଳୀରେ ସଂଶୋଧନ କରାଯାଇ ଅଧିକାରୀମାନଙ୍କ ତାଲିମ ଅବଧି ନିର୍ଦ୍ଧାରଣ କରିବା କ୍ଷମତା ସରକାରଙ୍କ ହାତକୁ ଦିଆଯାଇଛି। ଏହାସହିତ ନିମ୍ନ ଆୟ ଗୋଷ୍ଠୀ ଗୃହ ନିର୍ମାଣ ଯୋଜନା ଅଧିନରେ ପୂର୍ବତନ ଶ୍ରମ ନିଯୁକ୍ତି ଓ ଗୃହ ନିର୍ମାଣ ବିଭାଗ ଦ୍ୱାରା ବାସଗୃହ ପାଇଥିବା ହିତାଧିକାରୀଙ୍କୁ ଆବଣ୍ଟିତ ଜମିର ସମସ୍ତ ଆବଣ୍ଟନ ପରବର୍ତ୍ତୀ କାର୍ଯ୍ୟକଳାପ ଏବଂ ଏହା ସହିତ ଜଡ଼ିତ ସମସ୍ତ ଆନୁଷଙ୍ଗିକ ବିଷୟ ବିଚାର ନିମନ୍ତେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗକୁ କ୍ଷମତା ପ୍ରଦାନ କରାଯାଇଛି।

### ବର୍ଦ୍ଧିଧାରୀଙ୍କୁ ନିଯୁକ୍ତି ...

ସମେତ ଦୁଇଜଣ ସଦସ୍ୟ ରହିବେ ବୋଲି ମଧ୍ୟ ମୁଖ୍ୟ ସଚିବ ମନୋଜ ଆହୁଜା ସୂଚନା ଦେଇଛନ୍ତି। ଅପରପକ୍ଷରେ ଓଡ଼ିଶା ପୁଲିସ ସମେତ ଅନ୍ୟାନ୍ୟ ୟୁନିଫର୍ମ ସେବାରେ ନିଯୁକ୍ତି ପରୀକ୍ଷା ବିଭିନ୍ନ ବୋର୍ଡ ଦ୍ୱାରା ପରିଚାଳିତ ହେଉଥିବାବେଳେ ଅସ୍ୱାଭାବିକ ବିଳମ୍ବ ଏବଂ ଅନିୟମିତତା ହେଉଥିବା ମଧ୍ୟ କୁହାଯାଇଛି।

ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ଘଟଣା ଧରା ପଡ଼ିବା ପରେ ଓଡ଼ିଶା ପୁଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି) ର ପରୀକ୍ଷା ପରିଚାଳନା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ଘଟଣାର ତଦନ୍ତ ଭାର ସିବିଆଇକୁ ଦେବା ସହ ବର୍ଦ୍ଧିଧାରୀଙ୍କ ପାଇଁ ସ୍ୱତନ୍ତ୍ର ଆୟୋଗ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଅକ୍ଟୋବର ୨୨ ତାରିଖରେ ଘୋଷଣା କରିଥିଲେ। ଏହାର ମାସେ ପରେ ସ୍ୱତନ୍ତ୍ର ଆୟୋଗ ଗଠନ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛି। ଅର୍ଥାତ୍ ଓପିଆର୍‌ବି ଆଉ କୌଣସି ପରୀକ୍ଷା କରିବ ନାହିଁ ବୋଲି ସ୍ପଷ୍ଟ ହୋଇଥିଲେ ମଧ୍ୟ ଏହାକୁ ଭାଙ୍ଗିବା ପାଇଁ ସରକାର ବିଧିବଦ୍ଧ ଭାବେ ଘୋଷଣା କରି ନାହାନ୍ତି। ଫଳରେ ଏସ୍‌ଆଇ ପରୀକ୍ଷା କିଏ କରିବ, ସେନେଇ ଆଶାୟୀମାନେ ଦ୍ୱନ୍ଦ୍ୱରେ ରହିଛନ୍ତି। ତ୍ୱରିତ ପରୀକ୍ଷା କରିବା ପାଇଁ ଆଶାୟୀମାନେ ଆନ୍ଦୋଳନକୁ ଓହ୍ଲାଇଥିବାବେଳେ ପରୀକ୍ଷା କିଏ କରିବ ଏବଂ କେବେ ହେବ, ସରକାର ସ୍ପଷ୍ଟ କରନ୍ତୁ ବୋଲି ଦାବି କରିଛନ୍ତି।

### ଆଜି ସୃଷ୍ଟି ହେବ...

ପ୍ରବାହ ହେଉ ନାହିଁ। ଏହାସହିତ ଉତ୍ତରରେ ଗୁରୁଚାପ ବଳୟ ରହିଥିବା ବେଳେ ଉର୍ଦ୍ଧ୍ୱଗାମୀ ବାୟୁର ଘର୍ଷଣ କମ୍ ରହୁଛି। ଏଭଳି କାରଣମାନ ବାତ୍ୟାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଅନୁକୂଳ ପରିବେଶ ସୃଷ୍ଟି କରୁଛି। ଅନ୍ୟପଟେ ବାତ୍ୟାଟି ଆନ୍ଧ୍ର/ଓଡ଼ିଶା ମୁହାଁଇବାର ସମ୍ଭାବନା ଏହାର ଉତ୍ତରରେ ପଶ୍ଚିମପ୍ରଶାନ୍ତ ମହାସାଗରରୁ ଉତ୍ତର-ପୂର୍ବ ଭାରତ ଦେଇ ମିଆଁମାର ପର୍ଯ୍ୟନ୍ତ ଏକ ଶକ୍ତିଶାଳୀ ଗୁରୁଚାପ ବଳୟ ରହିଛି। ଏହା ବାତ୍ୟାକୁ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଠେଲିବ। ତେଣୁ ଦୁଇ ରାଜ୍ୟ ଉପରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି। ନିର୍ଦ୍ଦିଷ୍ଟ ଭାବେ ଯଦିଓ ସ୍ଥଳଭାଗ ଛୁଇଁବାର ସମୟ ଓ ସ୍ଥାନ କହିବା ବର୍ତ୍ତମାନ ସମ୍ଭବ ନୁହେଁ, ମାତ୍ର ସମ୍ଭାବ୍ୟ ବାତ୍ୟା ଯେଉଁଠାରେ ସ୍ଥଳଭାଗ ଅତିକ୍ରମ କଲେ ମଧ୍ୟ ରାଜ୍ୟରେ ବର୍ଷା ଆଶଙ୍କା ନିଶ୍ଚିତ ରହିଛି। ଏଣୁ ଧାନ ଅମଳ ସହିତ ଅନ୍ୟାନ୍ୟ ଫସଲର ସୁରକ୍ଷା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବା ଉପରେ ପ୍ରଫେସର ପଶୁପାଳକ ଗୁରୁତ୍ୱ ଦେଇଛନ୍ତି।

ପାଣିପାଗ କେନ୍ଦ୍ର ପକ୍ଷରୁ ଯଦିଓ ବର୍ଷା କେବେଠାରୁ ଆରମ୍ଭ ହେବ ତାହା କୁହାଯାଇ ନାହିଁ। ହେଲେ ବାତ୍ୟା ହେବା ଏକ ପ୍ରକାର ସୁନିଶ୍ଚିତ ହୋଇ ସାରିଥିବା ବେଳେ ଓଡ଼ିଶାରେ ସ୍ଥଳଭାଗ ଛୁଇଁବାର ଆଶଙ୍କାକୁ ମଧ୍ୟ ଏଡ଼ାଯାଇ ନ ପାରେ। ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ବାତ୍ୟାଟି ଅଧିକ ଘନୀଭୂତ ହୋଇପାରେ। ଏହି ବାତ୍ୟା ସୃଷ୍ଟି ହେବା ପାଇଁ ସବୁ ପ୍ରକାର ପାଣିପାଗ ସ୍ଥିତି ଅନୁକୂଳ ରହିଥିବା ବେଳେ ଏହାକୁ ଶକ୍ତିଶାଳୀ କରାଇବା ପାଇଁ ମଧ୍ୟ ପରିସ୍ଥିତି ସୁହାଉଛି। ତେଣୁ ସମ୍ଭାବ୍ୟ ବାତ୍ୟା ଦ୍ୱାରା ଓଡ଼ିଶା ଓ ଆନ୍ଧ୍ରରେ ଅଧିକ ପ୍ରଭାବ ଆଶଙ୍କା କରାଯାଉଛି।

### ଲୁଣ ଭାବି...

ସୂଚନାନୁଯାୟୀ, ଆଜି ଅପରାହ୍ଣରେ ୩ଜଣ ଯାକ ସାଙ୍ଗ ହୋଇ ଖେଳୁଥିଲେ। ଛୋଟଛୋଟ ଷଢ଼େଇରେ ମାଟି ରଖି ମିଛିମିଛିକା ଭାତ, ଡାଲି ଓ ବିଭିନ୍ନ ତରକାରୀ ପ୍ରସ୍ତୁତ କରିଥିଲେ। ଖେଳକୁ ମଜାଦାର କରିବା ପାଇଁ ସେମାନେ ଘରୁ ପିଆଜ ଓ ଲୁଣ ଆଣିଥିଲେ। କିନ୍ତୁ ଭୁଲବଶତଃ ସେମାନେ ଘରେ ଥୁଆ ହୋଇଥିବା ଥିମେଟ୍‌କୁ ଲୁଣ ଭାବି ନେଇ ଆସିଥିଲେ ଏବଂ ତାକୁ ପିଆଜରେ ଗୋଳେଇ ଖାଇଥିଲେ। ଏହି ସମୟରେ ପରିବାରଲୋକ ଧାନ ଅମଳ ପାଇଁ ବିଲକୁ ଯାଇଥିବାରୁ କେହି ଜାଣିପାରିନଥିଲେ। ଘରକୁ ଫେରିବା ପରେ ଶିଶୁମାନଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡ଼ିବା ଦେଖି ସମସ୍ତଙ୍କୁ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ।

### ଶ୍ରମିକଙ୍କୁ ସାମାଜିକ...

ମଜୁରି ପ୍ରଦାନ କରିବା ବାଧ୍ୟତାମୂଳକ କରାଯାଇଛି। ନିଯୁକ୍ତିଦାତା ୪୦ ବର୍ଷରୁ ଅଧିକ ବୟସର ସମସ୍ତ କର୍ମଚାରୀଙ୍କୁ ବାର୍ଷିକ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ସୁବିଧା ଯୋଗାଇଦେବେ। ଏହାଛଡା କର୍ମଚାରୀଙ୍କ କାର୍ଯ୍ୟ ଚାପ ହ୍ରାସ କରିବା ଏବଂ କର୍ମଚାରୀଙ୍କ ସାମଗ୍ରିକ ମନୋବଳ ବୃଦ୍ଧି କରାଯିବା ଉପରେ ଗୁରୁତ୍ୱ ଦିଆଯାଇଛି। ମହିଳା କର୍କମଚାରୀଙ୍କୁ ସୋମନଙ୍କର ସମ୍ମତି ଏବଂ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ଉପରେ ନିର୍ଭର କରି ରାତିରେ ଏବଂ ସମସ୍ତ ପ୍ରତିଷ୍ଠାନରେ ସମସ୍ତ ପ୍ରକାରର କାମ କରିବାକୁ ଅନୁମତି ଦିଆଯାଇଛି।

ପ୍ରଥମଥର ଲେବର୍ କୋଡ୍‌ରେ ଔପଚାରିକ ଭାବେ ଗିଗ୍‌ୱାର୍କ, ପ୍ଲାଟଫର୍ମୱାର୍କର ଓ ଏଗ୍ରିଗେଟରକୁ ବ୍ୟାଖ୍ୟା କରାଯାଇଛି। ଏଣୁ ଡିଜିଟାଲ ପ୍ଲାଟଫର୍ମରେ କାମ କରୁଥିବା ଲକ୍ଷଲକ୍ଷ ଲୋକଙ୍କୁ ଆଇନଗତ କ୍ଲାରିଟି ମିଳିଛି। ଏଗ୍ରିଗେଟର କମ୍ପାନୀଙ୍କୁ ଏବେ ସେମାନଙ୍କ ବାର୍ଷିକ କାରବାରର ୧-୨% ଏକ ଉତ୍ସର୍ଗୀକୃତ କଲ୍ୟାଣ ପାଣ୍ଠିରେ ଯୋଗଦାନ କରିବାକୁ ପଡିବ, ଯାହାର ସୀମା ଶ୍ରମିକଙ୍କୁ କରାଯାଉଥିବା ମୋଟ ପୈଠର ୫% ପର୍ଯ୍ୟନ୍ତ ରହିବ। ଏହି ପାଣ୍ଠି ଶ୍ରମିକଙ୍କ ସାମାଜିକ ସୁରକ୍ଷା ବାବଦ ସୁବିଧାକୁ ସମର୍ଥନ କରିବ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-LT-OUT-SOURCING-KUR-516, ତା.14.11.2025ରିଖ

କାର୍ଯ୍ୟର ନାମ: 02(ଦୁଇ) ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସଂକେତ ଏବଂ ଦୂରସଂଚାର ରକ୍ଷଣାବେକ୍ଷଣ କାର୍ଯ୍ୟକଳାପଗୁଡ଼ିକର ସୁଦୃଢ଼ୀକରଣ ନିମନ୍ତେ ଜନଶକ୍ତିର ବହିଃସ୍ରୋତ।

ଟେଣ୍ଡର ମୂଲ୍ୟ(ଟଙ୍କାରେ): 19,49,99,474.07, EMD(ଟଙ୍କାରେ) : 11,25,000/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/-।

ବିଡ୍ ଆରମ୍ଭ ହେବା ତାରିଖ : ତା.17.11.2025 ରିଖ, ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.12.2025ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର)/ ଖୋର୍ଦ୍ଧା ରୋଡ୍

PR-811/Q/25-26



ଭା.କ.ନି. CCI

**ଭାରତୀୟ କପା ନିଗମ ଲିମିଟେଡ୍**
**ଶାଖା କାର୍ଯ୍ୟାଳୟ: ରାୟଗଡା**
ଭବନାରାୟଣ ନୀଲୟମ, ଜ୍ୟୋତି ମହଲ ହୋଟେଲ ନିକଟରେ, କନଭେଣ୍ଟ ରୋଡ୍, ରାୟଗଡା -୭୬୫୦୦୧

ମୋବାଇଲ ଆପ
कपास किसान

ସଂଖ୍ୟା: ଭାକନି / ରାୟଗଡ଼ା / ୨୦୨୫-୨୬ | ତାରିଖ: ୨୧.୧୧.୨୦୨୫

**କପା ଚାଷୀଙ୍କୁ ଆହ୍ୱାନ**

ଚଳିତ କପା ବିପଣନ ଋତୁ ୨୦୨୫-୨୬ ରେ, ଭାରତୀୟ କପା ନିଗମ (CCI) କପାଚାଷୀଙ୍କ ପାଇଁ **"କପାସ କିଷାନ"** ମୋବାଇଲ୍ ଆପ୍ ଲଞ୍ଚ କରିଛି, ଯାହା ମାଧ୍ୟମରେ ଚାଷୀମାନେ ସ୍ୱୟଂ-ପଞ୍ଜିକରଣ କରି ପାରିବେ ଏବଂ ସର୍ବନିମ୍ନ ସହାୟକ ମୂଲ୍ୟ (MSP)ରେ CCI କ୍ରୟ କେନ୍ଦ୍ରରେ ସେମାନଙ୍କର କପା ବିକ୍ରୟ କରିପାରିବେ। ସମ୍ପୃକ୍ତ ରାଜ୍ୟ ଦ୍ୱାରା ସ୍ୱୟଂ-ପଞ୍ଜିକରଣ ଅନୁମୋଦନ ହେବା ପରେ ପଞ୍ଜିକରଣ ସମ୍ପୂର୍ଣ୍ଣ ବୋଲି ବିବେଚନା କରାଯିବ, ଯାହା ପରେ ଚାଷୀମାନେ ମୋବାଇଲ୍ ଆପରେ ଉପଲବ୍ଧ ନିକଟତମ କ୍ରୟ କେନ୍ଦ୍ର / ଅଧିସୂଚିତ କାରଖାନାରେ ସେମାନଙ୍କର କପା ବିକ୍ରୟ କରିବା ପାଇଁ ଏକ ସ୍ଲଟ୍ ବୁକ୍ କରିପାରିବେ।

**ରାଜ୍ୟଗୁଡ଼ିକର ଅନୁରୋଧ ଏବଂ କୃଷକମାନଙ୍କ ସୁବିଧାକୁ ଦୃଷ୍ଟିରେ ରଖି, ପଞ୍ଜୀକରଣର ଶେଷ ତାରିଖ ୩୧ ଅକ୍ଟୋବର ୨୦୨୫ ରୁ ୩୧ ଡିସେମ୍ବର ୨୦୨୫ କୁ ବୃଦ୍ଧି କରାଯାଇଛି।**

ତେଣୁ, ସମସ୍ତ କପା ଚାଷୀଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ନିର୍ଦ୍ଧାରିତ ସମୟ ମଧ୍ୟରେ କପାସ କିଶାନ ମୋବାଇଲ୍ ଆପ୍ ଡାଉନଲୋଡ୍ କରନ୍ତୁ ଏବଂ ସେମାନଙ୍କର ପଞ୍ଜୀକରଣ ସମାପ୍ତ କରନ୍ତୁ ଯାହା ଦ୍ୱାରା ସେମାନେ MSP ଯୋଜନାର ଲାଭ ପାଇପାରିବେ।

ଗୁଣବତ୍ତା ମାନଦଣ୍ଡ ଅନୁଯାୟୀ ଯଦି କପାରେ ଆର୍ଦ୍ରତା ୮% ଅତିକ୍ରମ ନକରେ, ତେବେ ଚାଷୀମାନଙ୍କୁ ସମ୍ପୂର୍ଣ୍ଣ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ପ୍ରଦାନ କରାଯିବ। କିନ୍ତୁ, ଯଦି ଆର୍ଦ୍ରତା ୮% ଅତିକ୍ରମ କରି ୧୨% ପର୍ଯ୍ୟନ୍ତ ପହଞ୍ଚିଯାଏ, ତେବେ ୮% ରୁ ଅଧିକ ଆର୍ଦ୍ରତା ଅନୁପାତରେ ହ୍ରାସ କରି MSP ପ୍ରଦାନ କରାଯିବ।

ତେଣୁ, ନିଗମ ସମସ୍ତ କପା ଚାଷୀଙ୍କୁ ଅତ୍ୟଧିକ ଆର୍ଦ୍ରତା ଯୋଗୁଁ କୌଣସି କଟନିତୀକୁ ଏଡାଇବା ପାଇଁ କେବଳ ଶୁଖିବା ପରେ ସେମାନଙ୍କର କପା କେନ୍ଦ୍ରକୁ ଆଣିବାକୁ ଅନୁରୋଧ କରୁଛି। ତଥାପି, କୌଣସି ପରିସ୍ଥିତିରେ କପାରେ ଆର୍ଦ୍ରତା ୧୨% ଅତିକ୍ରମ କରିବା ଉଚିତ୍ ନୁହେଁ।

ଯଦି କୌଣସି ପ୍ରକାରର ସହାୟତା ଆବଶ୍ୟକ ହୁଏ, ତେବେ ଚାଷୀମାନେ ନିଗମର ରାୟଗଡ଼ା ଶାଖା କାର୍ଯ୍ୟାଳୟ ସହିତ ହ୍ୱାଟସଆପ୍ ହେଲ୍ପଲାଇନ୍ ନମ୍ବର ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା/-ଶାଖା ପ୍ରମୁଖ



यूनियन बैंक ऑफ इंडिया Union Bank of India
भारत सरकार का उपक्रम A Government of India Undertaking

**କୋର୍ଟପେଟା ଶାଖା**
ଗାୟତ୍ରୀ ସେଣ୍ଟ୍ରାଲ ପ୍ଲାଜା, ଟାଟା ବେଞ୍ଜ ସ୍କୋୟାର ନିକଟ ବ୍ରହ୍ମପୁର, ଗଞ୍ଜାମ, ଓଡ଼ିଶା, ପିନ୍-୭୬୦୦୦୫

**ଡିମାଣ୍ଡ ନୋଟିସ୍**

ଆମ୍ଭର କୋର୍ଟପେଟା ଶାଖାରୁ ଋଣ ନେଇଥିବା ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ସିକ୍ୟୁରିଟି ଇଣ୍ଟରେଷ୍ଟ ଏନ୍‌ଫୋର୍ସମେଣ୍ଟର କାର୍ଯ୍ୟାନୁଷ୍ଠାନ ନୋଟିସ୍: ଏନ୍‌ପିଏ ଶ୍ରେଣୀଭୁକ୍ତ

ଆମ୍ଭେ ନିମ୍ନଲିଖିତ ଋଣଗ୍ରହୀତାଙ୍କୁ ଜଣାଇ ଦେଉଛୁ କି ସେମାନେ ବକେୟା ଦେୟ/ କିସ୍ତି/ ସୁଧ ପରିଶୋଧ କରିନଥିବାରୁ ସେମାନଙ୍କର ନିମ୍ନଲିଖିତ ଆକାଉଣ୍ଟଗୁଡିକ ଏନ୍‌ପିଏ ଶ୍ରେଣୀଭୁକ୍ତ ହୋଇଛି। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସରଫେଶୀ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ **ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ, କୋର୍ଟପେଟା ଶାଖାର** ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କୁ ବ୍ୟାଙ୍କ ଦେୟ ପଇଠ କରିବା ନିମନ୍ତେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା କିନ୍ତୁ ରେଜିଷ୍ଟ୍ରେଡ୍ ଡାକ ସହିତ ଏ.ଡି ଯୋଗେ ପଠାଯାଇଥିବା ଉକ୍ତ ନୋଟିସ୍ ନିମ୍ନଦର୍ଶିତ ପକ୍ଷମାନେ ସେମାନଙ୍କର ଠିକଣାରେ ଉପଲବ୍ଧ ନଥିବାରୁ ପ୍ରଦାନ କରାଯାଇପାରିନଥିଲା। ସେମାନଙ୍କର ଆକାଉଣ୍ଟର ବକେୟା ପରିମାଣ ନିମ୍ନ ଦର୍ଶିତ ସ୍ତମ୍ଭରେ ଦର୍ଶାଯାଇଛି। ସବିଶେଷ ବିବରଣୀ ନିମ୍ନରେ ପ୍ରଦତ୍ତ:

| ଋଣଗ୍ରହୀତା/କୋ-ଓବ୍ଲିଗାଣ୍ଟ/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ପ୍ରକାର / ଏନ୍‌ପିଏ ତାରିଖ | ଡିମାଣ୍ଡ ନୋଟିସ୍ ତାରିଖ / ବକେୟା ଦେୟ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ |
|---|---|---|---|
| ଋଣଗ୍ରହୀତା ଏବଂ ବନ୍ଧକଦାତା: **ଶ୍ରୀମତୀ ନିବେଦିତା ଆଚାର୍ଯ୍ୟ,** ସ୍ୱାମୀ: ବାସୁଦେବ ଆଚାର୍ଯ୍ୟ / **କୋ-ଓବ୍ଲିଗାଣ୍ଟ: ଶ୍ରୀ ବାସୁଦେବ ଆଚାର୍ଯ୍ୟ,** ଉଭୟଙ୍କ ଠିକଣା- ଫ୍ଲାଟ୍ ନଂ.: ୪୦୧, ରୟାଲ ପାମ୍, ସର୍କୁଲାର ରୋଡ୍, ଗୋପାଳପୁର ଅନ୍ ସି, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ପିନ୍-୭୬୧୦୦୨ | ଏଚ୍‌ଏଲ୍‌ପିଜିଏନ୍-୦୦୮୫୩୦୧୦୦୦୪୪୧୦୮ / ୨୧.୦୮.୨୦୨୫ | ୦୧.୦୯.୨୦୨୫ / ୦୧.୦୯.୨୦୨୫ ସୁଦ୍ଧା ଟ.୬,୫୩,୮୬୧.୭୮ ଯୁକ୍ତ ଚୁକ୍ତି ହାରରେ ତତ୍‌ପରବର୍ତ୍ତୀ ସୁଧ ଏବଂ ସେବାବଦ ଦେୟ | "ମହାବୀର ମାନସନ୍" ନାମକ ବହୁମହଲା ବିଶିଷ୍ଟ ବାସୋପଯୋଗୀ ଆପାର୍ଟମେଣ୍ଟର ବ୍ଲକ୍-୨ର ତଳ ମହଲାରେ ଥିବା ଫ୍ଲାଟ୍ ନଂ.: ୧୧୬, ପରିମିତ ୩୪୫ ବର୍ଗଫୁଟ |

ଯାହାର ୱାର୍ଡ ନଂ. ୦୧, ଛତ୍ରପୁର ଟାଉନ୍ ସବ-ରେଜିଷ୍ଟ୍ରେସନ୍ ଅନ୍ତର୍ଗତ, ତହସିଲ: କନିସି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୨୩/୨୫୫, ୨୩/୨୫୬, ୨୩/୨୫୭, ୨୩/୨୫୮, ୨୩/୨୫୯, ପ୍ଲଟ୍ ନଂ.: ୧୬୮/୩୪୪, ୧୬୮/୩୪୬, ୧୬୮/୩୪୭, ୧୬୮/୩୪୮, ୧୬୮/୩୫୦, ଅବିଭକ୍ତ, ଆନୁପାତିକ, ଅନିର୍ଦ୍ଦିଷ୍ଟ, ନିରପେକ୍ଷ ଜମିର ଅଂଶ ଯାହାର କ୍ଷେତ୍ର: ଏକର୦.୪୧୩ ଡିସିମିଲି (୧୮୨୨୫ ବର୍ଗଫୁଟ), ଜମିର କିସମ: ଘରବାରି, ଏହାର ଚାରିପାର୍ଶ୍ୱରେ- ପୂର୍ବ: ଖୋଲା ସ୍ଥାନ, ପଶ୍ଚିମ: ଫ୍ଲାଟ୍ ନଂ. ୧୧୭, ଉତ୍ତର: ଖୋଲା ସ୍ଥାନ, ଦକ୍ଷିଣ: କରିଡ଼ର

ଆମ୍ଭର ବାରମ୍ବାର ଡିମାଣ୍ଡ ସତ୍ତ୍ୱେ ଆପଣ ଆପଣଙ୍କର ଆକାଉଣ୍ଟର ବକେୟା ଋଣ ପରିଶୋଧ କରୁନାହାନ୍ତି କି ଆପଣ ନିଜକୁ ଦେୟମୁକ୍ତ କରୁନାହାନ୍ତି। ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୨) ଅନୁଯାୟୀ ଆପଣଙ୍କୁ ଉପର ଦର୍ଶିତ ସ୍ତମ୍ଭରେ ଲିଖିତ ବକେୟା ପରିମାଣ ସହିତ ଉପରବର୍ଣ୍ଣିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁଯାୟୀ ସମ୍ପୂର୍ଣ୍ଣ ବକେୟା ପରିମାଣ ଏହି ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପୈଠ କରିବାକୁ ପଡ଼ିବ। ଅନ୍ୟଥା ଆମ୍ଭେ ଆପଣଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ବନ୍ଧକପ୍ରାପ୍ତ ସମ୍ପତ୍ତିକୁ କଥିତ ଆକ୍ଟରେ ଦିଆଯାଇଥିବା କୌଣସି କିମ୍ବା ସମସ୍ତ ଅଧିକାରର ପ୍ରୟୋଗ କରି ନିଜ ଦଖଲକୁ ନେବାକୁ ବାଧ୍ୟ ହେବୁ। **୧)** ଆପଣଙ୍କ ଦ୍ୱାରା ସମ୍ପାଦିତ ଋଣ କାଗଜାତ୍‌ର ନିୟମ ଓ ସର୍ତ୍ତାବଳୀ ଅନୁସାରେ ଆପଣ ଯଦି ସମସ୍ତ ଦେୟ ଏବଂ ତତ୍‌ସହିତ ଉପର ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସୁଧ **୬୦ ଦିନ** ମଧ୍ୟରେ ପୈଠ କରିବାକୁ ବିଫଳ ହୁଅନ୍ତି ଏବଂ ଯଦି ବ୍ୟାଙ୍କ ଏହି ଧାରାରେ ଥିବା ଏହାର ଅଧିକାରକୁ କାର୍ଯ୍ୟକାରୀ କରେ ଏବଂ ଏହି ବନ୍ଧକ ସମ୍ପତ୍ତି ବିକ୍ରୟ ପ୍ରକ୍ରିୟା ଦ୍ୱାରା ଦେୟ ପରିଶୋଧ ହୋଇନପାରେ ତେବେ ବଳକା ରାଶି ଆଦାୟ ପାଇଁ ଆମ୍ଭେ ଆପଣଙ୍କ ବିରୁଦ୍ଧରେ ଆଇନ ଅଦାଲତ/ ଋଣ ଅସୁଲି ପ୍ରାଧିକରଣରେ ଆବଶ୍ୟକୀୟ ଆଇନଗତ କାର୍ଯ୍ୟାନୁଷ୍ଠାନ କରିବାକୁ ବାଧ୍ୟ ହେବୁ। **୨)** ଆକ୍ଟର ଧାରା ୧୩(୧୩) ଅନୁଯାୟୀ ଆପଣ ଏହି ନୋଟିସ୍ ପାଇବା ଠାରୁ ଆପଣଙ୍କର ଆବଶ୍ୟକୀୟ ବ୍ୟବସାୟିକ କାରବାର ବ୍ୟତୀତ ବ୍ୟାଙ୍କର ବିନା ଅନୁମତିରେ ଉପର ବର୍ଣ୍ଣିତ ବନ୍ଧକ ସମ୍ପତ୍ତିକୁ ବିକ୍ରୟ କିମ୍ବା ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିପାରିବେ ନାହିଁ। ସୂଚନାଯୋଗ୍ୟଯେ ଏହି ଧାରାରେ କୌଣସି ବ୍ୟତିକ୍ରମ କଲେ ଏହାର ପରିଣାମ ନିମନ୍ତେ ଦାୟୀ ରହିବେ। **ଏତଦ୍‌ଦ୍ୱାରା ଆପଣମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରିପାରିବେ।**

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୧.୧୧.୨୦୨୫ | ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**AFFIDAVIT**

I, Pramod Ku Jena, aged about 49 years, S/o-Adhikari Jena, resident of At- Dolamandap Sai, Patia, PS- Infocity, Bhubaneswar, PIN-751001, Dist- Khordha, Odisha declared by this affidavit No. 99, dtd-19/11/2025 that now onwards I shall be known as **PRAMOD KUMAR JENA** for all future purposes instead of Pramod Ku Jena.

**NOTICE**
**(above 18 years of age)**

By virtue of an affidavit sworn before Executive Magistrate, Garadpur, dated 17th November 2025. I, Shrabani Mohanty, Village- Solpat, PO–Bedari, PS-Patkura, Dist.- Kendrapara, Pin-754253, declare that I have changed my name from Shrabani Ray to Shrabani Mohanty. Henceforth, I shall be known as **Shrabani Mohanty** for all purposes.

Sd/- Shrabani Mohanty

**AFFIDAVIT**

By virtue of an affidavit sworn before Notary Public, Balliguda. dated 31.01.2025, I, Jhilli Paraseth, At-Dhudusi, P.O.-Bilamal, P.S.-Belghar, Block-Tumudibandha, Dist.-Kandhamal, PIN-762107, Odisha declare that I have changed the name of my minor daughter's from N.Anmol Aisha to Aisha Nayak. Henceforth, she shall be known as **Aisha Nayak** for all purposes.

Jhilli Paraseth

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated 21.11.2025 I, GOBARDHAN BHATRA, S/o- Late Dhana Bhatra, Village- Janiguda, Po.- Kongra, Ps.- Tentulikhunti, Dist.- Nabarangpur, Odisha, Pin- 764059, declare that I have changed the name of my Daughter from **DAIMATI BHTRA** to **DAMAYANTI BHATRA**. Henceforth, she shall be known as **DAMAYANTI BHATRA** for all purposes.

Sd/- Gobardhan Bhatra

**AFFIDAVIT**

By virtue of an affidavit sworn before the Executive Magistrate, Nabarangpur, dated. 20.11.2025 I, TUNA MUDULI , S/o- Late Purusati Muduli, Vill.- Jambaguda, Po.- Jatabal, Ps.- Dabugam, Dist- Nabarangpur, Odisha, Pin - 764071, declare that I have changed my name from **KUNA MUDULI** to **TUNA MUDULI**. Henceforth, I shall be known as **TUNA MUDULI** for all purposes.

Sd/- TUNA MUDULI

**AFFIDAVIT**

I, Srikanta Kumar Jena, aged about 39 years, S/o-Sridhar Jena, resident of At-Plot No- 4/2623, Lane-1,Road-2, Jagannath Vihar, Baramunda, PS-Khandagiri, Bhubaneswar, Dist- Khordha, Odisha, PIN- 751003, declared by this affidavit No- 2351, dtd-19/11/2025 that now onwards I shall be known as **SRIKANT KUMAR JENA** for all future purposes.

**AFFIDAVIT**

By virtue of an affidavit no 2737, sworn before the Executive Magistrate Sukinda on dtd 17/10/25. I Kusunu Munda, S/O Sanaram Munda Resident of At-Rankia, Po-Kuhika, Ps-sukinda, Dist - Jajpur, Pin-755018, Odisha . I have changed my minor daughter's name from SUSHRISANGITA MUNDA (Old Name) to SUBHASHREE MUNDA (New Name) Henceforth she shall be known as **SUBHASHREE MUNDA** all future purposes.

Kusunu Munda

**AFFIDAVIT**

By virtue of an affidavit before the Executive Magistrate, Chatarpur, Ganjam, I, K. Santosh Rao, At-Rajapur, Purushottampur, Ganjam declare that my father's name Kadari Laxman Dora, S/o Kadari Ganapati Dora, and K. Laxman Rao, S/o K. Ganapati Rao, are one and the same person, and also Kadari Gunamma Dora and K. Ganamma Rao, W/o- K. Laxman Rao@Kadari Laxman Doraae one and the same person.

Sd/- K. Santosh Rao

**AFFIDAVIT**

By virtue of an affidavit dtd. 01.07.2025 in the court of Notary Public, Bhubaneswar, I, Mara Gageranga, At- Balimukti, Po-Budubali, Ps- Chandrapur, Dist.-Rayagada-765020 have changed my minor daughter's name from Miki Gageranga to Nikita Gageranga. Henceforth she will be known as **Nikita Gageranga** for all purposes.

Sd/- Mara Gageranga

**AFFIDAVIT**

By virtue of an affidavit before the Executive Magistrate, M. Rampur, Kalahandi, I, Minaketan Jena, Village - Burat, P.S.- M. Rampur, Dist. – Kalahandi- 766102 have changed my minor son's name from Nitesh Kumar Jena to **Nitesh Jena**. That both the names are one and the same person.

Sd/- Minaketan Jena

**AFFIDAVIT**

By virtue of an affidavit sworn before the Notary, Dhenkanal, dated 01.11.2025, I, Anishika Prustry, Address At/P.O: Radhadeipur, P.s-Gondia, Dist-Dhenkanal, declare that I have changed my name from Anisika Prusty to Anishika Prusty. my date of birth changed from dt 04.06.2002 to dt 04.03.2002 in the service document of my father as per civil records . Henceforth, I shall be known as **Anishika Prusty** for all purposes.

**AFFIDAVIT**

By virtue of an affidavit before the Notary Public, Titilagarh, on dated- 20/11/2025. I, **Basanti Adjuad** (applicant name), W/o- Babulal Adjuad, permanent resident of AT- Titidunguri Titilagarh, PO/PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor daughter's name from **Jyotimay Adjuad** (old name) to **Jyotirmayee Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion she shall be known as **Jyotirmayee Adjuad** (new name) for all future purposes.

**Basanti Adjuad**

**AFFIDAVIT**

By virtue of an affidavit before the Notary Public, Titilagarh, on dated- 04/08/2025. I, **Gunamati Adjuad** (new name), formerly called as Gunmati Yadav (old name), W/o- Bhubana Adjuad, permanent resident of AT- Lenjha, PO- Lenjha, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my name from **Gunmati Yadav** (old name) to **Gunamati Adjuad** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Gunamati Adjuad** (new name) for all future purposes.

**Gunamati Adjuad**

**AFFIDAVIT**

By virtue of an affidavit before The Notary Public, Titilagarh, on dated- 20/11/2025. I, **Mahini Tandi** (new name) formerly called as **Mohinee Tandi** (old name), D/o Mansing Tandi, permanent resident of At- Patamara, PO- Haldi, PS- Muribahal, Dist- Balangir (Odisha), PIN- 767037 now residing at the same place declare that I have changed my name from **Mohinee Tandi** (old name) to **Mahini Tandi** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Mahini Tandi** (new name).

**Mahini Tandi**

## ଭାପୁର ମହୋତ୍ସବ ପାଇଁ ପ୍ରସ୍ତୁତି




**ଭାପୁର,୨୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଚର୍ଚ୍ଚିତ ଭାପୁର ମହୋତ୍ସବ ୨୦୨୬ ଆସନ୍ତା ଜାନୁୟାରୀ ୧୦ ତାରିଖରୁ ୧୩ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେବ। ଏନେଇ ଶୁକ୍ରବାର ଦିନ ଭାପୁର ହନୁମାନ ମନ୍ଦିର ପରିସରରେ ଥିବା କଲ୍ୟାଣ ମଣ୍ଡପରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ମହାନ୍ତିଙ୍କ ସଭାପତିତ୍ୱ ରେ ଆୟୋଜିତ ହୋଇଥିଲା। ସାମ୍ବାଦିକ ଜନ୍ମେଜୟ ଦଳେଇଙ୍କ ସଂଯୋଜନାରେ ଆୟୋଜିତ ଏହି ସଭାରେ ଭାପୁର କ୍ରିୟାନୁଷ୍ଠାନ କମିଟିର ସଭାପତି ରବୀନ୍ଦ୍ର କୁମାର ପଟ୍ଟନାୟକ, ବରିଷ୍ଠ ନାଗରିକ ସମ୍ବଘର ସଭାପତି ଲକ୍ଷ୍ମୀଧର ସାମନ୍ତରାୟ, ଗୁରୁ ସାକ୍ଷାତ ପରମବ୍ରହ୍ମ କାର୍ଯ୍ୟକ୍ରମ ର ସଭାପତି ରବୀନ୍ଦ୍ର ନାଥ ପଟ୍ଟନାୟକ, ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର କୁମାର ଧଳ,ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ବସନ୍ତ କୁମାର ମାଝି, ଅବସରପ୍ରାପ୍ତ ଶିକ୍ଷକ ବୈକୁଣ୍ଠ ନାଥ ଦାଶ ,ସମାଜସେବୀ ସନ୍ତୋଷ କୁମାର ତ୍ରିପାଠୀ ଓ ସାଧୁଚରଣ ସିଂହ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷଙ୍କ ପ୍ରତିନିଧି ଶ୍ରୀନିବାସ ପୃଷ୍ଟି, ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବରିଷ୍ଠ ରାଜନେତା ମଧୁସୂଦନ ରଥ ଓ ଭାପୁର ବଜାର କମିଟି ସଭାପତି କାର୍ତ୍ତିକ ଚନ୍ଦ୍ର ନାୟକଙ୍କ ସହ ଶତାଧିକ ମହୋତ୍ସବ ପ୍ରେମୀ, ଜନପ୍ରତିନିଧି, ସାମ୍ବାଦିକ ଓ ଯୁବକ ଯୋଗ ଦେଇଥିଲେ। ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ଏହି ମହୋତ୍ସବର ଗାରିମା ବୃଦ୍ଧି କରିବା ସହ ସବୁ ବର୍ଷ ଅପେକ୍ଷା କିପରି ଅଧିକ ସରସ ସୁନ୍ଦର ହେବ ସେ ନେଇ ସମସ୍ତେ ସେମାନଙ୍କ ଉପାଦେୟ ମତ ଦେଇଥିଲେ। ମହୋତ୍ସବ ନୂତନ ସମ୍ପାଦକ ଭାବେ ପୂର୍ବତନ ସରପଞ୍ଚ ଲକ୍ଷ୍ମୀଧର ସାମନ୍ତରାୟଙ୍କୁ ମନୋନୀତ କରାଯାଇଛି ।

### ● ଓଡ଼ଗାଁ ସରକାରୀ ପଲିଟେକନିକ

## ଦୂଷିତ ଜଳ ବ୍ୟବହାର ଯୋଗୁଁ ୩୦ରୁ ଊର୍ଦ୍ଧ୍ୱ ସଂକ୍ରମିତ

ଓଡ଼ଗାଁ,୨୧।୧୧(ସମିସ): ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଠାରେ ଅବସ୍ଥିତ ନୟାଗଡ଼ ସରକାରୀ ପଲିଟେକନିକ ଶିକ୍ଷାନୁଷ୍ଠାନ ରେ ପାନୀୟ ଜଳ ସମସ୍ୟା ନେଇ ୩୦ ରୁ ୪୦ ବିଦ୍ୟାର୍ଥୀ ସଂକ୍ରମିତ ହୋଇଥିବା ବେଳେ ଅନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସୂଚନା କ୍ରମେ ସ୍ୱାସ୍ଥ୍ୟ ବିଭାଗ ହସ୍ତକ୍ଷେପ ପରେ ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି । ପରୀକ୍ଷଣ ପରେ ପରିସର ମଧ୍ୟରେ ଥିବା ଦୁଇଟି ବୋରିଙ୍ଗ ମଧ୍ୟରୁ ଗୋଟିଏର ପାଣି ବିଶୁଦ୍ଧ ଥିବା ଜଣାପଡିଥିଲା । ଜଳରେ କ୍ଲୋରିନର ପରିମାଣ କମ୍ ଥିବାରୁ ଏପରି ସମସ୍ୟା ଦେଖାଦେଇଥିବା ଜଣାପଡିଥିଲା । ଫଳରେ ପ୍ରାୟ ୨୦ରୁ ୨୧ ଦିନ ପୂର୍ବେ ଶିକ୍ଷା ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ଥଣ୍ଡା, କାଶ, କଫ ସହିତ ଜରରେ ପିଡ଼ିତ ହୋଇ ଓଡ଼ଗାଁ ଡାକ୍ତରଖାନାରେ ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ନିମନ୍ତେ ପହଞ୍ଚିଥିଲେ। ଦିନକୁ ଦିନ ଶାକ୍ଷାର୍ଥୀ ମାନଙ୍କ ସଂଖ୍ୟା ବଢ଼ି ୪୦ରେ ପହଞ୍ଚିଥିଲା । କଲେଜ କର୍ତ୍ତୃପକ୍ଷଙ୍କ ଠାରୁ ଅଭିଯୋଗ ପାଇ ପାନୀୟଜଳ ଓ ପରିମଳ ବିଭାଗ ଏବଂ ନୟାଗଡ଼ ଓ ଶରଣକୁଳ ମେଡିକାଲ ଦଳ ଘଟଣାସ୍ଥଳରେ ପହଞ୍ଚି ନଳକୂପ ଜଳ ପରୀକ୍ଷା କରିବା ପରେ ସେଥିରେ କ୍ଲୋରନ ପରିମାଣ କମଥିବା କାରଣ ଥିବାରୁ ଏପରି ସମସ୍ୟା ସୃଷ୍ଟି ହୋଇଥିବା ନିଶ୍ଚିତ ହୋଇଥିଲା। ପରେ ଉକ୍ତ ବିଭାଗ ତରଫରୁ ଜଳ ବିଶୋଧନ ନିମନ୍ତେ ନଳକୂପ ଜଳରେ ପ୍ରତିଦିନ କ୍ଲୋରିନଯୁକ କରାଯାଉଛି ।ଅପରପକ୍ଷରେ ଓଡ଼ଗାଁ ଏନ୍‌ଏସି ପାନୀୟ ଜଳ ପ୍ରକଳ୍ପରୁ ଟ୍ୟାଙ୍କର ଯୋଗେ ପଲିଟେକନିକ୍ ପାଇଁ ପାନୀୟ ଜଳ ଯୋଗାଣ ହୋଇଥିବା ବେଳେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ଉକ୍ତ ପ୍ରକଳ୍ପରୁ ଶିକ୍ଷା ଅନୁଷ୍ଠାନକୁ ସ୍ଥାୟୀ ପାନୀୟ ଜଳ ଯୋଗାଣ ହେବ ବୋଲି ଅନୁଷ୍ଠାନର ଅଧ୍ୟକ୍ଷ ବନ ବିହାରି ମହାନ୍ତି କହିଛନ୍ତି ।

### ପ୍ରମାଣପତ୍ରରେ କାନକୁ ଶୁଭୁନି, ଭତ୍ତାରେ ମାନସିକ ଅନଗ୍ରସର

# 'ପରୀ' ବାପା ଅଶୋକ ଶତ ପ୍ରତିଶତ ଦିବ୍ୟାଙ୍ଗ

**ନୟାଗଡ଼,୨୧।୧୧(ସମିସ):**

ନୟାଗଡ଼ର ବହୁ ଚର୍ଚ୍ଚିତ ପରୀ ହତ୍ୟାକାଣ୍ଡ ଘଟଣାରେ ଅଭିଯୁକ୍ତକୁ ଦଣ୍ଡ ବିଧାନ ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ ଘଟଣା ଲୋକଙ୍କ ମନରୁ ଲିଭିନାହିଁ । ଉକ୍ତ ଘଟଣା ପରଠାରୁ ପରୀ ପରିବାର ତଥା ତା ବାପା ଓ ମାଆ ଖଣ୍ଡପଡ଼ା ବ୍ଲକ ଯୋଗିଆପଲ୍ଲୀ ଗ୍ରାମରେ ବାସ କରୁଥିଲେ । ଏବେ ଜିଲ୍ଲା ବାହାରେ ଅବସ୍ଥାନ କରୁଥିବା ସୂଚନା ମିଳିଛି। କିନ୍ତୁ ଏକ ରୋଚକ ଘଟଣା ଏବେ ସାମ୍ନାକୁ ଆସିଛି । ପରୀ ବାପା ଅଶୋକ କୁମାର ସାହୁ ୨୦୧୮ ମସିହାରୁ ଶତ ପ୍ରତିଶତ ଦିବ୍ୟାଙ୍ଗ ବୋଲି ଜଣାପଡ଼ିଛି । ଏଥିପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ତାଙ୍କୁ ଦିବ୍ୟାଙ୍ଗ ପରିଚୟ ପତ୍ର ପ୍ରଦାନ କରାଯାଇଛି। କେବଳ ପରିଚୟ ପତ୍ର ନୁହେଁ, ସରକାରଙ୍କ ସାମାଜିକ ସୁରକ୍ଷା ବିଭାଗ ତାଙ୍କୁ ମାସିକ ୩.୫ ଶହ ଟଙ୍କା ଭତ୍ତା ମଧ୍ୟ

### ପ୍ରମାଣପତ୍ର ଅସଲି ନା ନକଲି!

ଦେଉଛନ୍ତି । ଏହି ଘଟଣା ସାମ୍ନାକୁ ଆସିବା ପରେ ପୁଣିଥରେ ଚର୍ଚ୍ଚା ଆରମ୍ଭ ହୋଇଛି । ଶତ ପ୍ରତିଶତ ସୁସ୍ଥ ବ୍ୟକ୍ତିଙ୍କୁ କିଭଳି ଦିବ୍ୟାଙ୍ଗ ପ୍ରମାଣପତ୍ର ପ୍ରଦାନ କରାଯାଇଛି ବୋଲି ପ୍ରଶ୍ନ ଉଠିଛି । ୨୦୨୨ ମସିହା ଜାନୁୟାରୀ ମାସରୁ ଭତ୍ତା ପାଉଛନ୍ତି । ଦୀର୍ଘଦିନ ଧରି ସେ



ଭତ୍ତା ଟଙ୍କା ନେଇ ନଥିଲେ । ୨୦୨୪ ମସିହା ଶେଷ ସମୟରେ ତାଙ୍କୁ ଏକ କାଳୀନ ସମସ୍ତ ଭତ୍ତା ଟଙ୍କା ବ୍ଲକ କାର୍ଯ୍ୟାଳୟରୁ ପ୍ରଦାନ କରାଯାଇଥିବା ବେଳେ ୨୦୨୫ ମସିହା ଜାନୁୟାରୀ ମାସରୁ ପଞ୍ଚାୟତ କାର୍ଯ୍ୟାଳୟରୁ ନିଜ ହାତରେ ଭତ୍ତା ଟଙ୍କା ନେଉଥିବା ସୂଚନା ମିଳିଛି । ଅନ୍ୟପକ୍ଷେ, ସାମାଜିକ ସୁରକ୍ଷା ବିଭାଗ ସରକାରୀ ପୋର୍ଟାଲରେ ଅଶୋକ ମାନସିକ ଅନଗ୍ରସର ବୋଲି ଉଲ୍ଲେଖ କରାଯାଇଥିବା ବେଳେ ସେ ଶତ ପ୍ରତିଶତ କାଲା ବୋଲି ପ୍ରମାଣ ପତ୍ର କହୁଛି। ଉକ୍ତ ପ୍ରମାଣପତ୍ରରେ ଡାକ୍ତରଙ୍କ ଦସ୍ତଖତ ନଥିବା ଏବଂ କେଉଁ କାନ କେତେ ପ୍ରତିଶତ ଖରାପ ତାହା ଉଲ୍ଲେଖ କରାଯାଇନଥିବା ଦେଖାଯାଇଛି । ଏହି ସାର୍ଟିଫିକେଟ୍‌ରେ କେବଳ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଡିଜିଟାଲ ସାଇନ୍ ରହିଛି । ଯାହାକୁ ନେଇ ଉକ୍ତ ଦିବ୍ୟାଙ୍ଗ ପ୍ରମାଣପତ୍ର ନକଲି ବୋଲି ଅଭିଯୋଗ ହୋଇଛି । କେଉଁ ଭଳି ଭାବେ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି ଏବଂ ବିନା ତଦନ୍ତରେ କେଉଁ ଭଳି ଭାବେ ତାଙ୍କୁ ୩.୫ ଶହ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି ବୋଲି ପ୍ରଶ୍ନ ଉଠିଛି । ଏହା ପଛରେ କିଛି ରାଜନୈତିକ ଗନ୍ଧ ରହିଥିବା ବାରି ହେଉଛି। ଏନେଇ ଘଟଣାର ତଦନ୍ତ କରଯାଇ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହେଉଛି।

### ■ ପଞ୍ଚାୟତ ସମିତି ସାଧାରଣ ଅଧିବେଶ

## ଲାଇଟ୍ ଜଳୁ ନ ଥିବାରୁ ଜନପ୍ରତିନିଧିଙ୍କ କ୍ଷୋଭ

**ନୟାଗଡ଼,୨୧।୧୧(ସମିସ):** ନୟାଗଡ଼ ପଞ୍ଚାୟତ ସମିତି ଏକାଦଶ ସାଧାରଣ ଅଧିବେଶନ ବ୍ଲକ ଅଧ୍ୟକ୍ଷ କିଶୋର ଚନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଅତିଥି ଭାବେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ଯୋଗ ଦେଇଥିଲେ । ଜିଲ୍ଲା ପରିଷଦ ସଦସ୍ୟ ସରୋଜ ରଣସିଂ, କ୍ଷୀରୋଦ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ । ନୟାଗଡ଼ ବିଡିଓ ଐଶୋର୍ଯ୍ୟା ଭୁୟାଁ ବୈଠକ ପରିଚାଳନା କରିଥିଲେ। ବିଭିନ୍ନସ ସରକାରୀ ଯୋଜନା ଅର୍ଥକୁ କିଭଳି ସଠିକ ଭାବେ ବ୍ୟୟ କରାଯିବ, ସେ ନେଇ ଆଲୋଚନା ରଖିଥିଲେ । ସାମୁହିକ ଭିତ୍ତିଭୂମି ସୁଦୃଢ଼ କରିବା ସହ ଜନହିତକର ଯୋଜନା ସଠିକ କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ୨୦ ଦିନ ବାଦ ନୟାଗଡ଼ ବ୍ଲକର ସମସ୍ତ କାର୍ଯ୍ୟର ସମୀକ୍ଷା କରିବେ




ବୋଲି କହିଥିଲେ। ଏହି ବୈଠକରେ ପୂର୍ବ ବୈଠକ ବିବରଣୀ ଉପସ୍ଥାପନ ସମୟରେ ବାଲୁଗାଁ ସରପଞ୍ଚ ମନୋଜ କୁମାର ନାୟକ ବିଭିନ୍ନ ପଞ୍ଚାୟତରେ ଆଲୋକିକରଣ ପାଇଁ ଲଗାଯାଇଥିବା ଲାଇଟ ଗୁଡ଼ିକ ଅଚଳ ହୋଇପଡ଼ିଥିବା ଦର୍ଶାଇ କ୍ଷୋଭ ପ୍ରକାଶ କରିଥିଲେ । ଏହା ସହିତ ହରିଶ୍ଚନ୍ଦ୍ର ଯୋଜନାରେ ହିତାଧିକାରୀମାନେ ସହାୟତା ପାଇ ପାରୁନଥିବା ମଧ୍ୟ ଅଭିଯୋଗ କରିଥିଲେ। ଏହା ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। କିଭଳି ହିତାଧିକାରୀଙ୍କୁ ସଠିକ ସମୟରେ ସହାୟତା ମିଳିବ, ସେ ନେଇ ଆଲୋଚନା ହୋଇଥିଲା। ବାଲୁଗାଁ ସ୍ୱାସ୍ଥ୍ୟକେନ୍ଦ୍ର ନୂତନ ଗୃହ କାର୍ଯ୍ୟକାରୀ କରିବା ଉପରେ ଆଲୋଚନା ହୋଇଥିଲା। ଏହା ସହିତ କୃଷି, ବନବିଭାଗ, ପାନୀୟ ଜଳ ବ୍ୟବସ୍ଥା ଏବଂ ବିଭିନ୍ନ ବିକାଶ ମୂଳକ କାର୍ଯ୍ୟ ଉପରେ ଆଲୋଚନା ହୋଇଥିଲା । ଏହି ବୈଠକରେ ବ୍ଲକର ସମସ୍ତ କର୍ମଚାରୀ, ବିଭିନ୍ନ ପଞ୍ଚାୟତ ସରପଞ୍ଚ ଏବଂ ସମିତି ସଭ୍ୟ ଯୋଗ ଦେଇଥିଲେ ।

## ପୋଷାକ ବିତରଣ ; ଅଧା ପିଲା ନିରାଶ

**ଗଣିଆ,୨୧।୧୧(ସମିସ):** ଗଣିଆ କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠ ପରିସରରେ ପୋଷାକ ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସମୀର କୁମାର ସାହୁ, ପ୍ରଧାନ ଶିକ୍ଷୟତ୍ରୀ ନିହାର ବାଳା ରାଉତ, ସରପଞ୍ଚ ଗିରିଧାରୀ ସେଠୀ, ସମିତି ସଭ୍ୟ ଫକୀର ମୋହନ ଡାକୁଆ, ପରିଚାଳନା କମିଟିର ସମସ୍ତ ସଦସ୍ୟ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ । ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ୨ ହଳ ଲେଖାଏଁ ପୋଷାକ ବଣ୍ଟନ କରାଯାଇଥିଲା । ସମସ୍ତ ପିଲାଙ୍କ ପାଇଁ ଡ୍ରେସ ଆସିନଥିବା ବେଳେ ଅଳ୍ପ କିଛି ପିଲାଙ୍କୁ ପୋଷାକ ଦିଆଯାଇଥିଲା। ନଭେମ୍ବର ମାସ ସରିବାକୁ ବସିଥିବା ବେଳେ ଆଜି ପର୍ଯ୍ୟନ୍ତ ପିଲାଙ୍କୁ ପୋଷାକ ମିଳି ପାରିନଥିବା ବେଳେ ଆଜି ଅଧା ପିଲାଙ୍କୁ ପୋଷାକ ବଣ୍ଟନ କରାଯାଇଥିବା ବେଳେ ଅନ୍ୟ ମାନଙ୍କୁ ପରେ ଦିଆଯିବ ବୋଲି ପୋଷାକ ବଣ୍ଟନ ଦାୟିତ୍ୱରେ ଥିବା ସଂସ୍ଥା ତରଫରୁ ଜଣାପଡିଛି ।

## ଗଣିଆରେ ବାର୍‌ହା ଉପଦ୍ରବ

**ଗଣିଆ,୨୧।୧୧(ସମିସ):** ଗଣିଆ ବ୍ଲକର ବିଭିନ୍ନ ସ୍ଥାନରେ ବାରହା ଉପଦ୍ରବ ବଢିବାରେ ଲାଗିଛି । ବ୍ଲକର ରାସଙ୍ଗ, କିଶୋରପ୍ରସାଦ, ଛାମୁଣ୍ଡିଆ, କରଡାପଡା ଆଦି ଗ୍ରାମରେ ବାରହା ମାନେ ବିଲରେ ପଶି ଧାନଠାରୁ ଆରମ୍ଭ କରି ପନିପରିବା ଫସଲ ନଷ୍ଟ କରୁଛନ୍ତି । ପନିପରିବା ଚାଷ କରିଥିବା ଚାଷୀ ବାରହା ଉପଦ୍ରବରେ ଅତିଷ୍ଠ ହୋଇ ପଡିଲେଣି। ପନିପରିବା କଷି ଗୁଡ଼ିକୁ ଛିଣ୍ଡାଇ ଏଣେତେଣେ ପକାଉଥିବା ଅଭିଯୋଗ ହୋଇଛି । କିଶୋର ପ୍ରସାଦରେ ଅନେକ ଧାନ ଜମିରେ ଧାନ ଖାଇବାକୁ ଆସି ବାରହା ଧାନ ଫସଲ ନଷ୍ଟ କରିଥିବା ଅଭିଯୋଗ ହୋଇଛି । ଏ ନେଇ ଅନେକ ଚାଷୀ ବିଭାଗୀୟ କାର୍ଯ୍ୟାଳୟରେ ମଧ୍ୟ ଅଭିଯୋଗ କରିଛନ୍ତି। ଅନେକ ସ୍ଥାନରେ ବାରହା ଫାଶ ପକାଇ ବାରହା ମାରୁଥିବା ଅଭିଯୋଗ ମଧ୍ୟ ହୋଇଛି । ବିଭାଗୀୟ ଅଧିକାରୀ ମାନେ ଏଥିପ୍ରତି ଦୃଷ୍ଟି ଦେଇ ଫସଲ ହାନୀ ଘଟିଥିବା ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ କରିବାକୁ ସାଧାରଣରେ ଦାବି ହେଉଛି ।

## ଜାତୀୟ ଶିକ୍ଷାନୀତି ଦିନିକିଆ କର୍ମଶାଳା

**ଖଣ୍ଡପଡ଼ା,୨୧।୧୧(ସମିସ):** ଖଣ୍ଡପଡ଼ା ପଠାଣି ସାମନ୍ତ ମହାବିଦ୍ୟାଳୟ ସଭାଗୃହରେ ଜାତୀୟ ଶିକ୍ଷାନୀତି ଉପରେ ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପଠାଣି ସାମନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ଼ଃ ସ୍ୱଚ୍ଛ ସଲିଳା ମହାପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୋପାଳ ଆଞ୍ଚଳିକ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ଶରଣକୁଳ ମହାବିଦ୍ୟାଳୟର ଅଧ୍ୟାପକ ଡଃ ବ୍ୟୋମକେଶ ରଥ, ଓଡିଆ ବିଭାଗ ଅଧ୍ୟାପକ ଗୋପବନ୍ଧୁ ଚୌଧୁରୀ, ପ୍ରାଣୀ ବିଜ୍ଞାନ ବିଭାଗ ମୁଖ୍ୟ ଅଧ୍ୟାପକ ବଳରାମ ସାହୁ, ସଂସ୍କୃତ ବିଭାଗ ମୁଖ୍ୟ ଡ଼ ରବୀନ୍ଦ୍ର ନାଥ ଦାଶ, ଅଧ୍ୟାପିକା ଇତିଶ୍ରୀ ବେହେରା ପ୍ରମୁଖ ମଞ୍ଚାସୀନ ରହିଥିଲେ। ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡ଼ିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଓ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଥିବା ଏବଂ ଏଥିରେ ଭିନ୍ନ ଯୋଜନାଙ୍କ ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାମତ ପ୍ରକାଶ ପାଇଥିଲା। ମଧୁସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ମହାବିଦ୍ୟାଳୟର ବହୁ ଅଧ୍ୟାପକ ଓ ଅଧ୍ୟାପିକା ତଥା ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ■ ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସଭା

## ସମାଜରେ ସାମୂହିକ ପରିବର୍ତ୍ତନ ଆବଶ୍ୟକ

**ନୟାଗଡ଼,୨୧କ୍ଷ୧୧(ସମିସ):** ନୟାଗଡ଼ ବରିଷ୍ଠ ନାଗରିକ ମଞ୍ଚ ସାଧାରଣ ସଭା ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ ନନ୍ଦଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି




ଭାବେ ଯୋଗ ଦେଇ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ ତାଙ୍କ ବକ୍ତବ୍ୟରେ, ବାର୍ଦ୍ଧକ୍ୟ ଅଭିଜ୍ଞତାର ଗନ୍ତାଘର ହୋଇଥିବା ବେଳେ ତାହା ଅଭିଶାପ ପାଲଟି ଯାଉଛି। ଭିତ୍ତିଭୂମୀ ବିକାଶ ହୋଇଛି, ବୌଦ୍ଧିକ ବିକାଶ ହୋଇପାରୁ ନାହିଁ। ମୂଲ୍ୟବୋଧ ରହିତ ଶିକ୍ଷାରେ ସାମାଜିକ ଘୃଣତା ଆସିବ ନାହିଁ। ସମାଜରେ ସାମୁହିକ ପରିବର୍ତ୍ତନ ଆବଶ୍ୟକ ବୋଲି ବିଧାୟକ କହିଥିଲେ। ଦେଶର ୩.୫ ଭାଗ ଲୋକ ସହରରେ ରହୁଛନ୍ତି। ଦେଶରେ ସହର ଅବସ୍ଥା ବିପର୍ଯ୍ୟସ୍ତ। ସୁସ୍ଥ ସମାଜ ଗଠନ କାହିଁକି ହୋଇ ପାରିଲା ନାହିଁ। ଦେଶର ସମ୍ପତ୍ତିକୁ ନିଜର ନଭାବିଲେ ଘର ଭିତର ବି ଅସଜଡ଼ା ହୋଇଯିବ। ପ୍ରଶାସନ ପାଖକୁ ବରିଷ୍ଠ ନାଗରିକଙ୍କ ପରିଚୟ ପତ୍ର ଯାଇଥିଲି, ତାହା ମଧ୍ୟ ହୋଇ ପାରିଲା ନାହିଁ। ବରିଷ୍ଠ ନାଗରିକଙ୍କ ଆଖିରୁ ଲୁହ ଝରିଲେ, କେହି ଭଲରେ ରହି ପାରିବେ ନାହିଁ। ସମାଜରେ ସଚେତନତା ବୃଦ୍ଧି କରିବା ଉପରେ ବିଧାୟକ ଗୁରୁତ୍ୱ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ତାଙ୍କ ବ୍ୟକ୍ତବ୍ୟରେ ପ୍ରଶାସନ, ସାମାଜିକ ସୁରକ୍ଷା ବିଭାଗ ଓ ଲୋକ ସମ୍ପର୍କ ବିଭାଗ ଉପରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ସରକାରୀ କାର୍ଯ୍ୟକ୍ରମରେ ସଂଗଠନକୁ ଅଣଦେଖା କରୁଥିବା ନେଇ କ୍ଷୋଭ ପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ, ପୌର ପରିଷଦ ଅଧ୍ୟକ୍ଷା ନିରୁପମା ଖଟେଇ, ଉପାଧ୍ୟକ୍ଷ ଗୁରୁପ୍ରସାଦ ଜେନା, ବୈଠକରେ ସମ୍ପାଦକ ଲୋକନାଥ ପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ବରିଷ୍ଠ ସଦସ୍ୟ ବିଶ୍ୱନାଥ ନାୟକଙ୍କ ବରିଷ୍ଠ ନାଗରିକ ମଞ୍ଚ ଗଠନ ଇତିହାସ ସମ୍ପର୍କରେ ସୂଚନା ଦେଇଥିଲେ। ଏହା ସହିତ ବିଗତ ୨୦ ବର୍ଷ ମଧ୍ୟରେ ନୟାଗଡ଼ରେ ହୋଇଥିବା ବିକାଶ ମୂଳକ କାର୍ଯ୍ୟ ସଂପର୍କରେ ସୂଚନା ଦେବା ସହ ଏହାର ଶ୍ରେୟ ନୟାଗଡ଼ ବିଧାୟକଙ୍କୁ ଦେଇଥିଲେ। ସମେତ ଶତାଧିକ ସଦସ୍ୟ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏହି ଅବସରରେ ପୁରାତନ କାର୍ଯ୍ୟକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅଦ୍ୱିକା ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା



**ଖଣ୍ଡପଡ଼ା,୨୧।୧୧(ସମିସ):** ଖଣ୍ଡପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ଯୋଜନା ଆନୁକୂଲ୍ୟରେ ଆୟୋଜିତ ଅଦ୍ୱିକା ଟ୍ୟାଲେଣ୍ଟ ହଣ୍ଟ ପ୍ରତିଯୋଗିତା ୨୦୨୫-୨୬ ବ୍ଲକ୍ ସଭା ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ସମନ୍ୱିତ ଶିଶୁ ବିକାଶ ଅଧିକାରୀ କନକଲତା ପୂଜାରୀ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଏ ଅବସରରେ ବ୍ଲକର ବିଭିନ୍ନ ସେକ୍ଟରରୁ ଅଂଶଗ୍ରହଣ କରିଥିବା କିଶୋରୀ ମାନଙ୍କ ମଧ୍ୟରେ ନାରୀ ସଶକ୍ତିକରଣ ବଷୟକୁ ନେଇ ଏକକ ଅଭିନୟ, ଏକକ କଥାଚିତ୍ର, ଚିତ୍ରାଙ୍କନ ଏବଂ ଡ୍ୟାନସ ପ୍ରତିଯୋଗିତା ସହିତ ପୋଷଣ ଯୁକ୍ତ ଖାଦ୍ୟ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ସେମାନଙ୍କ ମଧ୍ୟରୁ ସଫଳତା ହାସଲ କରିଥିବା ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ଟ୍ରଫି ଓ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ମହିଳା ସଶକ୍ତିକରଣ ବିଭାଗର ସୂର୍ଯ୍ୟକାନ୍ତ ସାହୁଙ୍କ ସହିତ ବିଶ୍ୱ ପାର୍ଥିବୀ, ଶିବାନୀ ମିଶ୍ର, ମିଶନ ଶକ୍ତି ବିଭାଗ ବିପିସି ଦିଲ୍ଲୀପ କୁମାର ନାୟକ ଏବଂ ସୁପରଭାଇଜର, ଅଙ୍ଗନବାଡି କର୍ମୀ ଓ ସହଯୋଗୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାର୍‌ହା ମାଂସ ସହ ୨ ବାଇକ୍ ଜବତ, ୩ ଗିରଫ

**ଓଡ଼ଗାଁ,୨୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକଙ୍କ ନେତୃତ୍ୱରେ ବନପାଳ ସରିତା ବରାଳ ଓ କର୍ମଚାରୀମାନେ ମିଳିତ ଭାବେ ରୋହିବାଙ୍କ -ଚେମେଡି ରାସ୍ତାରେ ଚଢ଼ାଉ କରି ୪ କେଜି ବାରହା ମାଂସ ସହିତ ୨ ବାଇକ, ୩କେଜି ଜିଆଇ ତାର, ଗୋଟିଏ ମୋବାଇଲ୍ ଫୋନ୍ ଏବଂ ୩୦ ବାଉଁଶ କିଳା ଜବତ କରିବା ସହିତ ୩ ଜଣଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି । ଗିରଫ ଅଭିଯୁକ୍ତ ମାନେ ହେଲେ ଚେମେଡି ଗ୍ରାମର ତ୍ରିଲୋଚନ ନାୟକ, ଚଢ଼େୟାପଲ୍ଲୀର ସିତୁ ପରିଡ଼ା ଏବଂ ରୋହିବାଙ୍କ ଲିଙ୍ଗା ଡାକୁଆ। ଦୁଇଟି ବାଇକ ମଧ୍ୟ ଜବତ କରାଯାଇଛି । ମାଂସ ବିକ୍ରି କରି ରଖିଥିବା ୯୩୦ ଟଙ୍କା ମଧ୍ୟ ସେମାନଙ୍କ ଠାରୁ ଜବତ ହୋଇଛି । ବନବିଭାଗ କ ମାମଲା ରୁଜୁ କରି ତଦନ୍ତ ଚାଲୁ ରଖିଛନ୍ତି ।

### ● ଜିଲ୍ଲା ପରିଷଦ ଅଧ୍ୟକ୍ଷଙ୍କ ନେପାଳ ଗସ୍ତ

## ଉନ୍ନୟନ କାର୍ଯ୍ୟର କଲେ ସମୀକ୍ଷା



**ନୟାଗଡ଼/ଓଡ଼ଗାଁ,୨୧।୧୧(ସମିସ):** ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକର ବିଛିନ୍ନାଞ୍ଚଳ ବାଣ୍ଡପୁର ପଞ୍ଚାୟତ ଅନୁସୂଚିତ ଜାତି ଓ ଜନଜାତି ଅଧିବାସୀଙ୍କ ବସତି ନେପାଳ ଗ୍ରାମକୁ ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଇଂ. ଦେବାଶିଷ ପଟ୍ଟନାୟକ ଶୁକ୍ରବାର ଗସ୍ତକରି ପ୍ରଗତିଶୀଳ ନିର୍ମାଣ ସ୍ଥଳକୁ ଯାଇ କାର୍ଯ୍ୟ ଗୁଡ଼ିକର ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା କରିବା ସହିତ ଅଧିବାସୀ ମାନଙ୍କ ସହ ଆଲୋଚନା କରିଛନ୍ତି । ଚଳିତ ମାସ ୬ ତାରିଖ ଗୁରୁବାର ଦିନ ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ ଓଡ଼ଗାଁ ବ୍ଲକର ବିଛିନ୍ନାଞ୍ଚଳ ଭାବେ ପରିଚିତ ଅନୁସୁଚିତ ଜାତି ଓ ଜନଜାତି ନେପାଳ ଗ୍ରାମରେ ପହଞ୍ଚି ଗ୍ରାମର ମୌଳିକ ସୁବିଧା ସୁଯୋଗ ସମ୍ପର୍କରେ ବୁଝିବା ସହିତ ଟୀକାକରଣ, ଗ୍ରାମକୁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ନିର୍ମାଣ, ନୂତନ ସ୍କୁଲଖୋଲିବା, ପ୍ରତି ଘରକୁ ସୋଲାର ବିଦ୍ୟୁତ୍ ସେବା ଯୋଗାଣ, ସ୍ୱତନ୍ତ୍ର କ୍ୟାମ୍ପ କରି ସଠିକ୍ ଆଧାର କାର୍ଡ ପ୍ରଦାନ, ଛେଳି ଚାଷ ଏବଂ ଗାଈ ଫାର୍ମ ପରି ସରକାରୀ ଯୋଜନା ମାନ ଯୋଗାଇଦେଇ ସେମାନଙ୍କ ଆର୍ଥିକ ଉନ୍ନତି ପାଇଁ ଜିଲ୍ଲାପାଳ ନିଷ୍ପତ୍ତି ନେଇଥିଲେ । ଜିଲ୍ଲାପାଳଙ୍କ ନିଷ୍ପତ୍ତି ଗୁଡିକୁ କାର୍ଯ୍ୟକାରୀ କରିବା ପାଇଁ ଉପସ୍ଥିତ ଥିବା ଓଡ଼ଗାଁ ବ୍ଲକ୍ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସହିତ ବିଡ଼ିଓ ଜିତେନ୍ଦ୍ର କୁମାର ନାଏକ, ତହସିଲଦାର ଡ. ମାନସ ରଞ୍ଜନ ଭୋଇ, ଜିଲ୍ଲା ଅତିରିକ୍ତ ଶିକ୍ଷାଧିକାରୀ ଗିତାଞ୍ଜଳୀ ସାହୁ, ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାର ପିଣ୍ଟୁ ସାହୁଙ୍କ ସମେତ ଉପସ୍ଥିତ ଜିଲ୍ଲାର ଅନ୍ୟ ଅଧିକାରୀମାନେ ସମସ୍ତ କାର୍ଯ୍ୟ ସାରିବା ପାଇଁ ଲାଗି ପଡିଥିବା ବେଳେ ଶୁକ୍ରବାର ନୟାଗଡ଼ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ ନେପାଳ ଗ୍ରାମରେ ପହଞ୍ଚି ପ୍ରଗତିଶୀଳ କାର୍ଯ୍ୟ ଗୁଡ଼ିକର ଅଗ୍ରଗତିର ସମ୍ପର୍କରେ ସମୀକ୍ଷା କରିଥିଲେ। ଏନେଇ ଜିଲ୍ଲା ତଥା ବ୍ଲକ୍ ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ । ଏଥିସହିତ ଶିକ୍ଷା ବିଭାଗ ମାଧ୍ୟମରେ ଡେପୁଟେସନରେ ଶିକ୍ଷକ ମାନେ ପାଠ ପଢ଼ାଇବା ଏବଂ ଅଙ୍ଗନୱାଡି ଗୃହର ନିର୍ମାଣ ଅଗ୍ରଗତିକୁ ପ୍ରଶଂସା କରିଥିଲେ ।

### ନୟାଗଡ଼ ଜିଲ୍ଲା ମହୋତ୍ସବ ପ୍ରସ୍ତୁତି ବୈଠକ

# ଆକର୍ଷଣୀୟ କରାଯିବା ସହ ଶୃଙ୍ଖଳାକୁ ଗୁରୁତ୍ୱ

**ନୟାଗଡ଼,୨୧।୧୧(ସମିସ):**

ନୟାଗଡ଼ ଜିଲ୍ଲା ପରିଷଦ ସଭାଗୃହ ସୃଜନଠାରେ ନୟାଗଡ଼ ଜିଲ୍ଲା ମହୋତ୍ସବ ଉପଲକ୍ଷେ ଏକ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ନୟାଗଡ଼ ବିଧାୟକ ଡ. ଅରୁଣ କୁମାର ସାହୁ, ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଜିଲ୍ଲା ପରିଷଦ ଅଧ୍ୟକ୍ଷ, ଇଂ ଦେବାଶିଷ ପଟ୍ଟନାୟକ, ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁବାଷ ଚନ୍ଦ୍ର ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ, ଉପ-ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ପ୍ରମୁଖ ଯୋଗ ଦେଇଥିଲେ । ପ୍ରତିବର୍ଷ ଭଳି ନୟାଗଡ଼ ଜିଲ୍ଲା ମହୋତ୍ସବ ଡିସେମ୍ବର ମାସ




୨୪ ତାରିଖରେ ଆରମ୍ଭ ହୋଇ ପାଞ୍ଚ ଦିନ ଧରି ନୟାଗଡ଼ ଷ୍ଟାଡିୟମରେ ଚାଲୁ ରହିବ ବୋଲି ନିଷ୍ପତ୍ତି ହୋଇଛି। ମହୋତ୍ସବ ପାଇଁ ସମସ୍ତ କମିଟି ବିଷୟରେ ଆଲୋଚନା କରାଯାଇଥିଲା। ଗତବର୍ଷ କମିଟିକୁ ଗୁରୁତ୍ୱ ନଦେଇ ପ୍ରଶାସନ ମନମାନୀ କରିଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଯାହାକୁ ନେଇ ନୟାଗଡ଼ ବିଧାୟକ ପ୍ରତି କମିଟି ବୈଠକ ଡାକି ଆଲୋଚନା କରିବାକୁ ପରାମର୍ଶ ଦେଇଥିଲେ। ମହୋତ୍ସବକୁ ଶାନ୍ତି ଶୃଙ୍ଖଳାର ସହ ଆକର୍ଷଣୀୟ କରାଯିବା ଉପରେ ଆଲୋଚନା କରାଯାଇଥିଲା । ପ୍ରତ୍ୟେକ କର୍ମଚାରୀ ଏହାକୁ ଦାୟିତ୍ୱର ସହ ତୁଲାଇବାକୁ ଆଲୋଚନା ହୋଇଥିଲା। ଦଶପଲ୍ଲା ବିଧାୟକ ତାଙ୍କ ବକ୍ତବ୍ୟରେ ଜିଲ୍ଲା ମହୋତ୍ସବ ଭାଇଚାରାର ମହୋତ୍ସବ ବୋଲି ମତବ୍ୟକ୍ତ କରିଥିଲେ। ଖଣ୍ଡପଡ଼ା ବିଧାୟକ ପୂର୍ଣ୍ଣ ମାତ୍ରାରେ ସହଯୋଗ ରହିବ ବୋଲି ମତବ୍ୟକ୍ତ କରିଥିଲେ। ଜିଲ୍ଲାପାଳ ସମସ୍ତଙ୍କ ସହାୟତାରେ ଚଳିତ ବର୍ଷ ଆହୁରି ଭଲ ଭାବେ ଆୟୋଜନ କରାଯିବା ଉପରେ ଗୁରୁତ୍ୱ ଦେଇଥିଲେ। ମହୋତ୍ସବ ସ୍ମରଣିକା ଆରଣ୍ୟକକୁ ସୁନ୍ଦର କରାଯିବା ଉପରେ ଆଲୋଚନା ହୋଇଥିଲା । ଷ୍ଟାଡିୟମ ସାମ୍ନା ପଡ଼ିଆକୁ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହା ସହିତ ସ୍ଥାନୀୟ କଳାକାରଙ୍କ ସହ ରାଜ୍ୟ ବାହାରୁ କଳାକାର ଦଳଙ୍କୁ ଆଣିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । ଚଳିତ ବର୍ଷ ଅତିଥି ନିମନ୍ତ୍ରଣକୁ ଯତ୍ନର ସହକାରେ କରିବାକୁ ପରାମର୍ଶ ଦିଆଯାଇଛି । ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ସଭା ଯଥା ସମୟରେ ଶେଷ କରାଯିବା ଉପରେ ଆଲୋଚନା ହୋଇଛି । ଚଳିତ ବର୍ଷ ଜିଲ୍ଲା ମହୋତ୍ସବ ସହ ପଲ୍ଲିଶ୍ରୀ ମେଳା, ପୁସ୍ତକ ମେଳା ଓ ଯନ୍ତ୍ରପାତି ମେଳା ଆୟୋଜନ କରାଯିବାକୁ ଧାର୍ଯ୍ୟ କରାଯାଇଛି । ଗତବର୍ଷ ମହୋତ୍ସବରେ ୬୯ ଲକ୍ଷ ବ୍ୟୟ କରାଯାଇଥିବା ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ସୂଚନା ଦେଇଥିଲେ । ଚଳିତ ବର୍ଷ ବଜେଟ ବଢ଼ିବାର ଆଶଙ୍କା ରହିଥିବା କହିଥିଲେ । ଗତବର୍ଷ ଭଳି କୃଷି ଯନ୍ତ୍ରପାତି ମେଳା ପାଇଁ ୬୦ ଷ୍ଟଲ, ପୁସ୍ତକ ମେଳା ପାଇଁ ୨୦ ଷ୍ଟଲ ଓ ଖାଦ୍ୟ ପାଇଁ ୫୦ ଷ୍ଟଲ ବ୍ୟବସ୍ଥା କରାଯିବ ବୋଲି ଆଲୋଚନା ହୋଇଛି । ଏହା ସହିତ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀ ପାଇଁ ବଳକା ଷ୍ଟଲ ବ୍ୟବସ୍ଥା କରାଯିବା ଉପରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନେକ ଗଣମାଧ୍ୟମ ପ୍ରତିନିଧି, ଜନପ୍ରତିନିଧି, ବିଭିନ୍ନ ବିଭାଗ କର୍ମଚାରୀ ସାମିଲ ହୋଇଥିଲେ ।

# ଜିଲ୍ଲାରେ ୬୪ ପଦ ଖାଲି; ଡାକସେବା ବାଧାପ୍ରାପ୍ତ

ନିରାକାରପୁର, ୨୧।୧୧ (ସମିସ)

ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ବ୍ଲକର ଅଧିକାଂଶ ଏସ.ଓ ଗୁଡ଼ିକର ନିଜସ୍ୱ ଜମି ବା ଘର ନାହିଁ। ସେଗୁଡିକ ହେଲା ନିରାକାରପୁର, ଟାଙ୍ଗୀ, କୁହୁଡି, ସିଙ୍ଘପୁର ପୋଷ୍ଟ ଅଫିସ। କିଛି ଡାକ ଘରେ ଦିନ ୨ ଟା ପାରି ହୋଇଗଲେ ସ୍ପିଡ଼ ପୋଷ୍ଟ କରାଯାଉ ନ ଥିବାବେଳେ ନିରାକାରପୁର ପୋଷ୍ଟ ଅଫିସ ପୋଷ୍ଟ ମାଷ୍ଟରଙ୍କୁ ପଚାରିବାରୁ ଅକ୍ଟୋବର ମାସରୁ ରେଜିଷ୍ଟ୍ରି ପୋଷ୍ଟ ବନ୍ଦ ହୋଇଯାଇଥିବା କେବଳ ସ୍ପିଡ଼ ପୋଷ୍ଟ କରାଯାଉଛି। ସେମାନଙ୍କର ଏହି ସ୍ପିଡ ପୋଷ୍ଟ ଦିନ ୩ ଟା ବେଳେ ବନ୍ଦ କରାଯାଇ ୪ ଟା ବେଳେ ଡେସ୍ପାଚ କରାଯାଉଛି। ପ୍ରାୟତଃ ବ୍ରାଞ୍ଚ ଅଫିସ ଡାକଘର ଗୁଡ଼ିକ ବର୍ତ୍ତମାନ ଜରାଜୀର୍ଣ୍ଣ ଅବସ୍ଥାରେ ପାଲଟିଛି କେଉଁଠି କମ୍ପ୍ୟୁଟର ନାହିଁ ତ କେଉଁଠି ଇଣ୍ଟରନେଟ ସୁବିଧା ନାହିଁ।

ଡାକଘର ପତ୍ର ପଠାଇବା, ସଞ୍ଚୟ ଏବଂ ଜମା ଖାତା, ମନି ଅର୍ଡର୍, ବୀମା, ରାଷ୍ଟ୍ରୀୟ ପୋଷ୍ଟାଲ୍ ସୁବିଧା, ବ୍ୟାଙ୍କିଙ୍ଗ, ସ୍ପିଡ ପୋଷ୍ଟ ଆଦି କାର୍ଯ୍ୟ କରାଯାଉଛି।

ଟାଙ୍ଗୀ ବ୍ଲକର ସିଙ୍ଗିପୁର ଏସ୍‌ଓ ଅଧୀନରେ ୮ଟି ବ୍ରାଞ୍ଚ ଅଫିସ ଯଥା ଅଭିମାନପୁର, ଅଚ୍ୟୁତପୁର, ଭୂଷଣ୍ଡପୁର, ହରିପୁର, କମାଗୁରୁ, କୁସୁମୀ, ସୁନ୍ଦରପୁର, ଟାଙ୍କୋଲ। କଳୁପଡ଼ାଘାଟ ଏସ୍‌ଓ ଅଧୀନରେ ୧ଟି ଜରିପଡ଼ା ବ୍ରାଞ୍ଚ ଅଫିସ ଅଛି। ଟାଙ୍ଗୀ ଏସ. ଓ ଅଧୀନରେ ୫ଟି ବ୍ରାଞ୍ଚ ଅଫିସ ଯଥା ବଡପାରୀ, ଚନଡେଶ୍ୱର, ମଙ୍ଗଳାଯୋଡି, ପାରିଓରଡ, ପଟିଆମାଲ ଅଛି। ନିରାକାରପୁର ଏସ.ଓ ଅଧୀନରେ ୯ଟି ବ୍ରାଞ୍ଚ ଅଫିସ ଯଥା ବକୁ, ଭାଟପଡ଼ା, ଗଡଖାରଦ, କେଶରପୁର, ଲେଣ୍ଡୁ, ନୀଳଗିରିପଟଣା, ଅଡ଼ାଳ, ଓହ୍ଲାଣ, ରାଇଗୁରୁପୁର, କୁହୁଡି ଏସ.ଓ ଅଧିନରେ ୪ଟି ବ୍ରାଞ୍ଚ ଅଫିସ ବରଡିହି, ବିରିବାଡି, ଶୋରଣ, କୁଞ୍ଜୁରୀ ରହିଛି। କିଛି ଗ୍ରାମାଞ୍ଚଳ ବ୍ରାଞ୍ଚ ପୋଷ୍ଟ ଅଫିସରେ ସ୍ପିଡ୍ ପୋଷ୍ଟ ହୋଇ ପାରୁ ନଥିବା ଅଭିଯୋଗ ହେଉଛି। ଖୋର୍ଦ୍ଧା ଜିଲ୍ଲାରେ ସେହି ପରି ଆଉ କିଛି ଏସ.ଓ ରେ ନିଜସ୍ୱ ଜମି ବା ଘର ନାହିଁ ଯଥା ପଲ୍ଲହାଟ, ପି. ଏନ୍ କଲେଜ୍, ତମାଣ୍ଡୋ, ଖଣ୍ଡଗିରି, ପିଚୁକୁଲି, ସିକୋ, ପାହାଳ, ନରଣଗଡ, ଗଙ୍ଗାଧରପୁର, ଗମ୍ଭାରୀମୁଣ୍ଡା, ବାଘମାରି, ବାଜପୁର, ବାଳକାଟି, ବାଲିଅନ୍ତା, ବାଲିପାଟଣା, ବାଲୁଗାଁ ବଜାର ବ୍ରାଞ୍ଚ ଅଫିସ। ଖୋର୍ଦ୍ଧା ରାଜଧାନୀ ଜିଲ୍ଲା ହୋଇଥିବା ବେଳେ ଜିଲ୍ଲାରେ ୬୪ଟି ପଦବୀ ଖାଲି ଅଛି। ଏଚ.ଏସ. ଜି -୧ ସର୍ବୋଚ୍ଚ ପରିଚାଳନା ପଦବୀଗ୍ରୁପ - ଏ ରେ - ୬ ଟି , ଏଚ.ଏସ. ଜି -୨ ଉନ୍ନତ ପରିଚାଳନା ପାଇଁ ସବ୍ ଡାକଘର ସହକାରୀ ପୋଷ୍ଟ ଅଫିସ୍ ଭଳି ପଦବୀ ଗ୍ରୁପ୍ ବି ରେ - ୧ଟି , ଏଲ.ଏସ. ଜି ପ୍ରାରମ୍ଭିକ ପରିଚାଳନା ଗ୍ରୁପ - ସି ପଦବୀ - ୯ ଟି , ଅଫିସ୍ କ୍ଲରିକାଲ କାର୍ଯ୍ୟ ପୋଷ୍ଟ - ୧୦ ଟି , ପୋଷ୍ଟ ମ୍ୟାନ - ୨୧ ଟି , ମଲ୍ଟି ଟାସ୍କ ଷ୍ଟାଫ୍ ପଦବୀ - ୧୭ ଟି ପଦବୀ ଖାଲି ପଡିଛି। ମଲ୍ଟି ଟାସ୍କ ଷ୍ଟାଫ୍‌ମାନେ ସହାୟକ ଏବଂ ନନ୍ କ୍ଲରିକାଲ କାର୍ଯ୍ୟ କରିଥାନ୍ତି। ଖାଲି ଥିବା ପଦବୀ ଯୋଗୁ ସାଧାରଣ ଲୋକେ ପୋଷ୍ଟ ଅଫିସ୍‌ରେ ସେବା ପାଇବାରେ ବିଳମ୍ବ ଅନୁଭବ କରୁଛନ୍ତି। ସବୁ ବ୍ରାଞ୍ଚ ଅଫିସ ଗୁଡ଼ିକରେ ସ୍ପିଡ ପୋଷ୍ଟ, ଇଣ୍ଟରନେଟ ସୁବିଧା, ବ୍ୟାଙ୍କିଙ୍ଗ ସୁବିଧା , ଆଧାର, ଜମା ବୃଦ୍ଧି କରିବାରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଦାବି କରାଯାଉଛି।

## ଯୁବ ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

ନିରାକାରପୁର,୨୧।୧୧(ସମିସ): ମାନବ ସେବା ହିଁ ମାଧବ ସେବା। ସେବା ମନୋବୃତ୍ତି ରଖିଥିବା ଛାତ୍ରଛାତ୍ରୀ ଭବିଷ୍ୟତରେ ନିଶ୍ଚିତ ଭଲ ମଣିଷ ହୋଇପାରିବ। ଯୁବ ରେଡକ୍ରସ୍ ଶିବିରରୁ ସେବା କରିବାର ବିଭିନ୍ନ ଉପାୟ ଶିକ୍ଷା ଗ୍ରହଣ କରି ଶିବିରାର୍ଥୀ ସମାଜରେ କାର୍ଯ୍ୟକାରୀ କରିପାରିଲେ, ତାହା ହିଁ ତାଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିବ ବୋଲି ଖୋର୍ଦ୍ଧା ଜିଲ୍ଲା କମାଗୁରୁସ୍ଥ ରାମଚନ୍ଦ୍ର କଳ୍ପନା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅନୁଷ୍ଠିତ ତିନିଦିନିଆ ଜିଲ୍ଲାସ୍ତରୀୟ ଯୁବ ରେଡକ୍ରସ୍ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟକ୍ଷ ସୁଧାଂଶୁ ଶେଖର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଅଧ୍ୟାପିକା ଡ ରେଣୁବାଳା ସାମନ୍ତରାୟ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଟାଙ୍ଗୀ ବିଡିଓ ରୁମାନା ଜାଫିର, ମୁଖ୍ୟବକ୍ତା ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାମଚନ୍ଦ୍ର ମହାପାତ୍ର, ଟାଙ୍ଗୀ ବ୍ଲକ ଉପାଧ୍ୟକ୍ଷ ଦୁର୍ଗାପ୍ରସାଦ ନାଥଶର୍ମା, ଜିଲ୍ଲା ଯୁବ ରେଡକ୍ରସ୍ ସଂଯୋଜକ ରଂଜନ ମହାପାତ୍ର ଓ ଆବାହକ ପ୍ରଫୁଲ୍ଲ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ସତ୍ୟନାରାୟଣ ମହାପାତ୍ର ମଞ୍ଚ ପରିଚାଳନା କରିଥିବାବେଳେ ରେଡକ୍ରସ କାଉନସିଲର ଦିଲ୍ଲୀପ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାଲୁଗାଁ କଲେଜରେ ଜାତୀୟ ସମ୍ମାନ

ବାଲୁଗାଁ,୨୧।୧୧(ସମିସ): ବାଲୁଗାଁ ମହାବିଦ୍ୟାଳୟ ଦର୍ଶନ ବିଭାଗ ପକ୍ଷରୁ ଶୁକ୍ରବାର ବିଶ୍ୱ ଦର୍ଶନ ଦିବସ ଅବସରରେ 'ବିଜ୍ଞାନରେ ଦର୍ଶନର ପ୍ରାସଙ୍ଗିକତା' ଶୀର୍ଷକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପିକା ମନସ୍ୱିନୀ ପଟ୍ଟନାୟକ ଅତିଥି ପରିଚୟଦେଇଥିବାବେଳେ ଅଧ୍ୟକ୍ଷ ଡକ୍ଟର ଲକ୍ଷ୍ମୀଧର ସୁବୁଦ୍ଧି ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଆଲୋଚକ ଭାବେ ଭୁବନେଶ୍ୱରସ୍ଥ ଆଇଆଇଟି ସହାୟକ ପ୍ରଫେସର ଡକ୍ଟର



ଆର. ଭେଙ୍କଟ ରାଘବନ, ମୁଖ୍ୟଅତିଥି ଭାବେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଭିଜିଟିଂ ପ୍ରଫେସର ଡକ୍ଟର ଅନୁପ ରାୟ ଓ ସମ୍ମାନିତ ଅତିଥି ଭାବେ +୨ ଅଧ୍ୟକ୍ଷ ସୁଭାସ ଶ୍ରୀଚନ୍ଦନ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିବା ସହ ବାର୍ଷିକ ପତ୍ରିକା ଦାର୍ଶନିକ ଧାରାଶ୍ରୁ ଉନ୍ମୋଚନ କରିଥିଲେ। ବିଭାଗ ମୁଖ୍ୟ ଡକ୍ଟର କୈଳାସ ମହାରଣା ବିଶ୍ୱ ଦର୍ଶନ ଓ ଜାତୀୟ ଆଲୋଚନାଚକ୍ରର ଭିତ୍ତି ପ୍ରବନ୍ଧ ପାଠ କରି ଉପସ୍ଥାପିତ କରିଥିଲେ। ଛାତ୍ରୀ ସୋନାଲି ବିଶ୍ୱାସ, ଲୋପା ସେନ, କେ. ପୂଜା ରାଓ, କାଙ୍ଗିଚ ଶବର ପ୍ରମୁଖ ଦର୍ଶନ ଓ ବିଜ୍ଞାନ ସମ୍ପର୍କିତ ପ୍ରବନ୍ଧ ପାଠ କରିଥିଲେ। ବିଶ୍ୱ ଦର୍ଶନ ଦିବସ ଉପଲକ୍ଷେ ଅନୁଷ୍ଠିତ ଦର୍ଶନ କୁଇଜ ପ୍ରତିଯୋଗିତାର ଶ୍ରେଷ୍ଠ ପ୍ରତିଯୋଗୀ ସନ୍ଧ୍ୟାରାଣୀ ପାଇକରାୟ, ସରସ୍ୱତୀ ଗୁଙ୍ଗାଲି, ଲୋପା ସେନଙ୍କୁ ପୁରସ୍କୃତ କରାଯାଇଥିଲା। ଯଜ୍ଞିନ କଳିଆରସିଂହ, ଅମରେଶ ପାତ୍ର, ରାକେଶ ବେହେରା, ଦୀପକ ସେଠୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସାଇବର ସୁରକ୍ଷା ସଚେତନତା

ବାଣପୁର,୨୧।୧୧(ସମିସ): ଜିଲ୍ଲା ପୁଲିସ ପକ୍ଷରୁ ବାଣପୁର ଥାନାସ୍ଥ ଜ୍ୟୋତି ମିଶନ ଶକ୍ତି ଭବନ ପରିସରରେ ସାଇବର ସୁରକ୍ଷା ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସାଇବର ସେଲ୍ ନିରୀକ୍ଷକ ସୁଚିତ୍ରା ଜେନା ଓ ବାଣପୁର ଥାନାଧିକାରୀ ରମେଶ ବେହେରା ପ୍ରମୁଖ ଯୋଗଦେଇ ଡିଜିଟାଲ ମିଡ଼ିଆ ମାଧ୍ୟମରେ ସାଇବର ଅପରାଧରୁ ସୁରକ୍ଷିତ ରହିବା ପାଇଁ ବିଭିନ୍ନ କୌଶଳ ସମ୍ପର୍କରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଚେତନ କରାଇଥିଲେ। ଏଥିରେ ଛାତ୍ରୀ ଓ ଅଙ୍ଗନବାଡି କର୍ମୀ ସାମିଲ ହୋଇଥିବାବେଳେ ସେମାନଙ୍କୁ ଭିଡିଓ ଓ ଭିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଅନଲାଇନ୍ ସୁରକ୍ଷା, ସାଇବର ଅପରାଧ ପ୍ରତିରୋଧ ଓ ଦାୟିତ୍ୱପୂର୍ଣ୍ଣ ଡିଜିଟାଲ ବ୍ୟବହାର ସମ୍ପର୍କରେ ସଚେତନତା କରାଯାଇଥିଲା। ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଟ୍ରିପଲ 'ଏ'ରେ ବାର୍ଷିକ କ୍ରୀଡ଼ାଦିବସ ଉଦ୍‌ଯାପିତ

ଖୋର୍ଦ୍ଧା,୨୧।୧୧(ସମିସ): ଖୋର୍ଦ୍ଧାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟ୍ରିପଲ 'ଏ' ରେ ବାର୍ଷିକ କ୍ରୀଡ଼ା ଉତ୍ସବ ସ୍ପିଡ ଫେଷ୍ଟ ୨୦୨୫ ବିଦ୍ୟାଳୟର ପ୍ରତିଷ୍ଠାତା ଡ. ନନ୍ଦକିଶୋର ପଟ୍ଟନାୟକଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟଅତିଥି ଭାବରେ ସୁବର୍ଣ୍ଣପୁର ଜିଲ୍ଲାପାଳ ନୃପରାଜ ସାହୁ ଯୋଗ ଦେଇଥିଲେ। ଅନ୍ତର୍ଜାତୀୟ କ୍ରୀଡ଼ା ଓ ଅଲମ୍ପିକ ଗେମ୍ସର ଭାରତୋଳନରେ ସ୍ୱର୍ଣ୍ଣପଦକ ବିଜେତା କେ. ରବିକୁମାର ଓ ଓଡ଼ିଶାର




ରଣଜୀ ଖେଳାଳୀ ସୂର୍ଯ୍ୟକାନ୍ତ ପ୍ରଧାନ ଅନ୍ୟତମ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଐତିହାସିକ ସତ୍ୟବାଦୀ ବଳିଆରସିଂ ଓ ବିଦ୍ୟାଳୟର ଅଧ୍ୟକ୍ଷା ଡା. ବାପ୍ପିମୟ ମହାନ୍ତି ଉପସ୍ଥିତ ଥିଲେ। ପରେ ବିଭିନ୍ନ କ୍ରୀଡ଼ାରେ ବିଜେତାଙ୍କୁ ପଦକ ପ୍ରଦାନ କରି ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଏକାଦଶ ଶ୍ରେଣୀର ଛାତ୍ରୀ ସ୍ନେହା ଓ ପ୍ରତ୍ୟାଶା ସଭାକାର୍ଯ୍ୟ ସଂଯୋଜନା କରିଥିବା ବେଳେ ସଂସ୍ଥାପକ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର କ୍ରୀଡ଼ା ମୁଖ୍ୟ ଚିରଞ୍ଜିତ ସିଂଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଜାତୀୟ ରାଜପଥରେ ଜଳିଗଲା ଇଭି କାର୍

ବାଲୁଗାଁ,୨୧।୧୧(ସମିସ): ବ୍ରହ୍ମପୁରରୁ ଭୁବନେଶ୍ୱର ଅଭିମୁଖେ ଧ୍ରେନ ସ୍ୱାଇଁ ନାମକ ଜଣେ ଡାକ୍ତର ଟାଟା ଡେକବନ୍ ଇଲେକଟ୍ରିକ କାର ଚଳାଇ ଯାଉଥିବା ବେଳେ ଶୁକ୍ରବାର ପୂର୍ବାହ୍ନରେ ୧୬ ନଂ ଜାତୀୟ ରାଜପଥ ବାଲୁଗାଁ ନିକଟସ୍ଥ ଅଧ୍ୟାଁ ଛକ ନିକଟରେ ଉକ୍ତ ଇଭି କାରରୁ ଧୂଆଁ ବାହାରୁଥିବାର ଦେଖିବାକୁ ପାଇଥିଲେ।




ଧ୍ରେନ ସଂଗେ ସଂଗେ କାରକୁ ରାସ୍ତା କଡରେ ଛିଡା କରିଦେଇ ବାହାରକୁ ଚାଲିଆସିଥିଲେ। କିଛି ସମୟ ମଧ୍ୟରେ କାରଟି ହୁତୁହୁତୁ ହୋଇ ଜଳିଯାଇଥିଲା। ଖବରପାଇ ବାଲୁଗାଁ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଁଚି ନିଆଁକୁ ସମ୍ପୂର୍ଣ୍ଣ ଆୟତ କରିଥିଲେ। ବାଲୁଗାଁ ପୁଲିସ ଘଟଣାସ୍ଥଳରେ ପହଁଚି ତଦନ୍ତ ଜାରି ରଖିଛି।

● ଗୋପାଳପୁର ଦୀଘା ଉପକୂଳ ଜାତୀୟ ରାଜପଥ

## ବଡ଼ପୋଖରୀଆରୁ ପୁରୀ ପରିବର୍ତ୍ତେ ରାମେଶ୍ୱର ଲେଖିବାକୁ ନେଇ ସନ୍ଦେହ

ନିରାକାରପୁର, ୨୧।୧୧ (ସମିସ): ଭାରତମାଳା ଯୋଜନାରେ କେନ୍ଦ୍ର ସରକାର ଗୋପାଳପୁରରୁ ଦୀଘାକୁ ଉପକୂଳ ଜାତୀୟ ରାଜପଥରେ ସଂଯୋଗ କରିବା ପାଇଁ ସମସ୍ତ କାର୍ଯ୍ୟ ଶେଷ ହୋଇଥିବବେଳେ ଏହି ରାସ୍ତାଟି ୧୬ ନମ୍ବର୍ ଜାତୀୟ ରାଜପଥ ବଡପୋଖରୀଆ ସୁନେଇ ରୁପେଇଠାରୁ କଣାସ ଅଞ୍ଚଳ ଦେଇ ପୁରୀରେ ସଂଯୋଗ କରିବାର ରହିଛି। ଏଥି ନିମନ୍ତେ ଜମି ଅଧିଗ୍ରହଣ ପାଇଁ ସମସ୍ତ ପ୍ରକ୍ରିୟା ଶେଷ ପର୍ଯ୍ୟାୟରେ ପହଞ୍ଚିଛି। କିନ୍ତୁ ବିଭାଗ ତରଫରୁ ଏହି ରାସ୍ତାକୁ ରାମେଶ୍ୱର-ପୁରୀ ବୋଲି ଦର୍ଶାଇ ଲୋକମାନଙ୍କୁ ବିଭ୍ରାନ୍ତି କରୁଥିବା ଅଭିଯୋଗ ହେଉଛି।




ସୂଚନାଯୋଗ୍ୟ କି ରାମେଶ୍ୱର ପୁରୀ ନୂଆ ଜଗନ୍ନାଥ ସଡ଼କକୁ ଜାତୀୟ ରାଜପଥ ମାନ୍ୟତା ପ୍ରଦାନ ପାଇଁ ବାରମ୍ବାର ଦବି ହେଉଥିବାବେଳେ ଉପକୂଳ ଜାତୀୟ ରାଜପଥ ଏହି ଅଂଶକୁ ବଡପୋଖରିଆ ପରିବର୍ତ୍ତେ ରାମେଶ୍ୱର ସୂଚାଇ ଥିବାରୁ ଜନସାଧାରଣ ବିଭ୍ରାନ୍ତିର ଶିକାର ହେଉଛନ୍ତି। ଗୋପାଳପୁର ଦୀଘା ଉପକୂଳ ଜାତୀୟ ରାଜପଥ ହେବ କଥା ହେଉ କିନ୍ତୁ ନୟାଗଡରୁ ପୁରୀ ଯାଇଥିବା ନୂଆ ଜଗନ୍ନାଥ ସଡ଼କକୁ ମନ୍ତ୍ରୀଙ୍କ ଦ୍ୱାରା ପୂର୍ବ ଘୋଷିତ ଜାତୀୟ ରାଜପଥ ମାନ୍ୟତା ପ୍ରଦାନ କରାଯିବ ପାଇଁ ଦାବି ହେଉଛି। ତେଣୁ ଦୀଘା ରାସ୍ତାର ଏହି ସଂଯୋଗ ରାସ୍ତାକୁ ବଡପୋଖରିଆ ପରିବର୍ତ୍ତେ ରାମେଶ୍ୱର ଲେଖା ଯାଉଥିବାରୁ ଲୋକ ମାନଙ୍କ ମନରେ ଅନେକ ସନ୍ଦେହ ଉପୁଜିବା ସ୍ୱାଭାବିକ। ଭାରତ ସରକାରଙ୍କର ଡିପାର୍ଟମେଣ୍ଟ ଅଫ ଇକୋନୋମିକ ଆଫେୟାର୍ସ ନିଜର ଡାଟାବେସରେ ୧୩୭ ତମ ପିପିପିଏସି ମିଟିଂ ରେ ଅନୁମୋଦନ ପାଇଥିବା ପ୍ରକଳ୍ପ ଗୁଡିକର ବିବରଣୀ ପ୍ରଦାନ କରିଛି। ଏଥିରେ ଓଡିଶାର ଡ୍ରିମ ପ୍ରୋଜେକ୍ଟ ବଡ଼ପୋଖରିଆ-ପାରାଦୀପ କୋଷ୍ଟାଲ ହାଇୱେ ସ୍ଥାନ ପାଇଛି। ଏବେ କେବଳ କ୍ୟାବିନେଟ ଅନୁମୋଦନ ଅପେକ୍ଷା ରହିଛି। ବଡ଼ପୋଖରିଆ ଠାରୁ କୋଣାର୍କ ୭୯ କିମି ୪ ଲେନ ଆକ୍ସେସ କଣ୍ଟ୍ରୋଲ ଜାତୀୟ ରାଜପଥ ନିର୍ମାଣ କରାଯିବ ଏବଂ କୋଣାର୍କ ଠାରୁ ପାରାଦୀପ ବା ମସାକଣି ପର୍ଯ୍ୟନ୍ତ ଆଉ ୮୦ କିମି କୁ ୨ ଲେନ ଉଇଥ ପେଭଡ଼ ସୋଲଡ଼ରରେ ନିର୍ମାଣ କରାଯିବ।

## ଭୂମିହୀନଙ୍କ ଘର ଭାଙ୍ଗିବା ବନ୍ଦ ଦାବିରେ ବିକ୍ଷୋଭ

ଟାଙ୍ଗୀ,୨୧।୧୧(ସମିସ): ଭୂମିହୀନଙ୍କୁ ତୁରନ୍ତ ପଟ୍ଟା ଯୋଗାଇବା ଓ ଭୂମିହୀନଙ୍କ ଘର ଭାଙ୍ଗିବା ବନ୍ଦ ଦାବି ନେଇ ଆଜି କୁହୁଡି ୧୬ ନମ୍ବର ଜାତୀୟ ରାଜପଥଠାରୁ ଶତାଧିକ ଓଡ଼ିଶା କୃଷକ ସଭା ଜନତା କୁହୁଡ଼ି ବଜାର ପରିକ୍ରମା କରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିବା ଜଣାପଡ଼ିଛି। ଲକ୍ଷ୍ମଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ସିପିଆଇ(ଏମ୍) ଟାଙ୍ଗୀ ବ୍ଲକ ସମ୍ପାଦକ ବିଧୁଭୂଷଣ ମହାରଣା, ସିପିଆଇଏମ୍ ଜିଲ୍ଲା ସମ୍ପାଦକ ଗିରିଶ ମହାରଣା ଓ ବରିଷ୍ଠ କୃଷକ ନେତା




ଅନନ୍ତ ମଙ୍ଗରାଜ ଯୋଗ ଦେଇଥିଲେ। ଟାଙ୍ଗୀ ଅତିରିକ୍ତ ତହସିଲଦାର ସନାତନ ମଲ୍ଲିକ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ସର୍ବେଶ୍ୱର ଜେନା, ନାରାୟଣ ପାଣି, ଯୁଧିଷ୍ଠିର ବେହେରା, ସର୍ବେଶ୍ୱର ଶତ୍ରୁଶଲ୍ୟ, ଭୁତି କଳସ, ବିନି ପଣ୍ଡିତ, ମୀନତି ପାତ୍ର ଧନୀ ସାହୁଙ୍କୁ ନେଇ ଗଠିତ ପ୍ରତିନିଧି ଦଳ ଅତିରିକ୍ତ ତହସିଲଦାର ଶ୍ରୀ ମଲ୍ଲିକ ଙ୍କ ସହ ଆଲୋଚନା କରିଥିଲେ

## ଗଞ୍ଜେଇ ଜବତ, ଜଣେ ଗିରଫ

ଖୋର୍ଦ୍ଧା,୨୧।୧୧(ସମିସ): ଆଦର୍ଶଥାନା ପୁଲିସ ଗତକାଲି ବିଳମ୍ବିତ ରାତିରେ ଗୁରୁଜଙ୍ଗ ମେଲଣ ପଡିଆରୁ ଜଣେ ଗଞ୍ଜେଇ ବେପାରୀକୁ ଗିରଫ କରିଛି। ଗିରଫ ଜଣକ ହେଲେ ଗୁରୁଜଙ୍ଗ ଟାଙ୍ଗିସାହିର ଜିତେନ୍ଦ୍ର ସୁନ୍ଦରାୟ ଓରଫ୍ ଆପି (୪୬)। ତାଙ୍କଠାରୁ ୪କଜି ଗଞ୍ଜେଇ, ନଗଦ ୨୦୧୦ଟଙ୍କା ଏବଂ ଏକ ମୋବାଇଲ ଫୋନ୍ ପୁଲିସ ଜବତ କରିଛି। ଗୁରୁଜଙ୍ଗ ମେଲଣପଡିଆରେ ଥିବା ମହାଦେବଙ୍କ ପ୍ରତିମୂର୍ତ୍ତି ପଛପଟେ ଆପି ଗଞ୍ଜେଇ ବେପାର କରୁଥିଲା। ଖବର ପାଇ ପୁଲିସ ସେଠାରେ ଚଢଉ କରିଥିଲା। ଭ୍ୟାନକୁ ଦେଖି ସେ ପଳାଇବାକୁ ଉଦ୍ୟମ କରୁଥିବାବେଳେ ପୁଲିସ ତାକୁ କାବୁ କରିଥିଲା। ଏସଆଇ ସ୍ୱାଗତିକା ଦାସଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ଆପିକୁ ଗିରଫ କରି କୋର୍ଟଚାଲାଣ କରିଛି।

## ରଙ୍ଗନାଥ ଦେବଙ୍କ ଦେବ ଦୀପାବଳି ଉଦ୍‌ଯାପିତ

ବାଣପୁର,୨୧।୧୧(ସମିସ) ; ଭଗବତୀ କ୍ଷେତ୍ର ବାଣପୁରର ଇଷ୍ଟଦେବ ଶ୍ରୀ ରଙ୍ଗନାଥ ଦେବଙ୍କ ମାନବୀୟ ଲୀଳାର ଅନ୍ୟତମ ପ୍ରତୀକ ଦେବ ଦୀପାବଳି ଉତ୍ସବ ମାର୍ଗଶୀର କୃଷ୍ଣ ଚତୁର୍ଦ୍ଦଶୀ ଅମାବାସ୍ୟା ଶୁକ୍ଳ ପ୍ରତିପଦା ଠାରୁ ତିନିଦିନ ଧରି ପାଳିତ ହୋଇଆସୁଥିବା ବେଳେ ଶୁକ୍ରବାର ଉଦଯାପିତ ହୋଇଯାଇଛି। ପ୍ରତ୍ୟେହ ମୁଖ୍ୟ ଧୂପ ପରେ ଶ୍ରୀଜୀଉ ମାନେ ଶ୍ୱେତ ବସ୍ତ୍ର ଧାରଣ କରି ଶ୍ରାଦ୍ଧବେଶ କରାଯାଇ ରତ୍ନସିଂହାସନ ତଳେ ଚାଉଳରେ କଦଳୀ ଗଛକରି ଜୀଉ ମାନଙ୍କ ପିତୃ ପୁରୁଷଙ୍କ ନାମରେ ଘିଅ ଦୀପ ସ୍ଥାପନ ସହିତ ପିଣ୍ଡ ବଢ଼ାଯାଇଥିଲା। ବୁଧବାର ପ୍ରଥମ ଦିବସରେ ସତ୍ୟ ଯୁଗର କାଶ୍ୟପ ଅଦିତିଙ୍କ ନାମରେ, ଦ୍ୱିତୀୟ ଦିବସ ଗୁରୁବାର ତ୍ରେତୟା ଯୁଗର ଦଶରଥ କୈଶଲ୍ୟାଙ୍କ ନାମରେ ଏବଂ ତୃତୀୟ ଦିବସ ଶୁକ୍ରବାର ଦ୍ୱାପର ଯୁଗର ବସୁଦେବ ଦେବକୀ, ନନ୍ଦ ଯଶୋଦା ଓ ଇନ୍ଦ୍ରଦ୍ୟୁମ୍ନ ଗୁଣ୍ଡିଚା ପରି ପିତୃ ପୁରୁଷଙ୍କ ନାମରେ ଦୀପ ଦାନ କରାଯାଇଛି। ଏହି ଅବସରରେ ଶ୍ରୀଜୀଉ ମାନେ ଶୁଭ୍ରବସ୍ତ୍ର ପରିଧାନ କରି ସୁନ୍ଦର ଭାବରେ ସଜ୍ଜିତ ହୋଇ ୨୮ଟି ଦୀପ ପ୍ରଜ୍ୱଳନ କରି ପିତୃ ପୁରୁଷଙ୍କୁ ସ୍ମରଣ କରିଥିଲେ। ପରେ ପ୍ରାଚୀନ ବଙ୍କାଡ଼ଗଡ଼ ରାଜବଂଶ ଅଧୁନା ପାରିକୁଦ ରାଜପରିବାରର ରାଜା ତଥା ମନ୍ଦିର ପରିଚାଳନା କମିଟିର ସଭାପତି ସନ୍ତୋଷ କୁମାର ମାନସିଂହ ମର୍ଦ୍ଦରାଜ ହରିଶ୍ଚନ୍ଦ୍ରଙ୍କ ମଙ୍ଗଳ କାମନା ପୂର୍ବକ ଦୀପ ଲଗାଯାଇ ବାଣପୁର ତଥା ସଂସାରର ମଙ୍ଗଳ ପାଇଁ ପ୍ରାର୍ଥନା କରାଯାଇ ଦେବ ଦୀପାବଳି ଉତ୍ସବ ଉଦଯାପିତ ହୋଇଥିଲା। ପୂଜକ ଚନ୍ଦ୍ରଶେଖର ହୋତା, ପରିଚାଳନା କମିଟିର ସଭ୍ୟ ଦେବଦତ୍ତ ପାଣି, ପଦ୍ମଚରଣ ମହାପାତ୍ର ଓ ଦାସରଥି ସାହୁ ପ୍ରମୁଖ ଶାନ୍ତି ଶୃଙ୍ଖଳାର ସହ କାର୍ଯ୍ୟକ୍ରମକୁ ସୁପରିଚାଳନା କରୁଥିଲେ। ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଶ୍ରୀ ଜୀଉଙ୍କୁ ଦର୍ଶନ କରି ଦୀପ ଦାନ କରି ଆଶୀର୍ବାଦ କାମନା କରିଥିଲେ।

## ବାଲୁଗାଁରୁ କୃଷ୍ଣପ୍ରସାଦ ଭେସେଲ ଚଳାଚଳ ଦାବି

ବାଲୁଗାଁ,୨୧।୧୧(ସମିସ): ବାଣପୁର-ବାଲୁଗାଁ ଅଞ୍ଚଳ ସହ କୃଷ୍ଣପ୍ରସାଦ ବ୍ଲକ ତଥା ପାରିକୁଦ ମଧ୍ୟରେ ବ୍ୟବସାୟିକ ଅଭିବୃଦ୍ଧି ଓ ଜନସାଧାରଣ ଯାତାୟତ ନିମନ୍ତେ ବାଲୁଗାଁରୁ କୃଷ୍ଣପ୍ରସାଦକୁ ଭେସେଲ ଚଳାଚଳ ପାଇଁ ଜନସାଧାରଣ ଦୃଢ଼ ଦାବି କରିଛନ୍ତି। ଦୀର୍ଘ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିଲେ ମଧ୍ୟ ରାଜ୍ୟ ସରକାର ଓ ଚିଲିକା ଉନ୍ନୟନ ପରିଷଦ ଏଥିପ୍ରତି କର୍ଣ୍ଣପାତ କରୁନଥିବା ଅଭିଯୋଗ କରିଛନ୍ତି ଉଭୟ ବାଲୁଗାଁ ଓ କୃଷ୍ଣପ୍ରସାଦ ଅଞ୍ଚଳବାସୀ। ବାଲୁଗାଁରୁ କୃଷ୍ଣପ୍ରସାଦ ଭେସେଲ ଚାଲିବା ଦ୍ୱାରା ଭେଶାଲରେ ଦୁଇ ଚକିଆ ଓ ଚାରି ଚକିଆ ଗାଡି ମୋଟର ଯାନ ନେଇ ଯାଇ ଯେ କୌଣସି ବ୍ୟକ୍ତି ସହଜ ଓ ସୁବିଧାରେ ଯାତାୟତ କରି ଯଥାଶୀଘ୍ର କାର୍ଯ୍ୟ ସମ୍ପାଦନ କରି ଫେରି ପାରିବ। ତତ୍‌ସହିତ ମତ୍ସ୍ୟ ବ୍ୟବସାୟରେ ଅଭିବୃଦ୍ଧି ଘଟିବା ସହିତ ଅନ୍ୟ ବ୍ୟବସାୟୀକ କାରବାରରେ ଅଭିବୃଦ୍ଧି ମଧ୍ୟ ଘଟିବ। ବର୍ତ୍ତମାନ ଲୋକଙ୍କୁ ଜାତୀୟ ରାଜପଥରେ ନିରାକାରପୁର ରାସ୍ତା ଦେଇ ପୁରୀ ଯିବା ଅଧିକ ରାସ୍ତା ପଡୁଥିବାରୁ ପ୍ରାୟ ୩ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ମାତ୍ର ବାଲୁଗାଁରୁ ଭେସେଲ ଯୋଗେ ଗଲେ କୃଷ୍ଣପ୍ରସାଦରୁ ଜହ୍ନିକୁଦା ହୋଇ ସାତପଡ଼ା ଓ ସେଠାରୁ ପୁରୀ ଗଲେ କମ ରାସ୍ତା ପଡିବାରେ ବହୁ ଶିଘ୍ର ପହଁଚିବା ସହ ଭେସେଲରେ ବାଇକ ଓ କାର ଆଦି ଗାଡି ମୋଟର ସୁବିଧାରେ ଯାଇପାରିବ। ତତ୍ ସହିତ ରାସ୍ତାରେ ବ୍ରହ୍ମଗିରି ଠାରେ ପ୍ରଭୁ ଶ୍ରୀ ଅଲାରନାଥଙ୍କ ଦର୍ଶନ କରି ଫେରି ହେବ। ଯାହାଫଳରେ ପର୍ଯ୍ୟଟନ କ୍ଷେତ୍ରରେ ଅଭିବୃଦ୍ଧି ମଧ୍ୟ ଘଟିବ। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ, ଚିଲିକା ବିଧାୟକ ତଥା ଆଇନ ମନ୍ତ୍ରୀ ଓ ପରିବହନ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦୃଢ ଦାବି ହେଉଛି।

## ଭାରତ ଗ୍ୟାସ୍ ଗ୍ରାମୀଣ ବିତରକ ସଂଘ ବୈଠକ

ଖୋର୍ଦ୍ଧା,୨୧।୧୧(ସମିସ): ଆଜି ଓଡ଼ିଶା ଭାରତ ଗ୍ୟାସ ଗ୍ରାମୀଣ ବିତରକ ସଂଘ ଖୋର୍ଦ୍ଧା ଓ ନୟାଗଡ଼ ଜିଲ୍ଲା ଗ୍ରାମୀଣ ବିତରକଙ୍କ ବୈଠକ ଖୋର୍ଦ୍ଧା ଜିଲ୍ଲା ସଦର ମହକୁମାଠାରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଭାରତ ଗ୍ୟାସ ଗ୍ରାମୀଣ ବିତରକ ସଂଘ ସଭାପତି ମନୋରଞ୍ଜନ ସାମନ୍ତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଖୋର୍ଦ୍ଧା ଓ ନୟାଗଡ ଜିଲ୍ଲାର ସମସ୍ତ ବିତରକ ଅଂଶଗ୍ରହଣ କରି ସେମାନଙ୍କ ବିଭିନ୍ନ ସମସ୍ୟା ନେଇ ଆଲୋଚନା କରିବା ସହିତ ମତ ଉପସ୍ଥାପନ କରିଥିଲେ। ସଭାପତି ମନୋରଞ୍ଜନ ସାମନ୍ତରାୟ ଭାରତ ଗ୍ୟାସ ବିତରକ କିପରି ସେମାନଙ୍କ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିପାରିବେ ଓ ସେମାନଙ୍କ ବିଭିନ୍ନ ସମସ୍ୟାର କିପରି ସମାଧାନ ହୋଇପାରିବ, ସେ ବିଷୟରେ ଆଲୋଚନା କରିଥିଲେ। ଖୋର୍ଦ୍ଧା ଜିଲ୍ଲା ସଂଯୋଜକ ସୁକାନ୍ତ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସଦସ୍ୟ ସୋମନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ପ୍ଲାଷ୍ଟିକ୍ ସଂଗ୍ରହ ଅଭିଯାନ

ଭୁବନେଶ୍ୱର/ଖୋର୍ଦ୍ଧା,୨୧।୧୧(ସମିସ): ଗୀତାଞ୍ଜଳି ଫାଉଣ୍ଡେସନ ଓ ଦିଲ୍ଲୀସ୍ଥ ଇକୋଏକ୍ସ ଫାଉଣ୍ଡେସନ ସହଯୋଗରେ ଖୋର୍ଦ୍ଧା ଜିଲ୍ଲା ସାରଧାପୁର ଭୀମେଶ୍ୱର ଦେବ ହାଇସ୍କୁଲ୍‌ରେ ପ୍ଲାଷ୍ଟିକ ସଂଗ୍ରହ ଅଭିଯାନ ଓ ଶିକ୍ଷାମୂଳକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ବେଣୁଧର ପ୍ରଧାନ ଯୋଗ ଦେଇଥିବାବେଳେ ଫାଉଣ୍ଡେସନର ଅଧ୍ୟକ୍ଷା ଗୀତାଞ୍ଜଳି ଦାସ, ଟ୍ରଷ୍ଟି ଅମିତ ଦାସ ଉପସ୍ଥିତ ଥିଲେ। ଛାତ୍ରଛାତ୍ରୀଙ୍କ ପାଇଁ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ଲାଷ୍ଟିକର କୁପରିଣାମ ବିଷୟରେ ସଚେତନତା ନାଟକ ପ୍ରଦର୍ଶିତ ହୋଇଥିଲା। ସ୍କୁଲ୍ ପରିସର ଓ ସାରଧାପୁର ଗାଁରେ ପ୍ଲାଷ୍ଟିକ ସଂଗ୍ରହ ଅଭିଯାନ ହୋଇଥିଲା। ଅଂଶଗ୍ରହଣକାରୀଙ୍କୁ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଛାତ୍ରଛାତ୍ରୀ, ଅଭିଭାବକ ଓ ସ୍ଥାନୀୟ ବାସିନ୍ଦା ସିଙ୍ଗଲ୍‌ୟୁଜ୍ ପ୍ଲାଷ୍ଟିକ କମାଇବା ଓ ସଷ୍ଟେନେବଲ ଅଭ୍ୟାସ ଆପଣାଇବାକୁ ସଂକଳ୍ପ ଗ୍ରହଣ କରିଥିଲେ। ସଦସ୍ୟ ମାନସ ସାହୁ, ସହଦେବ ମହାରଣା ଓ କ୍ଷତୀଶ ରାଉତରାୟ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

● କୁମାରବସ୍ତ ଲୋକନାଥ ଦେବ କ୍ରିକେଟ

## ପଳାଶପୁର ଓ ଗଙ୍ଗପଡ଼ା ବିଜୟୀ

ଖୋର୍ଦ୍ଧା,୨୧।୧୧(ସମିସ): ଖୋର୍ଦ୍ଧା ଉପକଣ୍ଠ କୁମାରବସ୍ତ ଖେଳ ପଡିଆରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଲୋକନାଥଦେବ କ୍ରିକେଟ ଟୁର୍ଣ୍ଣାମେଣ୍ଟର ପ୍ରଥମ ମ୍ୟାଚ ପଳାଶପୁର ଦଳ ଅରିସଲକୁ ୧୩ ରନ୍‌ରେ ପରାସ୍ତ କରିଛି। ପଳାଶପୁର ଦଳ ପ୍ରଥମେ ବ୍ୟାଟିଂ କରି ବସନ୍ତ ସାହୁଙ୍କ ୨୧ରନ ସହାୟତାରେ ୧୫ ଓଭରରେ ୧୧୬ ରନ କରିଥିଲେ। ଜବାବରେ ଅରିସଲ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୧୦୩ରନ୍ କରି ପରାସ୍ତ ହୋଇଥିଲା। ବସନ୍ତ ସାହୁ ଘାତକ ବୋଲିଂ କରି ୫ଟି ୱିକେଟ ସଫଳତା ହାସଲ କରିଥିଲେ। ଶ୍ରେଷ୍ଠ ଖେଳାଳି ଭାବେ ବସନ୍ତ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ବାଙ୍କୀ ଦଳ ନିର୍ଦ୍ଧାରିତ ୧୮ ଓଭରରୁ ସମସ୍ତ ୱିକେଟ ହରାଇ ୧୨୫ରନ ସଂଗ୍ରହ କରିଥିଲେ। ଜବାବରେ ଗଙ୍ଗପଡ଼ା ଦଳ ନିର୍ଦ୍ଧାରିତ ୧୩ ଓଭରରେ ୫ ୱିକେଟ ହରାଇ ବିଜୟ ହାସଲ କରି ନେଇଥିଲେ। ଶ୍ରେଷ୍ଠ ଖେଳାଳି ଅନିଲ ମହାପାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଖେଳକୁ ସାନୁଜ ବିଶ୍ୱାଳ, ଶିବଦତ ବଡ଼ଜେନା, ତୁଷାରକାନ୍ତ ସୁନ୍ଦରାୟ, ରାକେଶ ପାତ୍ର ପରିଚାଳନା କରିଥିବାବେଳେ ସ୍କୋରର ଦାୟିତ୍ୱରେ ପ୍ରକାଶ ସାହୁ ଓ ସୂର୍ଯ୍ୟପ୍ରତାପ ଗଜେନ୍ଦ୍ର ଥିଲେ।

## କୁହୁଡ଼ି ସେବା ସମବାୟ ସମିତି ସଭାପତିଙ୍କ ପରଲୋକ

ଟାଙ୍ଗୀ,୨୧।୧୧(ସମିସ): କୁହୁଡ଼ି ସେବା ସମବାୟ ସମିତି ସଭାପତି ରଘୁନାଥ ବେହେରା( ୫୩)ଙ୍କ ଗତକାଲି ବିଳମ୍ବିତ ରାତିରେ ବ୍ରେନ ଷ୍ଟ୍ରୋକରେ ପରଲୋକ ହୋଇଯାଇଛି। ଆଜି କୁହୁଡି ଗ୍ରାମ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଛି। ପୂର୍ବତନ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ, ପୂର୍ବତନ ପଞ୍ଚାୟତସମିତି ଅଧ୍ୟକ୍ଷ ଅଶୋକ ବେହେରା, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜୟ ଜେନା, କୁହୁଡି ପୂର୍ବତନ ସରପଞ୍ଚ ଜୟଦେବ ବେହେରା, ପୂର୍ବତନ ସରପଞ୍ଚ ବିପିନ ଉଦୟସିଂହ ପ୍ରମୁଖ ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସ୍ୱର୍ଗତ ବେହେରା ଜଣେ ଲୋକପ୍ରିୟ ରାଜନେତା ଭାବେ ବେଶ ପରିଚିତ ଥିଲେ। ତାଙ୍କ ସମ୍ମାନାର୍ଥେ କୁହୁଡି ବଜାର ସମେତ ବିଭିନ୍ନ ଅନୁଷ୍ଠାନ ଆଜି ବନ୍ଦ ଥିଲା।

## ୨ କେଜି ଗଞ୍ଜେଇ ଜବତ, ମହିଳା ଗିରଫ

ନିରାକାରପୁର,୨୧।୧୧(ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ଥାନା ଅନ୍ତର୍ଗତ ବଡ଼ପୋଖାରିଆ ବସ୍‌ଷ୍ଟାଣ୍ଡ ନିକଟରୁ ସ୍ଥାନୀୟ ପୁଲିସ ଜଣେ ମହିଳାଙ୍କଠାରୁ ୨ କେଜି ଚୋରା ଗଞ୍ଜେଇ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ନିରାକାରପୁର ଥାନା ଆଇଆଇସି ବିଶ୍ୱଜିତ୍ ରାଉତରାୟ କୌଣସି ସୂତ୍ରରୁ ଖବର ପାଇ ଏସଆଇ ଦୀପାଲିସା ନାୟକ ସଦଳବଳେ ବଡ଼ପୋଖାରିଆ ବସ୍‌ଷ୍ଟାଣ୍ଡରେ ଚଢ଼ଉ କରି ଚୋରା ଚାଲାଣ ହେଉଥିବା ୨ କେଜି ଗଞ୍ଜେଇ ଜବତ କରିଥିବାବେଳେ ବୋଡଙ୍ଗରା ଗ୍ରାମର ବାସନ୍ତୀ ଭଟ୍ଟଙ୍କୁ ଗିରଫ କରିଥିଲେ। ବାସନ୍ତୀଙ୍କ ସ୍ୱାମୀ ଫେରାର ହୋଇଯାଇଥିଲେ।

# ଶିକ୍ଷକ ଅଭାବ; ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା

ବେଗୁନିଆ, ୨୧।୧୧(ସମିସ)

ବେଗୁନିଆ ବ୍ଲକ୍ ଅନ୍ତର୍ଗତ ଗଡ଼ମାଣତିର ଉଚ୍ଚ ବିଦ୍ୟାଳୟରେ ଦୀର୍ଘଦିନ ହେବ ଶିକ୍ଷକ ସମସ୍ୟା ଲାଗି ରହିଥିବାରୁ ଜିଲ୍ଲାପାଳଙ୍କ ସହ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ସରପଞ୍ଚ, ପରିଚାଳନା କମିଟି ଓ ଅଭିଭାବକ ବାରମ୍ବାର ଅଭିଯୋଗ କରି କୌଣସି ସୁଫଳ ପାଇନାହାନ୍ତି। ଫଳରେ ଅସନ୍ତୋଷ ଦିନକୁ ଦିନ ତୀବ୍ର ଆକାର ଧାରଣ କରିଛି। ଆଜି ପୂର୍ବାହ୍ନରେ ସରପଞ୍ଚ, ଅଭିଭାବକ, ପରିଚାଳନା କମିଟି ସଭ୍ୟସଭ୍ୟା ଓ ମୋ ସ୍କୁଲର କର୍ମକର୍ତ୍ତା ବିଦ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଛାତ୍ରଛାତ୍ରୀ ବିଦ୍ୟାଳୟ ମଧ୍ୟକୁ ପ୍ରବେଶ କରି ନ ପାରି ଫାଟକ ବାହାରେ



ବସି ରହିଥିଲେ ଓ ଶିକ୍ଷାଦାନ ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଏହାର ସମାଧାନ ପାଇଁ ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା ଓ ଫାଣ୍ଡି ଅଧିକାରୀ ସରୋଜ ସେନାପତି ପହଞ୍ଚି ବୁଝାସୁଝା କରିଥିଲେ। ଆଗାମୀ ୨୫ ତାରିଖ ସୁଦ୍ଧା ବିଦ୍ୟାଳୟରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ଅସ୍ଥାୟୀ ସମାଧାନ କରିବା ପାଇଁ ପ୍ରତିଶ୍ରୁତି ପାଇ ଧାରଣାରୁ ହଟିବା ପରେ ଶିକ୍ଷାଦାନ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ବିଦ୍ୟାଳୟରେ ୩୧୬ ଜଣ ଛାତ୍ରଛାତ୍ରୀ ପାଠ ପଢୁଥିବାବେଳେ ୧୬ ଜଣ ଶିକ୍ଷକଙ୍କ ଆବଶ୍ୟକତା ଥିବାବେଳେ ୧୦ ଜଣ ଶିକ୍ଷକ କାର୍ଯ୍ୟରତ ଅଛନ୍ତି। ସେଥିରୁ ଜଣେ ଦୃଷ୍ଟିହୀନ ଓ ଅନ୍ୟ ଜଣେ ମସ୍ତିଷ୍କ ପକ୍ଷାଘାତରେ ଆକ୍ରାନ୍ତ ହୋଇ ଶିକ୍ଷାଦାନ କରୁଥିବାବେଳେ ଜଣେ ଶିକ୍ଷୟିତ୍ରୀ ମାତୃତ୍ୱ ଛୁଟିରେ ଅଛନ୍ତି। ତେବେ ବିଦ୍ୟାଳୟରେ ନିଯୁକ୍ତି ପାଇଥିବା କିରାଣି ରୁଚିସ୍ମିତା ନାୟକ ଦୀର୍ଘଦିନ ଧରି ମାଧ୍ୟମିକ ଶିକ୍ଷା ପରିଷଦ, ଭୁବନେଶ୍ୱରକୁ ଡେପୁଟେସନରେ ଯାଇଛନ୍ତି। ସପ୍ତାହକୁ ଥରେ ଶୁକ୍ରବାର ସ୍କୁଲକୁ ନ ଆସି ମାସିକ ଋତୁ ଛୁଟି ନେଇ ରହୁଛନ୍ତି। ବିଦ୍ୟାଳୟରେ ୩ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀ ରହିବା ପାଇଁ ଥିବାବେଳେ ବର୍ତ୍ତମାନ କେହି ନ ଥିବାରୁ ଏସଏସଜି ଗ୍ରୁପରୁ ଜଣେ ସଫେଇ କର୍ମଚାରୀ ଓ ଜଣେ ରାତ୍ର ଜଗୁଆଳି ରଖି କାମ ଚଳାଉ ଚାଲୁଛି। ଏହି ବିଦ୍ୟାଳୟରେ କର୍ମଚାରୀ ଅଭାବରୁ ପ୍ରଧାନଶିକ୍ଷକଙ୍କୁ ସବୁ କାର୍ଯ୍ୟ ସମ୍ଭାଳିବାକୁ ପଡୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଏହି ଶିକ୍ଷକ ସମସ୍ୟା ସହ ଅନ୍ୟ ସମସ୍ୟାର ସମାଧାନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ଜଣାଇବେ ବୋଲି ଗୋଷ୍ଠୀ ଶିକ୍ଷାଧିକାରୀ ଭାସ୍କର ଲେଙ୍କା କହିଛନ୍ତି।

■ ଅଲ୍ ଓଡ଼ିଶା ବିଲିୟାର୍ଡ୍ସ ଓ ସ୍ନୁକର

# ସେମିରେ ସୁବ୍ରତ-ସିଦ୍ଧାର୍ଥ ମୁକାବିଲା



ରୁମିତ ଗୁପ୍ତା

ଭୁବନେଶ୍ୱର,୨୧ା୧୧(ସମିସ): ରାଜ୍ୟର ଦୁଇ ବରିଷ୍ଠ ଖେଳାଳି ସୁବ୍ରତ ଦାସ ଓ ସିଦ୍ଧାର୍ଥ ସେନ୍‌ଙ୍କ ମଧ୍ୟରେ ରାଜ୍ୟ ସ୍ନୁକର ବିଭାଗର ସେମିଫାଇନାଲ ମୁକାବିଲା ହେବ। ସେହିପରି ଅନ୍ୟ ଏକ ସେମିରେ ଆଶୁତୋଷ ପାଢ଼ୀ ବିପର୍ଯ୍ୟୟ ସୃଷ୍ଟିକାରୀ ରୁମିତ ଗୁପ୍ତାଙ୍କ ସହ ଖେଳିବେ। ଆଜିର ମୁକାବିଲାରେ ରୁମିତ ଗୁପ୍ତା ଶ୍ରେଷ୍ଠ ଖେଳ ପ୍ରଦର୍ଶନ କରି କ୍ୱାର୍ଟରଫାଇନାଲରେ ସୁଦୀପ ଦାସଙ୍କୁ ୪-୧ ଫ୍ରେମ୍‌ରେ ପରାସ୍ତ କରିଥିଲେ। ଅନ୍ୟ କ୍ୱାର୍ଟର ଫାଇନାଲରେ ସୁବ୍ରତ ୪-୨ରେ ଅବିନାଶ ମହାପାତ୍ରଙ୍କୁ, ସିଦ୍ଧାର୍ଥ ୪-୨ରେ ଜ୍ଞାନ ଦାସଙ୍କୁ ପରାସ୍ତ କରିଛନ୍ତି। ଶେଷ କ୍ୱାର୍ଟରରେ ଆଶୁତୋଷ ୪-୨ ଫ୍ରେମ୍‌ରେ ଅନୁଜ ପଣ୍ଡାଙ୍କୁ ପରାସ୍ତ କରି ଚତୁର୍ଥ ଖେଳାଳିଭାବେ ସେମିକୁ ଯାଇଛନ୍ତି। ଆସନ୍ତାକାଲି ବା ଶନିବାର ୨ଟି ଯାକ ସେମିଫାଇନାଲ ଖେଳାଯିବ। ସେହିପରି ରାଜ୍ୟ ଜୁନିଅର ବିଲିଆର୍ଡ୍ସ ଓ ସ୍ନୁକର ଟାଇଟଲ ଜିତିଥିବା ବିଶେଷ ସିଙ୍ଘାଲ ସବ୍ ଜୁନିଅର ବିଲିଆର୍ଡ୍ସ ଟାଇଟଲ ଜିତିଛନ୍ତି। ଚଳିତ ଟୁର୍ଣ୍ଣାମେଣ୍ଟରେ ୧୫ ବର୍ଷୀୟ ବିଶେଷଙ୍କ ଏହା ତୃତୀୟ ଟାଇଟଲ।

## ୧୧୬ ବର୍ଷ ପରେ ଆସେସ୍‌ରେ ପ୍ରଥମ

# ପ୍ରଥମ ଦିନରେ ୧୯ଟି ୱିକେଟର ପତନ

ପର୍ଥ,୨୧ା୧୧(ଏଜେନ୍ସି)

ଏଠାରେ ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଆଜି ଆରମ୍ଭ ହୋଇଥିବା ପ୍ରଥମ ଆସେସ୍ ଟେଷ୍ଟର ପ୍ରଥମ ଦିନରେ ୧୯ଟି ୱିକେଟର ପତନ ଘଟିଛି। ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ଇଂଲଣ୍ଡର ୧୭୨ ରନ୍ ଜବାବରେ ଖେଳ ଶେଷ ବେଳକୁ ଅଷ୍ଟ୍ରେଲିଆ ୯ ୱିକେଟରେ ୧୨୩ ରନ୍ କରିଛି। ଏହା ଫଳରେ ୧୧୬ ପରେ ଆସେସ ସିରିଜ୍‌ର ପ୍ରଥମ ଦିନରେ ଦ୍ୱିତୀୟ ସର୍ବାଧିକ ୱିକେଟର ପତନ ଘଟିଛି। ଏଠାରେ ୧୯୦୯ରେ ଖେଳାଯାଇଥିବା ଟେଷ୍ଟର ପ୍ରଥମ ଦିନରେ ୨୦ଟି ୱିକେଟର ପତନ ଘଟିଥିଲା।

ଇଂଲଣ୍ଡ ପକ୍ଷରୁ ହ୍ୟାରୀ ବ୍ରୁକ୍ ସର୍ବାଧିକ ୫୨, ଓଲି ପୋପ୍ ୪୬ ସ ୱିକେଟରକ୍ଷକ ଜାମି ସ୍ମିଥ୍ ୩୩ ରନ୍ କରିଥିଲେ। ଏମାନେ ମିଚେଲ ଷ୍ଟାର୍କଙ୍କ ବୋଲିଂର ଉଚିତ ମୁକାବିଲା କରିପାରି ନ ଥିଲେ। ଘାତକ ବୋଲିଂ କରିଥିବା ୩୫ ବର୍ଷୀୟ ଫାଷ୍ଟ ବୋଲର ମିଚେଲ ଷ୍ଟାର୍କ ୫୮ ରନ୍‌ରେ ୭ଟି ଓ ଡେବ୍ୟୁଟାଣ୍ଟ ବ୍ରେଣ୍ଡେନ୍ ଡୋଗେଟ ୨ଟି ୱିକେଟ ପାଇଥିଲେ। ଜବାବରେ ଅଧିନାୟକ ବେନ୍ ଷ୍ଟୋକ୍ସ ୨୩ ରନ୍‌ରେ ୫ଟି, ଜୋଫ୍ରା ଆର୍ଚର ଓ ବ୍ରାଇଡନ କାର୍ସ ୨ ଜଣ ଲେଖାଏଁ ଖେଳାଳିଙ୍କୁ ଆଉଟ କରିବା ଫଳରେ ପ୍ରଥମ ଦିନ ଖେଳ ଶେଷ ସୁଦ୍ଧା ଅଷ୍ଟ୍ରେଲିଆ ୯ ୱିକଟରେ ୧୨୩ ରନ୍ ସଂଗ୍ରହ କରିନେଇଛି।

# ଇତିହାସ ସୃଷ୍ଟି କଲେ କବୀର



ଭୁବନେଶ୍ୱର,୨୧ା୧୧(ସମିସ): ଓଡ଼ିଶା ତଥା କିଟ୍‌ର କବୀର ହଂସ୍ ରାଜ୍ୟର ପ୍ରଥମ ଖେଳାଳିଭାବେ ଆଇଟିଏଫ୍ ପୁରୁଷ ଏକକ ୱାର୍ଲ୍ଡ ଟେନିସ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲରେ ପ୍ରବେଶ କରି ଇତିହାସ ସୃଷ୍ଟି କରିଛନ୍ତି। କଳିଙ୍ଗ ଷ୍ଟାଡିୟମ୍‌ରେ ଚାଲିଥିବା ଟୁର୍ଣ୍ଣାମେଣ୍ଟର ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲରେ କବୀର ୨-୧ ସେଟ୍‌ରେ ରୁଷ୍‌ର ଟିମୋଫେଇ ଡେରେପାସ୍କୋଙ୍କୁ ହରାଇ ଏହି ସଫଳତା ପାଇଥିଲେ। ଆସନ୍ତାକାଲି ଖେଳାଯିବାକୁ ଥିବା ସେମିଫାଇନାଲରେ ସେ ଭାରତର ଦିଗ୍‌ବିଜୟ ପ୍ରତାପ ସିଂହଙ୍କୁ ଭେଟିବେ। ଏହି ସଫଳତା ଲାଗି କିଟ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାଜ୍ୟ ଟିଟି ଚାମ୍ପିଅନସିପ୍ ଉଦ୍‌ଘାଟିତ



କଟକ,୨୧ା୧୧(ସମିସ): ସିଡିଏ ସେକ୍ଟର-୭ ସ୍ଥିତ ବିଜୁ ପଟ୍ଟନାୟକ ଇନଡୋର ହଲ୍‌ରେ ୩୧ତମ ଆନ୍ତଃଜିଲ୍ଲା ଏବଂ ରାଜ୍ୟ ଟେବଲ ଟେନିସ ଚାମ୍ପିଅନସିପ୍ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। ଉଦ୍‌ଘାଟନୀ ଦିବସରେ ଯୁବ ବାଳକ ବର୍ଗରେ ଦଳଗତ ପ୍ରତିଯୋଗିତା ହୋଇଥିଲା। କଟକ-ଏ, ଭୁବନେଶ୍ୱର ଟିଟି ସଂଘ-ଏ, କଟକ-ବି, ଖୋର୍ଦ୍ଧା ଟିଟି ସଂଘ-ଏ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବରିଷ୍ଠ ପୁରୁଷ ବର୍ଗର ଦଳଗତ ଇଭେଣ୍ଟ ଜାରି ରହିଛି। ଶନିବାର ଠାରୁ ୧୩ଟି ଇଭେଣ୍ଟରେ ଏକକ ପ୍ରତିଯୋଗିତା ହେବ। ପ୍ରକାଶଥାଉକି, ଓଡ଼ିଶା ରାଜ୍ୟ ଟେବଲ ଟେନିସ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ମୋଟ ୩୭୦ ପ୍ରତିଯୋଗୀ ଭାଗ ନେଇଛନ୍ତି। ଆର କ୍ରୀଷ୍ଣାକୁମାର, ସୁଜିତ ରାୟ, ତପନ ଖା, ବିଜେନ ଦାସ ମହାପାତ୍ର, ଜୀବନ ବଲ୍ଲଭ ସାମଲ, କେଭିପି ରାମାରାଓ, ସୁଦୀପ ଚକ୍ରବର୍ତ୍ତୀ ମ୍ୟାଚ୍ ପରିଚାଳନା କରୁଛନ୍ତି। ଏହି ଚାମ୍ପିଅନସିପ୍ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଜାରି ରହିବ।

■ ଆନ୍ଧ୍ରଠାରୁ ୫୮ ରନ୍‌ରେ ପରାସ୍ତ

# ଷ୍ଟେଟ୍-ଏ' ଟ୍ରଫିରୁ ଓଡ଼ିଶା ବିଦା

ଭୁବନେଶ୍ୱର,୨୧ା୧୧(ସମିସ): ଆନ୍ଧ୍ରଠାରୁ ୫୮ ରନ୍‌ରେ ହାରି ଓଡ଼ିଶା ଦଳ ଭଦୋଦରାରେ ଚାଲିଥିବା ଷ୍ଟେଟ୍-ଏ' ଦିନିକିଆ ଟ୍ରଫିର କ୍ୱାର୍ଟର ଫାଇନାଲ ପ୍ରବେଶ କରିବାରେ ସମର୍ଥ ହୋଇନାହିଁ। ଆଜିର ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଆନ୍ଧ୍ର ୯ ୱିକେଟରେ ୩୦୨ ରନ୍ କରିଥିଲା। ଜବାବରେ ଓଡ଼ିଶା ୪୭ ଓଭରରେ ୨୪୪ ରନ୍ କରି ଅଲଆଉଟ ହୋଇଯାଇଥିଲା। ଓଡ଼ିଶା ପକ୍ଷରୁ ବୋଲିଂରେ ସମ୍ବିତ ୩ଟି, ବାଦଲ ବିଶ୍ୱାଳ ୨ଟି ୱିକେଟ ପାଇଥିଲେ। ବ୍ୟାଟିଂରେ ଓମ୍‌ଟି ମୁଣ୍ଡେ ୫୦ ଓ ଶ୍ରେୟାଂଶ ଭରଦ୍ୱାଜ ୩୬ ରନ୍ କରିଥିଲେ। ଓଡ଼ିଶା କ୍ରମାଗତ ୪ଟି ମ୍ୟାଚ୍ ଜିତିବା ପରେ ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ମୁମ୍ବାଇ ଓ ଆନ୍ଧ୍ରଠାରୁ ହାରି ନକ୍‌ଆଉଟକୁ ଯାଇପାରି ନ ଥିଲା।

# ଆଜିଠାରୁ ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନସିପ୍

ଭୁବନେଶ୍ୱର,୨୧ା୧୧(ସମିସ): ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଓ ଓଡ଼ିଶା ରୋଲର ସ୍କେଟିଂ ଆସୋସିଏସନ ଆନୁକୂଲ୍ୟରେ ୧୬ତମ ରାଜ୍ୟ ରୋଲର ସ୍କେଟିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଆସନ୍ତା ୨୩ ତାରିଖଯାଏ ହେବାକୁ ଥିବା ଏହି ପ୍ରତିଯୋଗିତାରେ ୧୬ଟି ଜିଲ୍ଲାରୁ ଦଳ ଭାଗନେବେ ଓ ଏଥିରୁ ଓଡ଼ିଶା ଦଳ ଲାଗି ଖେଳାଳି ଚୟନ କରାଯିବ। କଳିଙ୍ଗ ଷ୍ଟାଡିୟମ୍ ହକି କମ୍ପ୍ଲେକ୍ସ ନିକଟରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବାର କାର୍ଯ୍ୟକ୍ରମ ରହିଛି।

## ଶରଣକୂଳ ସର୍ବଭାରତୀୟ ଫୁଟବଲ

# ଫାଇନାଲରେ ଗଣ୍ଡରପୁର-ବରଗଡ଼




ଶରଣକୂଳ,୨୧ା୧୧(ସମିସ): ବରଗଡ଼ର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ଓ ଗଣ୍ଡରପୁର ଫୁଟବଲ କ୍ଲବ୍ ମଧ୍ୟରେ ୬୪ତମ ଶରଣକୂଳ ସର୍ବଭାରତୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ଆସନ୍ତା ରବିବାର ଖେଳାଯିବ। ଲଡୁକେଶ ଆଥଲେଟିକ ଆସୋସିଏସନ ଆନୁକୂଲ୍ୟରେ ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲରେ ବରଗଡ଼ ଟିମ୍ ୧-୦ ଗୋଲରେ ବିହାର ବକ୍ସରର ଏମ୍‌କେଏସ୍ ଟିମ୍‌କୁ ପରାସ୍ତ କରି ଦ୍ୱିତୀୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଥିଲା। ଗତକାଲି ସେମିରେ ଗଣ୍ଡରପୁର ଟିମ୍ ବିଜୟୀ ହୋଇ ପ୍ରଥମ ଦଳ ଭାବେ ଫାଇନାଲକୁ ଉନ୍ନୀତ ହୋଇଥିଲା। ବିଜୟୀ ବରଗଡ଼ ଦଳର ଭରତ ମୁଣ୍ଡାଙ୍କୁ ଜନସଂଗ୍ରାମ ପ୍ରେସ୍ ପକ୍ଷରୁ ଶ୍ରେଷ୍ଠ ଖେଳାଳି ପୁରସ୍କାର ପ୍ରଦାନ କରାଯାଇଛି। ନୟାଗଡ଼ ବିଧାୟକ ଅରୁଣ ସାହୁ, ନୟାଗଡ଼ ଜିଲ୍ଲା ବାଣିଜ୍ୟ ସେବା ସମବାୟ ସମିତ ସଭାପତି ମାମୁନ ରୌଫ୍, ସାମାଜିକ କର୍ମୀ ବିଭୁଦତ୍ତ ମହାପାତ୍ର, ତାପସ ରଞ୍ଜନ ପାଢ଼ୀ, ରଞ୍ଜନ କୁମାର ସାହୁ ଓ ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ପ୍ରଧାନ ଅତିଥିଭାବେ ଉପସ୍ଥିତ ରହି ଏହି ପ୍ରତିଦ୍ୱନ୍ଦ୍ୱିତାମୂଳକ ଖେଳକୁ ଉପଭୋଗ କରିଥିଲେ।

# ରାଜ୍ୟ ଆର୍ଚେରୀ ଦଳର ଅରୁଣାଚଳ ପ୍ରଦେଶ ଯାତ୍ରା



କଟକ,୨୧ା୧୧(ସମିସ): ଅରୁଣାଚଳ ପ୍ରଦେଶର ରାଜଧାନୀ ଇଟାନଗରରେ ଏନଟିପିସି ଜାତୀୟ ସବଜୁନିୟର ଆର୍ଚେରୀ ପ୍ରତିଯୋଗିତା ଶନିବାର ଠାରୁ ଆରମ୍ଭ ହେବ। ଏଥି ନିମନ୍ତେ ରାଜ୍ୟ ଦଳ ଇଟାନଗର ଅଭିମୁଖେ ଯାତ୍ରା କରିଛି। ୨୬ଜଣିଆ ରାଜ୍ୟ ଦଳରେ ୨୧ଜଣ ଖେଳାଳି ଏବଂ ୫ଜଣ ଅଫିସିଆଲ ରହିଛନ୍ତି। ଓଡ଼ିଶା ପକ୍ଷରୁ ଇଣ୍ଡିଆନ୍ ରାଉଣ୍ଡର ବାଳକ ବିଭାଗରେ ରୋହିତ କୁମାର ମାରାଣ୍ଡୀ ଓ ଦୁର୍ଗାଦତ୍ତ ମେହେର, ଚନ୍ଦ୍ରମୋହନ ଟୁଡୁ, ଗୋବିନ୍ଦ ମାଝୀ, ବାଳିକା ବିଭାଗରେ ରିଷମା ମଲ୍ଲିକ, ସଞ୍ଜଲି ଓରାମ, କଞ୍ଚିକା ମଞ୍ଜୁଲା ଓ ଭାଗ୍ୟଶ୍ରୀ ହେମ୍ବ୍ରମ ଅଛନ୍ତି। ସେହିପରି ରିକର୍ଭ ରାଉଣ୍ଡର ବାଳକ ବିଭାଗରେ ରସାନନ୍ଦ ବିରୁଆ, ଭାଗୋବତ ବଲିଆରସିଂହ, ଦିଲ୍ଲିପ କାନ୍ଧୁଲାନା, ଓ ସତାରି ହୋ ଏବଂ ବାଳିକା ବିଭାଗରେ ସୁନୀତା ନାଏକ, ସାବିତ୍ରୀ ପାତ୍ର, ଟେନିଶା ମେହେର୍ ଓ ଉଜୟନୀ କେଶରୀ ଭାଗ ନେଉଛନ୍ତି। ଏହା ବ୍ୟତୀତ କମ୍ପାଉଣ୍ଡ ରାଉଣ୍ଡ ବାଳକ ବିଭାଗରେ ଦଇନେଶ୍ୱର ବେହେରା ଓ ସଞ୍ଜୟ ଗୁଣ୍ଡା ଏବଂ ବାଳିକା ବିଭାଗରେ ସ୍ୱପ୍ନରାଣୀ ବେହେରା, ସୀତା ହେମ୍ବ୍ରମ୍ ଓ ରଚନା ମାଝି ଓଡ଼ିଶାର ପ୍ରତିନିଧିତ୍ୱ କରିବେ। ପ୍ରଶିକ୍ଷକ ଭାବରେ ଆର୍ଯ୍ୟନ ସ, ଟିକିଲି ମହାକୁଳ, ଶାହେଲା ଶାହିନ୍, ସୂର୍ଯ୍ୟ ପାଲେୟା ଓ ଶମ୍ଭୁନାଥ ପରିଡ଼ା ଟିମ୍ ସହିତ ଯାତ୍ରା କରିଛନ୍ତି।

## ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସ

# ଗୋବିନ୍ଦଙ୍କୁ ୨ଟି, ରଣଜିତଙ୍କୁ ଗୋଟିଏ ସ୍ୱର୍ଣ୍ଣ




ଭୁବନେଶ୍ୱର,୨୧ା୧୧(ସମିସ): ଥାଇଲାଣ୍ଡରେ ଚାଲିଥିବା ୱାର୍ଲ୍ଡ ଆବିଲିଟି ସ୍ପୋର୍ଟ୍ସରେ ଓଡ଼ିଆ ଆଥ୍ଲେଟମାନେ ଏକାଧିକ ପଦକ ଜିତି ଓଡ଼ିଶା ତଥା ଭାରତକୁ ଗର୍ବିତ କରିଛନ୍ତି। ସେମାନଙ୍କ ମଧ୍ୟରେ ଗୋବିନ୍ଦ ଦୁବେ ୨ଟି ସ୍ୱର୍ଣ୍ଣ, ରଣଜିତ ଚନ୍ଦ ଗୋଟିଏ, ପ୍ରଫୁଲ୍ଲ କୁମାର ଖଣ୍ଡାୟତରାୟ, ସୁଚିତ୍ରା ପରିଡ଼ା ଓ ରଞ୍ଜନା ନାହାକ ଗୋଟିଏ ଲେଖାଏଁ ରୌପ୍ୟ ପଦକ ପାଇଛନ୍ତି। ଗୋବିନ୍ଦ ପୁରୁଷ ୨୦୦ ମିଟର ଦୌଡ଼ ଓ ପୁରୁଷ ଲଙ୍ଗ୍ ଜମ୍ପ୍‌ରେ, ରଣଜିତ ଏଫ୍୪୬ ପୁରୁଷ ଜାଭେଲିନ୍‌ରେ ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଏଥିରେ ପ୍ରଫୁଲ୍ଲଙ୍କୁ ରୌପ୍ୟ ମିଳିଛି। ମହିଳା ସଟ୍‌ପୁଟ୍ ଲଫ୍୫୫/୫୬ କାଟାଗୋରୀରେ ସୁଚିତ୍ରା ଓ ଏଫ୍୫୪ରେ ରଞ୍ଜନାଙ୍କୁ ରୌପ୍ୟ ପଦକ ମିଳିଛି।

## ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ

# ଜିମ୍‌ରୁ ବାହାରିବା ବେଳେ ହାଣିଦେଲେ

ତାଳଚେର, ୨୧।୧୧ (ସମିସ): ତାଳଚେର ପୌରପରିଷଦ ଅନ୍ତର୍ଗତ ହାଣ୍ଡିଧୁଆ ଛକ ନିକଟରେ ଶୁକ୍ରବାର ଜଣେ ଯୁବକଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଛି। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ତାଙ୍କୁ ମେଡିକାଲରେ ଭର୍ତ୍ତି କରାଇଛନ୍ତି। ଆହତ ଯୁବକଜଣଙ୍କ ହେଲେ, ଘଣ୍ଟପଡ଼ା ଗ୍ରାମ ସ୍କୁଲ ସାହିର ଦେବାଶିଷ ସାହୁ ଓରଫ୍ ଚିଣ୍ଟୁ (୨୮)। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ଦେବାଶିଷ ସବୁଦିନ ଭଳି ଆଜି ହାଣ୍ଡଧୁଆସ୍ଥିତ ଜିମ୍ ସେଣ୍ଟର୍‌କୁ ଯାଇଥିଲେ। ସେଠାରେ ବ୍ୟାୟାମ କରି ବାହାରିବା ବେଳେ ପୂର୍ବରୁ ଛକି ରହିଥିବା ୬ ଦୁର୍ବୃତ୍ତ ତାଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଦୌଡ଼ି ଆସିବାରୁ ଦୁର୍ବୃତ୍ତମାନେ ସେଠାରୁ ଫେରାର୍ ହୋଇଯାଇଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ଆକ୍ରମଣ କରାଯାଇଥିବା ଜଣାପଡ଼ିଛି। ତେବେ ଦେବାଶିଷଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ରହିଛି। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ ହାଣ୍ଡିଧୁଆଁ କୋଲିୟରୀ ଥାନାକୁ ଯୋଗାଯୋଗ କରିଥିଲେ ମଧ୍ୟ ତାହା ସମ୍ଭବ ହୋଇ ନ ଥିଲା।

# ବିଧାୟକ ସାଗର ଦାସଙ୍କୁ ହତ୍ୟା ଧମକ

**ଡିଜିଙ୍କୁ ଚିଠି ଲେଖିଲେ**

ଭବାନୀପାଟଣା, ୨୧।୧୧(ସମିସ): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସଦର ବିଧାୟକ ସାଗର ଚରଣ ଦାସଙ୍କୁ ହତ୍ୟା ଧମକ। ବିଧାୟକ ଶ୍ରୀ ଦାସ ଏ ସଂପର୍କରେ ନିଜ 'ଏକ୍ସ' ଆକାଉଣ୍ଟରେ ସୂଚନା ଦେବା ସହ ଜିଡି ୱାଇ. ବି ଖୁରାନିଆଙ୍କୁ ଚିଠି ଲେଖି ଅବଗତ କରାଇଛନ୍ତି।

ଅଭିଯୋଗ ଅନୁଯାୟୀ, ଭବାନୀପାଟଣା ସଦର ବ୍ଲକ୍ ଦେପୁର କଂଗ୍ରେସ ଜୋନ୍ ସଭାପତି ଉଦେପୁର ଗ୍ରାମର ଦେବାନନ୍ଦ ଯୋଶୀଙ୍କୁ ଗୁରୁବାର ରାତି ପ୍ରାୟ ସାଢ଼େ ୯ଟାରେ ୪ଜଣ ଦୁର୍ବୃତ୍ତ ଧମକାଇଥିଲେ। ବନ୍ଧୁକ ଦେଖାଇ ସେମାନେ ଦେବାନନ୍ଦଙ୍କୁ ଭୟଭୀତ କରିବା ସହ ସାଗରଙ୍କ ସଂପର୍କରେ କିଛି ବ୍ୟକ୍ତିଗତ ତଥ୍ୟ ମାଗିଥିଲେ। ଆସନ୍ତା ୨ଦିନ ମଧ୍ୟରେ ତଥ୍ୟ ନଦେଲେ ତାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି, ସେମାନେ ସାଗରଙ୍କୁ ମଧ୍ୟ ହତ୍ୟା କରିବେ ବୋଲି କହିଥିଲେ। ଏହି ଘଟଣା ପଦାକୁ ଆସିବା ପରେ ବିଧାୟକ ଶ୍ରୀ ଦାସ ଡିଜିଙ୍କୁ ଚିଠି ଲେଖି ଘଟଣା ସଂପର୍କରେ ବିସ୍ତୃତ ଭାବେ ଅବଗତ କରାଇଛନ୍ତି। ଘଟଣାରେ ସଂପୃକ୍ତ ସମସ୍ତ ଅଭିଯୁକ୍ତଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ପାଇଁ ସେ ଦାବି କରିଛନ୍ତି।

ଏ ସଂପର୍କରେ 'ଏକ୍ସ'ରେ ପୋଷ୍ଟ କରି ସାଗର ଉଲ୍ଲେଖ କରିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିଗିଡ଼ିଯାଇଛି। ବିଧାୟକଙ୍କ ଜୀବନ ଯେଉଁଠି ସୁରକ୍ଷିତ ନୁହେଁ, ସେଠାରେ ସାଧାରଣ ଜନତା କେମିତି ନିଜ ଜୀବନର ସୁରକ୍ଷା ଚିନ୍ତା କରିବେ? ସାଗରଙ୍କ ବାପା ତଥା ପିସିସି ସଭାପତି ଭକ୍ତ ଦାସ ମଧ୍ୟ ଏହି ଘଟଣାକୁ ନିନ୍ଦା କରିଛନ୍ତି। ଅପରପକ୍ଷେ, ଘଟଣାକୁ କଳାହାଣ୍ଡି ପୁଲିସ ଗୁରୁତ୍ୱର ସହ ନେଇ ତଦନ୍ତ ଆରମ୍ଭ କରିଛି।

# ରାଜ୍ୟରେ ବାଲି ମାଫିଆଙ୍କ ଶାସନ ଚାଲିଛି: କଂଗ୍ରେସ

ଭୁବନେଶ୍ୱର,୨୧।୧୧(ସମିସ): ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ରାଜ୍ୟରେ ବିଜେପି ସରକାର ଆସିବା ପରେ ସମଗ୍ର ଓଡିଶାରେ ବର୍ତ୍ତମାନ ଦୁର୍ବୃତ୍ତଙ୍କ ଶାସନ ଚାଲିଛି। ଏହି କ୍ରମରେ ରାଜ୍ୟର ଏକ ଅତ୍ୟନ୍ତ ଗୁରୁତର ଘଟଣା କ୍ରମରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ପୁତ୍ର ତଥା ଭବାନୀପାଟଣା ଯୁବ ବିଧାୟକ ସାଗର ଚରଣ ଦାସଙ୍କୁ ଜୀବନରେ ମାରିଦେବାର ଧମକ ମିଳିଛି। ଯାହାକୁ ନେଇ ଆଜି ରାଜ୍ୟ ସରକାରଙ୍କ ଉପରେ କଂଗ୍ରେସ ଦଳ ବର୍ଷିଛି।

ଦଳ ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ମୁଖପାତ୍ର ରଜନୀ ମହାନ୍ତି କହିଛନ୍ତି, ଗତକାଲି ସକାଳେ କଂଗ୍ରେସ ଦଳର ଜଣେ ଜୋନ୍ ସଭାପତି ତଥା ବିଧାୟକ ଶ୍ରୀ ଦାସଙ୍କ ସମର୍ଥକ ଦେବାନନ୍ଦ ଯୋଷୀଙ୍କୁ ୪/୫ ଜଣ ମୁଖା ପିନ୍ଧା ଦୁର୍ବୃତ୍ତ ତାଙ୍କୁ ଘରୁ ଉଠାଇ ଆଣି ବିଧାୟକ ଶ୍ରୀ ଦାସ କୁଆଡ଼େ ଅଛନ୍ତି ବୋଲି ପଚାରିଥିଲେ ଏବଂ ନ କହିଲେ ଜୀବନରେ ତାଙ୍କୁ ଏବଂ ବିଧାୟକଙ୍କୁ ହତ୍ୟା କରାଯିବ ବୋଲି ଧମକ ଦେଇଥିଲେ। ରାଜ୍ୟର ବିଧାୟକଙ୍କୁ ହତ୍ୟା ଧମକ ମିଳିବା ଦର୍ଶାଉଛି ଯେ ରାଜ୍ୟରେ ମୋହନ ସରକାରଙ୍କ ନୁହଁ ଦୁର୍ବୃତ୍ତଙ୍କ ଶାସନ ଚାଲିଛି। ପୁଲିସ ଦୁର୍ବୃତ୍ତଙ୍କୁ ଧରି ପୁଣି ଛାଡି ଦେବା ଓଡ଼ିଶାରେ ଜଙ୍ଗଲରାଜର ଯୁଗ ଆରମ୍ଭକୁ ସୂଚାଉଛି। ବିଗତ ଦିନରେ କଂଗ୍ରେସ ନାରୀ



ଦୁଷ୍କର୍ମକୁ ନେଇ ଆନ୍ଦୋଳନ କରିବାରୁ ଆତଙ୍କବାଦୀ ଆଖ୍ୟା ଦେଇଥିଲେ। ଏବେ ବିଧାୟକଙ୍କ ସମର୍ଥକ ଏବଂ କଂଗ୍ରେସ ଦଳର ଜଣେ କର୍ମକର୍ତ୍ତାଙ୍କୁ ଘରୁ ଟେକିନେଇ ଧମକ ଦେବା ଦୁର୍ବୃତ୍ତଙ୍କୁ କଣ କୁହାଯିବ ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ଏହା କଂଗ୍ରେସ କହିଛି ଯେ ବର୍ତ୍ତମାନ ସୁରକ୍ଷା କଣ କେବଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଦୁଇ ଉପମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରିମଣ୍ଡଳ ପାଇଁ କି ବୋଲି କଂଗ୍ରେସ ପ୍ରଶ୍ନ କରିଛି। କଂଗ୍ରେସ ଆହୁରି କହିଛି ଯେ ବିଧାୟକ ଶ୍ରୀ ଦାସ ଡିଜିପିଙ୍କୁ ଚିଠି ଲିଖି ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଯଦି ପୁଲିସ ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ ତେବେ କଂଗ୍ରେସ ପକ୍ଷରୁ ଡିଜିପି ଅଫିସ ଘେରାଓ କରି ତାଙ୍କୁ ଅଫିସ ଛଡ଼ାଯିବ ନାହିଁ ବୋଲି ଦଳ ଚେତାବନୀ ଦେଇଛି।

**କାର୍ଯ୍ୟାନୁଷ୍ଠାନ ନ ହେଲେ ଡିଜି ଅଫିସ୍ ଘେରଉ**

ଅନ୍ୟତମ ମୁଖପାତ୍ର ବିଭୁତି ମହାପାତ୍ର କହିଛନ୍ତି, କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ବାଲି ଚୋରୀ ଉପରେ ଏକ ଗମ୍ଭୀର ଅଭିଯୋଗ ଆଣିବାର ଦୁଇଦିନ ପରେ ଧମକ ଘଟଣା ଘଟିଛି। ଏହି ଘଟଣା ଯୋଗୁଁ କଂଗ୍ରେସ ବିଚଳିତ। ପିସିସି ସଭାପତିଙ୍କ ଯୋଗୁଁ କଂଗ୍ରେସର ଓ ବିଧାୟକ ସାଗର ଦାସଙ୍କ ଲୋକପ୍ରିୟତା ବୃଦ୍ଧିକୁ ସହ୍ୟ କରି ନ ପାରି, ଭୟରେ ଏଭଳି ହୀନକାଣ୍ଡ ଘଟାଇଛନ୍ତି। ତେବେ ଏହି ହତ୍ୟା ଧମକ ପଛରେ କେଉଁ ବଡ଼ ବଡ଼ିଆ ବ୍ୟକ୍ତି ବିଶେଷ ଅଛନ୍ତି ତାଙ୍କ ବିରୋଧରେ ସରକାର ତଥା ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି କହିବା ସହ ବିଧାୟକ ଶ୍ରୀ ଦାସଙ୍କୁ ଉଚ୍ଚତମ ସୁରକ୍ଷା ପ୍ରଦାନ କରାଯାଉ ବୋଲି ମୁଖପାତ୍ର ଶ୍ରୀ ମହାପାତ୍ର ଦାବି ଜଣାଇଛନ୍ତି।

# ଆଧୁନିକ ଓଡ଼ିଶାର ଗୌରବମୟ କୀର୍ତ୍ତିରେ ରହିଛି ମହତାବଙ୍କ ସ୍ୱର୍ଶ



**ଉତ୍କଳ କେଶରୀ ଡ. ହରେକୃଷ୍ଣ ମହତାବଙ୍କୁ ରାଜ୍ୟସ୍ତରୀୟ ଜୟନ୍ତୀରେ ଶ୍ରଦ୍ଧାଞ୍ଜଳି**

ଭୁବନେଶ୍ୱର,୨୧ା୧୧(ସମିସ): ଡକ୍ଟର ହରେକୃଷ୍ଣ ମହତାବ ଓଡ଼ିଶାବାସୀଙ୍କ ପାଇଁ କେବଳ ଏକ ନାମ ନୁହେଁ; ବିକାଶ ପାଇଁ ଏକ ଚିନ୍ତାଧାରା ଓ ପ୍ରେରଣା। ଆଧୁନିକ ଓଡ଼ିଶାର ଗୌରବମୟ କୀର୍ତ୍ତିରେ ମହତାବଙ୍କ ସ୍ୱର୍ଶ ରହିଛି ବୋଲି ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଡଃ ମହତାବଙ୍କ ୧୨୬ତମ ରାଜ୍ୟ ସ୍ତରୀୟ ଜୟନ୍ତୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା। ଏହି ଅବସରରେ ଡଃ ମହତାବଙ୍କ ଜୀବନୀ ସଂପର୍କିତ ୪ଟି ପୁସ୍ତକକୁ ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସଂସ୍କୃତିମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ବାବୁ ସିଂହ, ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର ପ୍ରମୁଖ ଡଃ ମହତାବଙ୍କ ସ୍ମୃତିଚାରଣ କରିଥିଲେ। ସଂସ୍କୃତି ବିଭାଗ ସଚିବ ଡ. ବିଜୟକେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଅର୍ପଣ କରିଥିଲେ।

# ଏକାଠି ହେଲେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍‌ର ଦୁଇ ଗୋଷ୍ଠୀ

**ସମ୍ବଲପୁରରେ ହେବ ଲୟର୍ସ କନଫରେନ୍ସ**

ସମ୍ବଲପୁର, ୨୧ା୧୧ (ସମିସ): ୨୦୧୬ ମସିହା ପରେ ଅଲ୍ ଓଡ଼ିଶା ଲୟର୍ସ ଆସୋସିଏସନ୍(ଆଓଲା) ଦୁଇଭାଗ ହୋଇଯାଇଥିଲା। ସମ୍ବଲପୁର ଜିଲ୍ଲା ଓକିଲ ସଂଘର ଉଦ୍ୟମକ୍ରମେ ଆଜି ପୁଣି ଉଭୟ ଗୋଷ୍ଠୀ ଏକ ହୋଇଛନ୍ତି। 'ଆଓଲା'ର ଉଭୟ ଗୋଷ୍ଠୀ ଏକାଠି ହୋଇ ପୁଣି ଆଇନଜୀବୀମାନଙ୍କ ସ୍ୱାର୍ଥ ନିମନ୍ତେ କାର୍ଯ୍ୟ କରିବେ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ଏହାସହ ଆସନ୍ତା ଡିସେମ୍ବର ୨୯ ଓ ୩୦ ତାରିଖ ସମ୍ବଲପୁରରେ ଏକାଠି ଭାବେ ଅଲ୍ ଓଡ଼ିଶା ଲୟର୍ସ କନଫରେନ୍ସ କରିବାକୁ କହିଛନ୍ତି। କନଫରେନ୍ସରେ ଦୁଇଟି ପ୍ରମୁଖ ପ୍ରସଙ୍ଗ ଭାବରେ ଆଇନଜୀବୀଙ୍କ ପାଇଁ ଏକ ଆଡଭୋକେଟ୍ ଏକାଡେମୀ ପ୍ରତିଷ୍ଠା ଏବଂ ୨୦୨୩ରେ ୫୮ ଜଣ ଆଇନଜୀବୀଙ୍କ ନାମରେ ହୋଇଥିବା ମକଦ୍ଦମା ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରତ୍ୟାହାର ରହିଛି।

ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଓକିଲ ସଂଘ ସଭାପତି ପ୍ରଦୀପ ବହିଦାର ଅଧ୍ୟକ୍ଷତା କରିଥିବା ବେଳେ ବରିଷ୍ଠ ଆଇନଜୀବୀ ଶିଶିର ରଞ୍ଜନ ପାଢ଼ୀ, ହାଇକୋର୍ଟର ବରିଷ୍ଠ ଓକିଲ ତଥା ଓଡ଼ିଶା ବାର୍ କାଉନସିଲ ସଭ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ଆଓଲାର ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ନନ୍ଦଙ୍କ ସହିତ ସମ୍ବଲପୁର ଓକିଲ ସଂଘର ସାଧାରଣ ସମ୍ପାଦକ ପ୍ରଦ୍ୟୋତ କୁମାର ଶର୍ମା, ପୂର୍ବତନ ସଭାପତି ସତ୍ୟନାରାୟଣ ପଣ୍ଡା ଓ ଡଃ ପ୍ରମୋଦ ରଥ ପ୍ରମୁଖ ମଞ୍ଚାସୀନ ଥିଲେ।

C-1539

## ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ବାଙ୍କୀ
## OFFICE OF THE NOTIFIED AREA COUNCIL, BANKI

Ph.: 06723-240228, Website: www.banknac.in, Email: nacbanki@yahoo.com

Letter No. 3158 | Date 20.11.2025

### ସର୍ବସାଧାରଣ ନିଲାମ ନୋଟିସ୍

ଏତଦ୍ୱାରା ପରିଷଦର ବିଭିନ୍ନ ମୌଜା/ୱାର୍ଡ ଅଧିନରେ ଥିବା ସମସ୍ତ ପୋଖରୀ/ବୃଥା/ଗାଡିଆ ଆଦି ଜଳାଶୟ, ୨ ଗୋଟି ପାର୍କ (୧. ଚର୍ଚ୍ଚିକା ମନ୍ଦିର ସନ୍ନିକଟ, ୨. ବାଙ୍କୀ ବଜାର ଅଂଚଳ), ବାଙ୍କୀ ଏନ୍.ଏ.ସି. ମୁକ୍ତି ଶ୍ମଶାନରେ କାଠ ଓ ପୂଜା ସାମଗ୍ରୀ ବିକ୍ରୟ ଏବଂ ୪ ଗୋଟି ଆଧୁନିକ ଶୌଚାଳୟମାନଙ୍କର ପରିଚାଳନା ନିମନ୍ତେ ଆସନ୍ତା ତା ୨୧.୧୧.୨୦୨୫ ରିଖ ପୂର୍ବାହ୍ନ ୧୧ଘଟିକା ଠାରୁ ପରିଷଦର କାର୍ଯ୍ୟାଳୟଠାରେ ଆସନ୍ତା ୩ ବର୍ଷ ପାଇଁ ଯଥା ୨୦୨୫-୨୬, ୨୦୨୬-୨୭ ଓ ୨୦୨୭-୨୮ ରିଖ ପର୍ଯ୍ୟନ୍ତ ନିଲାମ ପ୍ରକ୍ରିୟା କରିବା ପାଇଁ ପରିଷଦ ତରଫରୁ ସ୍ଥିର କରାଗଲା ଓ ଏଥି ନିମନ୍ତେ ଆବେଦନର ଶେଷ ତାରିଖ ତା ୦୫.୧୨.୨୦୨୫ ଅପରାହ୍ନ ୫ଟା ସୁଦ୍ଧା ନିମ୍ନଲିଖିତ ସର୍ତାବଳୀ ମୁତାବକ କରାଯିବ । ଅଂଶ ଗ୍ରହଣକାରୀ ବନ୍ଦ ଲଫାପାରେ ନିଲାମ ମୂଲ୍ୟ ଫର୍ମରେ ଲେଖି ଆବେଦନ କରିପାରିବେ ।

୧. ଯେଉଁ ନିଲାମ ଡାକିବାକୁ ଇଚ୍ଛା କରନ୍ତି, ସେମାନେ ନିଲାମ ଡାକିବା ପୂର୍ବରୁ ଧାର୍ଯ୍ୟ ଅପସେଟ୍ (ଅଟକଳ) ମୂଲ୍ୟର ଏକ ଚତୁର୍ଥାଂଶ ଅମାନତ ଆକାରରେ ବା (ସିକ୍ୟୁରିଟି) ଜମା କରି ନିଲାମରେ ଭାଗ ନେଇପାରିବେ ଓ ଯେଉଁମାନେ ଅମାନତ ରାଶି ଜମାକଲେ ସେମାନଙ୍କୁ ନିଲାମ ଫର୍ମ ପ୍ରଦାନ କରାଯିବ । (ନିଲାମ ଫର୍ମ ମୂଲ୍ୟ ୫୦ ଟଙ୍କା (ପଚାଶ ଟଙ୍କା) ମାତ୍ର ଫେରସ୍ତ ଯୋଗ୍ୟ ନୁହେଁ)
୨. ଯେଉଁମାନେ ପୂର୍ବ ବର୍ଷମାନଙ୍କରେ ନିଲାମ ବାବଦରେ କୌଣସି ଟଙ୍କା ବାକି ରଖିଥିବେ ସେମାନଙ୍କୁ ନିଲାମ ଡାକିବାକୁ ସୁଯୋଗ ଦିଆଯିବ ନାହିଁ ।
୩. ଅଧିକ ନିଲାମ ଡାକିଥିବା ପ୍ରଥମ ୨ଜଣଙ୍କର ଅମାନତ ଟଙ୍କା ରଖାଯାଇ ଅନ୍ୟ ସମସ୍ତଙ୍କର ଟଙ୍କା ଫେରସ୍ତ ଦିଆଯିବ । ଯଦି ୧ମ ହୋଇଥିବା ନିଲାମ ଅଂଶକାରୀ ଧାର୍ଯ୍ୟ ନିଲାମ ମୂଲ୍ୟ ଦେବାକୁ ମନା କରନ୍ତି କିମ୍ବା ଅନ୍ୟ କୌଣସି କାରଣରୁ ନିଲାମରୁ ଓହରି ଯାଆନ୍ତି ତେବେ ୨ୟ ନିଲାମଧାରୀ ଧାର୍ଯ୍ୟ ନିଲାମ ମୂଲ୍ୟ ପୈଠ କରି ନିଲାମ ଗ୍ରହଣ କରିବେ ଓ ୧ମ ନିଲାମଧାରୀଙ୍କୁ ନିଲାମ ପ୍ରକ୍ରିୟାରୁ ବାଦ ଦିଆଯିବ ।
୪. ଯେଉଁ ବ୍ୟକ୍ତିଙ୍କର ନାମରେ ନିଲାମ ଚୂଡାନ୍ତ ହେବ ସେ ବ୍ୟକ୍ତି ନିଲାମରେ ଡାକିଥିବା ସମସ୍ତ ଟଙ୍କା ପରିଷଦର କାର୍ଯ୍ୟାଳୟରେ ନିଲାମ ଦିନ ଦାଖଲ କରି ରସିଦ ହାସଲ କରିବା ସହିତ ୩ ଦିନ ମଧ୍ୟରେ ନିର୍ବାହୀ ଅଧିକାରୀଙ୍କ ସହିତ ଏକ ଚୁକ୍ତିପତ୍ର ସଂପାଦନ କରିବେ ଓ ଚୁକ୍ତିପତ୍ର ସଂପାଦନ ତାରିଖ ଠାରୁ ନିଲାମରେ ଚୂଡାନ୍ତ ହୋଇଥିବା ଉପରୋକ୍ତ ନିଲାମ ପ୍ରକାର ଆସନ୍ତା ୩ ବର୍ଷ ପାଇଁ ଭୋଗ ଦଖଲ କରିବେ, ଧାର୍ଯ୍ୟ ସମୟ ସମାପ୍ତ ହେବା ପରେ ଉକ୍ତ ନିଲାମ ଜିନିଷରେ ତାଙ୍କର କୌଣସି ଅଧିକାର ରହିବ ନାହିଁ ।
୫. ନିର୍ବାହୀ ଅଧିକାରୀ ଇଚ୍ଛାକଲେ ନିଲାମକୁ ବନ୍ଦ କରିପାରିବେ, ସ୍ଥଗିତ ରଖି ପାରିବେ କିମ୍ବା ଅନ୍ୟକୌଣସି ଦିନକୁ ସ୍ଥାନାନ୍ତରିତ କରିବାର ଅଧିକାର ରହିଅଛି ।
୬. ସର୍ବୋଚ୍ଚ ନିଲାମ ଡାକକୁ ଗ୍ରହଣ କରିବାକୁ ବାଧ୍ୟ ନୁହଁନ୍ତି, ନିଲାମରେ କୌଣସି ଭୁଲ ଥିବାର ଅନୁଭବ କଲେ ଉକ୍ତ ନିଲାମକୁ ନିର୍ବାହୀ ଅଧିକାରୀ ବାତିଲ କରିପାରିବେ ।
୭. ନିଲାମ ସମ୍ବନ୍ଧୀୟ ସମସ୍ତ ତଥ୍ୟ ପରିଷଦ କାର୍ଯ୍ୟାଳୟର ଅଫିସ ସମୟ ମଧ୍ୟରେ (ଦିବା ୧୦ ଘଟିକା ଠାରୁ ଅପରାହ୍ନ ୫ ଘଟିକା) ମଧ୍ୟରେ ବୁଝି ପାରିବେ ।
୮. ଉପରୋକ୍ତ ଯେକୌଣସି ସର୍ତ ଉଲଙ୍ଘନ କଲେ ସଂପୃକ୍ତ ବ୍ୟକ୍ତିଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରାଯିବ ।

ନିର୍ବାହୀ ଅଧିକାରୀ
ବିଜ୍ଞାପିତ ଅଂଚଳ ପରିଷଦ, ବାଙ୍କୀ

OIPR-

## ଆଜିର ରାଶିଫଳ

**ମେଷ:** ସାମାଜିକ କାର୍ଯ୍ୟ ପାଇଁ ସମୟ ବାହାର କରିବେ। ନୂଆ ଯାନ କିଣିବା ଯୋଗ ଅଛି। ଅଫିସ୍‌ରେ ସହକର୍ମୀଙ୍କୁ ସାହାଯ୍ୟ କରିବେ। ଜୀବନସାଥୀଙ୍କ ସହ ସୁଖଦ ସମୟ ଅତିବାହିତ କରିବେ।

**ବୃଷ:** ଦୂର ସ୍ଥାନକୁ ଯାତ୍ରା ଯୋଗ ଅଛି। ଧାର୍ମିକ କାର୍ଯ୍ୟରେ ସାମିଲ ହେବେ। ବ୍ୟବସାୟକୁ ନେଇ ଚିନ୍ତାରେ ରହିବେ। ଭାବିଚିନ୍ତି ନିଷ୍ପତ୍ତି ନିଅନ୍ତୁ। ପ୍ରିୟଜନଙ୍କ କଥାକୁ ବିଶ୍ୱାସ କରିବେ ନାହିଁ।

**ମିଥୁନ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ନାଚ, ଗୀତରେ ପ୍ରଶଂସା ମିଳିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ।

**କର୍କଟ:** ପାରିବାରିକ ଜୀବନରେ ସୁଖ, ସମୃଦ୍ଧି ବୃଦ୍ଧି ପାଇବ। ବ୍ୟବସାୟରେ ଉନ୍ନତି ପାଇଁ ଆଧୁନିକ ଜ୍ଞାନ-କୌଶଳ ଉପଯୋଗ କରିବେ। ବାପାମାଆଙ୍କ ସ୍ୱାସ୍ଥ୍ୟ ପାଇଁ ଯତ୍ନବାନ ହେବେ।

**ସିଂହ:** ଯାତ୍ରା ସମୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବେ। କୋର୍ଟ କଚେରୀ ମାମଲାରୁ ଦୂରେଇ ରହିବେ। ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତାରେ ରହିବେ। ଛାତ୍ରଛାତ୍ରୀ ପଢ଼ାରେ ମନଯୋଗ ଦେବେ।

**କନ୍ୟା:** ଆୟଠୁ ଅଧିକ ବ୍ୟୟ କରିବେ। ବରିଷ୍ଠ ଅଧିକାରୀଙ୍କ ପରାମର୍ଶରେ କାମରେ ଆଗକୁ ବଢ଼ିବେ। ନୂଆ କାମ ଆରମ୍ଭ କରିବେ। ଛାତ୍ରଛାତ୍ରୀ କ୍ରୀଡ଼ା ପ୍ରତିଯୋଗିତାରେ ସାମିଲ ହେବେ।

**ତୁଳା:** ଗୁରୁତ୍ୱପୂର୍ଣ୍ଣ ଖବର ପ୍ରାପ୍ତ ହେବ। ପ୍ରତିଯୋଗିତା ମନୋଭାବ ନେଇ ବିଦ୍ୟାର୍ଥୀ ଆଗକୁ ବଢ଼ିବେ। ପାରିବାରିକ ସମସ୍ୟା ସମାଧାନ ହେବ। ଆୟର ନୂତନ ମାର୍ଗ ଉନ୍ମୋଚନ ହେବ।

**ବିଛା:** ବୈବାହିକ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ। ଭାଇଭଉଣୀଙ୍କଠାରୁ ଉପହାର ପାଇବେ। ଅଫିସ୍ କାମରେ ଦୂର ସ୍ଥାନକୁ ଯାତ୍ରା କରିବେ।

**ଧନୁ:** ଅଜଣା ଲୋକଙ୍କଠାରୁ ଦୂରେଇ ରହିବେ। ଧୈର୍ଯ୍ୟର ସହ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ତୁଲାଇବେ। ଭାବପ୍ରବଣ ହୋଇ ନିଷ୍ପତ୍ତି ନେବାରୁ ନିବୃତ୍ତ ରହିବେ। ଆଇନଜୀବୀଙ୍କୁ ସଫଳତା ମିଳିବ।

**ମକର:** ଘରେ ସୁଖ ସମୃଦ୍ଧି ବୃଦ୍ଧି ପାଇବ। ଚାକିରିଆଙ୍କୁ ନୂତନ ନିଯୁକ୍ତି ମିଳିବ। ସନ୍ତାନ ସୁଖ ପ୍ରାପ୍ତ ହେବ। ପ୍ରେମ ସମ୍ବନ୍ଧରେ ଭୁଲ ବୁଝାମଣା ସୃଷ୍ଟି ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ।

**କୁମ୍ଭ:** ଧାରକରଜରୁ ଦୂରେଇ ରହିବେ। ବ୍ୟବସାୟ ବୃଦ୍ଧିକୁ ନେଇ ସାବଧାନତା ଅବଲମ୍ବନ କରିବେ। ବିରୋଧୀଙ୍କୁ ସାମ୍ନା କରିବେ। ଚିନ୍ତାଗ୍ରସ୍ତ ରହିବେ। ଜୀବନସାଥୀଙ୍କୁ ମନ କଥା କହିବେ।

**ମୀନ:** ବିଦ୍ୟାର୍ଥୀ ପରୀକ୍ଷାରେ ସଫଳ ହେବେ। ବନ୍ଧୁଙ୍କ ସାହାଯ୍ୟ ମିଳିବ। କଳା କ୍ଷେତ୍ରରେ ସଫଳତା ମିଳିବ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ମତାନ୍ତର ହେବ।

## ଆଜିର ଇତିହାସ

- ୧୯୬୩- ଆମେରିକାର ରାଷ୍ଟ୍ରପତି ଜନ୍ ଏଫ୍ କେନେଡିଙ୍କୁ ଟେକ୍ସାସରେ ହତ୍ୟା କରାଯାଇଥିଲା।
- ୧୯୬୮ -ମାଡ୍ରାସର ନାମ ବଦଳାଇ ତାମିଲନାଡୁ ରଖାଗଲା।
- ୧୯୯୭- ଡାଏନା ହେଡେନ୍ ବିଶ୍ୱସୁନ୍ଦରୀ ହେଲେ।
- ୧୯୯୮ -ବାଂଲାଦେଶୀ ଲେଖିକା ତସ୍‌ଲିମା ନାସ୍‌ରିନ୍ ଢାକା ଅଦାଲତରେ ଆତ୍ମସମର୍ପଣ କଲେ।
- ୨୦୦୨- ବିଶ୍ୱ ସୁନ୍ଦରୀ ପ୍ରତିଯୋଗିତା ଆୟୋଜନ ପ୍ରତିବାଦରେ ନାଇଜେରିଆରେ ହୋଇଥିବା ଦଙ୍ଗାରେ ଶତାଧିକ ଲୋକଙ୍କର ମୃତ୍ୟୁ ହୋଇଥିଲା।

## ଆଜି ଆସିଥିଲେ...

# ଶହୀଦ ଲକ୍ଷ୍ମଣ ନାୟକ




ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନରେ ଯେଉଁମାନେ ବ୍ରିଟିଶ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଫାଶୀଖୁଣ୍ଟରେ ଝୁଲିଥିଲେ ତନ୍ମଧ୍ୟରେ ଶହୀଦ ଲକ୍ଷ୍ମଣ ନାୟକ ଥିଲେ ଅନ୍ୟତମ। ସେ ଅନ୍ୟାୟ, ଅତ୍ୟାଚାର, ଶୋଷଣ ବିରୋଧରେ ସଂଘର୍ଷ ଓ ସଂଗ୍ରାମ କରି ଏକ କାଳଜୟୀ ଉଦାହରଣ ସୃଷ୍ଟି କଲେ। ଆଦିବାସୀମାନଙ୍କୁ ଏକତ୍ର କରି ଇଂରେଜ ସରକାରଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରି ସେ ଏକ ବୈପ୍ଳବିକ ଝଡ଼ ସୃଷ୍ଟି କରିଥିଲେ। ଲକ୍ଷ୍ମଣ ନାୟକ ଅବିଭକ୍ତ କୋରାପୁଟ ଜିଲ୍ଲାର ବୈପାରୀଗୁଡ଼ା ଥାନା ଅନ୍ତର୍ଗତ ତେନ୍ତୁଳିଗୁମ୍ମା ଗ୍ରାମରେ ୧୮୯୯ ମସିହା ଆଜିର ଦିନରେ ଏକ ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ। ୧୯୩୦ ମସିହାରେ ଲକ୍ଷ୍ମଣଙ୍କୁ ମୁସ୍ତାଦାର ଭାବରେ ନିଯୁକ୍ତ କରାଯାଇଥିଲା। ଏହାପରେ ସେ ଲକ୍ଷ୍ମଣ ଭୁମିୟାରୁ ଲକ୍ଷ୍ମଣ ନାୟକ ଭାବରେ ପରିଚିତ ହୋଇଥିଲେ। ମୁସ୍ତାଦାର ଭାବେ ନିଯୁକ୍ତ ହେବା ପରେ ଲକ୍ଷ୍ମଣ ନିଜ ଗ୍ରାମରେ ଅନେକ ଉନ୍ନୟନମୂଳକ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ୧୯୩୬ ମସିହାରେ ଲକ୍ଷ୍ମଣ ନାୟକ କଂଗ୍ରେସରେ ଯୋଗଦାନ କରିଥିଲେ। ୧୯୩୭-୩୮ ମସିହାରେ ଜୟପୁର ନିକଟସ୍ଥ ନୂଆପୁଟରେ ଖୋଲିଥିବା ତାଲିମ ଶିବିରରେ ସେ ଯୋଗଦାନ କରି ମହାତ୍ମା ଗାନ୍ଧୀଙ୍କ ଆଦର୍ଶ ଓ ଶୃଙ୍ଖଳିତ ଜୀବନଯାପନ ବିଷୟରେ ଶିକ୍ଷାଲାଭ କରିଥିଲେ। ସେ ଗାଁକୁ ଗାଁ ବୁଲି ଲୋକଙ୍କୁ ନିର୍ଭୀକ ହେବାକୁ କହିବା ସହ ସରକାରଙ୍କୁ ଟିକସ ନ ଦେବା, ଅହିଂସା ମାର୍ଗରେ ପରିଚାଳିତ ହେବା ତଥା ମଦ୍ୟପାନ ତ୍ୟାଗ କରି ଏକ ଶୃଙ୍ଖଳିତ ଜୀବନଧାରଣ କରିବା ନିମନ୍ତେ ପ୍ରଚାର କରୁଥିଲେ। ମାତ୍ର ଏକ ମୁସ୍ତାଦାର ହୋଇ ମଧ୍ୟ ଲୋକଙ୍କୁ ଟିକସ ନ ଦେବା ପାଇଁ କହିବାର ପରିଣାମ ସ୍ୱରୂପ ଲକ୍ଷ୍ମଣଙ୍କୁ ରାଜଦ୍ରୋହୀ ଘୋଷଣା କରି ତାଙ୍କଠାରୁ ସରକାରଙ୍କ ତରଫରୁ ଦିଆଯାଇଥିବା ପଦବୀ ଓ ଚାଷ ଜମି ଛଡ଼ାଇ ନିଆଯାଇଥିଲା। ପ୍ରଥମେ ସେ ସାଧାରଣ କଂଗ୍ରେସ ସଭ୍ୟ ହୋଇଥିଲେ। ପରେ ତେନ୍ତୁଳିଗୁମ୍ମା ପ୍ରାଥମିକ କଂଗ୍ରେସ କମିଟିର ସଭାପତି ଓ ପରେ କୋରାପୁଟ ଜିଲ୍ଲା କଂଗ୍ରେସ କମିଟିର ଜଣେ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ। ୧୯୪୨ ମସିହାରେ କଂଗ୍ରେସ "ଭାରତ ଛାଡ଼" ପ୍ରସ୍ତାବ ଆଗତ କରିଥିଲା। ଲକ୍ଷ୍ମଣ ଗାଁ ଗାଁ ବୁଲି ଲୋକମାନଙ୍କୁ ସତ୍ୟାଗ୍ରହ ଓ ସ୍ୱାଧୀନତା ନିମନ୍ତେ ଅହିଂସା ଦ୍ୱାରା ଲଢ଼େଇର ବାର୍ତ୍ତା ପ୍ରଚାର କରିଥିଲେ। ପରବର୍ତ୍ତୀ କାଳରେ ଏକ ଜନ ଆନ୍ଦୋଳନରେ ୧୯୪୨ ମସିହା ଅଗଷ୍ଟ ୨୧ ତାରିଖ ଶୁକ୍ରବାର ଦିନ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ସଂଗ୍ରାମୀମାନେ ମାଥିଲି ଥାନା ଘେରାଉ କରିଥିଲେ। ଏହି ଆନ୍ଦୋଳନର ଦମନ ନିମନ୍ତେ ପୁଲିସ ଆନ୍ଦୋଳନକାରୀମାନଙ୍କ ଉପରେ ଲାଠିମାଡ଼ କରିବା ସହ ଲକ୍ଷ୍ମଣ ନାୟକଙ୍କୁ ସମସ୍ତଙ୍କ ଦ୍ୱାରା ଦେଖିଲା ପରି ସ୍ଥାନକୁ ନେଇ ନିସ୍ତୁକ ମାଡ଼ ମାରିଥିଲେ। ମାତ୍ର ଏତାଦୃଶ୍ୟ ଅତ୍ୟାଚାର ପରେ ମଧ୍ୟ କର୍ମୀମାନେ ଆଗକୁ ବଢ଼ିଚାଲିବାରୁ ପୁଲିସ ସେମାନଙ୍କ ଉପରେ ଗୁଳିଚାଳନା ଆରମ୍ଭ କରିଦେଇଥିଲା। ଯାହାର ଫଳସ୍ୱରୂପ ଅନେକ କର୍ମୀ ମୃତାହତ ହୋଇଥିଲେ। ଏ ଗୁଳିକାଣ୍ଡରେ ଫରେଷ୍ଟଗାର୍ଡ ଜି. ରାମୟାର ମୃତ୍ୟୁ ହୋଇଥିଲା। ଆନ୍ଦୋଳନକୁ ଦମନ କରିବା ପରେ ପୁଲିସ ଲକ୍ଷ୍ମଣ ନାୟକଙ୍କ ଅଚେତ ଶରୀରକୁ ମୃତ ମନେକରି ନିକଟସ୍ଥ ନାଳରେ ଫୋପାଡ଼ି ଦେଇଥିଲା। ଚେତା ଫେରିପାଇବା ପରେ ତେନ୍ତୁଳିଗୁମ୍ମାକୁ ଫେରି ଆସି ସଂଘର୍ଷ ଜାରି ରଖିଥିଲେ। ୧୯୪୨ ମସିହା ସେପ୍ଟେମ୍ବର ମାସ ୨ ତାରିଖରେ ତେନ୍ତୁଳିଗୁମ୍ମାରୁ ଲକ୍ଷ୍ମଣଙ୍କୁ ଗିରଫ କରାଯାଇଥିଲା। ଏହାପରେ ଜି. ରାମୟାର ହତ୍ୟା ଅଭିଯୋଗରେ ଲକ୍ଷ୍ମଣଙ୍କୁ ମୃତ୍ୟୁ ଦଣ୍ଡାଦେଶ ହୋଇଥିଲା ଓ ୧୯୪୩ ମସିହା ମାର୍ଚ୍ଚ ୨୯ ତାରିଖରେ ତାଙ୍କୁ ଫାଶୀ ଦିଆଯାଇଥିଲା।

# ମସଲାସ୍ତରକୁ ଜାଣିବ 'କୃତ୍ରିମ ଜିଭ'



ଚୀନର ବୈଜ୍ଞାନିକମାନେ ଏକ କୃତ୍ରିମ ଜିଭ ବିକଶିତ କରିଛନ୍ତି। ଏହା ଖାଦ୍ୟରେ ଥିବା ରାଗ ତଥା ମସଲାର ସ୍ତରକୁ କିଛି ସେକେଣ୍ଡରେ ଚିହ୍ନଟ କରିପାରିବ। ତେବେ ରାଗ ଓ ମସଲା ପ୍ରତି ଯେଉଁମାନେ ଅଧିକ ସମ୍ବେଦନଶୀଳ, ସେମାନଙ୍କ ଲାଗି ଏହା ଉପକାରୀ ସାବ୍ୟସ୍ତ ହୋଇପାରେ। ଏହାସହ ସ୍ୱାଦ ବାରିବାରେ ଦୁର୍ବଳ ଲୋକେ ବି କୃତ୍ରିମ ଜିଭ ଦ୍ୱାରା ଉପକୃତ ହେବା କୁହାଯାଉଛି। ସେହିପରି ଏହି ଟେକ୍ନିକ୍ ଭବିଷ୍ୟତରେ ରୋବଟ୍, ଫୁଡ୍ ଟେଷ୍ଟିଂ ଡିଭାଇସ୍ ଏବଂ ସ୍ୱାଦ ସମ୍ବନ୍ଧିତ ପୀଡ଼ିତ ରୋଗୀଙ୍କ ପାଇଁ ସଫଳ ସାବ୍ୟସ୍ତ ହେବ। ତେବେ କୃତ୍ରିମ ଜିଭର ଡିଜାଇନ୍ କ୍ଷୀରରେ ମିଳୁଥିବା କେସିନ୍ ପ୍ରୋଟିନ୍‌ରୁ ପ୍ରେରିତ। କେସିନ୍ ହେଉଛି ସେହି ପ୍ରୋଟିନ୍, ଯାହା କ୍ୟାପସାଇସିନ୍ ଅର୍ଥାତ୍ ଲଙ୍କାରେ ରାଗ ପଣ ଆଣୁଥିବା ତତ୍ତ୍ୱକୁ ନିଷ୍କ୍ରିୟ କରିଥାଏ। ସେହିପରି ରାଗ ଅଧିକ ଲାଗିଲେ, କ୍ଷୀର ପିଇଲେ ଆଶ୍ୱସ୍ତି ମିଳେ। ଏହି ବିଜ୍ଞାନ ହିଁ ଏବେ କୃତ୍ରିମ ଜିଭର ଆଧାର ହୋଇଛି। ବୈଜ୍ଞାନିକମାନେ ଏକ୍ରିଲିକ୍ ଏସିଡ୍, କୋଲିନ କ୍ଲୋରାଇଡ୍ ଏବଂ ସ୍କିମ୍‌ଡ ମିଲ୍କ ପାଉଡରକୁ ମିଶାଇ ଜେଲ ଭଳି ଏକ ପତଳା ପାରଦର୍ଶୀ ଆସ୍ତରଣ ତିଆରି କରିଥିଲେ। ଏହାକୁ ୟୁଭି ଲାଇଟ୍ ବା ଅତିବାଇଗଣୀ ରଶ୍ମିରେ ରଖିଲେ। ଏହାଦ୍ୱାରା ଏହା ନମନୀୟ ଏବଂ ହାଲୁକା ଅସ୍ୱଚ୍ଛ ପଦାର୍ଥରେ ପରିଣତ ହେଲା। ସେହିପରି ଏହି ଜେଲ୍ ବିଦ୍ୟୁତ୍ ପ୍ରବାହକୁ ପ୍ରବାହିତ କରିପାରେ। ତେବେ ଏହା ଯେତେବେଳେ କ୍ୟାପ୍‌ସାଇସିନ୍ କିମ୍ବା କୌଣସି ରାଗ ଜିନିଷ ସଂସ୍ପର୍ଶରେ ଆସେ ଏହି ଧାରାରେ ପରିବର୍ତ୍ତନ ଦେଖାଯାଏ। ଏହି ପରିବର୍ତ୍ତନ କୃତ୍ରିମ ଜିଭକୁ ଖାଦ୍ୟଟି କେତେ ରାଗ କିମ୍ବା ମସଲାଯୁକ୍ତ ବୋଲି ଜଣାଇଥାଏ। ବୈଜ୍ଞାନିକମାନେ ଏହି ପରୀକ୍ଷଣ ଆଠ ପ୍ରକାର ଲଙ୍କା ଏବଂ ଆଠ ପ୍ରକାର ମସଲା ବ୍ୟଞ୍ଜନ ଉପରେ କରିଛନ୍ତି। ଏଥିରୁ ଜଣାପଡ଼ିଲା କ୍ୟାପ୍‌ସାଇସିନ୍‌କୁ ଏହି ଆସ୍ତରଣ ଉପରେ ରଖିବା ଦ୍ୱାରା କେବଳ ୧୦ ସେକେଣ୍ଡରେ ହିଁ ବିଦ୍ୟୁତ୍ ପ୍ରବାହରେ ପରିବର୍ତ୍ତନ ଆସିଛି। ଏଥିରୁ ସ୍ପଷ୍ଟ ହେଲା ଯେ, କୃତ୍ରିମ ଜିଭ ମସଲା ସ୍ତର ଜାଣିବାକୁ ସକ୍ଷମ। ଅନ୍ୟପକ୍ଷରେ ଏହି କୃତ୍ରିମ ଜିଭ କମ୍ ରାଗ, ମସଲା ଠୁ ଆରମ୍ଭ କରି ଅଧିକ ରାଗୁଆ ଭଳି ଦୁଇଟି ସ୍ତରକୁ ବାରିପାରେ।

# ଆସିବ 'ଦବଙ୍ଗ ୪'



ବଲିଉଡ୍‌ର ଦବଙ୍ଗ ଖାନ୍ ସଲମାନ୍ ଶେଷ ଥର ପାଇଁ 'ସିକନ୍ଦର' ଫିଲ୍ମରେ ନଜର ଆସିଥିଲେ। ଏହା କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। ସଲମାନ୍ ଏଥିପାଇଁ ତାଙ୍କ ଆଗାମୀ ଫିଲ୍ମ 'ବ୍ୟାଟଲ୍ ଅଫ୍ ଗଲୱାନ୍' ଉପରେ ଅଧିକ ଧ୍ୟାନ ଦେଉଛନ୍ତି। ଅପୂର୍ବ ଲାଖିଆଙ୍କ ଏହି ଫିଲ୍ମରେ ସଲମାନ୍ ସୈନିକ ଭାବେ ଦେଖାଯିବେ। ଫିଲ୍ମର ପ୍ରଥମ ସିଡ୍ୟୁଲର ସୁଟିଂ ଲଦାଖରେ ସରିଯାଇଛି। ଇତିମଧ୍ୟରେ 'ଦବଙ୍ଗ ୪'କୁ ନେଇ ଖବର ଆସିଛି। ୨୦୧୦ ମସିହାରେ ସଲମାନ୍‌ଙ୍କ ଫିଲ୍ମ 'ଦବଙ୍ଗ' ଆସିଥିଲା। ୨୦୧୨ ମସିହାରେ ଏହାର ଦ୍ୱିତୀୟ ପାର୍ଟ ଓ ୨୦୧୯ରେ ତୃତୀୟ ପାର୍ଟ ଆସିଥିଲା। ଏବେ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମ ଆସିବ। ନିକଟରେ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷାତକାରେ ଅରବାଜ୍ ଖାନ୍ କହିଛନ୍ତି ଯେ, 'ଦବଙ୍ଗ ୪' ଆସିବ। ସଲମାନ୍ ଭାଇଙ୍କ ସହ ଆଲୋଚନା କରିବା ପରେ ହିଁ ଏହା କେବେ ଆସିବ ବୋଲି ସ୍ଥିର କରାଯାଇ ପାରିବ। ଏହା କେବେ ଆସିବ ତ ମୁଁ ଜାଣି ନାହିଁ, କିନ୍ତୁ ଯେବେବି ଆସିବ ଦେଖିଲା ଭଳି ହେବ।' ତେବେ ଚୁଲ୍‌ବୁଲ୍ ପାଣ୍ଡେ ଭୂମିକାରେ ପୁଣିଥରେ ସଲମାନ୍ ପରଦାକୁ ଫେରୁଥିବା ଜାଣି ତାଙ୍କ ପ୍ରଶଂସକମାନେ ବେଶ୍ ଉତ୍ସାହିତ ଅଛନ୍ତି।

## ପ୍ରହେଳିକା



- ଏମିତି ଅଟଇ ପୂଜାଟି ସିଏ
  ଗୁରୁବାର ଦିନ ପାଳିତ ହୁଏ
  ମଗୁଶୁର ମାସ ଗୁରୁବାରରେ
  ପାଳନ ହୁଅଇ ଆଡ଼ମ୍ବରରେ
  ଝୋଟିଚିତାରେ ସୁନ୍ଦର ଦିଶେ
  ଚନ୍ଦନ କର୍ପୂର ମହକି ବାସେ
  ଓଡ଼ିଆଙ୍କ ମୁଖ୍ୟ ପୂଜାଟି ସିଏ
  ନାମଟି ତାହାର କହିବ କିଏ?

  ଉ-ଲକ୍ଷ୍ମୀପୂଜା(ମାଣବସା)

- ଲକ୍ଷ୍ମୀପୁରାଣର ମୁଖ୍ୟ ଚରିତ୍ର ସିଏ
  ପୂଜୁଥିଲେ ଦେବୀ ଲକ୍ଷ୍ମୀଙ୍କୁ ଯିଏ
  ଯାହାଙ୍କ ପୂଜାରେ ଦେବୀ ସନ୍ତୁଷ୍ଟ ହୋଇ
  ପାଦେ ଦେଇଥିଲେ ତାଙ୍କ ଘରରେ ଯାଇ
  ଯାହାଙ୍କ ପାଇଁ ହେଲା ଦେଉଳ ମନା
  ଲକ୍ଷ୍ମୀପୁରାଣରେ ହେଲା ତାଙ୍କ ବର୍ଣ୍ଣନା
  ଯିଏ ଶୁଣିଅଛି ସେହି କାହାଣୀ
  ନାମଟି ତାଙ୍କର ଦିଅ ବଖାଣି?

  ଉ- ଶ୍ରୀୟା ଚଣ୍ଡାଳୁଣୀ

- ଏମିତି ଅଟଇ ପବିତ୍ର ସିଏ
  ଛୁଇଁଦେଲେ ଯାଗା ପବିତ୍ର ହୁଏ
  ମାଟିର କାନ୍ଥରେ ଲିପନ୍ତି ନେଇ
  ଦାଣ୍ଡରେ ଛିଞ୍ଚନ୍ତି ପବିତ୍ର ପାଇଁ
  ସେହି ଦରବଟି ଗୋମାତା ଦିଏ
  ନାମଟି ତାହାର କହିବ କିଏ?

  ଉ-ଗୋବର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫


## ଶୀତ ସକାଳ



ସନ୍ତୋଷ କୁମାର ଅଦାବର

ଶୀତ ସକାଳଟି ଲାଗେ ଭାରି ଭଲ
ଆଳସ୍ୟକୁ ଦେଲେ ଛାଡ଼ି
ଶୀତ ଶୀତ ବୋଲି ଘୋଡ଼େଇ ଶୋଇଲେ
ଶୀତ ଧରିଥାଏ ମାଡ଼ି।
ଭୋରରୁ ଉଠିକି ଶଯ୍ୟାତ୍ୟାଗ କରି
ସକାଳୁଆ ବୁଲା କଲେ
ଶୀତ ଡରି ଯାଇ ପଳାଏ ଦୂରକୁ
ନ ଡର ଶୀତକୁ ପିଲେ।
କଅଁଳ କିରଣ ଦେହରେ ପଡ଼ିଲେ
ରୋଗ ହୋଇଯାଏ ଦୂର
ବ୍ୟାୟାମ କରିକି ସକାଳ ଶୀତରେ
ସୁସ୍ଥ ରଖିବା ଶରୀର।
ଶୀତୁଆ ସକାଳେ ଭଲ ଲାଗେ ସତେ
ନିଆଁ ପୋଇବାକୁ ଭାଇ
ସତର୍କ ହୋଇ ନିଆଁ ପୋଇବା ଯଦି
ଭୟ ହିଁ ଲାଗିବ ନାହିଁ।
ଟୋପା ଟୋପା ହୋଇ କାକର ବୁନ୍ଦାରେ
ଫୁଲର ପାଖୁଡ଼ା ହସେ
ପତର ଉପରେ ଶିଶିର ପଡ଼ିକି
ମୁକୁତା ପରିକା ଦିଶେ।■

ବୀରମହାରାଜପୁର, ସୁବର୍ଣ୍ଣପୁର
ମୋ- ୯୭୭୭୯୧୦୭୨୮



## ଟିକି ଚଢ଼େଇ



ନଳିନୀ ଦାଶ

ଟିକି ଚଢ଼େଇ ମୁଁ ଟିକି ଚଢ଼େଇ
ଗଛରେ ଦେଇଛି ବସା ଗଢ଼େଇ
ଯାଉଅଛି ନୀଳ ଆକାଶେ ଉଡ଼ି
ଗୀତ ଗାଇ ଦୁଇ ଡେଣାକୁ ଝାଡ଼ି।
ଦୁଃଖ ଟିକେ ନାହିଁ ମୋର ମନରେ
ଖୁସିରେ ନିତି ମୁଁ ଆକାଶେ ଘୁରେ
ସ୍ୱାଧୀନ ଭାବରେ ବଞ୍ଚେ ଜୀବନ
ହେବିନାହିଁ କେବେ ମୁଁ ପରାଧୀନ।
ଖାଦ୍ୟ ଖୋଜି ଆଣେ ଟିକି ଥଣ୍ଟରେ
କେତେ ଦାଉ ସହି ବାଟ ଘାଟରେ
ପ୍ରତିଦିନ ଆମେ ଲାଗୁ କାମରେ
ସଞ୍ଚି ରଖୁ ଖାଦ୍ୟ ଖାଉ ଖୁସିରେ।
ଆମ ପରି ପିଲେ ହେବ ଚଞ୍ଚଳ
ଉଠୁଥିବ ତୁମେ ନିତି ସଅଳ
ନିଜ କାମ ତୁମେ ନିଜେ କରିବ
ଅଳସ ପଣକୁ ଆଗ ଛାଡ଼ିବ।
ମୋ ପରି ପିଲାଏ ହେବ ସ୍ୱାଧୀନ
ହେବ ନାହିଁ କେବେ କାହା ଅଧୀନ
ଭଲପାଠ ପଢ଼ି ଗଢ଼ିବ ଦେଶ
ଉଡୁଥିବ ଦେଶେ ଗୌରବ ଯଶ।■


ଭିକାରିପଡ଼ା, ନୟାଗଡ଼।

## ସୁମନ

# ଧୈର୍ଯ୍ୟର ଶକ୍ତି



ନରେନ୍ଦ୍ର ନାଥ ପଟ୍ଟନାୟକ



ଗୋଟିଏ ଜଙ୍ଗଲରେ ଦୁଇଟି ଠେକୁଆ ରହୁଥାନ୍ତି। ଚିକୁ ଆଉ ମିକୁ। ଦୁହେଁ ଭାରି ସାଙ୍ଗ। ଦୁହେଁଯାକ ମିଳିମିଶି ଖେଳକୁଦ, ଡିଆଁଡେଇଁ କରନ୍ତି। ଦୁଇସାଙ୍ଗ ମିଳିମିଶି ଗାଜର ଖାଆନ୍ତି। ଦିନକର କଥା, ଚିକୁ କହିଲା; ମିକୁ ଚାଲ ସେ ବଡ଼ ଝରଣାଟି ଆଡ଼େ ଯାଇ ବୁଲି ଆସିବା। ମତେ ଖୁବ୍ ଭୋକ ଲାଗିଲାଣି। ସେଇ ଝରଣା ପାରି ହେଇ ସେଠିକାର ମିଠା ଗାଜର ଖାଇବା। ତା'ପରେ ମିକୁ କହିଲା: ଆରେ! ରାସ୍ତାଟା ତ ଖୁବ୍ ଲମ୍ବା; ଟିକେ ଆସ୍ତେ ଆସ୍ତେ ଚାଲିଲେ ମଜା ଆସିବ। ଚିକୁ ସଦାବେଳେ ବେଗିବେଗି ଚାଲୁଥାଏ। ତେଣୁ ସେ କହିଲା; ମୁଁ ତ ଦଉଡ଼ିଯାଇ ଆଗେ ପହଞ୍ଚିଯିବି। ତେଣୁ ସେ ଚଟାପଟ୍ ଧାଇଁଗଲା। ବାଟରେ ଲତାବୁଦା, ଝାଟିଆ ପଛରେ ଯେ ଗାତଟିଏ ଅଛି ସେ ଆଡ଼ିକି ଚିକୁ ଠେକୁଆର ନଜର ନ ଥାଏ। ସେ ଆଗକୁ କୁଦି ପଡ଼ିଲାବେଳେ ଗାତରେ ଦାଲୁକିନା ଗଳିପଡ଼ିଲା। ଟିକିଏ ପରେ ମିକୁ ପହଞ୍ଚିଲା ସେଠି। ସେ ଜୁଳୁଜୁଳୁ ଆଖିରେ ଦେଖେତ, ମିକୁ ଠେକୁଆ ଗାତରେ ଫସିଯାଇଚି। ମିକୁ ବାଡ଼ି ଖଣ୍ଡିକରେ ଲତାଟିଏ ଯୋଡ଼ି ଗାତରେ ପୂରାଇଲା। ଆଉ, ଚିକୁ ସେଇ ବାଡ଼ିର ସାହାରା ନେଇ ଭିତରୁ ପଦାକୁ ବାହାରି ଆସିଲା। ଚିକୁ ଲାଜ ସରମରେ ଜଡ଼ସଡ଼ ହେଇ କହିଲା: ସାଙ୍ଗ, ମତେ କ୍ଷମା କରିଦେ; ମୁଁ ସଦାବେଳେ ତରତର ହେଲାରୁ ଏ ଦଶା ଭୋଗିଲି, ମୁଁ ତ ହରବର ହୋଇ କାମକରେ; କାମ ପ୍ରତି ମୋର ମୋଟେ ଧ୍ୟାନ ନ ଥାଏ। ମିକୁ ଠେକୁଆ ମୁରୁକି ମୁରୁକି ହସି କହିଲା- ଏଥିରେ କିଛି କଥା ନାଇଁ। ଧୀରେ ଚାଲିବା ବି ଦୂରଦୃଷ୍ଟିର ପରିଚୟ। କାରଣ- ଯେ ବୁଝି ବିଚାରି ଚାଲେ, ସେ ନିରାପଦରେ ପହଞ୍ଚିଯାଏ।


ନୀତିଶିକ୍ଷା- ଚଞ୍ଚଳତା ସଦାବେଳେ ଠିକଣା ରାସ୍ତାରେ ନେଇଯାଏନା। ବୁଝିବିଚାରି ଧୈର୍ଯ୍ୟର ସହ କାମ କରିନେବା ପ୍ରକୃତରେ ବୁଦ୍ଧିମତାର ପରିଚୟ।■

ଓସ୍କାର ସିଟି, ଲକ୍ଷ୍ମୀସାଗର କେନାଲ ରୋଡ୍, ଭୁବନେଶ୍ୱର
ମୋ- ୯୪୩୮୩୩୨୧୩୮






ଅଂଶୁମାନ ସାହୁ
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର, ଢେଙ୍କାନାଳ





ଦମୟନ୍ତୀ ଟୁଡୁ
ଚତୁର୍ଥ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ





ଅଦ୍ୱିତା ବିଶ୍ୱାଳ
ଚତୁର୍ଥ ଶ୍ରେଣୀ
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





ମାନସ ରଞ୍ଜନ ଆଚାର୍ଯ୍ୟ
ପଞ୍ଚମ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ପୋଖରୀପୁଟ, ଭୁବନେଶ୍ୱର

### ଆଜିଠାରୁ ଭାରତ-ଦକ୍ଷିଣ ଆଫ୍ରିକା ଦ୍ୱିତୀୟ ଟେଷ୍ଟ

# ଗିଲ୍ ଖେଳିବେନି, ପନ୍ତ୍ ନେବେ ନେତୃତ୍ୱ

ଗୌହାଟି,୨୧।୧୧(ଏଜେନ୍ସି)

ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଚାଲିଥିବା ଟେଷ୍ଟ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଆସନ୍ତାକାଲି ସ୍ଥାନୀୟ ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଖେଳାଯିବ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଆହତ ହୋଇଥିବା ଅଧିନାୟକ ଶୁବମନ ଗିଲ (ନେକ୍ ସ୍ୱାଜମ୍) ଆହତ ହୋଇଥିବାରୁ ଏଠାରେ ଦ୍ୱିତୀୟ ଟେଷ୍ଟ ଖେଳିବେ ନାହିଁ। ଏହା ଫଳରେ ତାଙ୍କ ସ୍ଥାନରେ ଉପଅଧିନାୟକ ଋଷଭ ପନ୍ତ ଦଳର ନେତୃତ୍ୱ ନେବେ। କୋଲକାତାରେ ଖେଳାଯାଇଥିବା ପ୍ରଥମ ଟେଷ୍ଟରେ ଭାରତ ୩୦ ରନ୍‌ରେ ପରାଜିତ ହୋଇଥିଲା। ଏହା ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରେ ଦକ୍ଷିଣ ଆଫ୍ରିକା ୧-୦ରେ ଆଗୁଆ ରହିଛି। ଏଠାରେ ଯଦି ଦଳ ପରାଜୟ ବରଣ କରେ ତେବେ ଗୌତମ ଗମ୍ଭୀରଙ୍କ ତତ୍ତ୍ୱବଧାନରେ ଭାରତୀୟ ଦଳ ଘରୋଇ ମାଟିରେ ଦ୍ୱିତୀୟ ଥର ଲାଗି ସିରିଜ୍ ସୁଇପ୍ ବରଣ କରିବ। ଏଣୁ ଏହି ମ୍ୟାଚ୍ ଭାରତ ଲାଗି କର ଅବା ମରସ୍ଥିତି ସୃଷ୍ଟି କରିଛି। ଏହି ଟେଷ୍ଟ ଅଧଘଣ୍ଟା ଅର୍ଥାତ ସକାଳ ୯ଟାରୁ ଆରମ୍ଭ ହେଉଥିବାରୁ ପ୍ରଥମେ ଚା'ପାନ ବିରତି ଓ ପରେ ମଧ୍ୟାହ୍ନ ଭୋଜନ ବିରତି ହେବ।

ଗିଲ୍‌ଙ୍କ ଅନୁପସ୍ଥିତିରେ ପନ୍ତ୍ ଭାରତୀୟ ଦଳର ନେତୃତ୍ୱ ନେବେ। ଘରୋଇ ଦଳର ଚୂଡାନ୍ତ ଏକାଦଶ ଘୋଷଣା ହୋଇ ନ ଥିଲେ ମଧ୍ୟ କୋଲକାତାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ଭଲ ଖେଳି ନ ଥିବା ଅକ୍ଷର ପଟେଲଙ୍କୁ ବାଦ୍ ଦେବାର ଯଥେଷ୍ଟ ସମ୍ଭାବନା ରହିଛି। ବିଶେଷ କରି ଦକ୍ଷିଣ ଆଫ୍ରିକା ସ୍ପିନରଙ୍କୁ ଉଚିତ ମୁକାବିଲା କରିବା ଲାଗି ଦଳ ଦୁଇ ଜଣ ବ୍ୟାଟର ଯଥା ନଂ-୩ରେ ବି ସାଇ ସୁଦର୍ଶନ ଓ ବ୍ୟାଟିଂ ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏମାନଙ୍କ ବ୍ୟତୀତ ପିଚ୍‌କୁ ଦେଖି ଦଳରେ କିଛି ପରିବର୍ତ୍ତନ କରାଯିବାର ସମ୍ଭାବନାକୁ ଏଡ଼ାଇ ଦେଇହେବ ନାହିଁ। ଭାରତ ଏପରି ସ୍ଥିତିରେ ଅଛି ଯେ ଆଗୁଆ ନିଷ୍ପତ୍ତି ନେବାରେ ସମର୍ଥ ହୋଇପାରୁ ନାହିଁ। ବ୍ୟାଟିଂ ହେଉ କିମ୍ବା ବୋଲିଂ ସବୁଥିରେ ଦକ୍ଷିଣ ଆଫ୍ରିକାକୁ ମୁକାବିଲା କରିବାରେ ଭାରତ ଲାଗି କଷ୍ଟକର ହୋଇଛି। ଏଣୁ ଭ୍ରମଣକାରୀ ଦଳକୁ କିପରି ମୁକାବିଲା କରିବ ତାହା ଏବେ ଦଳ ଲାଗି ଚିନ୍ତାର କାରଣ ପାଲଟିଛି।

ଅନ୍ୟ ପକ୍ଷରେ ଭ୍ରମଣକାରୀ ଦଳର ଦୁଇ ଟପ୍ ବୋଲର କାଗିସୋ ରାବାଡା ଖେଳୁ ନ ଥିଲାବେଳେ କେଶବ ମହାରାଜ ବିଫଳ ହୋଇଥିଲେ। ଏହା ସତ୍ତ୍ୱେ ଫାଷ୍ଟ ବୋଲର ମାର୍କୋ ଜାନ୍‌ସେନ୍ ଓ ସାଇମନ୍ ହାର୍ମରଙ୍କ ବିପଜ୍ଜନକ ବୋଲିଂ ବଳରେ ଦୀର୍ଘ ୩ ଦଶନ୍ଧି ମଧ୍ୟରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ପ୍ରଥମ ଟେଷ୍ଟ ବିଜୟ ହାସଲ କରିଥିଲା। କୋଲକାତା ଟେଷ୍ଟରେ ଅଲ୍‌ରାଉଣ୍ଡର ୱିଆନ୍ ମୁଲ୍ଡରଙ୍କୁ ବାଦ୍ ଦେଲେ ଅନ୍ୟ ସମସ୍ତ ଖେଳାଳିଙ୍କ ଯୋଗଦାନ କିଛି ନା କିଛି ରହିଥିଲା। କ୍ରମାଗତ ମ୍ୟାଚ୍ ଖେଳିଲାବେଳେ ଦଳଗୁଡିକ ବିଜୟୀ ହୋଇଥିବା ଏକାଦଶ ଖେଳାଳିଙ୍କୁ ପରିବର୍ତ୍ତନ କରି ନ ଥାନ୍ତି। ଦଳ ଯଦି ପ୍ରଭାବହୀନ ମୁଲ୍ଡରଙ୍କୁ ପରିବର୍ତ୍ତନ କରେ ତେବେ ତାଙ୍କ ସ୍ଥାନରେ ସ୍ପିନ୍ ଅଲରାଉଣ୍ଡର ସେନୁରନ୍ ମୁଥୁସ୍ୱାମୀ କିମ୍ବା ସ୍ପେଶାଲିଷ୍ଟ ବ୍ୟାଟର ଡିୱାଲ୍ଡ ବ୍ରେଭିସ୍‌ଙ୍କୁ ଖେଳାଇପାରେ। ଅନ୍ୟ କିଛି ପରିବର୍ତ୍ତନର ଆଶା କମ୍।

ଭାରତ ଗତ ୧୮ଟି ଟେଷ୍ଟରେ ନଂ-୩ରେ ୭ଜଣ ଖେଳାଳିଙ୍କୁ ଖେଳିବାକୁ ସୁଯୋଗ ଦେଇଛି। ଏହି ପୋଜିସନରେ ଗୌତମ ଗମ୍ଭୀର ସ୍ଥିର ନିଷ୍ପତ୍ତି ନେଇ ପାରୁ ନାହାନ୍ତି। ସେହିପରି ତାଙ୍କ କୋଚିଂ ସମୟରେ ପନ୍ତ୍‌ଙ୍କୁ ମିଶାଇ ୪ଜଣ ଖେଳାଳି ଦଳର ନେତୃତ୍ୱ ନେବାକୁ ଯାଉଛନ୍ତି। ଆଉ ଏକ ଘଟଣା ହେଲା ଏଠାରେ ପ୍ରଥମଥର ଟେଷ୍ଟ ମ୍ୟାଚ୍ ଖେଳାଯାଉଛି। ଏଣୁ ପିଚ୍ କିପରି ପ୍ରଦର୍ଶନ କରିବ ତାହା କେହି ଜାଣି ନାହାନ୍ତି। ଏଭଳି ସ୍ଥିତିରେ ଭାରତ ଘରୋଇ ମାଟିରେ ରକ୍ଷଣାତ୍ମକ ଖେଳିବାକୁ ବାଧ୍ୟ ହୋଇଛି।



**ଖେଳ ଆରମ୍ଭ: ସକାଳ ୯ଟା**
**ସିଧା ପ୍ରସାରଣ: ଷ୍ଟାରସ୍ପୋର୍ଟ୍ସ ନେଟ୍‌ୱର୍କ**
**ଲାଇଭ୍ ଷ୍ଟ୍ରିମିଂ: ଜିଓହଟ୍‌ଷ୍ଟାର**

## ଦିନିକିଆରେ ମଧ୍ୟ ବଭୁମାଙ୍କୁ ନେତୃତ୍ୱ

ଜୋହାନ୍ସବର୍ଗ,୨୧।୧୧(ଏଜେନ୍ସି): ଟେଷ୍ଟ ଅଧିନାୟକ ତେମ୍ବା ବଭୂମାଙ୍କୁ ଭାରତ ସହ ଖେଳାଯିବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ଦିଆଯାଇଛି। କିନ୍ତୁ ଆହତ ହୋଇଥିବା କାଗିସୋ ରାବାଡାଙ୍କୁ ଦଳରୁ ବାଦ୍ ଦିଆଯାଇଛି। ଦିନିକିଆ ସିରିଜ୍‌ର ପ୍ରଥମ ମ୍ୟାଚ୍ ରାଞ୍ଚିରେ ନଭେମ୍ବର ୩୦, ରାୟପୁରରେ ଡିସେମ୍ବର ୩ ଓ ବିଶାଖାପାଟଣାରେ ଡିସେମ୍ବର ୬ରେ ଖେଳାଯିବ।

**ଦିନିକିଆ ଦଳ**: ତେମ୍ବା ବଭୁମା (ଅଧିନାୟକ), ଓଟ୍ଟନେଲ ବାର୍ଟମ୍ୟାନ୍, କର୍ବିନ ବୋଶ୍, ମାଥ୍ୟୁ ବ୍ରିଜ୍‌କେ, ଡିୱାଲ୍ଡ ବ୍ରେଭିସ୍, ନାନ୍ଦ୍ରେ ବର୍ଜର, କ୍ୱିଣ୍ଟନ ଡି କକ୍, କେଶବ ମହାରାଜ, ଟୋନି ଡି ଜୋର୍ଜି, ରୁବିନ ହର୍ମାନ୍, ମାର୍କୋ ଜାନ୍‌ସେନ୍, ଆଇଡେନ୍ ମାରକ୍ରମ, ଲୁଙ୍ଗି ଏନ୍‌ଗିଡି, ରିୟାନ ରିକେଲଟନ, ପ୍ରେନ୍‌ଲାନ୍ ସୁବ୍ରାୟେନ୍।

### ମାରକ୍ରମ ଟି-୨୦ ଅଧିନାୟକ

ଦିନିକିଆ ସିରିଜ୍ ପରେ ଉଭୟ ଦେଶ ମଧ୍ୟରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଖେଳାଯିବ। ଏହି ସିରିଜ୍‌ରେ ଆଇଡେନ୍ ମାର୍କରାମ ଦକ୍ଷିଣ ଆଫ୍ରିକା ଦଳର ନେତୃତ୍ୱ ନେବେ। ସିରିଜ୍‌ର ପ୍ରଥମ ମ୍ୟାଚ୍ ଡିସେମ୍ବର ୯ରେ କଟକ, ଦ୍ୱିତୀୟ ମ୍ୟାଚ୍ ଡିସେମ୍ବର ୧୧ରେ ମୋହାଲିର ମୁଲାନପୁର, ତୃତୀୟ ମ୍ୟାଚ୍ ଡିସେମ୍ବର ୧୪ରେ ଧର୍ମଶାଳା, ଚତୁର୍ଥ ମ୍ୟାଚ୍ ଡିସେମ୍ବର ୧୭ରେ ଲକ୍ଷ୍ନୌ ଡିସେମ୍ବର ୧୯ରେ ୫ମ ତଥା ଶେଷ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଖେଳାଯିବ।

**ଟି-୨୦ ଦଳ** : ଆଇଡେନ୍ ମାରକ୍ରମ (ଅଧିନାୟକ), ରୀଜା ହେଣ୍ଡ୍ରିକ୍ସ, ଡିୱାଲ୍ଡ ବ୍ରେଭିସ୍, ଟ୍ରିଷ୍ଟାନ ଷ୍ଟବ୍ସ, କ୍ୱିଣ୍ଟନ ଡି କକ୍, ଟୋନି ଡି ଜୋର୍ଜି, ଡେଭିଡ୍ ମିଲର, ଡୋନୋଭାନ ଫେରେରା, କର୍ବିନ ବୋଶ୍, ମାର୍କୋ ଜାନ୍‌ସେନ୍, ଜର୍ଜ ଲିଣ୍ଡେ, କ୍ୱେନା ମାଫକା, ଲୁଙ୍ଗି ଏନ୍‌ଗିଡି, ଓଟ୍ଟନେଲ ବାର୍ଟମ୍ୟାନ୍, ଆନ୍‌ରିଚ୍ ନୋର୍ଜେ ଓ କେଶବ ମହାରାଜ।

### ବାରବାଟୀରେ ଟି-୨୦ ମୁକାବିଲା

# ଗ୍ୟାଲେରୀରେ ରହିବ ପାଥ୍-ୱେ



**ସିଟ୍ କମିଲା ଅଢ଼େଇ ହଜାର**
**ନବୀକରଣ କାର୍ଯ୍ୟ ଅନୁଧ୍ୟାନ କଲେ ଆଇଆଇଟି ଟିମ୍**

କଟକ,୨୧।୧୧(ସମିସ): ପ୍ରତି ଗ୍ୟାଲେରୀରେ ତିନୋଟି ଲେଖାଏ ପାଥ୍-ୱେ ନିର୍ମାଣ କରାଯାଉଛି। ଗ୍ୟାଲେରୀରେ ପ୍ରବେଶ ଓ ପ୍ରସ୍ଥାନ ନିମନ୍ତେ ସ୍ୱତନ୍ତ୍ର ରାସ୍ତା ଥିଲେ ମଧ୍ୟ ପାଥ-ୱେ ଜରିଆରେ ଦର୍ଶକ ମ୍ୟାଚ୍ ଚାଲିଥିବା ବେଳେ ଯାତାୟତ କରିପାରିବେ। ଏହି ରାସ୍ତା ଜରୁରୀକାଳୀନ ସମୟରେ ମଧ୍ୟ ଉପଯୋଗ କରାଯିବ। ବାରବାଟୀ ଷ୍ଟାଡିୟମରେ ଏଭଳି ବ୍ୟବସ୍ଥା ପ୍ରଥମଥର ହୋଇଛି ବୋଲି ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ) ପକ୍ଷରୁ ସୂଚନା ଦିଆଯାଇଛି। ବିଭିନ୍ନ ଗ୍ୟାଲେରୀର ନବୀକରଣ କାର୍ଯ୍ୟ ଶେଷ ହୋଇଥିବା ବେଳେ ଆଜି ଭୁବନେଶ୍ୱର ଆଇଆଇଟି ସିଭିଲ୍ ବିଭାଗର ୮ଜଣିଆ ପ୍ରତିନିଧି ଦଳ ବାରବାଟୀ ଷ୍ଟାଡିୟମ ଅନୁଧ୍ୟାନ କରି ଫେରିଛନ୍ତି। ଅନ୍ୟପକ୍ଷରେ ନବୀକରଣ କାର୍ଯ୍ୟ ପରେ ବାରବାଟୀରେ ସିଟ୍ ସଂଖ୍ୟା ପ୍ରାୟ ଅଢ଼େଇ ହଜାର କମିବ ବୋଲି ଓସିଏର କନସଲଣ୍ଟାଣ୍ଟ ବିଷ୍ଣୁପ୍ରସାଦ ମହାପାତ୍ର କହିଛନ୍ତି। ପ୍ରକାଶଥାଉକି, ଆଉ ୧୭ ଦିନ ପରେ ବାରବାଟୀରେ ଭାରତ-ଦକ୍ଷିଣଆଫ୍ରିକା ବିପକ୍ଷ ଟି-୨୦ ମୁକାବିଲା ହେବ। ଏହି ପରିପ୍ରେକ୍ଷୀରେ ଓସିଏ ପକ୍ଷରୁ ପ୍ରସ୍ତୁତି ଯୁଦ୍ଧକାଳୀନ ଭିତ୍ତିରେ ଆଗେଇ ଚାଲିଛି। ୧୯ ଇଞ୍ଚ ବିଶିଷ୍ଟ ସିମେଣ୍ଟ ସିଟ୍‌କୁ ଚଉଡା କରାଯାଇ ୨୨ ଇଞ୍ଚ କରାଯାଇଛି। ୭ଟି ଯାକ ଗ୍ୟାଲେରୀରେ ଏହି ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ଓସିଏ ଅନୁରୋଧକ୍ରମେ ଆଇଆଇଟି ପ୍ରତିନିଧି ଆଜି ଷ୍ଟାଡିୟମ ଅନୁଧ୍ୟାନ କରି ସ୍ଥିତାବସ୍ଥା ତଦାରଖ କରିବା ପରେ ସନ୍ତୋଷ ବ୍ୟକ୍ତ କରିଥିଲେ। ଷ୍ଟାଡିୟମର ଫିଟ୍‌ନେସ୍ ରିପୋର୍ଟ ଏହି ଟିମ୍ ପ୍ରସ୍ତୁତ କରିବ। ଡିସେମ୍ବର ୬ ତାରିଖ ସୁଦ୍ଧା ଫିଟନେସ୍ ରିପୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଦାନ କରାଯିବ।

### ରାଇଜିଂ ଷ୍ଟାର୍ସ ଏସିଆ କପ୍‌ରୁ ଭାରତ, ଶ୍ରୀଲଙ୍କା ବିଦା

# ଫାଇନାଲରେ ବାଂଲାଦେଶ ବନାମ ପାକିସ୍ତାନ

ଦୋହା, ୨୧।୧୧(ଏଜେନ୍ସି): ବାଂଲାଦେଶ-ଏ ଓ ପାକିସ୍ତାନ ସାହୀନ୍ସ ମଧ୍ୟରେ ୨୦୨୫ ରାଇଜିଂ ଷ୍ଟାର୍ସ ଏସିଆ କପ୍ କ୍ରିକେଟ ଫାଇନାଲ ରବିବାର ଖେଳାଯିବ। ଆଜି ଏଠାରେ ଅନୁଷ୍ଠିତ ସେମିରେ ଶ୍ରୀଲଙ୍କା-ଏ'କୁ ୫ ରନ୍‌ରେ ପାକିସ୍ତାନ ଓ ଭାରତ-ଏ'କୁ ସୁପର ଓଭରରେ ବାଂଲାଦେଶ-ଏ' ପରାସ୍ତ କରି ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତ ଓ ବାଂଲାଦେଶ ମଧ୍ୟରେ ଖେଳାଯାଇଥିବା ପ୍ରଥମ ସେମିଫାଇନାଲରେ ଉଭୟ ଦଳ ନିର୍ଦ୍ଧାରିତ ୨୦ ଓଭରରେ ସମାନ ସ୍କୋର ୬ ୱିକେଟରେ ୧୯୪ ରନ୍ ଲେଖାଏଁ କରିଥିଲେ। ମ୍ୟାଚ୍‌ର ଫଳାଫଳ ଲାଗି ସୁପର ଓଭରର ସହାୟତା ନିଆଯାଇଥିଲା। ଏଥିରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ କୌଣସି ରନ୍ ହେବା ପୂର୍ବରୁ ଜିତେଶ ଶର୍ମା ଓ ଆଶୁତୋଷ ଶର୍ମା ଆଉଟ ହେବାରୁ ଭାରତ ଅଲ୍‌ଆଉଟ ହୋଇଥିଲା। ୧ ରନ୍‌ର ଲକ୍ଷ୍ୟକୁ ବାଂଲାଦେଶ ୧ ୱିକେଟରେ ଏବଂ ୱାଇଡ୍‌ବଲ୍‌ରେ ମ୍ୟାଚ୍ ଜିତିନେଇଥିଲା। ବିସ୍ଫୋରକ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ଓ ପ୍ରିୟାଂଶୁଙ୍କୁ ସୁପର ଓଭରରେ ନ ଖେଳାଇବା ଭାରତ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି।

୨୩ ନଭେମ୍ବର ୨୦୨୫ ରବିବାର

ସକାଳ THE SAKALA
A Unit of Nandighosha Network Pvt. Ltd.
ନନ୍ଦିଘୋଷ

Presented by: BHARAT MASALA
AN ISO 9001 : 2015 & HACCP CERTIFIED COMPANY
The Taste of New India

'ସକାଳ'ର ପଞ୍ଚମ ସ୍ୱନକ୍ଷତ୍ର ଉପଲକ୍ଷେ ରାଜ୍ୟସ୍ତରୀୟ
ବିତର୍କ ପ୍ରତିଯୋଗିତା ୨୦୨୫
ଭାଷା: ଓଡ଼ିଆ

5th Anniversary

In Association with:
CBSE-XI & XII SRI VINAYAKA Concept School BHUBANESWAR

ପ୍ରତିଯୋଗିତା ସ୍ଥାନ ଓ ଯୋଗାଯୋଗ ନଂ.

| | | |
|---|---|---|
| ଭୁବନେଶ୍ୱର | ଡ଼ିଏଭି ପବ୍ଲିକ ସ୍କୁଲ୍, ୟୁନିଟ୍-୮, ଭୁବନେଶ୍ୱର | ସୁଧାଂଶୁ ସାହୁ - ୭୩୭୧୬୯୪୧୪୨ |
| ଖୋର୍ଦ୍ଧା | ସିଗମା ପବ୍ଲିକ ସ୍କୁଲ, ଖୋର୍ଦ୍ଧା | ରଞ୍ଜିତ କେଏନ୍ ସାମନ୍ତରାୟ - ୯୪୩୭୪୫୬୫୭୭ |
| ନୟାଗଡ଼ | ସାମ୍ବାଦିକ ଭବନ, ନୟାଗଡ଼ | ଅନିଲ କୁମାର ପଣ୍ଡା - ୭୩୭୭୭୧୦୦୯୭ |
| ଅନୁଗୋଳ | ରୋଟାରୀ ପବ୍ଲିକ ସ୍କୁଲ, ଅନୁଗୋଳ | ସଂଗ୍ରାମ ଦାସ - ୯୪୩୯୦୧୬୦୧୯ |
| ପୁରୀ | କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ, ସଦାଶିବ ପରିସର, ପୁରୀ | ହେମନ୍ତ କୁମାର ନାୟକ - ୯୯୩୭୫୨୧୭୨୯ |
| କଟକ | ସାରଳା ଭବନ ,ବିଜୁ ପଟ୍ଟନାୟକ ଛକ , ତୁଳସିପୁର, କଟକ | ଭକ୍ତି ଭୂଷଣ ମହାନ୍ତି - ୯୩୩୮୧୦୧୦୮୩ |
| ଢେଙ୍କାନାଳ | ଢେଙ୍କାନାଳ, ସିନର୍ଜି ଇଞ୍ଜିନିରିଂ ବୈଷିକ ମହାବିଦ୍ୟାଳୟ | ସୟେଦ ଇମତିଆଜ୍ ହୁସେନ୍ - ୯୪୩୭୦୭୪୦୩୩ |
| ମୟୂରଭଞ୍ଜ | ସାଇଆଦର୍ଶ ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ରଘୁନାଥପୁର ବାରିପଦା | ମନୋଜ କୁମାର ପଣ୍ଡା - ୯୪୩୮୨୪୮୪୯୧ |
| ଗଜପତି | ମହେନ୍ଦ୍ରଗିରି ପୌର ସରକାରୀ ଉଚ୍ଚ ବିଦ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି | ରଶ୍ମି ରଞ୍ଜନ ମିଶ୍ର-୯୪୩୭୧୪୦୦୦୨ |
| ଗଞ୍ଜାମ | ସହିଦ ଲକ୍ଷ୍ମଣ ନାୟକ ସ୍ମୃତି ସରକାରୀ ଉଚ୍ଚ ବିଦ୍ୟାଳୟ, କୋର୍ଟପେଟା, ବ୍ରହ୍ମପୁର | କ୍ଷୀରସିନ୍ଧୁ ମହାନ୍ତି - ୭୭୪୯୮୧୧୭୦୩ |
| କନ୍ଧମାଳ | ଡିଆଇପିଆରଓ କନଫରେନ୍ସ ହଲ, ଫୁଲବାଣୀ, କନ୍ଧମାଳ | ସଞ୍ଜୟ ପାତ୍ର - ୭୦୦୮୬୨୫୭୧୯ |
| କେନ୍ଦ୍ରାପଡା | ସେଣ୍ଟ ଜାଭିୟର ହାଇସ୍କୁଲ, ଗୋପ, କେନ୍ଦ୍ରାପଡା | ଦେବଦତ୍ତ ଦାଶ - ୯୯୩୭୨୨୭୯୯୪ |
| ଜଗତସିଂହପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର | ଶଶାଙ୍କ ଶେଖର ପଣ୍ଡା - ୯୮୬୧୩୩୭୯୮୨ |
| ଯାଜପୁର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଯାଜପୁର | ସନ୍ଦିପ୍ତ ରାୟ - ୯୪୩୯୪୯୭୬୪୫ |
| ବାଲେଶ୍ୱର | ସକାଳ-ନନ୍ଦିଘୋଷ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ପଢୁଆଁପଦା, ପ୍ରୁଫ ରୋଡ, ବାଲେଶ୍ୱର | ଅସୀମ ମହାପାତ୍ର - ୯୪୩୯୪୫୨୧୮୮ |
| ଭଦ୍ରକ | ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ (ପୁରୁଣା ସରକାରୀ ବାଳିକା ବିଦ୍ୟାଳୟ), ଭଦ୍ରକ | ଉମାକଲ୍ୟାଣ ମହାପାତ୍ର - ୯୦୯୦୯୦୪୦୭୭ |
| କେନ୍ଦୁଝର | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦୀର ବଣିଆପାଟ, କେନ୍ଦୁଝର (ଲର୍ଡ଼ ଜଗନ୍ନାଥ ସାଇନ୍ସ କଲେଜ ସମ୍ମୁଖ, କଲେଜ ରୋଡ଼) | ଶରତ ଦାସ - ୭୩୭୧୧୨୨୦୫୫ |
| ରାୟଗଡା | ସେଞ୍ଚୁରିୟନ ପବ୍ଲିକ ସ୍କୁଲ, ରିଙ୍ଗ ରୋଡ, ୟୁଜିଏମଆଇଟି କଲେଜ ପାଖରେ, ରାୟଗଡା | ଶିବ ନାରାୟଣ ଗୌଡ - ୭୦୦୮୧୪୧୨୧୬ |
| ନବରଙ୍ଗପୁର | ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ନୂଆଁଗଡ, ମିର୍ଗାନ୍ ଗୁଡା, ନବରଙ୍ଗପୁର | ଗୌରାଙ୍ଗ ପାତ୍ର - ୭୯୭୮୭୩୩୬୩୬ |
| ମାଲକାନଗିରି | ମାଲକାନଗିରି ମହା ବିଦ୍ୟାଳୟ, ମାଲକାନଗିରି | ଅଶୋକ ମିଶ୍ର - ୯୦୭୮୯୩୨୨୬୬ |
| କୋରାପୁଟ | ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଅରବିନ୍ଦ ନଗର ପାରାବେଢା, ଜୟପୁର | ସୁପ୍ରିତ ପୂଜାରୀ - ୯୪୩୭୧୮୨୧୦୫ |
| ବଲାଙ୍ଗିର | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ,ଗାନ୍ଧୀନଗରପଡ଼ା, ବଲାଙ୍ଗିର | ଅଭିଳାଷ ହୋତା - ୭୦୦୮୦୮୪୨୪୭ |
| ଦେବଗଡ଼ | ଅପ୍ରାଇଜ ଏଜୁକେଶନାଲ ଇନ୍‌ଷ୍ଟିଚ୍ୟୁଟ, ପୁରୁଣାଗଡ଼ , ଦେବଗଡ଼ | ବ୍ରିଜେଶ ସାହୁ - ୭୮୪୭୦୨୩୩୦୩ |
| କଳାହାଣ୍ଡି | ପି.ଏମ୍ ଶ୍ରୀ ମ୍ୟୁନିସିପାଲ ସରକାରୀ ଉଚ୍ଚ ବିଦ୍ୟାଳୟ, ଭବାନୀପାଟଣା, କଳାହାଣ୍ଡି | ସ୍ୱାଧୀନ ପାତ୍ର - ୯୪୩୭୨୨୨୯୨୨ |
| ନୂଆପଡା | ନ୍ୟାସନାଲ ହାଇସ୍କୁଲ ନୂଆପଡା | ଘନଶ୍ୟାମ ଭୋଇ - ୯୯୩୭୬୭୯୧୩୨ |
| ସମ୍ବଲପୁର | ଗୁରୁନାନକ ପବ୍ଲିକ ସ୍କୁଲ, ସମ୍ବଲପୁର | ସୁକାନ୍ତ କର - ୯୪୩୭୧୪୯୧୬୬ |
| ରାଉରକେଲା | ରାଉରକେଲା ମ୍ୟୁନିସିପାଲ ମହାବିଦ୍ୟାଳୟର ଅଡିଟୋରିୟମ୍, ଉଦିତନଗର, ରାଉରକେଲା - ୭୬୯୦୦୨ | ଦେବବ୍ରତ ପଟ୍ଟନାୟକ - ୯୪୩୭୦୮୨୭୭୭ |
| ଝାରସୁଗୁଡା | PKSS କଲେଜ, ଝାରସୁଗୁଡା | ତୁଳେଶ୍ୱରୀ ପ୍ରଧାନ - ୯୭୭୭୩୪୩୬୯୩ |
| ବୌଦ୍ଧ | ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୌଦ୍ଧ | ବବୁଲ ପାଢ଼ୀ - ୯୪୩୭୫୨୯୫୪୦ |
| ବରଗଡ଼ | ରାଣା ପ୍ରତାପ ଉଚ୍ଚ ବିଦ୍ୟାଳୟ ବରଗଡ଼ | ସରୋଜ ଷଡଙ୍ଗୀ - ୯୯୩୭ ୦୨୧୩୩୦ |

ଜୁନିୟର: ହାଇସ୍କୁଲ ଛାତ୍ରଛାତ୍ରୀ
ସିନିୟର: କଲେଜ / ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ

ପ୍ରାରମ୍ଭିକ ବିତର୍କ ପ୍ରତିଯୋଗିତାର ବିଜେତାମାନଙ୍କୁ ପୁରସ୍କୃତ କରାଯିବ।
ଭାଗ ନେଉଥିବା ସମସ୍ତ ପ୍ରତିଯୋଗୀମାନଙ୍କୁ ସାର୍ଟିଫିକେଟ୍ ଅଫ୍ ପାର୍ଟିସିପେସନ୍ ପ୍ରଦାନ କରାଯିବ।

ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ରାଜ୍ୟସ୍ତରର ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଡକାଯିବ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS